
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୭/୨୦୧୯ (୧୬ ପୃଷ୍ଠା) | Bhubaneswar, Thursday, February 7/ 2019 | ★★★★

୪୫ଶ ଭାଗ ୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



ଓଡ଼ିଶା ସରକାର



ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**ଙ୍କ

ଗଜପତି ଜିଲ୍ଲା ଗସ୍ତ ଅବସରରେ

ମୋହନା, ନୂଆଗଡ, ଆର୍. ଉଦୟଗିରି ଏବଂ ରାୟଗଡ଼ ବ୍ଲକ୍‌ରେ

**୮୦ କୋଟି**ରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ

ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

**୭ ଫେବୃଆରୀ ୨୦୧୯ • ଗୁରୁବାର**

**ଜିରାଙ୍ଗ • ପୂର୍ବାହ୍ନ ୧୧.୩୦**

## ୬୬ କୋଟି ୬୨ ଲକ୍ଷ ଟଙ୍କା ମୂଲ୍ୟର ୧୨୯ଟି ଜନହିତକାରୀ ପ୍ରକଳ୍ପ ଉଦ୍‌ଘାଟନ

- ଆର. ଉଦୟଗିରି ବ୍ଲକ୍‌ର ୮ଟି କ୍ଷୁଦ୍ର ସେତୁ
- ଆର. ଉଦୟଗିରି ବ୍ଲକ୍‌ର ମଙ୍ଗରାଜପୁର, ରାଇସିଂ ଏବଂ ବୁରିପଦର ପାଇପ୍ ଜଳଯୋଗାଣ ପ୍ରକଳ୍ପ
- ରାମଗିରି ୩୩/୧୧ କେ.ଭି ସବ୍‌ଷ୍ଟେସନ
- ମୋହନା ବ୍ଲକ୍‌ର ଅଡବା - ପାଣିଗଣ୍ଡା ଉନ୍ନତିକୃତ ରାସ୍ତା
- ମୋହନା ବ୍ଲକ୍‌ର ଗୁଣ୍ଡିମା ଆଦର୍ଶ ବିଦ୍ୟାଳୟର ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ
- ଆର୍. ଉଦୟଗିରି ବ୍ଲକ୍ ଆର୍. ଉଦୟଗିରି - ସମ୍ବଲପୁର ଉନ୍ନତିକୃତ ରାସ୍ତା
- ମୋହନା ବ୍ଲକ୍‌ର ଉନ୍ନତିକୃତ ଅନ୍ତରବା - ଲାଣ୍ଡରୁଜୁ, ଗ୍ରାମ୍ୟଉନ୍ନୟନ ରାସ୍ତା ଠାରୁ ଲୁବୁରୁ ଏବଂ ଗ୍ରାମ୍ୟଉନ୍ନୟନ ରାସ୍ତା ଠାରୁ ବାମ୍ ରାସ୍ତା
- ମୋହନା ବ୍ଲକ୍‌ର ଲେଖାପଦର - ଅନ୍ତରବା ରାସ୍ତାର ଖରିଗୁଡା ନାଳ ଏବଂ ମୋହନା - କିରିମା ରାସ୍ତାର ଅଠରନଳା ଉପରେ ୨ଟି ହାଇଲେଭ୍‌ଲ ସେତୁ
- ଆର୍. ଉଦୟଗିରି ବ୍ଲକ୍‌ର ଭାଲିଆସାହି ରାସ୍ତାରେ ହରଭଙ୍ଗି ହାଇଲେଭ୍‌ଲ ସେତୁ
- ଆର୍. ଉଦୟଗିରି ବ୍ଲକ୍‌ର କୁଆଁପଡା ହାଇଲେଭ୍‌ଲ ସେତୁ ଏବଂ ଅନ୍ୟାନ୍ୟ ଜନ ହିତକାରୀ ପ୍ରକଳ୍ପ

## ୧୪ କୋଟି ଟଙ୍କା ମୂଲ୍ୟର ୯୮ଟି ଜନହିତକାରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

- ନୂଆଗଡ଼ ବ୍ଲକ୍‌ର ୫ଟି ମିଶନଶକ୍ତି ଭବନ
- ନୂଆଗଡ଼ ବ୍ଲକ୍‌ର ତବରଡା ଏବଂ କେରଡାଙ୍ଗ ଅବସର ବିନୋଦନ କେନ୍ଦ୍ର
- ମୋହନା ବ୍ଲକ୍‌ର ଲାବରସିଙ୍ଗି - ଜିରାଙ୍ଗ ରାସ୍ତା ଏବଂ ନୂଆଗଡ଼ ବ୍ଲକ୍‌ର ଗ୍ରାମ୍ୟଉନ୍ନୟନ ରାସ୍ତା ଠାରୁ ନିଗିଡି ପର୍ଯ୍ୟନ୍ତ ରାସ୍ତା ଉନ୍ନତିକରଣ
- ମୋହନା ବ୍ଲକ୍‌ର ପୂର୍ଣ୍ଣରାସ୍ତା - ଟାଙ୍ଗିଲି ପଦର ରାସ୍ତା ଉନ୍ନତିକରଣ
- ମୋହନା ବ୍ଲକ୍‌ର ୪ଟି ଗୋଷ୍ଠୀ ଉନ୍ନୟନ କେନ୍ଦ୍ର

DADLS-270



**ଗୁରୁ ପଦ୍ମସମ୍ଭବଙ୍କ ପ୍ରତିମୂର୍ତ୍ତି ଅନାବରଣ ଏବଂ ଉଦ୍‌ବୋଧନ**

15001/13/0576/1819

ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ

ସୂଚନା ଓ ଲୋକସମ୍ପର୍କ ବିଭାଗ



❝ ଦେଶରେ ଭୟର ରାଜୁତି ଚାଲିଛି। ହିନ୍ଦୁତ୍ୱ ଦ୍ୱାରା ଅନୁପ୍ରେରିତ ଏକ ଦସ୍ତାବିଜ ଯୋଗୁ ସମ୍ବିଧାନକୁ ବଦଳାଇ ଦିଆଯିବାର ଆଶଙ୍କା ରହିଛି।
-ପି. ଚିଦାମ୍ବରମ୍, ବରିଷ୍ଠ କଂଗ୍ରେସ ନେତା



## ସଂକ୍ଷେପରେ

### ଭିଏତ୍ନାମରେ ହେବ ଟ୍ରମ୍ପ-କିମ୍ ବୈଠକ



**ୱାଶିଂଟନ,୬।୨(ପି.ଟି.):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ-ଉନ୍‌ଙ୍କ ମଧ୍ୟରେ ଆସନ୍ତା ୨୭ ଓ ୨୮ରେ ଭିଏତ୍ନାମଠାରେ ଦ୍ୱିତୀୟ ଶିଖର ବୈଠକ ଅନୁଷ୍ଠିତ ହେବ। ଆମେରିକା କଂଗ୍ରେସରେ ଟ୍ରମ୍ପ୍ ଏହା ଘୋଷଣା କରିଛନ୍ତି। ଉତ୍ତର କୋରିଆକୁ ଆଣବିକ ଅସ୍ତ୍ର କାର୍ଯ୍ୟକ୍ରମରୁ ବିରତ ରଖିବା ଲାଗି ବୈଠକରେ କୂଟନୈତିକ ଉଦ୍ୟମ କରାଯିବ। ଗତବର୍ଷ ଉଭୟ ନେତା ସିଙ୍ଗାପୁରରେ ପରସ୍ପରକୁ ଭେଟିଥିଲେ, ଯାହା ଦୁଇଦେଶ ମଧ୍ୟରେ ପ୍ରଥମ ଦ୍ୱିପାକ୍ଷିକ ବୈଠକ ଥିଲା।

### ନିଷିଦ୍ଧ ହେଲା ତେହରିକ-ଉଲ-ମୁଜାହିଦ୍ଦିନ

**ନୂଆଦିଲ୍ଲୀ,୬।୨(ପି.ଟି.):** କଶ୍ମୀରରେ ସକ୍ରିୟ ଥିବା ଆତଙ୍କବାଦୀ ସଙ୍ଗଠନ ତେହରିକ-ଉଲ-ମୁଜାହିଦ୍ଦିନକୁ କେନ୍ଦ୍ର ସରକାର ନିଷିଦ୍ଧ ଘୋଷଣା କରିଛନ୍ତି। ଏହି ସଂଗଠନ ଆତଙ୍କବାଦରେ ସମ୍ପୃକ୍ତ ବୋଲି ସରକାର ବିଶ୍ୱାସ କରୁଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ତେହରିକ-ଉଲ୍-ମୁଜାହିଦ୍ଦିନ ବିଦେଶରେ ଥିବା ଏହାର ପରିଚାଳକଙ୍କଠାରୁ ଆର୍ଥିକ ସହାୟତା ପାଉଛି।

### ଶିବରାଜଙ୍କ ହେଲିକପ୍ଟର ଓହ୍ଲାଇବାକୁ ଅନୁମତି ଦେଲେନି ମମତା

**କୋଲକାତା,୬।୨(ପି.ଟି.):** ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା



ଶିବରାଜ ସିଂ ଚୌହାନଙ୍କର ବୁଧବାର ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ସଭା ଥିଲା। ତେବେ ମମତା ବାନାର୍ଜୀ ସରକାର ତାଙ୍କ ହେଲିକପ୍ଟର ଅବତରଣ ଲାଗି ଅନୁମତି ନ ଦେବାରୁ ଉକ୍ତ ସଭାକୁ ବାତିଲ କରିଦିଆଯାଇଛି। ଶିବରାଜ ମୁର୍ଶିଦାବାଦ ଜିଲାର ବହରମପୁର ଏବଂ ପଶ୍ଚିମ ମିଦ୍‌ନାପୁର ଜିଲାର ଖଡ଼ଗପୁର ରାଲିରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ପ୍ରଥମ ସଭା ବାତିଲ ହୋଇଥିବାବେଳେ ଶିବରାଜ କୋଲକାତା ବିମାନବନ୍ଦରରୁ ସଡକ ପଥରେ ଖଡ଼ଗପୁର ସଭାକୁ ଯାଇଥିଲେ।

## ଇଡି ଅଫିସରେ ରବର୍ଟ, ଗେଟ୍ ଯାଏ ଛାଡ଼ିବାକୁ ଗଲେ ପ୍ରିୟଙ୍କା

# ଦମନ ପାଇଁ ତଦନ୍ତ ଅସ୍ତ୍ର






**ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ହଠାତ୍ ତତ୍ପର ହୋଇଛନ୍ତି ଦୁଇ କେନ୍ଦ୍ରୀୟ ସଂସ୍ଥା । କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କେବେ କେଉଁଠି ଚଢ଼ାଉ କଲେଣି ତ ପୁଣି କେତେବେଳେ କାହାକୁ ଡକାଇ ଘନଘନ ଜେରା । ବିଶେଷକରି ବିରୋଧୀ ଦଳଗୁଡ଼ିକର ନେତା ଓ ସେମାନଙ୍କ ସମ୍ପର୍କୀୟମାନେ ଟାର୍ଗେଟରେ ରହିବା କେବଳ ସଂଯୋଗ ନୁହେଁ, ବରଂ ନିର୍ବାଚନ ପୂର୍ବରୁ କେନ୍ଦ୍ରର ଅସ୍ତ୍ର ଭାବେ ଦୁଇ ସଂସ୍ଥାକୁ ବ୍ୟବହାର କରାଯାଉଛି। ଯେଉଁମାନେ ବି ଆଇନର କାଠଗଡ଼ାକୁ ଟାଣି ହୋଇଛନ୍ତି ବା ହେଉଛନ୍ତି ସେମାନେ ସମସ୍ତେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ବିରୋଧୀ । ତେଣୁ ନିର୍ବାଚନୀ ତାତି ବଢୁଥିବାବେଳେ ବିପକ୍ଷର ବିରୋଧୀ ସ୍ୱରକୁ ଚପାଇଦେବା ଓ ନିଜ ବିଫଳତାରୁ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ନିର୍ଦ୍ଦିଷ୍ଟ ଭାବେ କେତେଜଣଙ୍କୁ ଜାଲରେ ଛନ୍ଦି ଖାଲରେ ପକାଯାଉଛି ବୋଲି ସମାଲୋଚକମାନେ କହୁଛନ୍ତି ।**

ନୂଆଦିଲ୍ଲୀ,୬।୨

ନିଜ ରାଜନୈତିକ ସ୍ୱାର୍ଥସାଧନ ପାଇଁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ସରକାର ବ୍ୟବହାର କରିବା ନୂଆକଥା ନୁହେଁ। ପୂର୍ବରୁ କଂଗ୍ରେସ ନେତୃତ୍ୱାଧୀନ ଉପା କ୍ଷମତାରେ ଥିବାବେଳେ ସିବିଆଇ, ଇଡି ଏବଂ ଆୟକର ବିଭାଗର ଦୁରୁପଯୋଗ କରୁଥିବା ଅଭିଯୋଗ ହେଉଥିଲା। ଏବେ ମୋଦି ସରକାର ବିରୋଧୀଙ୍କୁ ଦମନ କରିବା ପାଇଁ ସମାନ ବାଟରେ ଯାଇ ଏଗୁଡ଼ିକୁ କାମରେ ଲଗାଇଦେଇଥିବା ଅଭିଯୋଗ ହେଉଛି। ବିଶେଷକରି କଂଗ୍ରେସ ସାଧାରଣ ସମ୍ପାଦକ ଭାବେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବୁଧବାର ଦାୟିତ୍ୱ ଗ୍ରହଣ କରିଥିବାବେଳେ ତାଙ୍କ ସ୍ୱାମୀ ରବର୍ଟ ଭଦ୍ରାଙ୍କୁ ଇଡି ଜେରା କରିବା ଏଭଳି ଅଭିଯୋଗ ଅମୂଳକ ନୁହେଁ ବୋଲି ସଙ୍କେତ ଦେଉଛି।

ବ୍ୟବସାୟୀ ରବର୍ଟ ଭଦ୍ରାଙ୍କ ବିରୋଧରେ ଲଣ୍ଡନର ୮ଟି ସ୍ଥାନରେ ବେଆଇନ ଭାବେ ସମ୍ପତ୍ତି ଠୁଳ କରିବା ଅଭିଯୋଗ ରହିଛି। ଏହି ମାମଲାରେ ବୁଧବାର ଇଡି ଅଧିକାରୀମାନେ ତାଙ୍କୁ ଜେରା କରିଛନ୍ତି। ଏଆଇସିସି ସାଧାରଣ ସମ୍ପାଦକ ତଥା ଉତ୍ତରପ୍ରଦେଶ ପ୍ରଭାରୀ ଭାବେ ପ୍ରିୟଙ୍କା ଦାୟିତ୍ୱ ଗ୍ରହଣ କରିବାର କିଛି ସମୟ ପରେ ସ୍ୱାମୀ ରବର୍ଟଙ୍କୁ ଇଡି କାର୍ଯ୍ୟାଳୟ ଗେଟ୍ ପର୍ଯ୍ୟନ୍ତ ଏକ ଧଳାରଙ୍ଗର ଟୟୋଟା ଲ୍ୟାଣ୍ଡ କ୍ରୁଇଜର୍‌ରେ ଛାଡ଼ିବାକୁ ଯାଇଥିଲେ। ଅପରାହ୍ନ ୩ଟା ୪୭ରେ କେନ୍ଦ୍ରୀୟ ଦିଲ୍ଲୀର ଜାମନଗର ହାଉସ୍ଥିତ ଇଡି ଅଫିସରେ ରବର୍ଟ କେତେକ ଦସ୍ତାବିଜରେ ସ୍ୱାକ୍ଷର କରିବା ପରେ ଅଧିକାରୀମାନେ ତାଙ୍କୁ ୪୦ଟି ପ୍ରଶ୍ନ ପଚାରିଥିଲେ। ମନିଲଣ୍ଡରିଂ ମାମଲାରେ ସେମାନେ ରବର୍ଟଙ୍କ ବୟାନ ରେକର୍ଡ କରିଥିବା ଜଣାପଡ଼ିଛି। ଅଭିଯୋଗକୁ ରବର୍ଟ ଖଣ୍ଡନ କରିବା ସହ ଏହାକୁ ଭାଜପାର ଏକ ରାଜନୈତିକ ଚକ୍ରାନ୍ତ

### ଆଜି ପୁଣି ଜେରା



ଇଡି ଅଫିସରେ ରବର୍ଟ ଭଦ୍ରା

ବୋଲି ଅଭିହିତ କରିଛନ୍ତି। ଏହା ପୂର୍ବରୁ ଲଣ୍ଡନରୁ ଫେରିବା ପରେ ଇଡିରେ ହାଜର ହୋଇ ତଦନ୍ତରେ ସହଯୋଗ କରିବାକୁ ରବର୍ଟଙ୍କୁ ଦିଲ୍ଲୀର ଏକ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଫେବୃୟାରୀ ୧୬ ପର୍ଯ୍ୟନ୍ତ ରବର୍ଟଙ୍କୁ କୋର୍ଟ ଅନ୍ତରୀଣ ଜାମିନ ଦେଇଥିଲେ। ତେବେ ରବର୍ଟଙ୍କ ଉତ୍ତରରେ ଅସନ୍ତୁଷ୍ଟ ଥିବା ଇଡି ଅଧିକାରୀମାନେ ତାଙ୍କୁ ଗୁରୁବାର ପୁଣି ଜେରା କରିବେ ବୋଲି ଜଣାପଡ଼ିଛି। କଂଗ୍ରେସ ମୁଖ୍ୟାଳୟ ବାହାରେ ପ୍ରିୟଙ୍କା କହିଛନ୍ତି, ଏହି ପ୍ରସଙ୍ଗରେ ସେ ରବର୍ଟଙ୍କ ସହ ଅଛନ୍ତି।

ସେପଟେ ରବର୍ଟ ଭଦ୍ରା 'ରୋଡ୍‌ପତିରୁ କରୋଡ୍‌ପତି' କିପରି ହେଲେ ବୋଲି ଭାଜପା ପ୍ରଶ୍ନ କରିଛି। ଦଳର ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି, ଗାନ୍ଧୀ ପରିବାର ଜାମିନରେ ଅଛି। ଉପା ଅମଳରେ ପେଟ୍ରୋଲିୟମ୍ ଏବଂ ପ୍ରତିରକ୍ଷା ଚୁକ୍ତି ବେଳେ ରବର୍ଟ ଲାଞ୍ଚ ନେଇଥିଲେ। ୨୦୦୮-୦୯ରେ ଗ୍ରହଣ କରିଥିବା ଏହି ଅର୍ଥରେ ସେ ଲଣ୍ଡନର ୧୨ ବ୍ରାଏନ୍‌ଷ୍ଟନ ସମେତ ୮ରୁ ୯ଟି ସ୍ଥାନରେ ସମ୍ପତ୍ତି କିଣିଥିଲେ। ସେ କୋଟିପତି ହେବାର ସୂତ୍ର କ'ଣ ବୋଲି ସମ୍ବିତ୍ ପ୍ରଶ୍ନ କରିଛନ୍ତି। ଏହାସହ ୨୦୧୯ ଲୋକ ସଭା ନିର୍ବାଚନ ଭ୍ରଷ୍ଟାଚାରୀ ବନାମ ସ୍ୱଚ୍ଛ ନରେନ୍ଦ୍ର ମୋଦି ସରକାର ମଧ୍ୟରେ ହେବ ବୋଲି କହି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛନ୍ତି। କଂଗ୍ରେସ ଏହାର ଜବାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛି। ରବର୍ଟଙ୍କ ବିରୋଧରେ କୌଣସି ଅଭିଯୋଗ ପ୍ରମାଣିତ ହୋଇନାହିଁ। ଭାଜପା ତାଙ୍କୁ ଅଯଥାରେ ବିବାଦ ମଧ୍ୟକୁ ଟାଣୁଛି। ଆଜି

- **ରୋଡ୍‌ପତିରୁ କରୋଡ୍‌ପତି କିପରି ହେଲେ: ଭାଜପା**
- **ଆଗକୁ ମୋଦିଙ୍କ ପାଳି: କଂଗ୍ରେସ**
- **ମୁଁ ପରିବାର ସହ ଅଛି: ପ୍ରିୟଙ୍କା**



କଂଗ୍ରେସ ଅଫିସରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା

ଇଡି ସାମ୍ନାରେ ରବର୍ଟ ଅଛନ୍ତି, ଆସନ୍ତାକାଲି ମୋଦିଙ୍କ ପାଳି ପଡ଼ିବ ବୋଲି ବରିଷ୍ଠ କଂଗ୍ରେସ ନେତା ସଞ୍ଜୟ ସିଂ କହିଛନ୍ତି।

### ଟୁଇଟର୍‌ରେ ମାୟାବତୀ



ଲକ୍ଷ୍ନୌ,୬।୨(ପି.ଟି.)

ଜାତୀୟ ତଥା ରାଜନୈତିକ ଗୁରୁତ୍ୱ ଥିବା ପ୍ରସଙ୍ଗ ଉପରେ ନିଜର ମତାମତ ରଖିବା ଲାଗି ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଅଧ୍ୟକ୍ଷା ମାୟାବତୀ ଟୁଇଟର୍‌ରେ ନିଜକୁ ସାମିଲ କରିଛନ୍ତି। ଗଣମାଧ୍ୟମ ଏବଂ ଜନସାଧାରଣଙ୍କ ସହ ସମ୍ପର୍କ ସ୍ଥାପନ ଲାଗି ବିଏସ୍‌ପି ସୁପ୍ରିମୋ ଟୁଇଟରକୁ ମାଧ୍ୟମ ଭାବେ ବାଛିଥିବା ତାଙ୍କ ଦଳ ପକ୍ଷରୁ କୁହାଯାଇଛି।

### ପାକିସ୍ତାନରେ ହିନ୍ଦୁ ମନ୍ଦିର ଭଙ୍ଗାରୁଜା

ଇସ୍‌ଲାମାବାଦ,୬।୨(ପି.ଟି.)

ପାକିସ୍ତାନର ସିନ୍ଧ୍ ପ୍ରଦେଶସ୍ଥିତ ଏକ ହିନ୍ଦୁ ମନ୍ଦିରରେ ଭଙ୍ଗାରୁଜା ହୋଇଛି। ଦୁର୍ବୃତ୍ତମାନେ ପବିତ୍ର ଗ୍ରନ୍ଥ ଏବଂ ମୂର୍ତ୍ତିରେ ନିଆଁ ଲଗାଇଦେଇଛନ୍ତି। ଖୈରପୁର ଜିଲାର କୁମ୍ଭ ସହରରେ ଥିବା ଉକ୍ତ ମନ୍ଦିରରେ ଗତ ସପ୍ତାହରେ କେତେକ ଅଜଣା ବ୍ୟକ୍ତି ପ୍ରବେଶ କରି ଭଙ୍ଗାରୁଜା କରି ଫେରାର ହୋଇଯାଇଥିଲେ। ମନ୍ଦିରର କେହି ତତ୍ତ୍ୱାବଧାରକ ନ ଥିବାବେଳେ ସ୍ଥାନୀୟ ହିନ୍ଦୁ ଧର୍ମାବଲମ୍ବୀମାନେ ଥାନାରେ ଏତଲା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି।

## 'ଜାଣିଶୁଣି ନୋଟିସ ପଠାଉଛି କେନ୍ଦ୍ର'

ନୂଆଦିଲ୍ଲୀ,୬।୨

ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଜ୍ୱାଇଁଙ୍କୁ କେନ୍ଦ୍ର ସରକାର ବାରମ୍ବାର ନୋଟିସ ପଠାଉଛନ୍ତି ବୋଲି ବୁଧବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି। ଟିଏମ୍‌ସି ସୁପ୍ରିମୋ ମମତା କହିଛନ୍ତି, ଭାଜପାର ଏଭଳି ନୋଟିସ ପଠାଇବା କୌଶଳକୁ ନେଇ ବିରୋଧୀ ଚିନ୍ତିତ ହେବେ ନାହିଁ। ଏହି ଧାରା ବିରୋଧରେ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରାଯିବ।



ମମତା ବାନାର୍ଜୀ

ଆସନ୍ତା ବୁଧବାର ଦିଲ୍ଲୀ ଗଲେ ବିରୋଧୀ ନେତାମାନେ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ସବୁ ଆଲୋଚନା କରିବେ।

## ସାବରିମାଳା ରିଭ୍ୟୁ ପିଟିଶନ୍

# ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

ନୂଆଦିଲ୍ଲୀ,୬।୨(ପି.ଟି.)

କେରଳର ସାବରିମାଳା ମନ୍ଦିରରେ ସବୁ ବୟସ ବର୍ଗର ମହିଳାଙ୍କ ପ୍ରବେଶ ଅନୁମତିକୁ ଚ୍ୟାଲେଞ୍ଜ କରି ଦାଖଲ ଏକାଧିକ ରିଭ୍ୟୁ ପିଟିଶନ୍ ଉପରେ ସୁପ୍ରିମକୋର୍ଟ ବୁଧବାର ରାୟ ସଂରକ୍ଷିତ ରଖିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ



ଖଣ୍ଡପୀଠ କେରଳ ସରକାର, ତ୍ରାଭାଙ୍କୋର ଦେବସ୍ୱମ୍ ବୋର୍ଡ (ଟିଡିବି), ନାୟାର ସର୍ଭିସ ସୋସାଇଟି ସମେତ ବିଭିନ୍ନ ପକ୍ଷଙ୍କ ଜବାବ ଶୁଣିଥିଲେ। ପୂର୍ବ ରାୟର ସମୀକ୍ଷା କରିବେ କି ନାହିଁ ତାହା ପରେ ଘୋଷଣା କରିବେ ବୋଲି ଖଣ୍ଡପୀଠ କହିଛନ୍ତି। ସାବରିମାଳା ରାୟକୁ ଚ୍ୟାଲେଞ୍ଜ କରି ରିଭ୍ୟୁ ପିଟିଶନ୍ ସମେତ ମୋଟ ୬୪ଟି ଆବେଦନ କରାଯାଇଥିଲା। କେରଳ ସରକାର, ଟିଡିବି ଏବଂ ମନ୍ଦିରରେ ପ୍ରବେଶ କରିଥିବା ୨ ମହିଳା ରିଭ୍ୟୁ ପିଟିଶନକୁ ବିରୋଧ କରିଥିଲେ। ମନ୍ଦିର ପରିଚାଳନା କରୁଥିବା ଟିଡିବି ବୁଧବାର ସୁପ୍ରିମକୋର୍ଟରେ ନିଜର ମତ ବଦଳାଇ ସବୁ ବର୍ଗର ମହିଳାଙ୍କ ମନ୍ଦିର ପ୍ରବେଶକୁ ସମର୍ଥନ ଜଣାଇଥିଲା। ମହିଳାଙ୍କ ମନ୍ଦିର ପ୍ରବେଶ ଉପରେ ପାତରଅନ୍ତର କରାଯିବା ଉଚିତ ନୁହେଁ ବୋଲି ବୋର୍ଡ କହିଥିଲା। କେରଳ ସରକାର ମଧ୍ୟ ସୁପ୍ରିମକୋର୍ଟଙ୍କ ସେପ୍ଟେମ୍ବର ୨୮ ରାୟକୁ ସମର୍ଥନ ଜଣାଇବା ସହ ରିଭ୍ୟୁ ପିଟିଶନ୍‌କୁ ଖାରଜ କରିଦେବା ଲାଗି ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ।

VANIK-IAS
Exclusive Coaching for UPSC/OPSC
OFS EXAM 2019
ODISHA FOREST SERVICE
COURSE FEE: ₹.15000/-
Classroom Guidance for Compulsory
ENGLISH & GS
New Batch Starts from 11th February 2019
Time: 10am - 1pm & 6pm - 9pm
Test Series starts from 18th February 2019
Fee: ₹. 2500/-
FEATURES:
- 150 hrs of Class
- Answer Writing Practice
- Test and VST
- Current Affairs Study Material
- Free Interview Guidance
Vanik's Achievement in OFS 2015 - 10 Including Rank-1
INTERACTIVE SESSION ON HOW TO CRACK OFS EXAM
By Senior Indian Forest Service Officer & OFS Topper & Rankers 2015 from VANIK IAS
ON 9TH FEBRUARY, 2019
AT: CRP, TIME: 11AM - 1PM
Admissions Open
IAS/OAS 2019
Best Faculty of India | Best Study Material | Attend Demo Class
JOIN NOW
OAS MAIN 2018 CRASH COURSE
GS-Paper-I & Paper-II
[Essay, Odia & English]
Optional - ₹ 7,500/- | Both Optionals - ₹ 10,000/-
GS & Optional Combo - ₹ 17,500/-
FREE TEST & VST
OAS MAIN TEST SERIES 2018
GS, Essay, Odia & English Compulsory | 30 Tests - ₹3000/-
One Optional | 10 Test each - ₹ 2000/-
Both Optionals - ₹ 3000/-
GS & Optional Combo Test Package | 50 Tests - ₹ 5000/-
For IAS Prelims 2019 Online Test Series Visit: vanikonline.com
Web: www.vanikias.com, E-mail: vaniksias@gmail.com
PH: 8093083555, 8984111101

## ଫୁର୍‌ସତ

### ଯୋଗାଯୋଗ ଉପଗ୍ରହ ଜିସାଟ୍-୩୧ ଲଞ୍ଚ୍

**ବେଙ୍ଗାଲୁରୁ:** ଏଟିଏମ୍ ନେଟ୍‌ୱାର୍କ, ଡିଟିଏଚ୍ ସେବାକୁ ଅଧିକ ସମୃଦ୍ଧ କରିବାକୁ ଯାଇ ଭାରତ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଆଉ ଏକ ଯୋଗାଯୋଗ ଉପଗ୍ରହ ଜିସାଟ୍-୩୧ ମହାକାଶକୁ ସଫଳତାର ସହ ଉତ୍କ୍ଷେପଣ କରିଛି। ଭାରତୀୟ ମହାକାଶ ବିଜ୍ଞାନ ଗବେଷଣା ସଂସ୍ଥା (ଆଇଏସ୍‌ଆର୍‌ଓ)ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଧବାର ଫ୍ରାନ୍ସର



ଗୋଏନା ସ୍ପେଶ୍‌ପୋର୍ଟରୁ ୟୁରୋପିୟନ ରକେଟ୍ ଏରିୟନ-୫ ଜରିଆରେ ମହାକାଶକୁ ପଠାଯାଇଥିବା ଏହି ଉପଗ୍ରହ ୧୫ ବର୍ଷ ଧରି କକ୍ଷପଥରେ ରହିବ। ୨,୫୩୬ କେଜି ଓଜନ ବିଶିଷ୍ଟ ଜିସାଟ୍-୩୧ ଭାରତର ୪୦ତମ ଯୋଗାଯୋଗ ଉପଗ୍ରହ ଅଟେ। ଏହା କ୍ୟୁ-ବାଣ୍ଡ୍ କ୍ଷମତା ବିଶିଷ୍ଟ ଅତ୍ୟନ୍ତ ପ୍ରଭାବଶାଳୀ ଉପଗ୍ରହ ହୋଇଥିବାବେଳେ କାର୍ଯ୍ୟକାଳ ପୂରଣ କରିବାକୁ ଯାଉଥିବା ଅନ୍ୟାନ୍ୟ ଉପଗ୍ରହର ଏହା ବିକଳ୍ପ ଭାବେ କାର୍ଯ୍ୟ ସମ୍ପାଦନା କରିବ ବୋଲି ସତୀଶ ଧାୱନ ସ୍ପେଶ୍ ସେଣ୍ଟର (ଏସ୍‌ଡିଏସ୍‌ସି) ନିର୍ଦ୍ଦେଶକ ଏସ୍ ପାଣ୍ଡିୟାନ କହିଛନ୍ତି।

### ଇତିହାସର ଆଇନାରେ

### ଫେବୃୟାରୀ ୭ର ପ୍ରମୁଖ ଘଟଣା

୧୯୯୯ ଫେବୃୟାରୀ ୭ରେ ଅବଦୁଲ୍ଲା ଦ୍ୱିତୀୟ ଅଲ୍ ହୁସେନ ଜୋର୍ଡାନର ରାଜା ହୋଇଥିଲେ। ୧୯୨୧ରୁ ଜୋର୍ଡାନରେ ହାଶେମାଇଟ୍ ରାଜକୀୟ ପରିବାର ରାଜୁତି ଚଳାଇଆସୁଥିବାବେଳେ ୧୯୯୯ରେ ହୁସେନଙ୍କ ମୃତ୍ୟୁ ପରେ ତାଙ୍କର ଉତ୍ତରାଧିକାରୀ ଭାବେ ଅବଦୁଲ୍ଲାଙ୍କୁ ରାଜା ଘୋଷଣା କରାଯାଇଥିଲା।

୧୯୯୫ ଫେବୃୟାରୀ ୭ରେ ୧୯୯୩ 'ୱାର୍ଲଡ ଟ୍ରେଡ୍ ସେଣ୍ଟର' ବୋମା ବିସ୍ଫୋରଣ ଘଟଣାର ଅନ୍ୟତମ ମାଷ୍ଟରମାଇଣ୍ଡ ଦୁର୍ଦ୍ଧାନ୍ତ ଆତଙ୍କବାଦୀ ରମ୍‌ଜି ୟୁସୁଫ୍‌ଙ୍କୁ ପାକିସ୍ତାନରୁ ଗିରଫ କରାଯାଇଥିଲା। ଫିଲିପାଇନ୍ ବିମାନ-୪୩୪ରେ ବୋମା ଆକ୍ରମଣ ସହ ଏକାଧିକ ଆତଙ୍କବାଦୀ ହିଂସାରେ ଷଡ଼ଯନ୍ତ୍ରକାରୀ ୟୁସୁଫ୍ ଇସ୍‌ଲାମାବାଦ୍‌ର ଏକ ଗେଷ୍ଟହାଉସ୍‌ରେ କଣ୍ଢେଇରେ ବୋମା ଖଞ୍ଜୁଥିବା ବେଳେ ତାଙ୍କୁ ଗିରଫ କରାଯାଇଥିଲା।


### ଚର୍ଚ୍ଚାରେ ଅନୁଷ୍କା, ଜୁଲିଆଙ୍କ ଫଟୋ

**ମୁମ୍ବାଇ:** ଇନ୍‌ଷ୍ଟାଗ୍ରାମରେ ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ସହ ଆମେରିକାନ ଗାୟକ ତଥା ଗୀତ ଲେଖକ ଜୁଲିଆ ମାଇକେଲ୍‌ଙ୍କ ଏକାଧିକ ଫଟୋ ଚହଳ ସୃଷ୍ଟି କରିଛି। ଏହି ଫଟୋରେ ଅନୁଷ୍କାଙ୍କ ଅବିକଳ ନକଲ ଭାବେ ଜୁଲିଆଙ୍କୁ ଦେଖାଯାଉଛି। ଉଭୟଙ୍କ ନାକ, ଓଠ, ଆଖି ଓ ମୁଖମଣ୍ଡଳରେ ଅଭୂତପୂର୍ବ ସମାନତା ରହିଛି। ସୋସିଆଲ୍ ମିଡିଆରେ ଏହା ଭାଇରାଲ୍ ହେବାପରେ ଜୁଲିଆଙ୍କୁ ତାଙ୍କର ଜଣେ ସମର୍ଥକ ଟ୍ୱିଟ୍ କରିଥିଲେ। ତାଙ୍କୁ ଚର୍ଚ୍ଚିତ ବଲିଉଡ୍ ଷ୍ଟାର୍ ଅନୁଷ୍କାଙ୍କ କାର୍ବନ କପି ବୋଲି ଦର୍ଶାଇ



ଜୁଲିଆ ମାଇକେଲ ଅନୁଷ୍କା ଶର୍ମା

ଉକ୍ତ ଭାଇରାଲ୍ ଫଟୋ ତାଙ୍କ ଆକାଉଣ୍ଟକୁ ଛାଡିଥିଲେ। ଏଥିରେ ଜୁଲିଆ ଅନୁଷ୍କାଙ୍କୁ ଟ୍ୱିଟରରେ ଖୋଜିଥିଲେ। ଉଭୟଙ୍କ ଭାଇରାଲ୍ ଫଟୋ ତାଙ୍କୁ ମେସେଜ କରିଥିଲେ। ଫଟୋର କ୍ୟାପସନରେ ସେ 'ହାଏ, ଅନୁଷ୍କା, ଆମ୍ଭେ ଦୁହେଁ ଯାଆଁଳା' ଲେଖିଥିଲେ। ଏଥିରେ 'ୟେ ଦିଲ୍ ହେ ମୁସ୍‌କିଲ୍'ର ନାୟିକା ୩୦ ବର୍ଷୀୟା ଅନୁଷ୍କା ଏହାର ତତ୍କାଳ ପ୍ରତିକ୍ରିୟା ରଖିଛନ୍ତି। ଏହି ଦୁନିଆରେ ସାଧାରଣତଃ ଜଣେ ବ୍ୟକ୍ତିଙ୍କର ଚେହେରା ୭ଜଣଙ୍କ ସହ ମେଳ ଖାଇଥାଏ ବୋଲି ରହିଥିବା ବିଶ୍ୱାସକୁ ଅବତାରଣା କରି ଅନୁଷ୍କା ଜୁଲିଆଙ୍କ ନିକଟକୁ ପଠାଇଥିବା ମେସେଜ୍‌ରେ ଲେଖିଛନ୍ତି 'ଓଃ ମାଇଁ ଗଡ୍! ମୁଁ ତମକୁ ଏବଂ ଆମ ଭଳି ଆଉ ୫ଜଣ (ଡୋପେଲଗ୍ୟାଙ୍ଗର) ସମାନ ଚେହେରା ଥିବା ବ୍ୟକ୍ତିବିଶେଷଙ୍କୁ ଖୋଜୁଛି।'



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ—**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ—**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ପରିଷ୍କାର ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୨ | ୧୩.୪ |
| ଚାନ୍ଦବାଲି | ୩୧.୭ | ୧୪.୯ |
| କଟକ | ୩୩.୦ | ୧୩.୮ |
| ପାରାଦ୍ୱୀପ | ୨୯.୦ | ୧୭.୦ |
| ଭୁବନେଶ୍ୱର | ୩୪.୮ | ୧୩.୧ |
| ଗୋପାଳପୁର | ୨୯.୦ | ୧୬.୪ |
| ପୁରୀ | ୨୯.୦ | ୧୮.୦ |
| ଅନୁଗୋଳ | ୩୨.୭ | ୧୨.୦ |
| ବାରିପଦା | ୩୦.୬ | ୧୪.୫ |
| ଝାରସୁଗୁଡ଼ା | ୩୧.୭ | ୧୩.୮ |
| କେନ୍ଦୁଝର | ୨୯.୮ | ୧୩.୦ |
| ସମ୍ବଲପୁର | ୩୨.୬ | ୧୩.୯ |
| ସୁନ୍ଦରଗଡ଼ | --- | ୧୮.୦ |
| ହୀରାକୁଦ | ୩୧.୩ | ୧୮.୬ |
| ତାଲଚେର | ୩୨.୩ | ୧୪.୦ |
| ଭବାନୀପାଟଣା | ୩୧.୫ | ୧୨.୦ |
| ବଲାଙ୍ଗୀର | ୩୨.୦ | ୧୪.୦ |
| କୋରାପୁଟ | ୨୯.୦ | ୧୧.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୧.୫ |
| ମାଲକାନଗିରି | ୩୪.୦ | ୧୧. |
| ୮ ସୋନପୁର | ୩୨.୨ | ୧୨.୦ |
| ଦାରିଙ୍ଗିବାଡ଼ି | ୨୮.୦ | ୧୧.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୭/୨୦୧୯ | Bhubaneswar, Thursday, February 7/ 2019 | ପୃଷ୍ଠା-୧




**ଆଶାରେ ବେମ୍‌ବେମ୍‌**

ଗୋଲ୍ଡ କପ୍ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ଭାରତ ପାଇଁ ବେଶ୍ ଉପଯୋଗୀ ହେବ ବୋଲି ଆଶା ପ୍ରକାଶ କରିଛନ୍ତି କିମ୍ବଦନ୍ତୀ ମହିଳା ଫୁଟବଲର ଓଇନାମ ବେମ୍‌ବେମ୍ ଦେବୀ।

୧୨

୦୩

**କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଲେ ସୁଜାତା**

ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର ବୁଧବାର ୨୦୧୭ ପାଇଁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଛନ୍ତି।



# ମୋଦିଙ୍କୁ ରାଫାଲ୍, ନବୀନଙ୍କୁ ଚିଟ୍‌ଫଣ୍ଡରେ ଟାର୍ଗେଟ

**ବର୍ଷିଲେ ରାହୁଲ**

- ଚୌକିଦାରଙ୍କ ହାତରେ ନବୀନଙ୍କ ରିମୋଟ କଥା ପୁଣି ଦୋହରାଇଲେ
- ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ
- ଆଦିବାସୀ,ଚାଷୀଙ୍କ ଜମିକୁ ୪ ଗୁଣ ଅଧିକ ଅର୍ଥ ଦିଆଯାଇ ଅଧିଗ୍ରହଣ କରାଯିବ
- ଧାନ ଦର କୁଇଣ୍ଟାଲ ପିଛା ୨୬ ଶହ ଟଙ୍କା ହେବ

ଭବାନୀପାଟଣା/ ରାଉରକେଲା ଅଫିସ,୬।୨

ଗତମାସ ୨୫ ତାରିଖରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଭୁବନେଶ୍ୱର ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ବର୍ଷିଥିଲେ। ଏହାର ୧୨ ଦିନ ପରେ ଅର୍ଥାତ୍ ବୁଧବାର ରାହୁଲ ପୁଣି ଥରେ ଓଡ଼ିଶା ଆସି ମୋଦି ଓ ନବୀନଙ୍କୁ ଟାର୍ଗେଟ କରିଛନ୍ତି। କଳାହାଣ୍ଡି ଜିଲା ଭବାନୀପାଟଣା ଓ ସୁନ୍ଦରଗଡ଼ ଜିଲା ରାଉରକେଲାରେ ଆୟୋଜିତ ପରିବର୍ତ୍ତନ ସଂକଳ୍ପ ସମାବେଶରେ ଉଦ୍‌ବୋଧନ ଦେଇ ସେ କେନ୍ଦ୍ରର ରାଫାଲ୍ ଓ ରାଜ୍ୟ ସରକାରଙ୍କ ଚିଟ୍‌ଫଣ୍ଡ ଦୁର୍ନୀତି କଥା ଉଠାଇ ଜୋରଦାର ସମାଲୋଚନା କରିଛନ୍ତି। ଚୌକିଦାରଙ୍କ ହାତରେ ନବୀନଙ୍କ ରିମୋଟ ବୋଲି ସେ ପୁଣି ଥରେ କହିଛନ୍ତି। ଓଡ଼ିଶାରେ କଂଗ୍ରେସ କ୍ଷମତାକୁ ଆସିଲେ ୨ ଘଣ୍ଟା ମଧ୍ୟରେ କୃଷିଋଣ ଛାଡ ହେବ ବୋଲି ସେ ଦୋହରାଇଛନ୍ତି।

ଭବାନୀପାଟଣା ଶ୍ରୀକୃଷ୍ଣନଗର ଠାରେ ଆୟୋଜିତ ସମାବେଶରେ ରାହୁଲ ପ୍ରଥମେ ଜୟ ମା' ମାଣିକେଶ୍ୱରୀ ଓ ଜୁହାର କହି ନିଜର ଅଭିଭାଷଣ ଆରମ୍ଭ କରିଥିଲେ। ମୁଁ ରାଜନେତା ଭାବେ ଏଠାକୁ ଆସିନାହଁ, ଆପଣମାନଙ୍କ ପରିବାରର ସଦସ୍ୟ ଭାବେ ଏଠାକୁ ଆସିଛି। ଆପଣମାନଙ୍କ ଭଲ ପାଇବା ମୋତେ ଏଠାକୁ ଆସିବାକୁ ବାଧ୍ୟ କରିଛି ବୋଲି କହିଥିଲେ। ଏହାପରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଅବହେଳା ଉପରେ ଖୁବ୍ ଗର୍ଜି ଥିଲେ ରାହୁଲ। ଚାଷୀ ପରିବାର ପାଇଁ ଦୈନିକ ୧୭ ଟଙ୍କା ଦେବାକୁ ମୋଦି ସରକାର ଏଥରର ବଜେଟ୍‌ରେ ବ୍ୟବସ୍ଥା କରିଛନ୍ତି। କିନ୍ତୁ ୧୫ ଜଣ ଶିଳ୍ପପତିଙ୍କୁ ୪ ବର୍ଷରେ ସାଢେ ୩ ଲକ୍ଷ କୋଟି ଟଙ୍କା ଋଣ ଛାଡ କରିଛନ୍ତି ବୋଲି କହି ସେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ମୋଦି ସରକାର ରାଫାଲ ଡିଲ ଭଳି ବଡ ବଡ ପୁଞ୍ଜିପତିମାନଙ୍କ ସହିତ ଦୁର୍ନୀତିରେ ସଂଶ୍ଳିଷ୍ଟ ଥିବାବେଳେ ନବୀନ ପଟ୍ଟନାୟକ ଭ୍ରଷ୍ଟାଚାର ଓ ଚିଟ୍‌ଫଣ୍ଡ ଦୁର୍ନୀତିରେ ଲିପ୍ତ ଅଛନ୍ତି। ପାର୍ଲାମେଣ୍ଟରେ କୌଣସି ବିଲ୍ ପାସ କରିବାକୁ ହେଲେ ଚୌକିଦାର ରିମୋଟ ବଟନ ଦବାନ୍ତି। ଆଉ ନବୀନ ପଟ୍ଟନାୟକ ସମର୍ଥନ ଦିଅନ୍ତି। ଭ୍ରଷ୍ଟାଚାର ଓ ଚିଟ୍‌ଫଣ୍ଡରେ ସମ୍ପୃକ୍ତ ଥିବାରୁ ନବୀନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦବାଇ ରଖିଛନ୍ତି ବୋଲି ରାହୁଲ କହିଛନ୍ତି। କଂଗ୍ରେସ ରାଜ୍ୟ ନେତୃବୃନ୍ଦ ଏକାଠି ହେଲେଣି। ଆଗକୁ ସମସ୍ତେ ଏକ ହୋଇ କାମ କରିବେ ବୋଲି ସେ କହିଛନ୍ତି।

ଜଳ, ଜମି, ଜଙ୍ଗଲ ଆଦିବାସୀଙ୍କର। କଂଗ୍ରେସ କ୍ଷମତାକୁ ଆସିଲେ ଆଦିବାସୀ ଓ ଚାଷୀଙ୍କୁ ବଜାର ଦରଠାରୁ ଚାରିଗୁଣା ଅଧିକ ଅର୍ଥ ଦେଇ ☞ପୃଷ୍ଠା-୨



ଭବାନୀପାଟଣା ସମାବେଶରେ ରାଜ୍ୟ ନେତୃବୃନ୍ଦଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ।

# ଆଜି ବଜେଟ

ଭୁବନେଶ୍ୱର,୬।୨(ବ୍ୟୁରୋ)

୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଗୁରୁବାର ରାଜ୍ୟ ସରକାର କାମଚଳା ଅନ୍ତରୀଣ ବଜେଟ ଉପସ୍ଥାପନ କରିବେ। ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା ଅପରାହ୍ନରେ ବିଧାନସଭାରେ ଏହାକୁ ଉପସ୍ଥାପନ କରିବେ। ଫେବୃୟାରୀ ୨ରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଉକ୍ତ ବଜେଟକୁ ଅନୁମୋଦନ କରାଯାଇଥିଲା। ଆସନ୍ତା ଏପ୍ରିଲରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବାରୁ ଏହି ଅନ୍ତରୀଣ ବଜେଟ ବିଧାନସଭାରେ ଉପସ୍ଥାପନ କରାଯିବ । ଯଦିଓ ସରକାରୀ ଭାବେ ବଜେଟ ପରିମାଣ ଘୋଷଣା କରାଯାଇ ନାହିଁ, ତେବେ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟ ସରକାର ୧.୩୨ ଲକ୍ଷ କୋଟିର ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରିଛନ୍ତି। ତେବେ ୪ ମାସିଆ ଖର୍ଚ୍ଚ ତୁଲାଇବା ପାଇଁ ରାଜ୍ୟ ସରକାର ୪୨ ହଜାର କୋଟି ଟଙ୍କାର ଏକ ଅନ୍ତରୀଣ ବଜେଟକୁ ଭୋଟ ଅନ ଆକାଉଣ୍ଟ ଜରିଆରେ ପାରିତ କରିବାକୁ ଯୋଜନା କରିଛନ୍ତି। ନିର୍ବାଚନ ବର୍ଷ ଥିବାରୁ ଉକ୍ତ ବଜେଟରେ ରାଜ୍ୟ ସରକାର କେତେକ ନୂତନ ଯୋଜନା ଘୋଷଣା କରିବା ସମ୍ଭାବନା ମଧ୍ୟ ରହିଛି।

**ଆଜିର ସମ୍ପାଦକୀୟ**

ଭିଗନ୍‌ଙ୍କ ପାଇଁ ବ୍ୟବସାୟ ସୁଯୋଗ

**ଆଜିର ମନ୍ତବ୍ୟ**

"ମମତା ବାନାର୍ଜୀ ନିଜ କୁକର୍ମର ଫଳରୁ ମୁକ୍ତ ହୋଇପାରିବେ ନାହିଁ।

-ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

**କିଛି ତଥ୍ୟ**

ଫେବୃୟାରୀ ୪ ସୁଦ୍ଧା ଦେଶର ଶକ୍ତି କ୍ଷେତ୍ରକୁ କୋଲ ଇଣ୍ଡିଆ ପକ୍ଷରୁ ହେଉଥିବା କୋଇଲା ଯୋଗାଣରେ ୭.୩% ବୃଦ୍ଧି ଘଟି ୪୦୭ ନିୟୁତ ଟନ୍ ଛୁଇଁଛି। -କୋଇଲା ମନ୍ତ୍ରଣାଳୟ



ପାରାଦୀପଠାରେ ବୁଧବାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ଥାନୀୟ ବିଧାୟକ ଦାମୋଦର ରାଉତ ଓ ଅଧିକାରୀମାନେ ।

# ଓଡ଼ିଶାରେ ହେବ ୫ ହଜାର କୋଟି ଟଙ୍କାର ଜଳମାର୍ଗ

- ୩ ରାଜପଥ ଉନ୍ନତୀକରଣର ଭିତ୍ତିପ୍ରସ୍ତର ସ୍ଥାପନ କଲେ କେନ୍ଦ୍ରମନ୍ତ୍ରୀ
- ପାୱାରଗ୍ରୀଡ୍ ଭଳି ଏଣିକି ଚାଷୀଙ୍କ ନିମନ୍ତେ ୱାଟରଗ୍ରୀଡ୍

ଢେଙ୍କାନାଳ ଅଫିସ/ କାମାକ୍ଷାନଗର (ଡି.ଏନ.ଏ.) ୬।୨

ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ ହଜାର କୋଟି ଟଙ୍କାର ଜଳମାର୍ଗ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। କେନ୍ଦ୍ର ସଡ଼କ ପରିବହନ ଏବଂ ରାଜମାର୍ଗ, ଜାହାଜ ଚଳାଚଳ ଓ ଜଳସମ୍ପଦ ମନ୍ତ୍ରୀ ନୀତିନ ଗଡ଼କରୀ ବୁଧବାର ଢେଙ୍କାନାଳ ଜିଲା କାମାକ୍ଷାନଗରସ୍ଥିତ ସାରଙ୍ଗଧର ଷ୍ଟାଡିୟମଠାରେ ୩ଟି ପୁରାତନ ରାଜପଥର ପୁନରୁଦ୍ଧାର ଏବଂ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଏହା କହିଛନ୍ତି। ଏହି ରାଜପଥଗୁଡ଼ିକ ହେଲା ତାଳଚେର-କାମାକ୍ଷାନଗର ନଂ. ୨୦୦/୨୩, କାମାକ୍ଷାନଗର-ଡୁବୁରୀ ୨୦୦ ନଂ. ଓ ଡୁବୁରୀ-ଚଣ୍ଡିଖୋଲ ୨୦୦ନଂ.। ଏଥିସହିତ ଏହି ନୂତନ ଚାରିଲେନ୍ ବିଶିଷ୍ଟ ରାଜପଥ ୫୩ନଂ.ରେ ପରିବର୍ତ୍ତନ ହେଲା ବୋଲି କେନ୍ଦ୍ରମନ୍ତ୍ରୀ ଘୋଷଣା କରିଥିଲେ।

ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଗଡକରୀ କହିଥିଲେ ଯେ, ଓଡ଼ିଶା ଖଣିଜ ସମ୍ପଦରେ ଭରପୁର ଏକ ସମୃଦ୍ଧ ରାଜ୍ୟ। ଏହାର ପ୍ରଗତି ପାଇଁ ରାଷ୍ଟ୍ରୀୟ ରାଜମାର୍ଗ ☞ପୃଷ୍ଠା-୨

## ପାରାଦୀପ ହେବ ରାଜ୍ୟର ବିକାଶ ଇଞ୍ଜିନ: ଗଡ଼କରୀ

- ରାଜ୍ୟ ସରକାର ବିକାଶରେ ବାଧକ : ଧର୍ମେନ୍ଦ୍ର

ପାରାଦୀପ,୬।୨(ସ୍ୱ.ପ୍ର.)

୩ ବର୍ଷ ତଳେ ପାରାଦୀପ ଗସ୍ତରେ ଆସି ମୁଁ ଯେଉଁ ପ୍ରତିଶ୍ରୁତି ଦେଇଥିଲି, ତାହା ପୂରଣ କରିବାକୁ କାର୍ଯ୍ୟ ଆରମ୍ଭ ହୋଇଛି। ପାରାଦୀପ ବନ୍ଦର ଆଗାମୀ ବର୍ଷକ ମଧ୍ୟରେ ଦେଶର ୧ନଂ. ବୃହତ୍ ବନ୍ଦର ହେବ। ସାଗରମାଳା ପ୍ରକଳ୍ପ କାମ ଆରମ୍ଭ ହୋଇସାରିଛି। ୨୦୧୩-୧୪ ଆର୍ଥିକ ବର୍ଷରେ ବନ୍ଦର ବାର୍ଷିକ ୩୪୦ କୋଟି ଟଙ୍କା ଲାଭ କରିଥିବାବେଳେ ୨୦୧୭-୧୮ରେ ତାହା ୭୫୦ କୋଟିରେ ପହଞ୍ଚିଛି। ଆଗକୁ ଏହି ବିକାଶର ଧାରା ଜାରି ରହିବ ଓ ପାରାଦୀପ ଓଡ଼ିଶାର ବିକାଶ ଇଞ୍ଜିନ ହେବ ବୋଲି କହିଛନ୍ତି କେନ୍ଦ୍ର ସଡ଼କ ପରିବହନ ଓ ଜାହାଜ ଚଳାଚଳ ମନ୍ତ୍ରୀ ନୀତିନ ଗଡ଼କରୀ। ବୁଧବାର ପାରାଦୀପରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହା କହିବା ସହ ଓଡ଼ିଶାବାସୀଙ୍କୁ ଅନେକ ନୂତନ ସ୍ୱପ୍ନ ଦେଖାଇଛନ୍ତି। ସେ କହିଛନ୍ତି ଯେ ଭିତ୍ତିଭୂମିର ବିକାଶ, ଯାନ୍ତ୍ରିକରଣ ବ୍ୟବସ୍ଥା, ବିମାନ ବନ୍ଦର, ଫ୍ଲାଏଓଭର, ☞ପୃଷ୍ଠା-୨

# ଆସିକା ଏମ୍‌ପିଙ୍କ ପରଲୋକ

- ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଶୋକ

ଆସିକା,୬।୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଆସିକା ଏମ୍‌ପି ତଥା ବିଜେଡି ନେତା ଲଡୁକିଶୋର ସ୍ୱାଇଁଙ୍କ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତି ପ୍ରାୟ ୧୧ଟା ୪୫ ମିନିଟରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ପ୍ରାୟ ବର୍ଷେ ହେବ ସେ କିଡ଼ନୀ ରୋଗରେ ପୀଡ଼ିତ ଥିବାରୁ ନିୟମିତ ଚିକିତ୍ସା କରାଉଥିଲେ। ଚଳିତ ଲୋକ ସଭାର ଶେଷ ଅଧିବେଶନରେ ଯୋଗଦେବା ପାଇଁ ନିଜ ଗ୍ରାମ କବିସୂର୍ଯ୍ୟନଗର ନିକଟସ୍ଥ ପଥରାରୁ ମଙ୍ଗଳବାର ବାହାରିଥିଲେ। ବୁଧବାର ସକାଳେ ଭୁବନେଶ୍ୱରରୁ ବିମାନ ଯୋଗେ ଦିଲ୍ଲୀ ଯାଇଥାନ୍ତେ। ସନ୍ଧ୍ୟାରେ ଛାତିରେ ଯନ୍ତ୍ରଣା ହେବାରୁ ତୁରନ୍ତ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ହସ୍ପିଟାଲରେ ସ୍ତ୍ରୀ, ୨ ପୁଅ, ବୋହୂ ଏବଂ ନାତୁଣୀ ନାତି ଉପସ୍ଥିତ ଥିଲେ। ବୁଧବାର ସକାଳେ ପାର୍ଥିବ ଶରୀର ପଥରା ବାସଭବନକୁ ନିଆଯାଇଥିଲା। ସେଠାରେ ହଜାର ହଜାର ସମର୍ଥକଙ୍କ ସମେତ ଦଳୀୟ ନେତା, ପ୍ରଶାସନିକ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଶେଷଦର୍ଶନ କରିବା ସହ ମାଲ୍ୟାର୍ପଣ କରିଥିଲେ। ପରେ ପାର୍ଥିବ ଶରୀରକୁ ଏକ ସୁସଜ୍ଜିତ ଗାଡିରେ ଗ୍ରାମରୁ ନିଆଯାଇ କଲେଜ ଛକ, ଆସିକା, କବିସୂର୍ଯ୍ୟନଗର ଆଦି ସହରାଞ୍ଚଳର ବିଭିନ୍ନ ସ୍ଥାନ ପରିକ୍ରମା କରାଯାଇଥିଲା । ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଶବାଧାରରେ ମାଲ୍ୟାର୍ପଣ ପୂର୍ବକ ଶେଷ ସମ୍ମାନ ଜଣାଯାଇଥିଲା। ଅପରାହ୍ନ ପ୍ରାୟ ୪ଟାରେ ପଥରା ନିକଟ ନନ୍ଦିଆଗଡ଼ା ଧନେଇ ନଦୀପଠା ଶ୍ମଶାନରେ ଲଡୁକିଶୋରଙ୍କୁ ଗଞ୍ଜାମ ପୋଲିସ ପକ୍ଷରୁ ଗାର୍ଡ ଅଫ ଅନର ☞ପୃଷ୍ଠା-୨



ଲଡୁକିଶୋର ସ୍ୱାଇଁ

- ସୁପ୍ରିମକୋର୍ଟ ସ୍ପଷ୍ଟ କଲେ

## ରିଟର୍ନ ଦାଖଲ ଲାଗି ପାନ୍-ଆଧାର ସଂଯୋଗ ଅନିବାର୍ଯ୍ୟ

ନୂଆଦିଲ୍ଲୀ,୬।୨

ଆୟକର ରିଟର୍ନ ଦାଖଲ କରିବା ସମୟରେ ପାନ୍ ସହ ଆଧାରକୁ ସଂଯୋଗ କରିବା ଅନିବାର୍ଯ୍ୟ ବୋଲି ସୁପ୍ରିମକୋର୍ଟ ବୁଧବାର ସ୍ପଷ୍ଟ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଗତ ଏକ ଅପିଲ ଉପରେ ଶୀର୍ଷ ଅଦାଲତ ଏହା ସ୍ପଷ୍ଟ କରିଛନ୍ତି। ବିଚାରପତି ଏ.କେ.ସିକ୍ରି ଓ ବିଚାରପତି ଏସ.ଅବଦୁଲ୍ ନଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ ନିଜ ରାୟରେ କହିଛନ୍ତି ଯେ, ଅଦାଲତ ଏ ସଂକ୍ରାନ୍ତ ମାମଲାରେ ନିଜର ରାୟ ପୂର୍ବରୁ ଶୁଣାଇ ସାରିଛନ୍ତି ଏବଂ ଆୟକର ଆଇନର ଧାରା ୧୩୯ଏଏକୁ ବଜାୟ ରଖିଛନ୍ତି। ଏଥିପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଶ୍ରେୟା ସେନ୍ ଓ ଜୟଶ୍ରୀ ସାତପୁତେଙ୍କୁ ପାନ୍ ସହ ଆଧାରକୁ ସଂଯୋଗ କରିବା ☞ପୃଷ୍ଠା-୨


**SUDHAKAR**
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE 06.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 78 | 129 | 139 |
| CTC | 80 | 132 | 142 |
| DKL | 79 | 131 | 141 |
| BDK | 81 | 133 | 143 |
| BLS | 81 | 133 | 143 |
| ANG | 80 | 132 | 142 |

*Conditions Apply
Eggs Retail Price- 49/-Dozen
Issued in the Interest of Consumers

GHANASHYAM HEMALATA +2 SCIENCE COLLEGE (CBSE)
(AFFILLIATED TO CBSE, NEW DELHI AND RECOGNISED BY THE GOVT.OF ODISHA)
BHUAN, Puri - 752002, ODISHA.
PH : 7008856445, 9439295647, 7873480470, 9437523300
ADMISSION OPEN +2 SCIENCE
ASSURES YOU TO BE A TECHNOCRAT THROUGH QUALITY COACHING FOR BOARD AND INTEGRATED ENTRANCE COACHING.
Residing compulsory for both Board & Integrated Entrance coaching.
SALIENT FEATURES:
- EXCELLENT MIX OF GURUKUL CULTURE AND GLOBAL EDUCATION STYLE.
- PERIODIC TESTS BY EXCELLENT FACULTY MEMBERS.
- SPECIAL COACHING FOR ENGINEERING AND MEDICAL ENTRANCE EXAMINATIONS
- SPECIAL EMPHASIS ON DEVELOPMENT OF SOFT SKILLS.
SEPARATE HOSTEL FOR BOYS & GIRLS
Admission Test on 9th &11th February '2019. Time : 9:00 a.m.
SUMMER COURSE Starts from 1st week of April 2019



Kamal Watch Co.: Esplanade One Mall, Rasulgarh Bhubaneswar, Ph: 07416415153; Khimji: Saheed Nagar, Janpath, Ph: 3017777; District Centre, Chandrasekharpur, Ph: 3057777; Cantonment Road, Cuttack, Ph: 3987777; Kesar Bhawan, Main Road, Rourkela, Ph: 6667777; Lalchand Jewellers: Ph: 2534014, 2534017.

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ସୋନୁ
ପରିବାରବର୍ଗ



ଲକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



automobile

## SALE

L&T Pc 71 Komatsu show room condition, 2009 Dec. (Mo): 7978887806. D-10897



real estate

## SALE

Plotting project near Patia KIIT University, Bhubaneswar 40" mainroad, 30" subroad, drainage, electrification, instant boundarywall sqft. 1150/-. 6370743007, 6370855152. D-65341

Gharabari boundary plot infront Krupajal Engineering College, Bhubaneswar: 9090899281, 8908805482. D-65461

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଟରେ ପ୍ଲଟ ପଚାରୁ ବିକ୍ରିହେବ। 9178660666. D-65558

**Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65817

## PURCHASE

Land requires for marketing (Cuttack & Bhubaneswar). Contact: 9937816565, 9937568585. D-10965

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65350



to-let

2BHK residential bangalow with garage at Satyanagar 1600 sqft. Contat: 9437023430, 7205362692. D-10941



healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Improving your health, skin care through expert therapist, excellent offer. 9668374480. D-65552

New opening ayurvedic body massage smart therapist, Shree herbal. 6370668486. D-65553

Herbal full body massage by smart/ expert therapist. Contact: 8338067247. D-65554

Experience full body massage with us by experts. Enquiry. 06742597822, 7377048581. D-65559

Herbal full body massage with refreshment by well trained therapist. 7381239385, 06742540855. D-65560

New opening ayurvedic full body massage. 7077444583. D-10885

Fantacy newly opening ayurvedic fullbody massage ledies, gents. 7609923705, 7438851534. D-38544

Ayurvedic full body massage ladies/ gents smart experts therapist. 9114697517. D-65816

## AFFIDAVIT

I Uttar Korado, Son of- Late Kalarauta Korado, currently residing at HIG-325, K-5, Kalinga Vihar, PS.- Tamando, Bhubaneswar- 751019, Odisha have changed my name from Uttar Korado to Uttam Kumar Kar vide affidavit Dated 03.01.2012 at Bankshall Court, Kolkata, West Bengal. Henceforth, I shall be know as Uttam Kumar Kar to the World at large. D-65815

By the virtue of an affidavit before the Notary BBSR I Liza Patra in some documents my name has been mention as Liza Mama Das. Liza Patra & Liza Mama Das is one and same person for all purpose. D-10981


## AFFIDAVIT



ମୁଁ ମଧୁସୂଦନ ଜେନା, ଗ୍ରାମ- ମହୁଲିଆ, ପୋଷ୍ଟ- ଖଡିଆ, ଜିଲ୍ଲା- ନୟାଗଡ଼ ଜଣାଉଅଛି କି ମୋର ଡ୍ରାଇଭିଂ ଲାଇସେନ୍ସ ନମ୍ବର OR0219980102201ରେ ମୋର ନାମ ରାଜେନ୍ଦ୍ର କୁମାର ଜେନା ରହିଛି। ଏତଦ୍‌ପଶ୍ଚାତ ମଧୁସୂଦନ ଜେନା ଏବଂ ରାଜେନ୍ଦ୍ର କୁମାର ଜେନା ଏକ ଓ ଅଭିନ୍ନବ୍ୟକ୍ତି ବିବେଚିତ ହେବେ। ଧ-୧୦୯୮୦

## ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା





(ସୋନୁ)

**ସନ୍ଦିପ ପ୍ରିୟଦର୍ଶୀ ରାଉତ**

ବାଲିପଡା, ବାରଙ୍ଗ

ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ତୁମ ଚଲାପଥ କୁସୁମିତ କରନ୍ତୁ ଏବଂ ତୁମକୁ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ

ବାବା, ମାମା, ଗୁଡୁ, ସାନୁ, ବୁବୁ, ବଡବାପା, ବଡବୋଉ, ଜେଜେ, ଜେଜେମା। ଧ-୪୭୯୯୭

## ଜନ୍ମଦିନ ଶୁଭେଚ୍ଛା





(Misthy)


**Sai Abhipsa Patra**

ଆଜି ତୋ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ ଓ ତୋତେ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ଜେଜେ, ମାମି, ବାପା, ମାମା, ବଡବାବା, ବଡମାମା, ଶିବୁନି ଭାଇ, ଲୁଇ ଅପା, ପିଉସୀ, କଟକ ଅଜାଆଇ, ଟୁଇଁ ଆଇ, ଅଜା, ଆଇ, ରାଜାମାମୁ ଏବଂ ପରିବାରର ସମସ୍ତ ସଦସ୍ୟ। ଧ-୬୪୭୮୩

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଉମା ପ୍ରସାଦ କର**

ତିରୋଧାନ: ୨୧।୦୧।୨୦୦୭

ଅବକାସ ଲେନ୍, ପୁରୀ

ଏହି ପୂର୍ଣ୍ଣ ତିଥିରେ ମହାପ୍ରଭୁ ଆପଣଙ୍କ ଆତ୍ମାର ସଦ୍‌ଗତି ପ୍ରଦାନ କରନ୍ତୁ। ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ। ଧ-୬୩୭୬୦


## ନିରୁଦ୍ଦିଷ୍ଟ



**ମହମ୍ମଦ ସନ୍‌ଫରାଜ**

(୧୭ବର୍ଷ), ଗ୍ରାମ/ପୋ- କଣାସ, ଜିଲ୍ଲା- ପୁରୀ, ପିନ୍- ୭୫୨୦୧୭, ଶ୍ୟାମଳବର୍ଣ୍ଣ, ପତଳାଶରୀର। ମହମ୍ମଦ ସନ୍‌ଫରାଜ ଗୁ ଡିସେମ୍ବର ୧୨ତାରିଖ ଦିନ କାହାକୁ କିଛି ନକହି ଘରୁ କେଉଁଆଡେ ଚାଲିଗଲୁ, ଫେରିଲୁନାହିଁ। ଗଲାବେଳେ ଜିନ୍ ପ୍ୟାଣ୍ଟ, ନୀଳରଙ୍ଗର ଚେକ୍ ସାର୍ଟ ପିନ୍ଧିଥିଲା। ସେ ସାଇକେଲ ସାଥିରେ ନେଇଯାଇଛି। ହିନ୍ଦୀ ଭାଷାରେ କଥାବାର୍ତ୍ତା କରୁଥିବା ବେଳେ ତାର ସାମାନ୍ୟ ମସ୍ତିଷ୍କବିକୃତି ରହିଛି। ଯଦି କେହି ସହୃଦୟ ବ୍ୟକ୍ତି ମହମ୍ମଦ ସନ୍‌ଫରାଜର ସନ୍ଧାନ ପାଆନ୍ତି ନିକଟସ୍ଥ ଥାନା କିମ୍ବା ମୋବାଇଲ ନଂ: ୬୨୦୫୫୩୧୦୧୭ କିମ୍ବା ୮୪୫୫୮୧୫୮୨୬ରେ ଜଣାଇବା ପାଇଁ ପିତା ସମିଉଲ୍ଲା ଅନୁରୋଧ କରିଛନ୍ତି। ଯେଉଁ ବ୍ୟକ୍ତି ମହମ୍ମଦ ସନ୍‌ଫରାଜର ସନ୍ଧାନଦେବେ ତାଙ୍କୁ ୧୫ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି ପିତା କହିଛନ୍ତି। ଧ-୬୩୬୦୩

## ପ୍ରଥମ ପୃଷ୍ଠାରୁ...

# ଆସିକା ଏମ୍‌ପିଙ୍କ ...

ଦିଆଯିବା ସହ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

ବୁଧବାର ଲୋକ ସଭାରେ ଶୋକ ପ୍ରସ୍ତାବ ଆଗତ କରାଯିବା ସହ ଲଡୁକିଶୋରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ତାଙ୍କ ସମ୍ମାନାର୍ଥେ ଦିନକ ପାଇଁ ଲୋକ ସଭା ମୁଲତବୀ ଘୋଷଣା କରାଯାଇଥିଲା। ସେହିପରି ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ରାଷ୍ଟ୍ରପତି ଟୁଇଟ୍ କରି ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି ଯେ, ଲଡୁ କିଶୋରଙ୍କ ବିୟୋଗ ଖବର ତାଙ୍କୁ ମର୍ମାହତ କରିଛି। ସମାଜ ପାଇଁ ଲଡୁକିଶୋରଙ୍କର ଅନେକ ଅବଦାନ ରହିଛି। ତାଙ୍କ ପରିବାରବର୍ଗ, ଲୋକ ସଭା ନିର୍ବାଚନ ମଣ୍ଡଳୀ ବାସିନ୍ଦା ଏବଂ ତାଙ୍କର ସାଥୀମାନଙ୍କୁ ସେ ସମବେଦନା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଟୁଇଟ୍ କରି କହିଛନ୍ତି ଯେ, ଲଡୁ କିଶୋର ସ୍ୱାଇଁଙ୍କ ବିୟୋଗ ଅତ୍ୟନ୍ତ ଦୁଃଖ ଦେଇଛି। ସମାଜପ୍ରତି ଥିବା ତାଙ୍କର ସେବା ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ। ଗ୍ରାମାଞ୍ଚଳ ବିକାଶ ପାଇଁ ତାଙ୍କର ଅବଦାନ ପ୍ରଶଂସନୀୟ ଥିଲା। ପ୍ରଧାନମନ୍ତ୍ରୀ ତାଙ୍କ ପୁତ୍ର ନଚିକେତାଙ୍କ ସହ ଟେଲିଫୋନ ଯୋଗେ କଥା ହୋଇ ନିଜର ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଶୋକ ବାର୍ତ୍ତାରେ କହିଛନ୍ତି, ଲଡୁକିଶୋରଙ୍କ ବିୟୋଗ ତାଙ୍କୁ ମର୍ମାହତ କରିଛି। ସେ ଜଣେ ଉତ୍ତମ ଏମପି ଏବଂ ବିଧାନସଭାର ଜଣେ ଖ୍ୟାତନାମା ବିଧାୟକ ଥିଲେ। ତାଙ୍କର ବିୟୋଗ ଏକ ଅପୂରଣୀୟ କ୍ଷତି। ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସେ ନିଜର ସମବେଦନା ଜଣାଇଛନ୍ତି।

ଲଡୁକିଶୋର ଶିକ୍ଷାରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ନୂଆଗଡ଼ ଓ କବିସୂର୍ଯ୍ୟନଗର ହାଇସ୍କୁଲରେ ଶିକ୍ଷକତା କରିଥିଲେ। ୭୦ ଦଶକର ମଧ୍ୟ ଭାଗରେ ସେ ରାଜନୀତିରେ ପ୍ରବେଶ କରିଥିଲେ। ଜଣେ ସରଳ ଓ ମିଷ୍ଟଭାଷୀ ରାଜନୈତିକ ବ୍ୟକ୍ତି ଭାବେ ସେ ଅଞ୍ଚଳବାସୀଙ୍କ ନିକଟରେ ପରିଚିତ ଥିଲେ। ସବୁବେଳେ ଜନସେବାରେ ଲାଗି ରହୁଥିଲେ। ରାଜନୈତିକ ଜୀବନର ପ୍ରଥମ ସୋପାନରେ କବିସୂର୍ଯ୍ୟନଗର ବ୍ଲକ ନନ୍ଦିଆଗଡା ପଞ୍ଚାୟତରୁ ସରପଞ୍ଚ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ସହ ଦଳରେ କାର୍ଯ୍ୟ କରିଥିଲେ। ସେ କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ୨୦୦୪ରୁ ୨୦୦୯ ଯାଏ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ରେ ବିଜେଡି ପକ୍ଷରୁ ଆସିକା ଲୋକ ସଭା ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ତାଙ୍କ ବିୟୋଗରେ ସମଗ୍ର ନିର୍ବାଚନମଣ୍ଡଳୀରେ ଗଭୀର ଶୋକର ଛାୟା ଖେଳିଯାଇଛି। ଜିଲା ବିଜେଡି ସଭାପତି ତଥା ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ବିଧାୟକ ଦେବରାଜ ମହାନ୍ତି, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା, ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ, ଗଞ୍ଜାମ ଏସପି ବ୍ରିଜେଶ ରାୟ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ବହୁ ବ୍ୟକ୍ତି ସ୍ୱର୍ଗତ ଲଡୁକିଶୋରଙ୍କ ବାସଭବନରେ ଶେଷଦର୍ଶନ କରିଥିଲେ।

# ମୋଦିଙ୍କୁ ରାଫାଲ୍, ...

ଶିଳ୍ପାନୁଷ୍ଠାନ ପାଇଁ ଜମି ଅଧିଗ୍ରହଣ କରାଯିବ। ସେମାନଙ୍କ ବିନା ସମ୍ମତିରେ ଜମି ନିଆଯିବ ନାହିଁ। ୫ ବର୍ଷ ମଧ୍ୟରେ ଉକ୍ତ ଜମିରେ ଶିଳ୍ପାନୁଷ୍ଠାନ ନ ହେଲେ ସିଧାସଳଖ ସେହି ଜମିକୁ ଆଦିବାସୀ ଓ ଚାଷୀଙ୍କୁ ଫେରାଇ ଦିଆଯିବ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଆଦିବାସୀଙ୍କ ଜମି ଛଡାଇ ନେବାକୁ ଉଦ୍ୟମ କରୁଛନ୍ତି। ଜଳ, ଜମି ଓ ଜଙ୍ଗଲ ଉପରେ ଥିବା ଆଦିବାସୀଙ୍କ ହକ୍‌କୁ ରକ୍ଷା କରିବ କଂଗ୍ରେସ। ଆମେ ସବୁବେଳେ ଚାଷୀଙ୍କୁ ନ୍ୟାୟ ଦେବାକୁ ପ୍ରୟାସ କରିଛୁ। ଯେଉଁସବୁ ରାଜ୍ୟରେ କଂଗ୍ରେସ ସରକାର ଅଛି, ସେଠାରେ ଚାଷୀଙ୍କୁ ନ୍ୟାୟ ଦେଇଛୁ ବୋଲି ସେ କହିଥିଲେ। ଛତିଶଗଡରେ କଂଗ୍ରେସ ସରକାର ଆସିବା ପରେ ଧାନ କୁଇଣ୍ଟାଲ ପିଛା ୨୫ ଶହ ଟଙ୍କା ଦେବାକୁ ବ୍ୟବସ୍ଥା କରିଛି। ଓଡିଶାରେ କଂଗ୍ରେସ କ୍ଷମତାକୁ ଆସିଲେ ଛତିଶଗଡଠାରୁ ଶହେ ଟଙ୍କା ଅଧିକ ଅର୍ଥାତ୍ ୨୬ ଶହ ଟଙ୍କା ଧାନ କୁଇଣ୍ଟାଲ ପିଛା ଦର ଦିଆଯିବ। ଗରିବଙ୍କ ଆକାଉଣ୍ଟକୁ ସର୍ବନିମ୍ନ ଆୟ ଯିବ ବୋଲି ରାହୁଲ କହିଥିଲେ। ଓଡ଼ିଶା ଏପରି ଏକ ପ୍ରଦେଶ ଯେଉଁଠି ଜଣେ ଆଦିବାସୀ ନିଜ ସ୍ତ୍ରୀଙ୍କ ମୃତଦେହକୁ ପିଠିରେ ବୋହି ୧୦ ରୁ ୧୫ କି.ମି. ନେଇ ଯାଉଛି କହି ସେ ବିଜେଡି ସରକାରକୁ ସମାଲୋଚନା କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାକୁ ମୋଦି ସରକାର ବନ୍ଦ କରିଦେଲେ। ତାର ଫଳ ସାଧାରଣ ଜନତା ଭୋଗୁଛନ୍ତି। ଓଡିଶା ଗରିବ ନୁହେଁ, ଏଠାକାର ଲୋକେ ଗରିବ। ବେରୋଜଗାରୀ ସମସ୍ୟା ମଧ୍ୟ ଲୋକମାନଙ୍କ ଚିନ୍ତା ବଢାଇ ଦେଇଛି। ମୋଦି କହିଥିଲେ, ଦେଶରେ ଭାଜପା ସରକାରକୁ ଆସିଲେ ୨ କୋଟି ଯୁବକଙ୍କୁ ନିଯୁକ୍ତି ଦେବେ। ୨୦୨୦ ସୁଦ୍ଧା ନବୀନ ୩୦ ଲକ୍ଷ ଯୁବପିଢିକୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ୬୦ ଲକ୍ଷ ଯୁବକ ଓଡ଼ିଶା ବାହାରକୁ କାମ ଖୋଜିବାକୁ ଯାଇଛନ୍ତି। ଏଠି ଡାକ୍ତରଖାନାରେ ଡାକ୍ତର ନାହାନ୍ତି, ସ୍କୁଲରେ ଶିକ୍ଷକ ନାହାନ୍ତି, ସ୍ୱାସ୍ଥ୍ୟ ସେବା ବାଟବଣା ହୋଇଛି ବୋଲି କହି ସେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ।

ରାଉରକେଲା ଷ୍ଟ୍ରିପ ପଡ଼ିଆରେ ଆୟୋଜିତ ସମାବେଶରେ ବି ରାହୁଲଙ୍କ ଉଗ୍ରରୂପ ଦେଖିବାକୁ ମିଳିଥିଲା। ସେ ଏହି ସଭାରେ କେନ୍ଦ୍ର ସରକାରଙ୍କୁ ନିଜର ଚିରାଚରିତ ଢ଼ଙ୍ଗରେ ସମାଲୋଚନା କରିବାକୁ ଭୁଲି ନ ଥିଲେ। ଚୌକିଦାର ଏବେ ଚୋର ସାଜିଛନ୍ତି। ଲୋକେ ତାଙ୍କ ଉପରୁ ବିଶ୍ୱାସ ହରାଇଛନ୍ତି। ତାଙ୍କ ମିଛ ଧରା ପଡିଯାଇଛି। ଆଉ ଲୋକଙ୍କୁ ଭୁଆଁ ବୁଲାଯାଇ ପାରବନି। ୩ ରାଜ୍ୟର ନିର୍ବାଚନୀ ଫଳାଫଳ ଏହା ସ୍ପଷ୍ଟ କରିଛି। ଲୋକଙ୍କୁ ଭୁଆଁ ବୁଲାଇବା ଛାଡି ବାସ୍ତବ କାମ କରି ଦେଖାଅ ବୋଲି ରାହୁଲ ମୋଦିଙ୍କ ନାମ ନ ନେଇ ଏଭଳି କଟାକ୍ଷ କରିଥିଲେ।

ମୋଦିଙ୍କୁ ଟାର୍ଗେଟ କରି ରାହୁଲ ପୁଣି କହିଲେ, ୫ ବର୍ଷ କ୍ଷମତାରେ ରହି ତାଙ୍କ ପାଇଁ ପୂରା ଦୁନିଆ ବୁଲି ଆସିବା ସହଜ ହୋଇଥିଲା। ଯେଉଁ ଦେଶକୁ ଗଲେ ସେଠୁ ଗୋଟେ ଦୁର୍ନୀତି ଆଣି ଆମ ଦେଶରେ ପୂରେଇଲେ। ରାଫାଲ ଦୁର୍ନୀତି ଏହାକୁ ପ୍ରମାଣିତ କରୁଛି। କାଗଜ ଡଙ୍ଗା ତିଆରି ଶିଖି ନ ଥିବା ଲୋକଙ୍କୁ ଯୁଦ୍ଧ ବିମାନ ଠିକା ଦିଆଯାଉଛି। ଦିଲ୍ଲୀରୁ ରହି ମୋଦି ଓଡିଶା ସରକାରଙ୍କୁ ନିୟନ୍ତ୍ରଣ କରୁଛନ୍ତି। ତାଙ୍କ ଇଶାରାରେ ମୁଣ୍ଡ ଟୁଙ୍ଗାରୁଛି ବିଜେଡି ସରକାର। ଏକଥା ଲୋକେ ବୁଝି ସାରିଲେଣି ବୋଲି ରାହୁଲ କହିଥିଲେ।

କ୍ଷମତାକୁ ଆସିବା ପୂର୍ବରୁ ସାଧାରଣ ଲୋକଙ୍କୁ ଭୁଆଁ ବୁଲାଇଥିବା ମୋଦିଙ୍କ ମୁହଁ ଏବେ ଶୁଖିବା ଆରମ୍ଭ କଲାଣି। ନା ୧୫ ଲକ୍ଷ କାହା ବ୍ୟାଙ୍କ ଖାତାରେ ଜମା ହେଲା ନା ବେକାରଙ୍କୁ ନିଯୁକ୍ତି ମିଳିଲା। କଳା ଟଙ୍କା ଉଭାନ ହୋଇଗଲା। ଓଲଟା ବିଭିନ୍ନ ବାଟରେ ନିରୀହ ଲୋକଙ୍କ ଅର୍ଥ ଲୁଟାଗଲା। ଏବେ ନିର୍ବାଚନକୁ ଦୃଷ୍ଟିରେ ରଖି ମନ ଭୁଲାଣିଆ ଯୋଜନା କରାଯାଉଛି। ଏହା ଦ୍ୱାରା କାହାରି ଉନ୍ନତି ହେବ ନାହିଁ ବୋଲି ସେ କହିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ବେକାରୀଙ୍କ ପାଇଁ ଯୋଜନା କରାଯିବ। କୃଷିଭିତ୍ତିକ ଶିଳ୍ପକୁ ପ୍ରୋତ୍ସାହନ ଦିଆଯିବ। ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ। ସମାଜର ପ୍ରତି ବର୍ଗ କିଭଳି ସୁଖ ଶାନ୍ତିରେ ରହିବେ ସେ ଦିଗରେ ଦଳ ଦୃଢ ପଦକ୍ଷେପ ନେବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଥିଲେ।

ରାହୁଲଙ୍କ ଏହି ସଭାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲା, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ, ପ୍ରଚାର କମିଟି ମୁଖ୍ୟ ଭକ୍ତ ଚରଣ ଦାଶ, ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, କଳାହାଣ୍ଡି ଜିଲା ସଭାପତି ଭାରତ ଭୂଷଣ ବେମାଲ, ପୂର୍ବତନ ବାଚସ୍ପତି କିଶୋର ପଟେଲ, କଂଗ୍ରେସ ଇସ୍ତାହାର କମିଟି ଅଧ୍ୟକ୍ଷ ଗଣେଶ୍ୱର ବେହେରା, ଜୟଦେବ ଜେନା, ରାମଚନ୍ଦ୍ର ଖୁଣ୍ଟିଆ, ପ୍ରସାଦ ହରିଚନ୍ଦନ, ସୁଶୀଳା ତିରିଆ, ଏଆଇସିସି ସମ୍ପାଦକ ମସ୍ତାନ ୱାଲି ଓ ଜର୍ଜ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।

# ରିଟର୍ନ ଦାଖଲ ଲାଗି ...

ବିନା ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ଆୟକର ରିଟର୍ନ ଦାଖଲ କରିବାକୁ ଅନୁମତି ଦେଇଥିଲେ। କେନ୍ଦ୍ର ସରକାର ଏହି ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଏହି ମାମଲାର ଶୁଣାଣି ସର୍ବୋଚ୍ଚ ଅଦାଲତରେ ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟ ଅନୁମତି ଦେଇଥିଲେ ବୋଲି ଖଣ୍ଡପୀଠ ରାୟରେ ଦର୍ଶାଇଛନ୍ତି। ତେବେ ରିଟର୍ନ ପ୍ରକ୍ରିୟା ଶେଷ ହୋଇଯାଇଥିବାରୁ ୨୦୧୯-୨୦ରେ ପାନ୍ ସହ ଆଧାର ସଂଯୋଗ ଜରିଆରେ ରିଟର୍ନ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ଆଧାରକୁ ପାନ୍ ସହ ଯୋଡିବା ଲାଗି ସୁପ୍ରିମକୋର୍ଟଙ୍କ ୫ ଜଣିଆ ଖଣ୍ଡପୀଠ ପୂର୍ବରୁ ରାୟ ପ୍ରକାଶ କରିସାରିଛନ୍ତି।

# ପାରାଦୀପ ହେବ...

ଗୋପାଳପୁରରୁ ଦୀଘା ପର୍ଯ୍ୟନ୍ତ ୪୧୫ କି.ମି. ଉପକୂଳ ଜାତୀୟ ରାଜପଥ, ପାରାଦୀପ-ଚଣ୍ଡିଖୋଲ ୬ ଲେନ୍ ବିଶିଷ୍ଟ ରାଜପଥ, ନଦୀ ସଂଯୋଗୀକରଣ ଯୋଜନା ଆଦି ବାବଦରେ କେନ୍ଦ୍ର ସରକାର ଅଢ଼େଇ ଲକ୍ଷ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରିବେ। ଏହା ଦ୍ୱାରା ଆଗାମୀ ୫ ବର୍ଷରେ ୫ ଲକ୍ଷ ନିଯୁକ୍ତି ସୃଷ୍ଟି ହେବ। ଇଣ୍ଡିଆନ୍ ଅଏଲ୍ ସହଭାଗିତାରେ ବୟନଶିଳ୍ପ, ପ୍ଲାଷ୍ଟିକ ପାର୍କ କରାଯିବ। ଓଡ଼ିଆ ପୁଅ ଆଉ ଚାକିରି ପାଇଁ କାହା ପାଖରେ ହାତ ପତାଇବ ନାହିଁ। ଏଥିସହ ଜଳପଥ ଉନ୍ନତୀକରଣ ବାବଦରେ ଖସଡ଼ା (ଡିପିଆର) କରାଯାଇଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଲେ ଯେ, କେନ୍ଦ୍ର ସରକାର ସାଗରମାଳା ପ୍ରକଳ୍ପ ଓ ପେଟ୍ରୋଲିୟମ୍ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି କରିଛନ୍ତି। କିନ୍ତୁ ରାଜ୍ୟ ସରକାର ବିକାଶରେ ପ୍ରତିବନ୍ଧକ ସାଜୁଛନ୍ତି। ଯଦି ସତ୍‌ସାହସ ଅଛି ତେବେ ତୁରନ୍ତ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କୁ ସାକ୍ଷାତ କରି ଉପକୂଳ ରାଜପଥ ପାଇଁ ସହଯୋଗ କରନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି। ତୈଳ ବିଶୋଧନାଗାର ଓ ପାରାଦୀପ ବନ୍ଦର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଡ଼କରୀ ୧୩,୪୦୦ କୋଟିର ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ୨ଲକ୍ଷ ୫୦ ହଜାର କୋଟିର ନୂତନ ପ୍ରକଳ୍ପ ଘୋଷଣା କରିଥିଲେ। ଏହି ଅବସରରେ ସେ ୩୧୫୦ କୋଟି ଟଙ୍କାରେ ନିର୍ମିତ ବିଶ୍ୱସ୍ତରୀୟ ପଲିପ୍ରୋପିଲିନ ପ୍ଲାଣ୍ଟ, ୪୩୦.୭୮ କୋଟି ଟଙ୍କାର କଣ୍ଟେନର ଓ କ୍ଲିନ୍ କାର୍ଗୋ ବର୍ଥ, ୬୯୦ କୋଟିର ଆମଦାନୀ ଭିତ୍ତିକ ଏଲ୍‌ପିଜି ଟର୍ମିନାଲ ଉଦ୍‌ଘାଟନ କରିଥିଲେ। ଏଥିସହ ୧୪୩୭.୭୬ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ୬୮୬ ମିଟର ବିଶିଷ୍ଟ ଯାନ୍ତ୍ରୀକରଣ କୋଇଲା ବର୍ଥ, ଅଠରବାଙ୍କୀଠାରେ ୯୪ କୋଟି ଟଙ୍କାର ଫ୍ଲାଏଓଭର, ମହାନଦୀ ମୁହାଣ ଖନନ, ବନ୍ଦର କର୍ମଚାରୀଙ୍କ ପାଇଁ ୩୫୦ଟି ଅତ୍ୟାଧୁନିକ କ୍ୱାର୍ଟର୍ସ, ୧୦୦ ଏକର ଜାଗାରେ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ, କଣ୍ଟେନର ସ୍କାନର ଓ ଏକ୍ସ-ରେ ମେସିନ, ୫୬.୫୪ କୋଟି ଟଙ୍କାର ମନୋଏଥିଲିନ ଗ୍ଲାଇକଲ ୟୁନିଟ୍, ମହିଳା ଓ କିଶୋରୀଙ୍କ ପାଇଁ ଜଗତସିଂହପୁର ଜିଲାର ୬ ସ୍ଥାନରେ ସାନିଟାରୀ ନାପ୍‌କିନ୍ ଭେଣ୍ଡିଂ ମେସିନ ପ୍ରତିଷ୍ଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସଭାମଞ୍ଚରେ ଏୟାରପୋର୍ଟ ଅଥରିଟି, ପାରାଦୀପ ବନ୍ଦର ଓ ଇଣ୍ଡିଆନ ଅଏଲ୍ ମଧ୍ୟରେ ଏକ ନୂତନ ବିମାନବନ୍ଦର ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଦାମୋଦର ରାଉତ, ଇଣ୍ଡିଆନ ଅଏଲ୍ ଅଧ୍ୟକ୍ଷ ସଞ୍ଜିବ ସିଂ, ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ, ପୂର୍ବତଟ ରେଲୱେର ପି.ଏସ୍.ମିଶ୍ର ଉପସ୍ଥିତ ଥିଲେ।

# ଓଡ଼ିଶାରେ ହେବ ୫ ହଜାର ...

ଓ ଜଳମାର୍ଗରେ ପରିବହନ ଆବଶ୍ୟକ। ପ୍ରାୟ ୩ ହଜାର କୋଟି ଟଙ୍କାରେ ତାଳଚେର-କାମାକ୍ଷାନଗର-ଡୁବୁରୀ ଏବଂ ଚଣ୍ଡିଖୋଲ ମଧ୍ୟରେ ୧୩୦ କିଲୋମିଟର ରାଜପଥର ଉନ୍ନତୀକରଣ କରାଯାଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡ଼ିଶାରେ ୫ ହଜାର କୋଟି ଟଙ୍କାର ଜଳମାର୍ଗ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ସହଯୋଗ ଆବଶ୍ୟକ। ଧାମରା ଓ ପାରାଦୀପ ମଧ୍ୟରେ ୨୧୨ କିଲୋମିଟର ଜଳମାର୍ଗ ପାଇଁ ଡିପିଆର ପ୍ରସ୍ତୁତ ସରିଛି। ଏହି ପ୍ରକଳ୍ପ ନିର୍ମାଣ ହେଲେ ୨୦୦ ଲକ୍ଷ ଟନ୍ କାର୍ଗୋ ଜଳମାର୍ଗରେ ପରିବହନ ହୋଇପାରିବ। ବ୍ରାହ୍ମଣୀ ଓ ମହାନଦୀରେ ମଧ୍ୟ ଜଳମାର୍ଗ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉଛି। ପାୱାରଗ୍ରୀଡ ଭଳି ଏଣିକି ଚାଷୀଙ୍କ ସୁବିଧା ପାଇଁ ୱାଟରଗ୍ରୀଡ୍ କରାଯାଉଛି। କେନାଲ ବଦଳରେ ଚାଷ ଜମିକୁ ପାଇପ୍ ଦ୍ୱାରା ଜଳ ଯୋଗାଣ କରାଯିବ। ଓଡ଼ିଶାରେ ନୂଆ ଶିଳ୍ପ ଆସିବ, ବେକାର ଯୁବତୀ ଯୁବକମାନେ ରୋଜଗାରକ୍ଷମ ହେବେ, ଆର୍ଥିକ ମାନଦଣ୍ଡ ବଢ଼ିବ ଏବଂ ରାଜ୍ୟ ସମୃଦ୍ଧ ହେବ, ଏହା ହିଁ ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ ବୋଲି କେନ୍ଦ୍ରମନ୍ତ୍ରୀ ଗଡକରୀ କହିଥିଲେ।

ସମାବେଶରେ ଯୋଗଦେଇ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ, ୩ଟି ଜାତୀୟ ରାଜପଥର ଉନ୍ନତୀକରଣ ନିମନ୍ତେ ଭୂମି ପୂଜନ ଆମ ଅଞ୍ଚଳ ପାଇଁ ଏକ ସୌଭାଗ୍ୟର ଦିନ। ୧୩୦ କିଲୋମିଟର ଏହି ରାଜପଥର ଉନ୍ନତୀକରଣ କରାଯାଉଛି। କେନ୍ଦ୍ର ସରକାରଙ୍କ ପ୍ରଚେଷ୍ଟାରେ ଅନୁଗୋଳ-ସୁକିନ୍ଦା ରେଳପଥ ପ୍ରକଳ୍ପ ମଧ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ବ୍ରାହ୍ମଣୀରେ ଜଳପଥ ହେଲେ ନଦୀରେ ବାରମାସ ଧରି ଜଳ ରହିବ। ଏହାଦ୍ୱାରା ନୂତନ ଅର୍ଥନୀତି ଯୋଡିହେବ। କିନ୍ତୁ ରାଜ୍ୟ ସରକାରଙ୍କ ସହଯୋଗ ମିଳୁନାହିଁ। ତୃତୀୟ ମହଲାର ବାବୁମାନେ ଏହି ରାଜପଥ ଭୂମି ପୂଜନ କାର୍ଯ୍ୟ ପାଇଁ ଗତରାତି ପର୍ଯ୍ୟନ୍ତ ସହଯୋଗ ପ୍ରଦାନ କରି ନ ଥିଲେ। ଚଢ଼େଇଧରାରୁ ଗଁଦିଆ ଦେଇ ଶଙ୍କରପୁର ରାସ୍ତାକୁ ଜାତୀୟ ରାଜପଥ ଭାବେ ଘୋଷଣା କରାଯିବ। ମହିମାଗାଦୀ ଯୋରନ୍ଦାରେ ଓଏନ୍‌ଜିସି ଦ୍ୱାରା ୧୮ କୋଟି ଟଙ୍କା ବ୍ୟୟରେ ଏକ ଜଳପ୍ରକଳ୍ପ ନିର୍ମାଣ ପାଇଁ କେନ୍ଦ୍ର ସରକାର ଅନୁଦାନ ମଞ୍ଜୁର କରିସାରିଛନ୍ତି। କିନ୍ତୁ ରାଜ୍ୟ ସରକାର ଓ ଜିଲାପାଳଙ୍କ ସହଯୋଗ ମିଳୁନାହିଁ। ଏଭଳି ପ୍ରକଳ୍ପକୁ ସହଯୋଗ କରିବାକୁ ସେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ଜିଲାପାଳଙ୍କୁ ଅନୁରୋଧ କରିଥିଲେ।

ସମାବେଶରେ ଯୋଗଦେଇ ରାଜ୍ୟ ସରକାରଙ୍କ ଖଣି, ଇସ୍ପାତ ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲିକ କହିଥିଲେ, ଏହି ରାଜପଥ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ଭିଜନ ଥିଲା, ଯାହା ଆଜି ବାସ୍ତବରୂପ ନେଇଛି। ନିର୍ଦ୍ଧାରିତ ସମୟରେ ସବୁକାର୍ଯ୍ୟ ଠିକ୍‌ରେ ସାରିବା ପାଇଁ ରାଜ୍ୟ ସରକାର ସହଯୋଗ ପ୍ରଦାନ କରିବେ। ଏହି ଅବସରରେ ଓଏନ୍‌ଜିସି ପକ୍ଷରୁ ଢେଙ୍କାନାଳ ସୁନ୍ଦରିଖାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଆଦୃତା ଶିଶୁଗୃହର ବିଭିନ୍ନ ପ୍ରକଳ୍ପ ପାଇଁ କେନ୍ଦ୍ରମନ୍ତ୍ରୀ ଗଡକରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରାଜ୍ୟସଭାର ପୂର୍ବତନ ସଦସ୍ୟ ରୁଦ୍ରନାରାୟଣ ପାଣି କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ଜାତୀୟ ରାଜପଥ ପ୍ରାଧିକରଣ ସଦସ୍ୟ ଏ.ଏନ୍. ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଚ୍‌ପିସିଏଲ୍ ସିଏସ୍‌ଆର ମୁଖ୍ୟ ସୁବାରାଓ ଧନ୍ୟବାଦ ପ୍ରଦାନ କରିଥିଲେ। ଜିଲାପାଳ ନିଖିଲ ପବନ କଲ୍ୟାଣ, ଏସ୍‌ପି ସନ୍ତୋଷ କୁମାର ନାୟକ, ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୋଦ କୁମାର ସାବତ, କାମାକ୍ଷାନଗର ଉପଜିଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ମଙ୍ଗଳ ନକ୍ଷତ୍ରସ୍ଥ ଚନ୍ଦ୍ର ଯୋଗୁ ଆଜକୁ କେତେଦିନ ହେଲା ମନେ ମନେ ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ହୋଇଯିବ। କିନ୍ତୁ ଯାତ୍ରା, ଆଲୋଚନା ତଥା ବ୍ୟବସାୟ ଓ ବାଣିଜ୍ୟ, ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ ଏବଂ ସରକାରୀ ସାହାଯ୍ୟ ପାଇପାରନ୍ତି।

**ବୃଷ**

ଶୁକ୍ର ନକ୍ଷତ୍ରସ୍ଥ କର୍ମାଧିପତି ଅଷ୍ଟମସ୍ଥ ଯୋଗୁ କର୍ମକ୍ଷେତ୍ର ସାଙ୍ଗକୁ ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ଅବଶ୍ୟ ଗତକାଲିଠାରୁ ଯେଉଁ କାମରେ ହାତ ଦେଇଛନ୍ତି ତାହାକୁ ଯେ କୌଣସି ପ୍ରକାରେ କରିବାରେ ସମର୍ଥ ହେବେ। ବାଣିଜ୍ୟ ଓ ବ୍ୟବସାୟ, ପରିବହନ ତଥା ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ**

ଚତୁର୍ଥାଧିପ ବୁଧ ଶତ୍ରୁ ନକ୍ଷତ୍ରସ୍ଥ ଯୋଗୁ ପରକଥାରେ ପାରିବାରିକ ସମସ୍ୟା ସୃଷ୍ଟିର ସୂଚନାକୁ ଏଡ଼ି ହେବନାହିଁ। କାମ କରିବାର ସ୍ପୃହା ଥିଲେ ମଧ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ବନ୍ଧୁଙ୍କ ସହ ଆଲୋଚନାରେ ଦ୍ୱନ୍ଦ୍ୱ ଓ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା କିମ୍ବା କିଛି କରିବା ସକାଶେ ମନ ବଳାଇ କର୍ମମୁଖର ହେବେ।

**କର୍କଟ**

ଶତ୍ରୁଭାବାଧିପତି ବୃହସ୍ପତି ମିତ୍ରଭାବରେ ରହି ନିଜର ପ୍ରିୟଜନଙ୍କ ଦ୍ୱାରା ସମସ୍ୟା ଓ ମନସ୍ତାପ କରିପାରନ୍ତି। କିନ୍ତୁ ପୁଷ୍ୟା ନକ୍ଷତ୍ର ସକାଶେ ପରିସ୍ଥିତି ଯେତିକି ଜଟିଳ ହେଲେ ମଧ୍ୟ କୌଣସି ଅସୁବିଧା ହେବନାହିଁ। ଶିଳ୍ପ, ବ୍ୟବସାୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିପାରନ୍ତି।

**ସିଂହ**

ଷଷ୍ଠାଧିପ ଶନି ପ୍ରଭାବରେ ଆପଣଙ୍କ କଥିତ ଅତୀତ କଥା କୌଣସି ବନ୍ଧୁ କିମ୍ବା ମହିଳାଙ୍କ ମାଧ୍ୟମରେ ସମସ୍ୟା ସୃଷ୍ଟି କରିପାରେ। ଆର୍ଥିକ ଅନଟନ ମଧ୍ୟରେ ଆଜିର ଆବଶ୍ୟକତା ପୂରଣ ପାଇଁ ଅଣନିଃଶ୍ୱାସୀ ହେବେ। କିନ୍ତୁ ଶେଷରେ କିଛି ପାଇବେ। ପ୍ରଶାସନ, ଆଇନ, ଅଦାଲତ ଓ ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା**

ଅଷ୍ଟମାଧିପତି ସ୍ୱଗୃହରେ ରହି ଧନସ୍ଥାନକୁ ଦେଖୁଥିବାରୁ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି କଳହ କିମ୍ବା ସମସ୍ୟାର ସମ୍ମୁଖୀନ ହେବେ। ପରିସ୍ଥିତିବଶତଃ ଯେତିକି ପାଇବେ ତାହାଠାରୁ ଅଧିକ କିଛି ବ୍ୟୟ କରିବାକୁ ବାଧ ହୋଇପାରନ୍ତି। ମାଲି ମକଦ୍ଦମା, ସଭା ସମିତି, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବାର ସୂଚନା ରହିଛି।

**ତୁଳା**

ତୃତୀୟାଧିପ ବୃହସ୍ପତି ଧନ ସ୍ଥାନରେ ବନ୍ଧୁଙ୍କ ମାଧ୍ୟମରେ ଆର୍ଥିକ ଉନ୍ନତି ଘଟାଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଜିନିଷ ପାଇ ମନ ଖୁସୀ ହୋଇଯିବ। ପୂର୍ବ ଶତ୍ରୁତାରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, କ୍ରୀଡ଼ା, ସାହିତ୍ୟ, ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା**

ଭାଗ୍ୟାଧିପ ଚନ୍ଦ୍ର ନିଜ ଭାବରୁ ଅଷ୍ଟମସ୍ଥ ହେତୁ ଆପଣଙ୍କ ପ୍ରଗତି ଅନ୍ୟମାନଙ୍କ ଗାତ୍ରଦାହର କାରଣ ହୋଇପାରେ। ଯାହାକୁ ଅତି ଭଲ ପାଉଛନ୍ତି ତାହାଠାରୁ ପ୍ରତିଦାନ ପାଇବା କଷ୍ଟକର ହୋଇପଡିବ। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସଙ୍ଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ**

କର୍ମାଧିପ ଧନସ୍ଥାନରେ ରହି ଆପଣଙ୍କୁ କର୍ମକ୍ଷେତ୍ରରୁ ସାହାଯ୍ୟ, ସହଯୋଗ ସାଙ୍ଗକୁ ଅର୍ଥପ୍ରାପ୍ତିର ମାର୍ଗକୁ ସୁଗମ କରିପାରନ୍ତି। ଅତି ଅନ୍ତରଙ୍ଗ ବନ୍ଧୁଙ୍କ କଥାରେ ଅସ୍ଥିର ମନ ସ୍ଥିର ହୋଇଯିବ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାର ସୂଚନା ରହିଛି। ପରିବାରରେ ପାରସ୍ପରିକ ବୁଝାମଣା ହେତୁ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ।

**ମକର**

ତୃତୀୟଭାବକୁ ବୃହସ୍ପତି ଅବଲୋକନ କରୁଥିବାରୁ ନିକଟ ସମ୍ପର୍କୀୟଙ୍କ ଅନୁକମ୍ପା ଲାଭକରି କାର୍ଯ୍ୟ ପାଇଁ ପ୍ରସ୍ତୁତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ସାମୟିକ ବିଚଳିତ ରହିପାରନ୍ତି। ବନ୍ଧୁମାନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ରପ୍ତାନି କାରବାର, ଏଜେନ୍ସିରେ ପ୍ରଶଂସିତ ହେବେ।

**କୁମ୍ଭ**

ସ୍ୱଗୃହସ୍ଥ ମଙ୍ଗଳ ପ୍ରଭାବରୁ ଜଣେ ବନ୍ଧୁ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ବିବାଦୀୟ ଘଟଣାରେ ଆଶାଜନକ ଫଳ ପାଇବେ। ବ୍ୟବସାୟ ଓ ପରିବହନରୁ ବହୁତ ଲାଭ ନ ହେଲେ ମଧ୍ୟ ଆବଶ୍ୟକତାରୁ ସାମାନ୍ୟ ଅଧିକ ରହିବ। ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି।

**ମୀନ**

ରାଶ୍ୟାଧିପଙ୍କ ରାଶି ପ୍ରତି ଦୃଷ୍ଟି ସାମଗ୍ରିକ ଦୃଷ୍ଟିକୋଣରୁ ପ୍ରତ୍ୟେକ କାର୍ଯ୍ୟ ସକାଶେ ଅନୁକୂଳ ରହିବ। ବନ୍ଧୁମାନଙ୍କ ନିକଟରୁ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ଶାସ୍ତ୍ରାଲୋଚନା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ମାଘ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ଗୁରୁବାର, ଫେବୃୟାରୀ ୭ ତାରିଖ, ରାଶି ନକ୍ଷତ୍ର, ଦିବା ଘ୧୨।୦୬ ମି. ପରେ ପୂର୍ବଭାଦ୍ରପଦ/କୁମ୍ଭ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିଦ୍ୟାରମ୍ଭ, ଗୃହାରମ୍ଭ ଓ ଗୃହ ପ୍ରବେଶ ପାଇଁ ଶୁଭଦିନ। ଦିବା ଘ୧୦।୩୫ମି. ଗତେ ଘ୧୨।୦୦ମି. ମଧ୍ୟେ, ଘ୧।୨୪ମି. ଗତେ ଘ୨।୫୦ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୪୭ମି. ମଧ୍ୟେ ଘ୧୨।୦୦ମି. ଗତେ, ଘ୧।୨୪ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୫ମି. ଗତେ ଘ୨।୪୯ମି. ମଧ୍ୟେ ରାହୁକାଳ।

# ସିବିଆଇ ସମନ କରିଥିବା ଓଡ଼ିଆ ଅଫିସରଙ୍କୁ ହତ୍ୟା

**ବୋଫର୍ସ ତଦନ୍ତ**

■ ଶବ ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହେଲା

ଭୋପାଳ,୬।୨


ମଧ୍ୟପ୍ରଦେଶ ଜବଲପୁରରେ ଥିବା ବନ୍ଧୁକ କ୍ୟାରେଜ୍ କାରଖାନା (ଜିସିଏଫ୍)ର ଜଣେ ଓଡ଼ିଆ ଅଫିସରଙ୍କ ମୃତଦେହ ଜବତ ହୋଇଛି। ଜୁନିୟର ୱାର୍କ୍ସ ମ୍ୟାନେଜର ସାରଦା ଚରଣ ଖଟୁଆଙ୍କୁ ହତ୍ୟା କରାଯାଇଥିବା ବୁଧବାର ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଛି। ତାଙ୍କ ପାଖରେ ବୋଫୋର୍ସ ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଥିଲା ବୋଲି କୁହାଯାଉଛି। ତାଙ୍କ ମୁଣ୍ଡରେ ଧାରୁଆ ଅସ୍ତ୍ରରେ ଶକ୍ତ ଆଘାତ ଲାଗିଛି। ଏନେଇ ଏକ ହତ୍ୟା ମାମଲା ରୁଜୁ କରାଯିବ ବୋଲି ଜବଲପୁର ଏସ୍‌ପି କହିଛନ୍ତି।

ସିବିଆଇର ସମନ ପରେ ଗତମାସ ୧୭ ତାରିଖରୁ ଖଟୁଆ ନିଖୋଜ ଥିଲେ। ମଙ୍ଗଳବାର ସନ୍ଧ୍ୟାରେ କାରଖାନା ନିକଟ ଏକ ନିଛାଟିଆ ସ୍ଥାନରୁ ତାଙ୍କର ଗଳିତ ମୃତଦେହ ମିଳିଥିଲା। ଶବ ନିକଟରୁ ଏକ ରକ୍ତଲଗା ବ୍ଲେଡ ମଧ୍ୟ ଜବତ ହୋଇଛି। ଜାନୁୟାରୀ ୧୮ରେ ଖଟୁଆଙ୍କ ସ୍ତ୍ରୀ ମୌସୁମୀ ଜବଲପୁରର ଘମାପୁର ଥାନାରେ ସ୍ୱାମୀ ନିଖୋଜ ଥିବା ନେଇ ଏତଲା ଦେଇଥିଲେ।

ବୋଫର୍ସର ଦେଶୀ ସଂସ୍କରଣ ଧନୁଷ୍ କମାଣ ନିର୍ମାଣରେ ଚାଇନା ଯନ୍ତ୍ରାଂଶ ବ୍ୟବହାର କରାଯାଉଥିଲା। ଏ ସମ୍ପର୍କରେ ଜାଣିଥିବା ଖଟୁଆ ସିବିଆଇକୁ ତଦନ୍ତରେ ସହଯୋଗ କରୁଥିବାବେଳେ କେତେକ ଦସ୍ତାବିଜ୍ ଉକ୍ତ ତଦନ୍ତକାରୀ ସଂସ୍ଥାକୁ ଦେବାକୁ ଯାଉଥିଲେ। ଗୁମର ଖୋଲିଯିବା ଭୟରେ ତାଙ୍କୁ ଷଡଯନ୍ତ୍ରକାରୀମାନେ ହତ୍ୟା କରିଥିବା ଖଟୁଆଙ୍କ ଭାଇ ରାଜନ ପୋଲିସକୁ କହିଛନ୍ତି। ଖଟୁଆ ତାଙ୍କ ସ୍ତ୍ରୀଙ୍କୁ ସିବିଆଇର ଇମେଲ୍ ଆଇଡି ଏବଂ ପାସୱାର୍ଡ ଫୋନ କରି ମାଗିଥିବାବେଳେ ଫୋନ ସ୍ୱିଚ୍‌ଅଫ୍ ହୋଇଯାଇଥିଲା ବୋଲି ରାଜନ କହିଛନ୍ତି। ଜିସିଏଫ କର୍ମଚାରୀମାନଙ୍କ ଏକ ପ୍ରତିନିଧି ଦଳ ରାଜ୍ୟ ମନ୍ତ୍ରୀ ଲଖନ ଘଙ୍ଗୋରିଆଙ୍କୁ ଭେଟି ଖଟୁଆଙ୍କ ନିଖୋଜ ଏତଲା ଉପରେ ତଦନ୍ତରେ ଅବହେଳା ପାଇଁ ଦାୟୀ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି।

ସିବିଆଇ ଖଟୁଆଙ୍କୁ ଧନୁଷ୍ ନିର୍ମାଣରେ ଚାଇନା ଯନ୍ତ୍ରାଂଶ ବ୍ୟବହାର ସମ୍ପର୍କରେ ଜେରା କରିବାର ସପ୍ତାହେ ପରେ ସେ ନିଖୋଜ ହୋଇଯାଇଥିଲେ। ତେବେ ଗତ ମଙ୍ଗଳବାର ତାଙ୍କ ସ୍କୁଟି ମିଳିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ବଢ଼ିଥିଲା ଏବଂ ସେମାନେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଖଟୁଆଙ୍କ ମୃତଦେହକୁ ଜବତ କରିଥିଲା। ସେ ଆତ୍ମହତ୍ୟା କରିଥିବା ପ୍ରଥମେ ପୋଲିସ ବିଶ୍ୱାସ କରୁଥିବାବେଳେ ତାଙ୍କ ପରିବାର ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ। ଏହା ପଛରେ ଷଡ଼ଯନ୍ତ୍ର ରହିଥିବା ପରିବାର ପକ୍ଷରୁ କୁହାଯାଇଥିଲା।

ସରକାରଙ୍କ ନୀତି ଅନୁଯାୟୀ ଭାରତୀୟ ପ୍ରତିରକ୍ଷା ସାମଗ୍ରୀରେ ଚାଇନା ଯନ୍ତ୍ରାଂଶ ବ୍ୟବହାର କରାଯାଇପାରିବ ନାହିଁ। ତେବେ ଯୋଗାଣକାରୀ ସଂସ୍ଥା ଜିସିଏଫ୍‌ର ଅଧିକାରୀମାନଙ୍କ ସହ ସଲାସୁତୁରା କରି ୧୫୫ଏମ୍‌ଏମ୍ କମାଣ ନିର୍ମାଣ ଲାଗି ନିମ୍ନମାନର ଚାଇନା ବେରିଂ ଯୋଗାଉଥିଲା ବୋଲି ସିବିଆଇ ଏହାର ଏତଲାରେ ଅଭିଯୋଗ କରିଛି। ଏହି ବେରିଂ ଜର୍ମାନ୍ କମ୍ପାନୀଠାରୁ କିଣାଯାଇଥିବା ଯୋଗାଣକାରୀ ଦିଲ୍ଲୀ କମ୍ପାନୀ ସାର୍ଟିଫିକେଟ ସହ ଦର୍ଶାଇଛି। ଚାଇନା ଯନ୍ତ୍ରାଂଶ ହୋଇଥିଲେ ଏଥିପାଇଁ ଜର୍ମାନ୍ କମ୍ପାନୀ ଦାୟୀ ହେବା ଆବଶ୍ୟକ ବୋଲି ଜିସିଏଫ୍ ଅଧିକାରୀ ଯୁକ୍ତି ଦର୍ଶାଇଛନ୍ତି। ତେବେ ସିବିଆଇର ଅଭିଯୋଗ ହେଲା ଉକ୍ତ ଯନ୍ତ୍ରାଂଶ ଜର୍ମାନ୍ କମ୍ପାନୀ ପ୍ରସ୍ତୁତ କରିନାହିଁ। ଦିଲ୍ଲୀ କମ୍ପାନୀ ଚାଇନାର ହେନାନସ୍ଥିତ ସିନୋ ୟୁନାଇଟେଡ ଇଣ୍ଡଷ୍ଟ୍ରିଜ୍ (ଲୁୟାଙ୍ଗ) ଲିଃରୁ ଏହାକୁ କିଣିଥିଲା। ଦିଲ୍ଲୀ ଓ ଚାଇନା କମ୍ପାନୀ ମଧ୍ୟରେ ହୋଇଥିବା ଇମେଲ୍‌କୁ ମଧ୍ୟ ସିବିଆଇ ସିଜ୍ କରିଛି।







# ଚାଷୀ ପ୍ରସଙ୍ଗରେ ବିରୋଧୀଙ୍କ ଆକ୍ରମଣ

**ବିଧାନସଭା ହୁଲ୍‌ସ୍ଥୁଲ, ବାରମ୍ବାର ଗୃହ ମୁଲତବୀ**

ଭୁବନେଶ୍ୱର,୬।୨(ବ୍ୟୁରୋ)

ଚାଷୀ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ବୁଧବାର ବିଧାନସଭାକୁ ଉଠାପକା କରିଛନ୍ତି। ଚାଷୀମାନଙ୍କୁ ଧାନର ଉଚିତ ମୂଲ୍ୟ ମିଳୁ ନ ଥିବାବେଳେ ମଣ୍ଡିରେ ହେଉଥିବା ଅବ୍ୟବସ୍ଥାକୁ ନେଇ ସରକାରଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛନ୍ତି। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବନ୍ଦ କରି ପ୍ରଥମେ ଚାଷୀ ପ୍ରସଙ୍ଗ ଆଲୋଚନା କରାଯିବା ଦାବିରେ ଉଭୟ ଭାଜପା ଓ କଂଗ୍ରେସ ଗୋଟିଏ ସ୍ୱରରେ କହିଥିଲେ। ଶାସକ ବିଜେଡି ମଧ୍ୟ ରାଜ୍ୟ ପାଇଁ ସ୍ୱତନ୍ତ୍ର ପାହ୍ୟା ଦାବିରେ ବିଧାନସଭାରେ ହୋ ହଲ୍ଲା କରିଥିଲା। ପ୍ରବଳ ହଟ୍ଟଗୋଳ ଯୋଗୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହୋଇପାରି ନ ଥିଲା। ବାଚସ୍ପତି ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୫ଟା ୩୦ ପର୍ଯ୍ୟନ୍ତ ମୁଲତବୀ କରିବାକୁ ବାଧ୍ୟ ହୋଇଥିଲେ।

ପୂର୍ବାହ୍ନ ୧୦ଟା ୩୦ମିନିଟରେ ସଭାକାର୍ଯ୍ୟ ଚଳାଇବା ପାଇଁ ବାଚସ୍ପତି ପ୍ରଦୀପ ଅମାତ ଗୃହକୁ ପ୍ରବେଶ କରିଥିଲେ। ବିଧାନସଭାର ପୂର୍ବତନ ସଦସ୍ୟ ସ୍ୱର୍ଗତ ପ୍ରିୟନାଥ ଦେ ଏବଂ ଗଞ୍ଜାମ ଜିଲା ଆସିକା ଲୋକ ସଭା ସଦସ୍ୟ ଲଡୁ କିଶୋର ସ୍ୱାଇଁଙ୍କ ବିୟୋଗରେ ବିଧାନସଭାରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିବଂଗତ ସଦସ୍ୟଙ୍କ ବିୟୋଗରେ ବିଧାନସଭାରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଶୋକ ପ୍ରସ୍ତାବ ପରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଗୃହ ମଧ୍ୟ ଭାଗକୁ ମାଡି ଆସିଥିଲେ। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି, ପ୍ରଫୁଲ୍ଲ ମାଝି, ଚନ୍ଦ୍ରଶେଖର ମାଝି, ଅଂଶୁମାନ ମହାନ୍ତି, ପ୍ରକାଶ ବେହେରା, ଦେବେନ୍ଦ୍ର ଶର୍ମା ଓ ଚୀରଞ୍ଜୀବ ବିଶ୍ୱାଳ ପ୍ରମୁଖ ଗୃହ ମଧ୍ୟଭାଗକୁ ଆସି ଚାଷୀ ପ୍ରସଙ୍ଗ ଉଠାଇଥିଲେ। ଭାଜପା ସଦସ୍ୟ ପ୍ରଦୀପ ପୁରୋହିତ, ରବି ନାଏକ, ରାଧାରାଣୀ ପଣ୍ଡା, ବିଭୂତି ଭୂଷଣ ହରିଚନ୍ଦନ, ଗୋବିନ୍ଦ ଦାସ ଓ ନୀତୀଶ ଗଙ୍ଗଦେବ ପ୍ରମୁଖ ଗୃହ ମଧ୍ୟଭାଗକୁ ଆସି କଂଗ୍ରେସ ସହ ତାଳ ମିଳାଇଥିଲେ। ସରକାର ବିରୋଧୀ ନାରାବାଜିରେ ବିଧାନସଭା ପ୍ରକମ୍ପିତ ହୋଇଥିଲା। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ପ୍ରଶୋତ୍ତର କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ଉଦ୍ୟମ କରିଥିଲେ। ପ୍ରଥମ ପ୍ରଶ୍ନ ଥିଲା ବିଜେଡି ସଭ୍ୟ ରାସେଶ୍ୱରୀ ପାଣିଗ୍ରାହୀଙ୍କର। ସେ ପଚାରିଥିଲେ ଚଳିତ ଖରିଫ ଧାନ ସଂଗ୍ରହରେ ରାଜ୍ୟ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ନେଇଥିଲେ। ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ ଉତ୍ତର ପଢିବାକୁ ବାଚସ୍ପତି ଡାକିଥିଲେ। ଏହି ସମୟରେ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଚେଷ୍ଟା କରିଥିଲେ। ପ୍ରବଳ ହଟ୍ଟଗୋଳକୁ ଦେଖି ବାଚସ୍ପତି ଗୃହକୁ ୧ ଘଣ୍ଟା ପାଇଁ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୪୦ ମିନିଟରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ତାରା ପଏଣ୍ଟ ଅଫ ଅର୍ଡର ମାଗି କିଛି କହିବାକୁ ବାଚସ୍ପତିଙ୍କୁ ଅନୁମତି ମାଗିଥିଲେ। ବାଚସ୍ପତି ତାଙ୍କୁ କହିବାକୁ ସୁଯୋଗ ଦେଇଥିଲେ। ସେ କହିଥିଲେ ଯେ, ଏ ରାଜ୍ୟ ଚାଷୀଙ୍କର। ୬ ତାରିଖରେ ଚାଷୀମାନେ ଅର୍ଥନୈତିକ ଅବରୋଧ କରିବାକୁ ଡାକରା ଦିଆଯାଇଥିଲା। ଚାଷୀମାନେ ଆନ୍ଦୋଳନ କରିବାକୁ ଆସୁଥିବା ବେଳେ ପୋଲିସ ସେମାନଙ୍କୁ ଜୋର ଜବରଦସ୍ତ ଅଧା ବାଟରୁ ଉଠାଇ ନେଲା। ଚାଷୀମାନଙ୍କୁ ନିଜର ଦାବି ପାଇଁ ଆନ୍ଦୋଳନ କରିବାକୁ ମଧ୍ୟ ସୁଯୋଗ ଦିଆଯାଉ ନାହିଁ। ବାଚସ୍ପତି କହିଲେ, ଚାଷୀଙ୍କ ସମ୍ପର୍କରେ ମୁଲତବୀ ପ୍ରସ୍ତାବ ଅଛି, ସେ ବିଷୟରେ ଆଲୋଚନା ହେବ। ଗୃହ କାର୍ଯ୍ୟରେ ସହଯୋଗ କରନ୍ତୁ ବୋଲି ବିରୋଧୀ ଦଳ ସଦସ୍ୟଙ୍କୁ ଅନୁରୋଧ କରିଥିଲେ।

PUBLIC NOTICE



Kaya Blenders and Distillers Limited want to inform Public that employee **Mr Smruti Ranjan Rath** s/o Dr. Pravat Kumar Rath, r/o Plot No. 11, Bapuji Nagar, Bhubaneswar, Odisha has been terminated from the company due to his wrong doings .He claims to be National sales head of the company and same he has uploaded on his social media accounts. Public is hereby informed that he mislead people by saying that he is an Investor and Partner in the company and claims himself as a director on other real estate companies and mislead people. KBDL has no association with him nor he is authorised to talk to any investor on behalf of KBDL . Company is initiating other proceedings also against him. If anyone deals with him then Kaya Blenders and Distillers Limited will not be responsible.




# ସୁଜାତା ମହାପାତ୍ରଙ୍କୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

ଭୁବନେଶ୍ୱର,୬।୨(ବ୍ୟୁରୋ)

୨୦୧୭ ମସିହା ପାଇଁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଛନ୍ତି ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର। ବୁଧବାର ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସୁଜାତା ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହାସହ ଛଉନୃତ୍ୟ ପାଇଁ ଓଡ଼ିଶାର ଜନ୍ମେଜୟ ସାଇବାବୁ ଏହି ସମ୍ମାନଜନକ ପୁରସ୍କାର ପାଇଛନ୍ତି। ସମଗ୍ର ଦେଶରୁ ମୋଟ ୪୨ଜଣ କଳାକାର ରାଷ୍ଟ୍ରପତିଙ୍କଠାରୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଗ୍ରହଣ କରିଛନ୍ତି। ସଙ୍ଗୀତ, ନୃତ୍ୟ, ମଞ୍ଚ ନାଟକ, ପାରମ୍ପରିକ ଲୋକକଳା, ଲୋକନୃତ୍ୟ, ଆଦିବାସୀ ସଙ୍ଗୀତ ଓ ନୃତ୍ୟ ଆଦି କ୍ଷେତ୍ରରୁ ପ୍ରତିଭାବାନ୍ କଳାକାରମାନେ ୨୦୧୭ ମସିହା ପାଇଁ ଏହି ପୁରସ୍କାର ପାଇଛନ୍ତି। ସଙ୍ଗୀତ କ୍ଷେତ୍ରରେ ରାଜେନ୍ଦ୍ର ପ୍ରସନ୍ନ, ଲଳିତ ଜେ. ରାଓ, ଯୋଗେଶ ସାମ୍‌ସୀ, ଏମ୍.ଏସ୍. ଶୀଲା, ସୁମା ସୁଧୀନ୍ଦ୍ର, ତିରୁଭରୁର ବୈଦ୍ୟନାଥନ୍, ଶଶାଙ୍କ ସୁବ୍ରମଣ୍ୟନ୍, ହେମନ୍ତୀ ଶୁକ୍ଳା ଓ ଗୁରନାମ ସିଂଙ୍କୁ ସମ୍ମାନିତ କରାଯାଇଛି। ନୃତ୍ୟ କ୍ଷେତ୍ରରେ ରାମ ବୈଦ୍ୟନାଥନ୍, ଶୋଭା କୋଶର, ମାଦମ୍ପୀ ସୁବ୍ରମଣ୍ୟନ୍ ନମ୍ବୁଦିରୀ, ଦୀପିକା ରେଡ୍ଡୀ, ରାମକୃଷ୍ଣ ତାଲୁକ୍‌ଦାର, ଅସିତ୍ ଦେଶାଇ ପ୍ରମୁଖ ସମ୍ମାନିତ ହୋଇଛନ୍ତି।



ଜନ୍ମେଜୟ ସାଇବାବୁ ଓ ସୁଜାତା ମହାପାତ୍ରଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସମ୍ମାନିତ କରୁଛନ୍ତି।

**ଛଉନୃତ୍ୟ ପାଇଁ ପାଇଲେ ଜନ୍ମେଜୟ ସାଇବାବୁ**

ରାଜ୍ୟ ତଥା ଦେଶ ବାହାରର ବହୁ ଛାତ୍ରୀଛାତ୍ରଙ୍କୁ ଓଡ଼ିଶୀ ନୃତ୍ୟ ଶିକ୍ଷା ପ୍ରଦାନ ସହ ଓଡ଼ିଶୀରେ ଅଧିକରୁ ଅଧିକ ଗବେଷଣା କରିବା ଓ ଏହି କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସୁଜାତାଙ୍କୁ ଏକାଡେମୀ ସମ୍ମାନ ମିଳିଛି। ଗୁରୁ କେଳୁଚରଣ ମହାପାତ୍ରଙ୍କ ଶିଷ୍ୟା ଭାବେ ଗୁରୁଜୀଙ୍କ ନୃତ୍ୟ ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେହିଭଳି ମୟୂରଭଞ୍ଜ ଜିଲାର ଜନ୍ମେଜୟ ଛଉନୃତ୍ୟକୁ ସୁଦୂରପ୍ରସାରୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

# ବିଜେଡିରେ ସାମିଲ ହେଲେ ଯୋଗେଶ

■ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ

■ ଜିଲାର ୭ ଆସନରେ ବିଜେଡି ଜିତିବ: ଯୋଗେଶ



ବିଜେଡିରେ ସାମିଲ ପରେ ମୁଖ୍ୟମନ୍ତ୍ରୀଙ୍କ ସହ ଯୋଗେଶ।

**ଭୁବନେଶ୍ୱର,୬।୨(ବ୍ୟୁରୋ):** ପୂର୍ବତନ କଂଗ୍ରେସ ବିଧାୟକ ଯୋଗେଶ ସିଂ ଏବଂ ତାଙ୍କର ଶତାଧିକ ସମର୍ଥକ ବୁଧବାର ବିଜେଡିରେ ସାମିଲ ହୋଇଛନ୍ତି। ଏଥିପାଇଁ ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା ମିଶ୍ରଣ ପର୍ବ। ଯୋଗେଶଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ବ୍ଲକ ଉପାଧ୍ୟକ୍ଷ, ଏକାଧିକ ସରପଞ୍ଚ, ସମିତି ସଭ୍ୟ, ବ୍ଲକ କଂଗ୍ରେସ ସଭାପତି, ପୂର୍ବତନ ସରପଞ୍ଚଙ୍କ ସମେତ ବହୁ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଯୋଗେଶ ୨୦୧୪ରେ କଂଗ୍ରେସ ପ୍ରାର୍ଥୀଭାବେ ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ। କିଛିଦିନ ତଳେ ସେ ଦଳ ଓ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୋଗେଶ ଜଣେ ଭଲ ସଂଗଠକ। ସେ ତାଙ୍କୁ ସ୍ୱାଗତ କରୁଛନ୍ତି। ଯୋଗେଶଙ୍କ ସହ ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ଏହା ଫଳରେ ସୁନ୍ଦରଗଡ଼ ଜିଲାରେ ବିଜେଡି ଆହୁରି ସୁଦୃଢ଼ ହୋଇପାରିବ। ଯୋଗେଶ କହିଥିଲେ ଯେ, ସେ ବିଜେଡିରେ ଯୋଗଦେଇ ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିବାକୁ ଚାହାନ୍ତି। ସୁନ୍ଦରଗଡ଼ ଜିଲାର ବିକାଶ ତାଙ୍କର ଏକମାତ୍ର କର୍ତ୍ତବ୍ୟ। ଆଗାମୀ ସାଧାରଣ ନିର୍ବାଚନରେ ସୁନ୍ଦରଗଡ଼ ଜିଲାର ୭ଟିଯାକ ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ହିଁ ଜିତିବେ ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ମିଶ୍ରଣ ପର୍ବରେ ସୁନ୍ଦରଗଡ଼ ବିଜେଡି ଜିଲା ସଭାପତି ମଙ୍ଗଳା କିଷାନ, ବିଧାୟକ ସୁବ୍ରତ ତରାଇ, ନେତ୍ରୀ କୁସୁମ ଟେଟେ, ସୁନ୍ଦରଗଡ଼ ଜିଲା ପର୍ଯ୍ୟବେକ୍ଷକ ପ୍ରଶାନ୍ତ ନନ୍ଦ, ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା, ରାଜ୍ୟ ସମ୍ପାଦକ ଅସିତ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଯୋଗେଶ ମିଶ୍ରଣ ନେଇ ଅସନ୍ତୁଷ୍ଟ ପ୍ରକାଶ କରିଥିବା କୁସୁମ ଟେଟେଙ୍କୁ ଥଇଥାନ କରାଯାଇଛି। ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭାବେ ନିଯୁକ୍ତି କରାଯାଇଛି। ଏନେଇ ରାଜ୍ୟ ଯୋଜନା ଏବଂ ସଂଯୋଜନ ବିଭାଗ ପକ୍ଷରୁ ଚଳିତ ମାସ ୪ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।



ଧରିତ୍ରୀ
DHARITRI
ଗୁରୁବାର, ୭ ଫେବୃୟାରୀ, ୨୦୧୯

ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। –ଶ୍ରୀଅରବିନ୍ଦ



# ଭିଗନ୍‌ଙ୍କ ପାଇଁ ବ୍ୟବସାୟ ସୁଯୋଗ



## ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

ଭିଗନ୍ (ଶୁଦ୍ଧ ନିରାମିଷାଶୀ, ଯେଉଁମାନେ ଆମିଷ, କ୍ଷୀର, ମହୁ ପ୍ରଭୃତି ଖାଆନ୍ତି ନାହିଁ କିମ୍ବା କୌଣସି ପ୍ରକାର ପ୍ରାଣିଜ ଦ୍ରବ୍ୟ ବ୍ୟବହାର କରନ୍ତି ନାହିଁ)ଙ୍କ ପାଇଁ ବ୍ୟବସାୟ ସୁଯୋଗ ସମ୍ପର୍କରେ ଏହା ମୋର ତୃତୀୟ ନିବନ୍ଧ। ପ୍ରଥମ ଦୁଇଟି ଥିଲା କିପରି ଭିଗନ୍ ସାମଗ୍ରୀର ଉତ୍ପାଦନ, ବିପଣନ କରାଯିବ ଓ ସେବା ଯୋଗଯିବ, ତା' ଉପରେ ପର୍ଯ୍ୟବସିତ। ଏ ନିବନ୍ଧଟି ମୁଁ ଭିଗନ୍ ହୋଟେଲ ଓ ରିଟ୍ରିଟ୍ (ଏକାନ୍ତ ବାସ ପାଇଁ ଉପଯୁକ୍ତ ସ୍ଥାନ) ଉପରେ ଲେଖୁଛି।

ବେଡ୍ ଆଣ୍ଡ ବ୍ରୋକୋଲି (ହୋଟେଲ)– www.bedandbroccoli.com.au ହେଉଛି ଅଷ୍ଟ୍ରେଲିଆର ଭିଗନ୍ ବେଡ୍ ଆଣ୍ଡ ବ୍ରେକ୍‌ଫାଷ୍ଟ (ଏକ ପ୍ରକାର ହୋଟେଲ ଯେଉଁଠି ରାତିରେ ରହିବା ଓ ସକାଳେ ଜଳଖିଆ ଖାଇବାର ବ୍ୟବସ୍ଥା ଥାଏ)। ଏହା ଶୁଦ୍ଧ ନିରାମିଷ ଖାଦ୍ୟ, ସସ୍, ଜାମ୍, ଚଟଣି, ସାବୁନ, ଭିଗନ୍ ସଫାକରା ସାମଗ୍ରୀ ପ୍ରଭୃତି ଯୋଗେଇଥାଏ ଏବଂ ପ୍ରାଣୀମାନଙ୍କ ହିତାର୍ଥେ କାମ କରନ୍ତି। ତା'ଛଡ଼ା ସେମାନେ ପରିତ୍ୟକ୍ତ ପ୍ରାଣୀମାନଙ୍କୁ ଉଦ୍ଧାର କରନ୍ତି। ପ୍ରତ୍ୟେକ ଗ୍ରାହକ ସେଠାରେ ମେଳାପି କୁକୁର ଓ ବିରାଡ଼ିମାନଙ୍କ ସଙ୍ଗଲାଭ କରିବାର ଅନୁଭୂତି ପାଇପାରିବେ। ଏହାର ମାଲିକଙ୍କ କହିବା ଅନୁସାରେ, ସେ ନିଜେ ଜଣେ ଭିଗନ୍। ସେ ଯୁଆଡ଼େ ଯାଆନ୍ତି, କେଉଁଠି ବି ଭିଗନ୍‌ଙ୍କ ଉପଯୋଗୀ ରହିବା ଓ ଖାଇବାର ସୁବିଧା ପାଆନ୍ତି ନାହିଁ। ତେଣୁ ସେ ବ୍ୟବସାୟ ଉଦ୍ଦେଶ୍ୟରେ ଏହି ବେଡ୍ ଆଣ୍ଡ ବ୍ରୋକୋଲି ଆରମ୍ଭ କରିଛନ୍ତି।

ସାରା ପୃଥିବୀରେ ଏପରି ହଜାର ହଜାର ଛୋଟ ହୋଟେଲ ଅଛି। ନିରାମିଷାଶୀ ହୋଟେଲଗୁଡ଼ିକ ପାଇଁ ଗୋଟିଏ ୱେବ୍‌ସାଇଟ ଅଛି, ଯାହାକୁ ଦୁଇଜଣ ଜର୍ମାନ୍ ବ୍ୟକ୍ତି ଆରମ୍ଭ କରିଥିଲେ। ମୁଁ ଏବେ ଗୁଗ୍‌ଲରେ ଭିଗନ୍ ହୋଟେଲ ବୋଲି ସର୍ଚ୍ଚ ମାରିବାରୁ ୧୨.୪୦ କୋଟି ଫଳାଫଳ ପାଇଲି। ସବା ଉପରେ ଥିଲା veganhotels.com ଏବଂ ଏଥିରେ ଖୁବ୍ ସୁନ୍ଦର ସୁନ୍ଦର ସ୍ଥାନର ବିଜ୍ଞାପନ ଦିଆଯାଇଛି। ଭାରତ ମହାସାଗର, ମାଳଦ୍ୱୀପ ପ୍ରଭୃତି ସମେତ ଏପରି ସ୍ଥାନର ବିଜ୍ଞାପନ ଅଛି, ଆପଣ ଭାବିବେ ସେଠାରେ ଆମିଷ ଛଡ଼ା ଅନ୍ୟ କିଛି ଖାଦ୍ୟ ମିଳୁ ନ ଥିବ। କିନ୍ତୁ ସେଠି ଏପରି ସବୁ ରୁଚିକର ଭିଗନ୍ ଖାଦ୍ୟ ମିଳୁଛି, ଯାହା ମାଂସାଶୀମାନଙ୍କ ଖାଦ୍ୟାଭ୍ୟାସ ବଦଳାଇଦେଇ ପାରିବ। ଯଦି ଆପଣ ଭାରତରେ ଏପରି ହୋଟେଲ ଆରମ୍ଭ କରନ୍ତି, ତେବେ ନିଶ୍ଚୟ ଏହି ସାଇଟ୍‌ରେ ନିଜ ନାମ ପଞ୍ଜୀକରଣ କରିବେ। ଆପଣ ମଧ୍ୟ ଭିଗନ୍ ନେଚର ରିଟ୍ରିଟ୍ ଆରମ୍ଭ କରିପାରିବେ, ଯେଉଁଥିରେ ସ୍ୱାସ୍ଥ୍ୟକର ଭିଗନ୍ ଖାଦ୍ୟ ଆଦି ଯୋଗାଇବା ସହିତ କର୍ମଶାଳା, ଧ୍ୟାନ, ଫିଟ୍‌ନେସ କେନ୍ଦ୍ର, ସ୍ପା ଓ ଚାଲିବାର ବନ୍ଦୋବସ୍ତ କରିପାରିବେ। ଆପଣ ସେଠାରେ ତେଲ ଓ ଅନ୍ୟ ଉତ୍ପାଦ ବିକ୍ରି କରିପାରିବେ, ଯାହା ପ୍ରାଣୀଙ୍କଠାରେ ପରୀକ୍ଷା କରାଯାଇ ନ ଥିବ। କିନ୍ତୁ ଆପଣ ସେଠାରେ କ୍ଷୀର ବା କୌଣସି ପ୍ରକାର କ୍ଷୀର ଜାତୀୟ ଖାଦ୍ୟ ବିକ୍ରି କରିବେ ନାହିଁ, କାରଣ ତାହା ଭିଗନ୍ ନୁହେଁ। ଆପଣ ମଧ୍ୟ ଉକ୍ତ ରିଟ୍ରିଟ୍‌କୁ ସୌରଶକ୍ତିରେ ଚଳାଇବାର ବ୍ୟବସ୍ଥା କରିପାରିବେ।

ଆପଣ ଯଦି ଭିଗନ୍ ହୋଇଥାନ୍ତି, ତେବେ ଆପଣ ନିଜ ରହିବା ଘରକୁ ଭିଗନ୍ ଯାତ୍ରୀଙ୍କ ରହିବା ପାଇଁ ଦେଇପାରିବେ। ଟଙ୍କା ଉପାର୍ଜନର ଆଉ ଗୋଟିଏ ବାଟ ହେଲା, ଗ୍ରୀଷ୍ମ ଓ ଶୀତ ଛୁଟିରେ ପିଲାମାନଙ୍କ ପାଇଁ ଭିଗନ୍ କ୍ୟାମ୍ପର ବ୍ୟବସ୍ଥା କରିବା। କାର୍ଯ୍ୟକ୍ରମର ତାଲିକା ଅନୁଯାୟୀ ଏହି କ୍ୟାମ୍ପ ଦୁଇଦିନ ବା ଦୁଇସପ୍ତାହ ପାଇଁ କରାଯାଇପାରେ। ପର୍ବତାରୋହଣ, ପାହାଡ଼ିଆ ରାସ୍ତାରେ ଓ ସହରରେ ପଦଯାତ୍ରା ଆଦି କାର୍ଯ୍ୟକ୍ରମ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରେ। ଏସବୁ କାର୍ଯ୍ୟକ୍ରମ ଓ ଶୁଦ୍ଧ ନିରାମିଷ ଖାଦ୍ୟ ଗ୍ରହଣ ଛଡ଼ା ଭିଗନ୍ ପିଲାମାନେ ପରସ୍ପର ସହ ପରିଚିତ ହୋଇପାରିବେ ଏବଂ ସଚେତନ ଜୀବନଚଳନ ସମ୍ବନ୍ଧରେ ଶିକ୍ଷାଲାଭ କରିପାରିବେ। ଫିଲ୍ମ ଜରିଆରେ ସ୍ୱାସ୍ଥ୍ୟକର ଖାଦ୍ୟ ସମ୍ବନ୍ଧରେ ପିଲାମାନଙ୍କୁ ଶିକ୍ଷା ଦିଆଯାଇପାରିବ। ଏପରି କାର୍ଯ୍ୟକ୍ରମ କିପରି ପରିଚାଳନା କରିବେ ସେ ସମ୍ବନ୍ଧରେ ଜାଣିବା ପାଇଁ kidsmakeadifference.org ଓ vegancamp.org ୱେବ୍‌ସାଇଟ ଦୁଇଟିର ସାହାଯ୍ୟ ନେଇପାରନ୍ତି। ବିଦେଶରେ ଏପରି କ୍ୟାମ୍ପ ଶହ ଶହ ପିଲାଙ୍କୁ ଭିଗନ୍‌ରେ ପରିଣତ କରିପାରିଛି।

ୟୁଥ୍ ଏମ୍ପାୱାର୍ଡ ଆକ୍ସନ କ୍ୟାମ୍ପ – www.yeacamp.org – ହେଉଛି ପୃଥିବୀରେ ପରିବର୍ତ୍ତନ ଆଣିବାକୁ ଚାହୁଁଥିବା ୧୨ରୁ ୧୭ ବର୍ଷୀୟ ତରୁଣମାନଙ୍କର ଏକ ସମର କ୍ୟାମ୍ପ। ଏହି କ୍ୟାମ୍ପରେ ଯୁବ କର୍ମୀମାନଙ୍କୁ ବିଭିନ୍ନ ଜ୍ଞାନ, କୌଶଳ, ଆତ୍ମବିଶ୍ୱାସ ସମ୍ବନ୍ଧରେ ତାଲିମ ଦିଆଯାଏ ଏବଂ ଏଠାରେ କେବଳ ଭିଗନ୍ ଖାଦ୍ୟ ପରଷାଯାଏ। ଯଦିଚ ଏହା ଏକ ଆମେରିକୀୟ ସଂସ୍ଥା, ଭାରତରେ ବି ଏପରି ସଂସ୍ଥା ଖୋଲାଯାଇପାରିବ। ବିଭିନ୍ନ ସାମାଜିକ ମଙ୍ଗଳକାରୀ ସଂସ୍ଥା ଯଥା ଅଣଲାଭକାରୀ ସଂସ୍ଥା, ଡକ୍ୟୁମେଣ୍ଟାରୀ ଫିଲ୍ମ, ପ୍ରାଣୀ ସପକ୍ଷ ଅଭିଯାନ, ପୁସ୍ତକ, ସ୍ୱାସ୍ଥ୍ୟ/କଲ୍ୟାଣ ଓ ଭିଗନ୍ ଉତ୍ପାଦ ପ୍ରଭୃତି ଲାଗି ସେବା ଯୋଗାଣ ନିମନ୍ତେ ଇଭଲୋଟସ୍ ପବ୍ଲିକ୍ ରିଲେଶନ ଏଜେନ୍ସି ଆରମ୍ଭ କରାଯାଇଥିଲା। ସେମାନଙ୍କର ଉଦ୍ଦେଶ୍ୟ ହେଲା ଏକ ଉନ୍ନତ ଓ ଶାନ୍ତିପୂର୍ଣ୍ଣ ବିଶ୍ୱ ଗଠନ ନିମନ୍ତେ ସମଧର୍ମା ସଂସ୍ଥା ଓ ବ୍ୟବସାୟଗୁଡ଼ିକ ଯେପରି ପରସ୍ପର ଭିତରେ ଭାବର ଆଦାନପ୍ରଦାନ କରିବେ ଏବଂ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିବେ।

ଶ୍ୱେତା ଠାକୁର ବାଙ୍ଗାଲୋରରେ ଗ୍ରାଫିଟି କୋଲାବୋରେଟିଭ୍ ନାମରେ ଏକ ଜନସମ୍ପର୍କ କମ୍ପାନୀ ଆରମ୍ଭ କରିଛନ୍ତି। ଏଥିରେ ସଫଳତା ପାଇବା ପରେ ସେ ନିଜେ ଭିଗନ୍ ହେବା ସହ ତାଙ୍କ ସଂସ୍ଥାକୁ ଭିଗନ୍ କମ୍ପାନୀ ଓ ଉତ୍ପାଦଗୁଡ଼ିକର ପ୍ରସାର କାର୍ଯ୍ୟରେ ଲଗାଇଛନ୍ତି। କିଛିମାସ ତଳେ ସେ ମୋତେ ଦେଖାକରିବାକୁ ଆସିଥିଲେ। ଏହାପରେ ମୁଁ ସ୍ଥିର କଲି ଆମ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଜୈବ ମେଳାରେ ଭିଗନ୍ ଦୋକାନ ଖୋଲିବାକୁ। ବର୍ତ୍ତମାନ ୱାଇଲ୍‌ଡରଫେଷ୍ଟ ନାମକ ତାଙ୍କର ଏକ ସ୍ଥାୟୀ ଭିଗନ୍ ମେଳା ଅଛି। ପ୍ରଥମେ ବାଙ୍ଗାଲୋରରେ ସେ ଏହା ଆରମ୍ଭ କରିଥିବା ବେଳେ ବର୍ତ୍ତମାନ ଦିଲ୍ଲୀର ସିଲେକ୍ଟସିଟି ମଲ୍‌ରେ ବି ଏକ ମେଳା ଆରମ୍ଭ କରିଛନ୍ତି, ଯେଉଁଥିରେ ଶହ ଶହ ଭିଗନ୍ ଉତ୍ପାଦ ବିକ୍ରି ହେଉଛି। ତା' ଛଡ଼ା ସେ ବିଭିନ୍ନ ଆନିମଲ ଗ୍ରୁପ୍ ଓ ଡକ୍ୟୁମେଣ୍ଟାରୀ ଫିଲ୍ମ ଫେଷ୍ଟିଭାଲ ପାଇଁ ଜନସମ୍ପର୍କର ଆୟୋଜନ କରନ୍ତି। ମଣିଷ ଦୁଃଖ ପାଏ ସେତେବେଳେ, ଯେତେବେଳେ ସେ ନିଜେ ଯାହା ନୁହେଁ, ତାହା କରେ, ଯେମିତି ଜୈନମାନେ ଜେଲାଟିନ୍ ବିକ୍ରି କରୁଛନ୍ତି।

ଭିଗନ୍ ଏଜ୍ କନ୍‌ସଲ୍‌ଟିଙ୍ଗ୍ – simon@veg-anedgeconsulting.com – ସାରା ବିଶ୍ୱରେ ପରିଚାଳିତ ଏକ ବ୍ୟବସାୟିକ ବିକାଶ ଓ ବିପଣନ ସଂସ୍ଥା, ଯାହା ଭିଗନ୍ ବ୍ୟବସାୟ ଓ ଉଦ୍ୟୋଗଗୁଡ଼ିକ ପାଇଁ କାମ କରୁଛି। ସେମାନେ ବ୍ୟବସାୟିକ ଷ୍ଟ୍ରାଟେଜି ଓ ପ୍ଲାନିଂ, ବ୍ରାଣ୍ଡିଂ ଓ ମାର୍କେଟିଙ୍ଗ୍, ୱେବ୍ ଡେଭ୍‌ଲପ୍‌ମେଣ୍ଟ ଓ ଗ୍ରାଫିକ୍ ଡିଜାଇନ୍ ସେବା ଯୋଗାଉଛନ୍ତି। ସେମାନେ ମଧ୍ୟ ଅନେକ ଭିଗନ୍ ଫେସ୍‌ବୁକ୍ ପେଜ୍: ଭିଗନ୍ ବିଜ୍‌ନେସ୍ ଗାଇଡ୍, ଟରଣ୍ଟୋ ଭିଗନ୍ ଗାଇଡ୍ ପ୍ରଭୃତି ଖୋଲିଛନ୍ତି। ଭିଗନ୍ ହୁଅନ୍ତୁ ଓ ଭିଗନ୍ କୁଶଳୀ ହୁଅନ୍ତୁ। ଭାରତରେ ବି ଏପରି ଆର୍ଥିକ ସେବା ଯୋଗାଣ ସଂସ୍ଥା ଆରମ୍ଭ କରାଯାଇପାରିବ। ଆଉ କିଛି କାମ ଅଛି, ଯେଉଁଥିରେ ଆପଣଙ୍କୁ ଖୁବ୍ ବେଶି ପୁଞ୍ଜି ଖଟାଇବାକୁ ପଡ଼ିବ ନାହିଁ। ଆପଣ ଚାହିଁଲେ ଏକ ଭିଗନ୍ ପ୍ରଫେଶନାଲ୍‌ସ ଫେସ୍‌ବୁକ୍ ଗ୍ରୁପ୍ ଆରମ୍ଭ କରିପାରିବେ। ଭିଗନ୍‌ମାନେ ଶିକ୍ଷା, ସେବା, ସତ୍ ବ୍ୟବସାୟ, ସମ୍ବେଦନା ଓ ଜୀବେ ଦୟା ବା ସର୍ବଜୀବେ ପ୍ରେମ ପାଇଁ ପ୍ରତିବଦ୍ଧ ହୋଇପାରିବେ। ଏହାଠାରୁ ଅଧିକ ଆପଣ କ'ଣ ଚାହାନ୍ତି ?

Email: gandhim@nic.in

# ନିର୍ବାଚନ ଆସିଗଲେ



**ସୌମ୍ୟା ପରିଡ଼ା**

ଆଜି ଅମୁକ ଜାଗାରେ ଶିଳାନ୍ୟାସ, କାଲି ସମୁକ ଜାଗାରେ ଗଛ ବଣ୍ଟା, କମ୍ବଳ ବଣ୍ଟା...ଏମିତି ଅନେକ କଥା। ଏଥିରୁ ଜାଣିବେ ନିର୍ବାଚନ ପାଖେଇ ଆସିଲା। କୁଜି ନେତାଙ୍କଠୁ ଆରମ୍ଭକରି ବଡ଼ ନେତାଙ୍କ ଯାଏ ସମସ୍ତେ ଜାଗିଉଠିଲେ। ଏଇ ତତ୍ପରତା ଯଦି ସବୁବେଳେ ଦେଖାଯାଆନ୍ତା ତା'ହେଲେ ଦେଶ ସୁଧୁରିଯାଆନ୍ତା। ଏବେ ସୋସିଆଲ୍ ମିଡ଼ିଆ ଏସବୁ ଫଟୋରେ ଆଉ ସାଧାରଣ ଭୋଟରଙ୍କ ମୋବାଇଲ୍ ରାଜନିତିଆଙ୍କର ଏସବୁ ମେସେଜ୍‌ରେ ଫୁଲ୍। ଆଗରୁ ଶୋଇଥିବା ଏସବୁ ଲୋକେ ଏବେ ଜାଗି ଉଠିଛନ୍ତି। କିହୋ ବାବୁମାନେ ଏଯାଏ ଶୋଇଥିଲ, ଏବେ ସମୟ ଆସିଗଲା ଘରଘର ବୁଲିବାର! କାହା ଘରେ ପଖାଳ ଖାଇବେ, କାହା ଛୁଆଙ୍କୁ କାଖେଇବେ, କେଉଁ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେବେ, ଏସବୁ ପୂର୍ବ ନିର୍ଦ୍ଧାରିତ। ଖୋଲା ଜିପ୍ କେଉଁଠୁ ଆସିବ, ଏଥିରେ କେତେ ଫୁଲ ଲାଗିବ, ସାର୍–ମ୍ୟାଡାମ୍‌ମାନେ କେଉଁ ଜ୍ୟାକେଟ୍ କି ଶାଢ଼ୀ କେମିତି ପିନ୍ଧିବେ, ଆଉ କେତେ ଡିଗ୍ରୀ ନଇଁକରି କୋଉ ଲୋକଙ୍କୁ ନମସ୍କାର କରିବେ ସେସବୁର ଲିଷ୍ଟ ବି ଆଗରୁ ତିଆର୍। ଅଧିକାଂଶ ନିର୍ବାଚନ ବୈତରଣୀ ପାର ହେଲା ପରେ ଶୋଇପଡ଼ନ୍ତି। ପୁଣି ନିର୍ବାଚନ ପାଖେଇ ଆସିଲେ ଜନତା ଜନାର୍ଦ୍ଦନଙ୍କ କାନ୍ଧରେ–କୋଳରେ ମୁଣ୍ଡ ଥୋଇ ବାପଲୋ, ଧନଲୋ, ମାଆଲୋ କହି ଆସନ ବଞ୍ଚେଇବାକୁ ଚେଷ୍ଟା କରନ୍ତି। ସମସ୍ତେ ଯେ ଏମିତି ତା' ନୁହେଁ। କିଛି ଲୋକ ଏମିତି ବି ଅଛନ୍ତି, ଯେଉଁମାନେ ବର୍ଷତମାମ କାମ କରନ୍ତି। ହେଲେ ନା ନିର୍ବାଚନ ପୂର୍ବରୁ ନା ପରେ ସେମାନେ ଏତେ ଟଙ୍କା ବ୍ୟୟରେ ନିଜର ପତିଆରା ଦେଖାନ୍ତି। କିନ୍ତୁ ସାଧାରଣ ଜନତା ତାଙ୍କୁ ଜାଣନ୍ତି–ବୁଝନ୍ତି ଓ ନିଜ ମତ ସାବ୍ୟସ୍ତ କରି ତାଙ୍କୁ ବାରବାର ଜିତାନ୍ତି। ଆଗରୁ ଲୋକେ ନିଜ ଚିନ୍ତାଧାରାରେ ବେଶ୍ ଦୃଢ଼ ଥିଲେ। ସେମାନେ କାହାକୁ ସମର୍ଥନ କରିବେ, କେଉଁ ଦଳରେ ରହିବେ, କେଉଁ ଚିନ୍ତାଧାରା ନେଇ ନିଜର ନିତିଦିନିଆ ଜୀବନ ଜିଇବେ, ସବୁ ଯେମିତି ସ୍ଥିର ଥିଲା। ହେଲେ ଏବେ ଆମ କଥା, କାମ, ଚିନ୍ତାଧାରା ଅତିଶୀଘ୍ର ବଦଳୁଛି। ଯେମିତି କୌଣସି ଇଲେକ୍‌ଟ୍ରୋନିକ୍ ଜିନିଷ କିଣିବାର କିଛି ଦିନ ପରେ ହିଁ ପୁଣିଥରେ ରିମଡେଲିଙ୍ଗ୍ ହୋଇ ନୂଆ ରୂପରେ ବଜାରକୁ ଆସୁଛି।

ଆମ ଜୀବନର ଅଧିକାଂଶ କଥା ପରୋକ୍ଷ ଭାବରେ ରାଜନୀତି ଦ୍ୱାରା ପ୍ରଭାବିତ। ପିଲା ଜନ୍ମଠୁ ଆରମ୍ଭକରି ଆମ କର୍ମକ୍ଷେତ୍ର, ଏମିତିକି ଆମ ରୋଜଗାରରେ କେତେ ପ୍ରତିଶତ ଆମେ ଟ୍ୟାକ୍ସ ଦେବା, ଏସବୁ ସେଇ ରାଜନୀତିର ପୃଷ୍ଠଭୂମିରେ ହିଁ ଆମ ପାଇଁ ନିର୍ଦ୍ଧାରିତ ହୋଇଥାଏ। ଜନ୍ମମୃତ୍ୟୁ ପଞ୍ଜୀକରଣ ନିୟମକାନୁନ୍ ହେଉ କି ଚାଷୀଙ୍କଠାରୁ ଫସଲ କିଣିବାର ମୂଲ୍ୟ, ରାସ୍ତା ଦୁର୍ଘଟଣା ହେଉ ସରକାରଙ୍କ ପକ୍ଷରୁ କେତେ ସହାୟତା ରାଶି ଦିଆଯିବ, କି ଆମ ରାଜ୍ୟକୁ କେନ୍ଦ୍ରରୁ କେତେ ସହାୟତା ମିଳିବ ସବୁ କଥାର ନିଷ୍ପତ୍ତି ଆସିଥାଏ ରାଜନୀତିର ଚକ୍ରବ୍ୟୂହରୁ। ତଥାପି ଯେତେବେଳେ ରାଜନୀତି କଥା ଆସେ ଆମ ଭିତରୁ ଅଧିକାଂଶ ନାକ ଟେକନ୍ତି। କିନ୍ତୁ ଅନ୍ୟ ରାଜନୀତିଆ ଲୋକ ଯିଏ କିଛି କରନ୍ତି, ତାଙ୍କ ଉପରେ ଆଲୋଚନା, ପର୍ଯ୍ୟାଲୋଚନା କରି ଟିପ୍ପଣୀ ଦେବାକୁ ସହଜ ଭାବନ୍ତି।

ଆଗରୁ ଲୋକ ଦଳକୁ ଭଲ ପାଉଥିଲେ, ଦଳର ଆଦର୍ଶକୁ ସମ୍ମାନ କରୁଥିଲେ। ଲୋକହିତକର ନୂଆ ନୂଆ କଥା ତଥା କାମକୁ ପ୍ରାଧାନ୍ୟ ଦେଉଥିଲେ। ସମାଜସେବାର ମନୋବୃତ୍ତି ନେଇ ସେମାନେ ରାଜନୀତିରେ ମିଶୁଥିଲେ। ହେଲେ ଏବେ ଆଉ ସେ ଅବସ୍ଥା ନାହିଁ। ଆଗ ନିଜର ଫାଇଦା ଦେଖ, ପରେ ଯାଇ ଯାହା। ସବୁରି ମୂଳରେ ଆସନ, କ୍ଷମତା ଓ ଅର୍ଥ ଲୋଭ। ଯେ ପର୍ଯ୍ୟନ୍ତ ଆମ ଦେଶର ରାଜନୀତି ଭ୍ରଷ୍ଟାଚାରମୁକ୍ତ ହୋଇନି, ସେ ଯାଏ ଆମର ଉନ୍ନତି ହେବାର ନାହିଁ। ଯଦି ସବୁ ଜିନିଷର ଟ୍ରାନ୍‌ସପରେନ୍‌ସି ପରଖାଯାଉଛି, ତା'ହେଲେ କର୍ପୋରେଟ୍ ଫଣ୍ଡିଂ ନାଁରେ ବିଭିନ୍ନ ରାଜନୈତିକ ଦଳକୁ ଆର୍ଥିକ ସହାୟତା ଦିଆଯାଉଥିବା କଥା ବି ବିଚାର କରାଯିବା ଉଚିତ। ଜଣେ ମନଇଚ୍ଛା ଦାନ ନାଁରେ ଶହଶହ କୋଟି ଟଙ୍କା ଏମିତି କୌଣସି ରାଜନୈତିକ ଦଳକୁ ଦେଇପାରିବେ ନାହିଁ। ବରଂ ନିର୍ବାଚନ କମିଶନ ସବୁ ରାଶିକୁ ଦଳର ସଫଳତା–ବିଫଳତା ଓ କାମ ଦେଖି ବାଣ୍ଟିବା ଦରକାର, ଯାହାଫଳରେ ରାଜନୈତିକ ଦଳଙ୍କ ଦ୍ୱାରା କର୍ପୋରେଟ୍ ଫଣ୍ଡିଂ ନାଁରେ ଶହଶହ କୋଟି ଟଙ୍କାର ବାଟମାରଣାକୁ ରୋକାଯାଇପାରିବ। ଆଉ ରାଜନୀତିକୁ ଆସିବାକୁ ହେଲେ ଲୋକଙ୍କୁ ଟଙ୍କାବିଡ଼ାର ଆବଶ୍ୟକତା ପଡ଼ିବ ନାହିଁ। ଭଲ ଲୋକେ ବି ଏଥିରେ ବିନା ଦ୍ୱନ୍ଦ୍ୱରେ ସାମିଲ୍ ହୋଇପାରିବେ। ସମାଜସେବୀ, ଖେଳାଳି, କଳାକାର– ଏମାନଙ୍କ ପାଇଁ ରାଜନୀତିରେ କୋଟା ରହିଛି। ସେମାନଙ୍କୁ ବିଭିନ୍ନ ରାଜନୈତିକ ଦଳର ସଭ୍ୟ ଭାବେ ମନୋନୀତ କରାଯାଉଛି। ବାକି ଅନ୍ୟ ସଭ୍ୟମାନଙ୍କ ପାଇଁ ଅନ୍ତତଃ ସ୍ନାତକ ପାସ୍ କରିବା ବାଧ୍ୟତାମୂଳକ ରଖାଯିବା ଉଚିତ। ବିଭିନ୍ନ ରାଜନୈତିକ ଦଳର ସଭ୍ୟମାନଙ୍କୁ ଟ୍ରେନିଂ ନାଁରେ ଭିନ୍ନ ଭିନ୍ନ ରାଜ୍ୟ ତଥା ଦେଶକୁ କେବଳ ବୁଲିବାକୁ ନ ପଠାଇ, ପ୍ରକୃତରେ ସେମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା କରାଯିବା ଉଚିତ, ଯାହାଦ୍ୱାରା ସେମାନେ ବାହାର ଦୁନିଆର ଉନ୍ନୟନମୂଳକ କାର୍ଯ୍ୟଶୈଳୀକୁ ନିଜ ଜାଗାରେ ଲଗାଇପାରିବେ। ନିଜ କୋଠାବାଡ଼ି, ବ୍ୟାଙ୍କ୍ ବାଲାନ୍‌ସ ବଢ଼ଇବା ପୂର୍ବରୁ ଅନ୍ତତଃ ଗାଁ ଦାଣ୍ଡକୁ ସଜାଡ଼ିପାରିବେ। ଏକବିଂଶ ଶତାବ୍ଦୀର ଭାରତରେ ବି ଅପାଠୁଆମାନେ ଯଦି ଆମ ପାଇଁ ନିୟମ ପ୍ରଣୟନ କରିବେ, ଯାଠୁ ବଡ଼ ଲଜ୍ଜାକର ବିଷୟ ଆଉ କିଛି ହୋଇ ନ ପାରେ।

ନିଜ ଜନ୍ମସ୍ଥାନଠୁ ଦୂରରେ ରହି ଅନେକ ଲୋକ ଭୋଟ୍ ଦେବାର ଅଧିକାରରୁ ବଞ୍ଚିତ ହୁଅନ୍ତି। ଯଦି ଦେଶର ଯେକୌଣସି ସ୍ଥାନରେ ରହି ଲୋକଟିଏ ବ୍ୟାଙ୍କ ଖାତା ଖୋଲିପାରୁଛି, ଆଧାର କାର୍ଡ କରି ବ୍ୟବହାର କରିପାରୁଛି, ଟେଲିଭିଜନରେ ନିଜ ଆଞ୍ଚଳିକ ଭାଷାର କାର୍ଯ୍ୟକ୍ରମ ଦେଖିପାରୁଛି, ତା'ହେଲେ ଭୋଟ୍ କାହିଁକି ଦେଇପାରିବନି ? ଡିଜିଟାଲ୍ ଇଣ୍ଡିଆର ସେବେ ସଫଳ ରୂପାୟନ ହେବ, ଯେତେବେଳେ ସମସ୍ତେ ଯେକୌଣସି ସ୍ଥାନରେ ରହିଲେ ବି ନିଜର ମତ ସାବ୍ୟସ୍ତ କରିପାରିବେ।

ମୋ–୯୩୩୮୫୬୬୫୮୭,
saumya.consultant@gmail.com

## ଏଇ ଭାରତରେ

ମନ୍ଦିରକୁ ଦାନକଲେ ପୁଣ୍ୟଫଳ ମିଳେ। ଏହି ଧାରଣା ଭକ୍ତ ତଥା ଜନସାଧାରଣଙ୍କର ରହିଛି। କିନ୍ତୁ ମନ୍ଦିରରୁ ଚୋରି କଲେ ସୌଭାଗ୍ୟ ଓ ସୁଫଳ ମିଳିବ ବୋଲି ବିଶ୍ୱାସ ଥିବା ଘଟଣା ନୂଆ ଲାଗିଲେ ମଧ୍ୟ ସତ୍ୟ। ଉତ୍ତରାଖଣ୍ଡର ଚୁଡିଆଲ୍ ଗାଁରେ ରହିଛି ଏପରି ଏକ ମନ୍ଦିର। ଏହା ମାତା ଚୂଡ଼ାମଣି ଦେବୀଙ୍କର ପ୍ରସିଦ୍ଧ ମନ୍ଦିର। ଏଠାରେ ଶ୍ରଦ୍ଧାଳୁ ଚୋରି କରିବା ପରମ୍ପରା ରହିଛି। ସନ୍ତାନକାମୀ ଦମ୍ପତିମାନେ ମା'ଙ୍କ ପାଖରେ ଥିବା କାଠ ଖେଳନାକୁ ଶ୍ରଦ୍ଧାରେ ଚୋରି କରନ୍ତି। ସନ୍ତାନ ଲାଭ ପରେ ମାନସିକ କରିଥିବା ବ୍ୟକ୍ତି ସେଠାକୁ ଆସି ପୂଜାର୍ଚ୍ଚନା କରିବା ସହିତ କାଠ ଖେଳନାକୁ ଫେରାଇ ଦିଅନ୍ତି। ପ୍ରାଚୀନ କାଳରେ ଜଣେ ରାଜା ଏଠାକୁ ଶିକାର କରିବାକୁ ଆସିଥିଲେ। ମା'ଙ୍କ ଦର୍ଶନ କରି ସନ୍ତାନ ଲାଭ ପାଇଁ ପ୍ରାର୍ଥନା କରିଥିଲେ। ଏହାପରେ ତାଙ୍କର ପୁତ୍ର ସନ୍ତାନ ଜନ୍ମ ହୋଇଥିଲା ବୋଲି ସ୍ଥାନୀୟ ଲୋକମୁଖରୁ ଶୁଣାଯାଏ। ତେବେ ମନ୍ଦିର କିଏ ନିର୍ମାଣ କରିଛନ୍ତି ଏବଂ କେବେ ହୋଇଛି ସେ ସମ୍ପର୍କରେ କୌଣସି ତଥ୍ୟ ଏ ପର୍ଯ୍ୟନ୍ତ ମିଳିନାହିଁ। ପୂର୍ବରୁ ମା'ଙ୍କ ପୂଜା ଜନଜାତି ସମ୍ପ୍ରଦାୟ ଦ୍ୱାରା କରାଯାଉଥିଲା ବୋଲି ଲୋକେ କହନ୍ତି।


## ଚିରନ୍ତନୀ

ମରଣ ପରେ ଅମର ହେବ
 ସେ ଆଶା ନାହିଁ ପୋଷି,
ସେ ଖାଲି ମନଭୁଲାଣି ମିଛ କଥା,
ଅଳ୍ପ ଏହି ଜୀବନ–କାଳ
 ନ ପାରେ ମନ ତୋଷି
କଳ୍ପନାର ସେ ଲାଗି ବାଚାଳତା!
ଶୂନ୍ୟପଥେ ଭାସଇ ନର
 ବଢ଼ାଇ ଦୁଇ ହାତ
ଧରିବା ପାଇଁ ଆକାଶେ ଦେବ–ଧନୁ
ନିମେଷେ ସବୁ ମିଳାଇଯାଏ
 ନ ପାଏ କାହିଁ କାତ,
ଝାଉଁଳିପଡ଼େ କୋମଳତମ ତନୁ!

(ଅମର ଆଶା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଅବହେଳିତ ଶିଶୁ ସାମ୍ରାଜ୍ୟ



**ଡ. ସୁବାସ ଚନ୍ଦ୍ର ପାତ୍ର**

ଯେ ସମ୍ରାଟ, ଯା'ର ସାମ୍ରାଜ୍ୟ ଅଛି, ସେ ପୁଣି ଅବହେଳିତ? କଥାଟା ଅନେକଙ୍କୁ ଅଡୁଆ ଲାଗିପାରେ। କିନ୍ତୁ ତାହାହିଁ ସତ୍ୟ, କାରଣ ସେ ମୁକୁଟବିହୀନ ସମ୍ରାଟ! ଓଡ଼ିଶାର ଜଣେ ପ୍ରଖ୍ୟାତ ଶିକ୍ଷାବିତ୍, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ କ୍ଷୋଭ ପ୍ରକାଶ କରି କହିଲେ ଯେ, ବୋଧହୁଏ ଶିଶୁର ଉଚ୍ଚତା ଓ ଆକାର ଅନୁଯାୟୀ ତାକୁ ଗୁରୁତ୍ୱ ଦିଆଯାଉଛି। ଯେହେତୁ ସେ ଦେଖିବାକୁ ଛୋଟ, ତା'ର ସମସ୍ୟା ମଧ୍ୟ ଛୋଟ ! ଗୁରୁତ୍ୱହୀନ! ତା' ଛଡ଼ା ସେମାନଙ୍କର କୌଣସି ସଂଗଠନ ନାହିଁ କି କେହି ନେତା ନାହାନ୍ତି ଯେ ସେମାନଙ୍କୁ ଧରି ଲୋୟର ପିଏମ୍‌ଜିରେ ଧାରଣା ଦେବେ!

ସରକାରୀ ସ୍ତରରେ ଯାହା କରାଯାଏ ତାହା ଶିଶୁର ବାହ୍ୟ ଜୀବନ ପାଇଁ ଉଦ୍ଦିଷ୍ଟ। ମୁଖ୍ୟତଃ ତାହା ସ୍ୱାସ୍ଥ୍ୟକୈନ୍ଦ୍ରିକ, ଶୋଷଣବିରୋଧୀ, ସୁରକ୍ଷା ପ୍ରଦାନକାରୀ ପଦକ୍ଷେପ। କିନ୍ତୁ ଶିଶୁଟିର ସୁକୁମାର ମନର ଯତ୍ନ କେଉଁ ସରକାର ନିଅନ୍ତି ନାହିଁ ବା ନେଇପାରିବେ ନାହିଁ। ଯେଉଁମାନେ ତା'ର 'ମନର ସେବା' କରିବା କଥା, ସେମାନେ କେତେବେଳେ ପଳାତକ ତ କେତେବେଳେ ଶାସକ। ପ୍ରାଥମିକ ଅବସ୍ଥାରେ ଶିଶୁଟି ଯାହାଙ୍କଠୁ ବେଶି 'ସୁକୁମାର ସେବା' ପାଆନ୍ତା, ସେମାନେ କର୍ମଜୀବୀ ଅବା ସାମାଜିକ ଶିଡ଼ିରେ ଉପରକୁ ଚଢ଼ିବା ପାଇଁ ଭିନ୍ନ ଭିନ୍ନ ଅପକର୍ମରେ ଲିପ୍ତ। 'ଶିଶୁସେବା' ପାଇଁ ସେମାନଙ୍କର ସମୟ ନାହିଁ। ଶିଶୁର ମନ, ସ୍ୱାସ୍ଥ୍ୟ, ଶିକ୍ଷା ପାଇଁ ସେମାନେ ଖଞ୍ଜି ଦିଅନ୍ତି ସେବକ, ସେବିକା, ଯେଉଁମାନେ ବସ୍ତୁତଃ 'ଛୁଆଜଗା', ଆଉ ସାମୟିକ ନିଯୁକ୍ତି ପାଇଥିଲେ ସେମାନଙ୍କର ମୁଖ୍ୟକାମ କାନ୍ଥଘଣ୍ଟା ଉପରେ ନଜର ରଖିବା। ଅନୁଷ୍ଠାନ ସ୍ତରରେ ଯାହାଙ୍କୁ ଶିକ୍ଷାର ଦାୟିତ୍ୱ ଦିଆଯାଏ, ସେମାନେ ଶିଶୁର ମନ ଅପେକ୍ଷା ପରିଚାଳନା କର୍ତ୍ତୃପକ୍ଷଙ୍କ ମନ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। ପାଠ କିପରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସରିବ, ଟାର୍ଗେଟ କିପରି ପୂରଣ ହେବ ତାହାହିଁ ସେମାନଙ୍କ ମୁଖ୍ୟ ଚିନ୍ତା। ସେମାନେ ଶିଶୁମାନଙ୍କୁ ଗୋଟିଏ ଗୋଠ ବୋଲି ଭାବନ୍ତି। ପ୍ରତ୍ୟେକ ଶିଶୁ ଯେ ଅଦ୍ୱିତୀୟ ଏବଂ ସେମାନେ କିଛିଟା ପୃଥକ୍ ଧ୍ୟାନ ଆବଶ୍ୟକ କରନ୍ତି ସେ କଥା ଗୋଷ୍ଠୀ ପାଠପଢ଼ାରେ ନ ଥାଏ।

ଶିଶୁଟିର ଅଦ୍ୱିତୀୟତା ତା' ଚେହେରାରେ ନ ଥାଏ। ଥାଏ ତା'ର ସର୍ଜ୍ଜନଶୀଳ, ଅନୁସନ୍ଧିତ୍ସାପ୍ରବଣ ନିରୀହ ମନରେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାର ଯେମିତି ଏକ ନିର୍ଦ୍ଦିଷ୍ଟ ଭାଷା ରହିଛି, ତା'ର ଏକ ସ୍ୱତନ୍ତ୍ର ବ୍ୟାକରଣ ଅଛି, ସେହିପରି ଶିଶୁ ମନର ଏକ ସ୍ୱତନ୍ତ୍ର ବ୍ୟାକରଣ ଅଛି, ଗଣିତ ବି ଅଛି। ଆନୁଷ୍ଠାନିକ ଶିକ୍ଷାଲାଭ ପୂର୍ବରୁ ଅତି ପ୍ରାଥମିକ ଅବସ୍ଥାରେ ସେମାନଙ୍କଠି ଦେଖିବାକୁ ମିଳେ ମହାକବିସୁଲଭ ଭାଷା ବ୍ୟବହାରର ଦକ୍ଷତା। ସେମାନଙ୍କର ଶବ୍ଦବିନ୍ୟାସ, ବାକ୍ୟଗଠନ ଶୈଳୀ ବେଳେବେଳେ ପ୍ରାପ୍ତବୟସ୍କଙ୍କୁ ଅଭିଭୂତ କରେ। ଜଣେ ବୟସ୍କ ଭଦ୍ରବ୍ୟକ୍ତି କହିଲେ, 'ମୋ ନାତିପିଲା ବଢ଼ିଆ କଥାଟି କହିଲା। ସେଦିନ ମୁଁ ଟିକେ ରାତିରେ ସଅଳ ଶୋଇପଡ଼ିଥିଲି। ସକାଳୁ ଉଠିଲାରୁ ନାତି କହୁଛି, ''ଜେଜେ, ତୁମେ କାଲି କେତେ ଶୋଇଲ ? ଶୋଇ ଶୋଇ ରାତିଟାକୁ ସକାଳ କରିଦେଲ ?'' ଅନ୍ୟ ବନ୍ଧୁ ଜଣକ କହୁଥିଲେ, କିପରି ତାଙ୍କ ନାତୁଣୀ କ୍ରିୟାରୂପରେ ପ୍ରକାଶିତ ହୋଇପାରୁ ନ ଥିବା 'କାଠୁଆ' ବିଶେଷ୍ୟ ପଦ ଯେପରି ବେଙ୍ଗ, ଅସରପାଗୁଡ଼ିକୁ ସୁନ୍ଦର ଭାବରେ କ୍ରିୟାପଦ ହିସାବରେ ବ୍ୟବହାର କରି ମଜାଦାର ବାକ୍ୟଗଠନ କରୁଛି।

ଆଉ ମନର ଗଣିତ କଥା ପ୍ରସଙ୍ଗରେ ମନେପଡ଼େ ଇଂରାଜୀ କବି ୱାର୍ଡସୱାର୍ଥଙ୍କ କବିତା 'ଆମେ ସାତଜଣ' (ୱଇ ଆର୍ ସେଭେନ୍)। ଛୋଟପିଲାଟିଏ ତା'ର ମନର ଗଣିତ–ବିଶ୍ୱାସକୁ ନେଇ ଜୀବନଯାପନ କରେ। ତା'ର ଅନ୍ୟ ଛଅ ଭାଇଭଉଣୀ ଆରପାରିକୁ ଚାଲି ଯାଇଥିଲେ ବି ସେ ତା' ହିସାବ ଜାରି ରଖି କହେ, 'ଏତେ ଜଣ ସାମୁଦ୍ରିକ ଅଭିଯାନରେ ଯାଇଛନ୍ତି, ଏତେଜଣ ଗୀର୍ଜାକୁ ଯାଇଛନ୍ତି, ଗଛମୂଳରେ ଏତେଜଣ ଶୋଇଛନ୍ତି, ତେଣୁ ଆମେ ସାତଜଣ।' ତା'ର ନୈତିକ ପୃଥିବୀରେ ମୃତ୍ୟୁର ସ୍ଥାନ ନାହିଁ। ଅଥଚ ଆମ ଗଣିତ ବହିରେ ଆମେ ଅବାଞ୍ଛିତ ପ୍ରଶ୍ନ ଦେଖୁ– ମାଙ୍କଡ଼ କିପରି ତୈଳାକ୍ତ ଖମ୍ବ ପାଞ୍ଚଫୁଟ୍ ଚଢ଼ି, ତିନିଫୁଟ୍ ତଳକୁ ଖସିଲା ; ପାଞ୍ଚ ଲିଟର କ୍ଷୀରରେ କିପରି ତିନି ଲିଟର ପାଣି ମିଶାଗଲା ଏବଂ ତା'ର ଅନୁପାତ କେତେ ହେଲା ଇତ୍ୟାଦି। କେଉଁ ମାଙ୍କଡ଼ କେବେ ତୈଳାକ୍ତ ଖମ୍ବ ଚଢ଼ିଥିଲା ? କ୍ଷୀରରେ କାହିଁକି ପାଣି ମିଶାଯିବ ? ଅନୁପାତ ବୁଝାଇବା ପାଇଁ ଆଉ କିଛି ଉଦାହରଣ ନାହିଁ ? ଥରେ କେହି ଭାବନ୍ତି ନାହିଁ, ଏ ପ୍ରକାର ଗଣିତ ପ୍ରଶ୍ନ ପିଲାଟିର ନୈତିକ ଗଣିତକୁ କିପରି ଛାରଖାର କରିଦିଏ। ଖାଲି ସେତିକି ନୁହେଁ ପ୍ରାଥମିକ ସ୍ତରରେ, ଆପାତତଃ ତୃତୀୟ ବା ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଟିଏ ଯଦି ତା'ର ଆଞ୍ଚଳିକ, ଘରୋଇ ବା ଉପଜାତିର ଭାଷା ଠାଏ ଠାଏ ବ୍ୟବହାର କରୁଛି, ତା' ଉପରେ ଆକ୍ରମଣ କାହିଁକି ? ତା'ଉପରେ ମାନକ ଭାଷାର ବୋଝ ଏତେ କଅଁଳ ବୟସରେ କାହିଁକି ଲଦି ଦିଆଯାଉଛି ? ପରେ କ'ଣ ସେ ତାହା ସମ୍ଭାଳି ନେବନି ? ସେ ଯଦି କେଉଁଆଡ଼େ, କୁଆଡ଼େ ପରିବର୍ତ୍ତେ 'କିଆଡ଼େ ଯାଇଥିଲୁ ?' ବୋଲି କହୁଛି ତାକୁ ଏତେ 'ମାରଧର' କାହିଁକି ? ବରଂ ସହାନୁଭୂତିର ସହ ତା'ର ଏହି ବ୍ୟତିକ୍ରମକୁ ସହ୍ୟ କରି ତାକୁ ଆଗେଇ ଯିବାକୁ ବାଟ କଢ଼େଇ ନେବାକୁ ପଡ଼ିବ। ସବୁ କଥାରେ 'ମାନକ ଭାଷାର' ଚାବୁକ ହଲେଇଲେ ସେ ନିଜକୁ ଭାଷା–ଅଯୋଗ୍ୟ ଭାବି ପାଠ ଛାଡ଼ିଦେବ।

ସମସ୍ତ କୃଷକ, ନିର୍ମାଣ ଶ୍ରମିକ, ଅଙ୍ଗନୱାଡ଼ି କର୍ମୀ, କଳାକାର, ଖେଳାଳି, କର୍ମଚାରୀଙ୍କ ପାଇଁ ଯୋଜନା ଅଛି କିନ୍ତୁ ଶିଶୁର ମାନସିକ ବିକାଶ ପାଇଁ ନା ଅଛି ଯୋଜନା ନା ଅଛି ତା' ପାଇଁ ସ୍ଥାନ। ରାସ୍ତାରେ ଫୁଟପାଥ୍‌ଟିଏ ହେଉ ଅବା କୌଣସି ଖୋଲାସ୍ଥାନ, ଯେଉଁଠି ଯାଉ ଯାଉ ବା ଠିଆହୋଇ ସେ ଆଖପାଖର ଦୃଶ୍ୟରାଜି, ପ୍ରାକୃତିକ ଘଟଣାବଳୀକୁ କିଛି ସମୟ ମୁଗ୍ଧଚକିତ ହୋଇ ଦେଖିପାରନ୍ତା, ସେକଥା ତା ପାଇଁ ସ୍ୱପ୍ନ। ଶିଶୁଟିର ସବୁ ସମୟ ଓ ସ୍ଥାନ ବୟସ୍କମାନେ ମାଡ଼ି ବସିଛନ୍ତି। ତା'ର ଅନୁସନ୍ଧିତ୍ସାର ବିକାଶ ଓ ପ୍ରଶମନ ପାଇଁ ନା ଅଛି କିଛି ବ୍ୟବସ୍ଥା ନା ଅଛନ୍ତି ତା' ପଛରେ କେହି ବ୍ୟକ୍ତି। ସେ ତା'ର ଭାଗ୍ୟ ଆଦରି ବଢୁଛି।

ସୌଭାଗ୍ୟକୁ ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମଙ୍କୁ ତାଙ୍କ ଶିକ୍ଷକ ସିନା ସମୁଦ୍ର କୂଳକୁ ନେଇ ଚଢ଼େଇ ଉଡ଼ିବା ଦେଖେଇବା ସହ ଉଡ଼ାଜାହାଜ ଉଡ଼ିବା କଥା ବୁଝେଇଥିଲେ, ଯେଉଁ ଜ୍ଞାନରେ ପରେ ସେ କିଛି ଯୋଡ଼ି କ୍ଷେପଣାସ୍ତ୍ର ନିର୍ମାଣ କରିପାରିଥିଲେ, ଆମ 'ଶିଶୁ ସମ୍ରାଟ୍'ମାନଙ୍କୁ ସେ ଭାଗ୍ୟ ମିଳିବ କେବେ ? କେବେ ଆମ ମା'ବାପାମାନେ 'ପଳାତକ' ଭୂମିକାରୁ ଓ ଶିକ୍ଷକମାନେ 'ଶାସକ' ଭୂମିକାରୁ ଅବତରଣ କରି ସ୍ୱଧର୍ମ ପାଳନ କରିବେ? କେବେ ଆମ ସରକାର ଶିଶୁମାନଙ୍କୁ ଭୋଟର ପଛେ ନ ହେଉ, ଗୁରୁତ୍ୱପୂର୍ଣ୍ଣ ଭବିଷ୍ୟନିର୍ମାତା ଭାବି ସେମାନଙ୍କର 'ସୁକୁମାର ମନ'ର ଲାଳନପାଳନ ପାଇଁ ସ୍ୱତନ୍ତ୍ର ଯୋଜନା କରିବେ?

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ଼, ବାଲେଶ୍ୱର,
ମୋ. : ୯୪୩୭୩୭୬୨୧୯,
subashbls56@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ବିପଦରେ ଗଜରାଜ

ମହାଶୟ,

ଘରଚଟିଆଠାରୁ ଆରମ୍ଭକରି ହାତୀ ପର୍ଯ୍ୟନ୍ତ ବହୁ ପ୍ରାଣୀ ଜୀବନ ସହିତ ସଂଘର୍ଷ କରୁଛନ୍ତି ତିଷ୍ଠି ରହିବା ପାଇଁ। ବିକାଶ ଆଳରେ ମଣିଷ ବିନାଶକୁ ଡାକିଆଣୁଛି। ପ୍ରତିଦିନ କେଉଁଠି ନା କେଉଁଠି ଗଜରାଜର ମୃତ୍ୟୁ ଖବର ପ୍ରକାଶ ପାଉଛି। ବନ ବିଭାଗ ହାତୀ ମୃତ୍ୟୁ ପରେ ତଦନ୍ତ କମିଶନ ବସାଇ ଶକ୍ତି ବିଭାଗ ଓ ରେଳ ବିଭାଗ ଉପରେ ଦୋଷ ଲଦି ଖସିଯାଉଛି। ବନ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସରକାର ଅଜସ୍ର ଅର୍ଥ ଖର୍ଚ୍ଚ କରୁଥିଲେ ମଧ୍ୟ ଫଳ ଶୂନ। ଦ୍ରୁତ ଜଙ୍ଗଲ କ୍ଷୟ ଯୋଗୁ ହାତୀ ଖାଦ୍ୟ ଓ ଜଳ ପାଇଁ ଜନବସତିମୁହାଁ ହେଉଛି। ହାତୀଙ୍କ ପ୍ରିୟ ଖାଦ୍ୟ ବାଉଁଶ ଓ ବରଡାଳ, ତେଣୁ ସ୍ଥିତିବାନ ଜଙ୍ଗଲର ସୁରକ୍ଷା ସହିତ ବାଉଁଶ, ବର ଓ ପଣସ ଗଛର ବ୍ୟାପକ ରୋପଣ କରାଯିବା ଉଚିତ। ତା' ସହ ଜଙ୍ଗଲ ମଧ୍ୟରେ ପ୍ରାକୃତିକ ଜଳଉତ୍ସଗୁଡିକର ପୁନରୁଦ୍ଧାର ଆବଶ୍ୟକ। ଏହା ହେଲେ ପରିବେଶ ସନ୍ତୁଳନ ହେବା ସହିତ ସମଗ୍ର ଜୀବଜଗତ ତିଷ୍ଠି ରହିବ।

ଇଂ. ଆଦିତ୍ୟ କୁମାର ଦାଶ, ଗୋଡପଡା, ନୟାଗଡ

### ଆଜି ଯେ ରାଜେନ୍ଦ୍ରାସନେ...

ସମୟ ଏତେ ବଳବାନ୍, ଯାହା କଳନା କରିବା ଅସମ୍ଭବ । ଯେ ଦିନେ ମୁକୁଟମଣ୍ଡିତ ହୋଇ ରାଜ ସିଂହାସନ ବା କ୍ଷମତା ସିଂହାସନରେ ବସି ଶାସନର ମଧୁ ଚାଖି ଧରାକୁ ସରା ମନେ କରୁଥିଲା, ଦିନ ଆସେ ସେ ଦାଣ୍ଡର ଭିକାରି ବା ଫକିର ହୁଏ। ଈଶ୍ୱର କାହାରି ଗର୍ବ ରଖନ୍ତି ନାହିଁ। ଅହଂକାର କାହାର ସବୁଦିନ ରହେନି। ବର୍ତ୍ତମାନ ପଡୋଶୀ ଦେଶ ପାକିସ୍ତାନର ଭୂତପୂର୍ବ ପ୍ରଧାନମନ୍ତ୍ରୀଙ୍କ ଅବସ୍ଥା ସେୟା ନୁହେଁ କି ? ଯେଉଁ ନୱାଜ ଶରିଫ ଦିନେ ପାକିସ୍ତାନର ପ୍ରଧାନମନ୍ତ୍ରୀ ହୋଇ ନିଜକୁ ସର୍ବେସର୍ବା ମନେ କରୁଥିଲେ, ରାତି ପାହିଲେ ଭାରତକୁ ଧମକ ଦେଉଥିଲେ, ଆଜି ସେ କ୍ଷମତାଚ୍ୟୁତ ହୋଇ କାରାଗାରରେ ବନ୍ଦୀ ଜୀବନ କଟାଉଛନ୍ତି। ଯେଉଁ ଜେଲ କୋଠରିରେ ରହୁଛନ୍ତି ତାକୁ ନିଜେ ସଫା କରୁଛନ୍ତି। ଏହାଠାରୁ ଯନ୍ତ୍ରଣାଦାୟକ ଘଟଣା କ'ଣ ଥାଇପାରେ ?

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | | | C | | 0 | D | | | | 7 | | B | | |
| 5 | | | A | D | | 7 | | | | | | | | 8 |
| | | 4 | E | 6 | | | 3 | A | 2 | | | | | 7 |
| | | | | | 2 | 8 | 1 | | | 0 | | | | |
| | | | | 8 | | | 9 | 2 | | | | | | |
| | | 7 | 6 | 0 | | 3 | B | | 5 | | | | | 4 |
| | 1 | 6 | D | A | | | | | | | | | | |
| | A | | 9 | | 3 | | 2 | | C | | | E | 0 | |
| 8 | | | | | | | | 6 | 4 | D | | | | |
| | E | | | 4 | | | | 1 | 9 | | 7 | | 3 | A |
| 7 | D | 5 | | | | | | | E | | | 0 | | |
| 2 | | | | 3 | | 1 | | 8 | | | 4 | | C | E |
| | | | | | | | D | | 6 | | | | | 1 |
| 3 | 0 | C | 2 | | 9 | | 4 | | D | | 1 | | | B |
| | | A | | | | 2 | | | | 3 | | 8 | 6 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 5 | 8 | 2 | 9 | 1 | 0 | D | A | E | 7 | 6 | 3 | B | C |
| 3 | 2 | B | 0 | 8 | A | 9 | C | 7 | 1 | 5 | 4 | 6 | D | E |
| E | 9 | 1 | C | 6 | B | 4 | 3 | 2 | D | 0 | 8 | 5 | 7 | A |
| C | 0 | A | 7 | D | 3 | 6 | 5 | E | 2 | B | 9 | 4 | 1 | 8 |
| 7 | D | 6 | 5 | 4 | E | 8 | 1 | B | A | 3 | C | 0 | 2 | 9 |
| 5 | 6 | E | 4 | 2 | 9 | 3 | 7 | D | 8 | A | B | C | 0 | 1 |
| 8 | 1 | 0 | A | 3 | 7 | C | E | 6 | 9 | 2 | 5 | D | 4 | B |
| 9 | 4 | 3 | E | B | D | A | 8 | 1 | 0 | C | 7 | 2 | 6 | 5 |
| 2 | B | 7 | 8 | 0 | C | 5 | 4 | 9 | 6 | 1 | D | A | E | 3 |
| D | A | C | 6 | 1 | 5 | 2 | B | 0 | 3 | 4 | E | 8 | 9 | 7 |
| 6 | C | 4 | 9 | E | 0 | 1 | A | 5 | 7 | 8 | 2 | B | 3 | D |
| A | 8 | 2 | 1 | 5 | 4 | E | 9 | 3 | B | D | 0 | 7 | C | 6 |
| B | E | 5 | 3 | 7 | 6 | D | 2 | 4 | C | 9 | A | 1 | 8 | 0 |
| 1 | 7 | 9 | D | C | 2 | B | 0 | 8 | 5 | 6 | 3 | E | A | 4 |
| 0 | 3 | D | B | A | 8 | 7 | 6 | C | 4 | E | 1 | 9 | 5 | 2 |

ଗତକାଲିର ଉତ୍ତର

## ୨୫ ବର୍ଷ ତଳର ଧରିତ୍ରୀ

**୭ ଫେବୃୟାରୀ ୧୯୯୪**

- ଚାଇନାରେ ବୈଦେଶିକ ନାଗରିକମାନେ ଧର୍ମସଂସ୍ଥା, କାର୍ଯ୍ୟାଳୟ କିମ୍ବା ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିପାରିବେ ନାହିଁ ବୋଲି ସେଠାକାର ସରକାରଙ୍କ ଘୋଷଣା।
- କେରଳର ଆଲ୍ଲାପୁଝା ଜିଲାସ୍ଥିତ ଛାମୁଣ୍ଡିଠାରେ ବସ୍–ଟ୍ରକ୍ ମୁହାଁମୁହିଁ ଧକ୍କାରେ ୪୦ଜଣ ଯାତ୍ରୀଙ୍କ ମୃତ୍ୟୁ।

## ପୁସ୍ତକମେଳାର ପଞ୍ଚମ ସନ୍ଧ୍ୟା

# ସାହିତ୍ୟର ଅନ୍ତ ସମ୍ଭବ ନୁହେଁ

କେନ୍ଦ୍ରାପଡା ଅଫିସ, ୬।୨

ସ୍ରଷ୍ଟା ପାଇଁ ସୃଷ୍ଟି ସର୍ବଦା ସୁନ୍ଦର । ତେବେ ଏହା ସାର୍ବଜନିକସ୍ତରରେ ଆଦୃତ ହେବା ଆବଶ୍ୟକ । କେତେଜଣ ଲୋକ ସାହିତ୍ୟର ଆଦର ସର୍ବଦା କରୁଥିବାବେଳେ ସାଂପ୍ରତିକ ସମୟର ଲେଖାରେ ଜନାଦୃତି ରହୁନାହିଁ । ସାହିତ୍ୟର ପ୍ରଚାର ପ୍ରସାର ପୁସ୍ତକମେଳାରେ କିଞ୍ଚିତ ମାତ୍ରାରେ ହୋଇପାରୁଛି। ଯେପର୍ଯ୍ୟନ୍ତ ସ୍ରଷ୍ଟାର ସୃଷ୍ଟିରେ ସାମାଜିକ ବାର୍ତ୍ତା ଭରା ବ୍ୟାକୁଳତା ଥିବ, ସେପର୍ଯ୍ୟନ୍ତ ସାହିତ୍ୟର ଅନ୍ତ ସମ୍ଭବ ନୁହେଁ ବୋଲି ଅଷ୍ଟାଦଶ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳାର ପଞ୍ଚମ ସନ୍ଧ୍ୟାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସହରର ମହିପାଳ ଟେଲିକମ ଗ୍ରାଉଣ୍ଡଠାରେ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ପକ୍ଷରୁ ଅନୁଷ୍ଠିତ ଉକ୍ତ ପୁସ୍ତକମେଳାର ବୁଧବାର ସନ୍ଧ୍ୟାରେ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ ସଭାରେ



'ନର୍କରୁ ନିର୍ମାଲ୍ୟ ପୁସ୍ତକ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ସଭାପତି ସଞ୍ଜୟ କୁମାର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରାବନ୍ଧିକ ଡ. ସର୍ବେଶ୍ୱର ସେଣ ଓ ପ୍ରାବନ୍ଧିକ ଡ. ହରିହର କାନୁନ୍‌ଗୋ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଅତିଥିମାନେ କହିଥିଲେ, ପାଶ୍ଚାତ୍ୟ ଲୋକ ଭାରତୀୟ ସଂସ୍କୃତିକୁ ଲୋପ କରିବା ପାଇଁ ମନ୍ଦିର ମଧ୍ୟରେ ଥିବା ପାଣ୍ଡୁଲିପି ଧ୍ୱଂସ କରିବାକୁ ଉଦ୍ୟମ କରିଛନ୍ତି। ମାତ୍ର ତାହା ପୋଥି ଆକାରରେ ଏବେବି ଘରେ ଘରେ ପୂଜା ପାଉଛି । ସେମାନଙ୍କର ଧାରଣା ଥିଲା ଯେ, ପାଣ୍ଡୁଲିପି ବା ସାହିତ୍ୟ ନଷ୍ଟ ହୋଇଗଲେ ଲୋକଙ୍କ ଚିନ୍ତା ଚେତନା ମରିଯିବ । ତେବେ ଲୋକଙ୍କ ସ୍ୱରକୁ ଜାବୁଡ଼ି ଧରିଥିବା ପୁସ୍ତକ ସଦାସର୍ବଦା କାଳଜୟୀ ହୋଇରହିଥିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କବି କୁଳମଣି ରାଉତଙ୍କ 'ନର୍କରୁ ନିର୍ମାଲ୍ୟ ପୁସ୍ତକ' ଉନ୍ମୋଚନ କରାଯାଇଥିଲା । ଏହା ପୂର୍ବରୁ ସହରର ନେତାଜୀ ମଡେଲ ସ୍କୁଲ ପକ୍ଷରୁ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଦୋକାନରୁ ୬୦ ହଜାର ଟଙ୍କାର ସାମଗ୍ରୀ ଚୋରି

ରାଜନଗର,୬।୨(ଡି.ଏନ୍.ଏ)– ରାଜନଗର ବ୍ଲକ ହଂସୁଆ ସେତୁ ନିକଟସ୍ଥ ତ୍ରିନାଥ ବଜାରର ଏକ ମୋବାଇଲ ଦୋକାନରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୋକାନରୁ ପ୍ରାୟ ୬୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ନେଇ ବୁଧବାର ରାଜନଗର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ,ଏହି ବ୍ଲକ ଅଧୀନ ସାନବଡ଼ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଗର୍ଜନପୁର ଗ୍ରାମର ସୋମନାଥ ରାଉତଙ୍କ ତ୍ରିନାଥ ବଜାରରେ ଏକ ମୋବାଇଲ ଦୋକାନ ରହିଛି। ସେ ସକାଳେ ଦୋକାନ ଖୋଲିବାକୁ ଗଲାବେଳେ କବାଟ ତଡା ଯାଇଥିବ ଦେଖିଥିଲେ। ଏଥିସହ ଦୋକାନରେ ୧୩ଟି ମୋବାଇଲ ଓ ଅନ୍ୟାନ୍ୟ କେତୋଟି ସାମଗ୍ରୀ ନ ଥିବା ଦେଖି ପୋଲିସରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା (ନଂ–୨୧/୧୯) ରୁଜୁ ହୋଇଥିଲା। ଏ ସମ୍ପର୍କରେ ଆଇଆଇସି ସୁକାନ୍ତ ପାତ୍ର କହିଛନ୍ତି, ଗୁରୁବାର ସନ୍ଧାନୀ କୁକୁର ଅଣାଯାଇ ଘଟଣାର ତଦନ୍ତ କରାଯିବ। ଅପରପକ୍ଷେ ସୋମବାର ରାତିରେ ସାନବଡ ଗୋପାଳପୁରର ଏନ୍‌ଜେନ୍ ଅଫିସରୁ ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଗତ ଜାନୁୟାରୀ ୨୧ କଣ୍ଡିରା ଗୁଳିକାଣ୍ଡ ଘଟଣା ଠାରୁ ବ୍ଲକରେ ଅପରାଧୀମାନେ ସକ୍ରିୟ ହୋଇ ଉଠିଥିବା ଚର୍ଚ୍ଚା ହେଉଛି।

## ଅପସଂସ୍କୃତି ଦୂରେଇବାକୁ ନିଆରା ପ୍ରୟାସ

### ବୈଜ୍ଞାନିକ ଡା. ଜ୍ଞାନଦେବ ମହାରଣାଙ୍କ ପଦଯାତ୍ରାକୁ ସ୍ୱାଗତ



କଲେଜ ସଭାଗୃହରେ ଅନୁଷ୍ଠିତ ସଭାରେ ଅତିଥିମାନେ।

ଡେରାବିଶ, ୬।୨ (ସ୍ୱ.ପ୍ର.)

ଗାନ୍ଧୀଙ୍କ ଅହିଂସା ନୀତି ଆପଣାଇବା ସହ ସମାଜରେ ଥିବା ଅନ୍ଧବିଶ୍ୱାସ ଓ ଅପସଂସ୍କୃତି ଦୂର କରିବା ଏବଂ ନିଶା ନିବାରଣ ସଚେତନତା ସୃଷ୍ଟି କରିବା ପାଇଁ ଓଡ଼ିଆ ବୈଜ୍ଞାନିକ ଡା. ଜ୍ଞାନଦେବ ମହାରଣା ଯାଜପୁର ଜିଲାରୁ ପଦଯାତ୍ରା ଆରମ୍ଭ କରିଛନ୍ତି। ବୁଧବାର ସେ ଡେରାବିଶ ବ୍ଲକର ଚାନ୍ଦୋଳ କଲେଜ ଛକଠାରେ ପହଞ୍ଚିବା ପରେ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ତରଫରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡା. ମହାରଣାଙ୍କ ସମେତ ବରିଷ୍ଠ ଖବରଦାତା ମନୋଜ କୁମାର ମହାପାତ୍ର, କେନ୍ଦ୍ରାପଡ଼ା ଜିଲା ବିକାଶ ସାମ୍ମୁଖର ସମ୍ପାଦକ ପ୍ରଫେସର ଅଜୟ ସାମଲ, ଉପ ସଭାପତି ସାରଦାକାନ୍ତ ଦାସ, ସାମାଜିକ କର୍ମୀ ଭାଗୀରଥି ଜେନା ଯାଜପୁର ଜିଲାର ରତ୍ନଗିରିଠାରୁ ଚାଲିଚାଲି ଆସିଥିଲେ। ସେମାନଙ୍କୁ ଖମୋଳ ଛକଠାରୁ କଲେଜର ବରିଷ୍ଠ ପ୍ରାଧ୍ୟାପକ ଡା. ପ୍ରକାଶ କୁମାର ପରିଡ଼ା, ଅଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ, ଅବନୀ ରଞ୍ଜନ ନାୟକ, ଡା. ରାମଚନ୍ଦ୍ର ମହାପାତ୍ର ପ୍ରମୁଖ କଲେଜ ପରିସରକୁ ପାଛୋଟି ଆଣିଥିଲେ। ଏହି ଉପଲକ୍ଷେ ମହାବିଦ୍ୟାଳୟ ସଭାଗୃହରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ କଲେଜ ଅଧ୍ୟକ୍ଷ ମଦନ ମୋହନ ଜେନା ସଭାପତିତ୍ୱ କରିଥିଲେ। ଅତିଥିମାନେ ପଦଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଡା. ମହାରଣା ସମାଜରେ ପ୍ରଚଳିତ ଗୁଣିଗାରେଡ଼ି, ମନ୍ତ୍ରତନ୍ତ୍ର ଭଳି ଅନ୍ଧବିଶ୍ୱାସ ଓ କନ୍ୟା ଭ୍ରୁଣ ହତ୍ୟା ଆଦି ବନ୍ଦ କରିବା ଦିଗରେ ବକ୍ତବ୍ୟ ରଖିଥିଲେ। ଶେଷରେ ଡା. ପ୍ରକାଶ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟାପକ ଡା. ଲକ୍ଷ୍ମଣ କୁମାର ଦାଶ, ବ୍ରଜ କିଶୋର ସ୍ୱାଇଁ, ଅକ୍ଷୟ କୁମାର ବଳ, ଅଜୟ କୁମାର ଜେନା, ରମାକାନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପିଜି ଟପ୍ପର ଜସମିନଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡା ଅଫିସ, ୬।୨–** ରେଭେନ୍ସା ବିଶ୍ୱବିଦ୍ୟାଳୟର ଚଳିତ ବର୍ଷ ଇନଫରମେଶନ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ ପିଜି ପରୀକ୍ଷାରେ କେନ୍ଦ୍ରାପଡା ଜିଲାର ଝିଅ ଜସମିନ ଆରା ପରୱିନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏହି ଉପଲକ୍ଷେ ସହରର ଫକିରାବାଦଠାରେ ସେକ୍ ଏନାମୁଲ ହକ୍‌ଙ୍କ ସଭାପତିତ୍ୱରେ ବୁଧବାର ଏକ ସମ୍ବର୍ଦ୍ଧନା ସଭା ହୋଇଯାଇଛି। ଏଥିରେ ସେକ୍ ଅମିରଉଲ୍ଲା, ସେକ୍ ଅକତର ଅଲ୍ଲୀ, ଆଇନଜୀବୀ ନଳିନୀକାନ୍ତ ତ୍ରିପାଠୀ ଓ ବିଦ୍ୟୁତ ରଞ୍ଜନ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମହିଳାମାନେ ଶିକ୍ଷିତ ହେଲେ ଦେଶରେ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଅତିଥିମାନେ କହିଥିଲେ।

#IAmAndIWill

ଲକ୍ଷଣକୁ ଅଣଦେଖା କଲେ କ୍ୟାନସର୍ ମୃତ୍ୟୁକୁ ଡ଼ାକିଆଣେ

ବିଳମ୍ବ ହେବା ଆଗରୁ କର୍କଟ ରୋଗର ପ୍ରାଥମିକ ଲକ୍ଷଣ କିପରି ଚିହ୍ନଟ କରିବେ ଜାଣନ୍ତୁ



ଏ.ଏମ୍.ଆର.ଆଇ ଏସିଆନ କ୍ୟାନସର୍ ଇନ୍‌ଷ୍ଟିଚ୍ୟୁଟ୍ ବିଶ୍ୱମାନର କର୍କଟ ରୋଗ ଚିକିତ୍ସା ପ୍ରଦାନ କରିଆସୁଛି

ଏ.ଏମ୍.ଆର.ଆଇ- ଏସିଆନ୍ କ୍ୟାନସର୍ ଇନ୍‌ଷ୍ଟିଚ୍ୟୁଟ୍‌ର ବିଶେଷତ୍ୱ

- କର୍କଟ ରୋଗର ଅତ୍ୟାଧୁନିକ ଚିକିତ୍ସା, ଆପଣଙ୍କ ନିକଟରେ
- ୪୦ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ଥିବା ଅଙ୍କୋଲୋଜିଷ୍ଟ (କର୍କଟ ରୋଗ ବିଶେଷଜ୍ଞ)
- ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସୁପର-ସ୍ପେସିଆଲିଷ୍ଟ
- କର୍କଟ ରୋଗର ଜଟିଳ ଏବଂ ବିରଳ ଅସ୍ତ୍ରୋପଚାର କରାଯାଏ ଯଥା: ହ୍ୱିପିଲ୍‌ସ, ୩-ଫିଲ୍ଡ ଓସୋଫାଗଲ୍, ଥୋରାସିକ୍
- ଅତ୍ୟାଧୁନିକ ରୋବୋଟିକ୍ ସର୍ଜରୀ ଉପଲବ୍ଧ (ଡା ଭିନ୍‌ସି)
- କର୍କଟ ରୋଗର ଅତ୍ୟାଧୁନିକ ଡାକ୍ତରୀ ପରିଚାଳନା - ଟାରଗେଟେଡ୍, ବାୟୋଲୋଜିକାଲ ଏବଂ ହରମୋନ ଥେରାପି
- ଲ୍ୟୁକେମିଆ (ରକ୍ତ କର୍କଟ)ର ବିଶେଷ ଚିକିତ୍ସା ସେବା
- ସୁବିଧା ମୁଲ୍ୟରେ ପରିପୂର୍ଣ୍ଣ କର୍କଟରୋଗ ଚିକିତ୍ସା ସେବା

ଆରମ୍ଭ ହେଉଛି... ଓଡ଼ିଶାରେ ପ୍ରଥମ ଥର ପାଇଁ

URJA ଆମ୍ଭି କ୍ୟାନସର୍ ସପୋର୍ଟ

କର୍କଟ ରୋଗ ଯାଞ୍ଚ ପ୍ୟାକେଜ୍

ଟ. ୧୯୯୦/- (ପୁରୁଷ)
ଟ. ୨୪୯୦/- (ମହିଳା)

ସ୍ପେସିଆଲିଟି କ୍ୟାନସର୍ କ୍ଲିନିକ୍ ସମୂହ

ଲିମ୍ଫୋମା ଏବଂ ଲ୍ୟୁକେମିଆ କ୍ଲିନିକ୍ । ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟିନାଲ୍ କ୍ୟନସର୍ କ୍ଲିନିକ୍
ହେଡ ଆଣ୍ଡ ନେକ୍ କ୍ୟାନସର୍ କ୍ଲିନିକ୍ । ବ୍ରେଷ୍ଟ କ୍ୟାନସର୍ କ୍ଲିନିକ୍
ଗାଇନାକୋଲୋଜିକାଲ କ୍ୟାନସର୍ କ୍ଲିନିକ୍ । ଲଙ୍ଗସ୍ ଆଣ୍ଡ ଚେଷ୍ଟ କ୍ୟାନସ୍‌ର କ୍ଲିନ୍‌କ୍। ପ୍ରୋଷ୍ଟେଟ୍ କ୍ୟାନସ୍‌ର କ୍ଲିନିକ୍

ଡାକ୍ତରୀ ପରୀକ୍ଷା ଉପରେ ୨୦% ସଞ୍ଚୟ କରନ୍ତୁ, ମାଗଣା ପଞ୍ଜିକରଣ, ୧୫ ଦିନ ମଧ୍ୟରେ ପରବର୍ତ୍ତୀ ପରାମର୍ଶ ମାଗଣା

*T & C Apply

ଏହି ପ୍ୟାକେଜ୍ ୧-୨୮ ଫେବୃଆରୀ ୨୦୧୯ ପର୍ଯ୍ୟନ୍ତ ବୈଧ
ପରାମର୍ଶ ସମୟ ଧାର୍ଯ୍ୟ ପାଇଁ କଲ କରନ୍ତୁ:
୯୯୩୭୪୪୮୮୪ । ୦୬୭୪-୬୬୬୬୬୦୦

Asian Cancer Institute Reviving Hopes...
AMRI HOSPITALS BHUBANESWAR

ଏ.ଏମ୍.ଆର.ଆଇ ହସ୍ପିଟାଲସ୍, ଖଣ୍ଡଗିରି, ଭୁବନେଶ୍ୱର - ୭୫୧୦୩୦ www.amrihospitals.in
ଭୁବନେଶ୍ୱର । ଧାକୁରିଆ । ମୁକୁନ୍ଦପୁର । ସଲ୍ଟଲେକ । ସଦର୍ଣ୍ଣ ଆଭେନ୍ୟୁ

## ଆୟତନ ବଜାରରେ ଅଗ୍ନିକାଣ୍ଡ

# ୪ ଦୋକାନ, ଡାକଘର ଜଳିଗଲା

ରାଜକନିକା, ୬।୨ (ଡି.ଏନ୍.ଏ)

ରାଜକନିକା ବ୍ଲକ ଅଧୀନ ଆୟତନ ବଜାରରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ଟି ଦୋକାନ ସମେତ ଆୟତନ ଡାକଘର ଜଳିଯାଇଛି। ଅଗ୍ନିକାଣ୍ଡରେ କୋଠସାହିର ଡା. ଅରୁଣିମା ମଲିକଙ୍କ ହୋମିଓପାଥିକ କ୍ଲିନିକ୍, ରାଉତବର୍ଣ୍ଣନୀର ଲିଙ୍କନ ସାହୁଙ୍କ ଇଲେକ୍ଟ୍ରିକ୍ ସରଞ୍ଜାମ ଦୋକାନ, ଦୁଷ୍ମନ୍ତ ବେହେରାଙ୍କ ଭେରାଇଟି ଷ୍ଟୋର ଓ କୋରନ୍ଦର ରମେଶ ଦାଶଙ୍କ ସାଇକେଲ ମରାମତି ଦୋକାନ ସମେତ ଆୟତନ ପୋଷ୍ଟ ଅଫିସ ଗୃହ ସମ୍ପୂର୍ଣ୍ଣ ଜଳିଯାଇଛି। ୪ଟି ଦୋକାନର ପ୍ରାୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଯାଇଥିବା ଦୋକାନ ମାଲିକଙ୍କଠାରୁ ପ୍ରକାଶ। ଏଥିସହିତ ଡାକ ଘରେ ଥିବା ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜଳିଯାଇଥିବା ଜଣାପଡ଼ିଛି।



ଜଳି ଯାଇଥିବା ସାମଗ୍ରୀ।

ପ୍ରକାଶ ଯେ, ଆୟତନ ବଜାରରେ ସେହି ଗ୍ରାମର ବିଜୟ ମହାନ୍ତି ୪ଟି ଚାଳ ଓ ଆଜବେଷ୍ଟସ ଦୋକାନ ଘର ଭଡ଼ାରେ ଦେଇଥିବା ବେଳେ ଆଉ ଏକ ଘରେ ଡାକଘର ଭଡ଼ା ଦେଇଥିଲେ। ତେବେ କୌଣସି କାରଣରୁ ମଙ୍ଗଳବାର ପ୍ରାୟ ରାତି ୧ଟା ବେଳେ ଉକ୍ତ ଦୋକାନ ଘରେ ନିଆଁ ଲାଗି ଯାଇଥିଲା। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲେ ହେଁ ସମସ୍ତ ଦୋକାନ ଘର ସହ ସାମଗ୍ରୀ ଜଳିଯାଇଥିଲା। ଶର୍ଟ ସର୍କିଟରୁ ନିଆଁ ଲାଗିଥିବା କୁହାଯାଉଥିବା ବେଳେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ।

# ଭାରତୀୟ ତୈଳ ନିଗମ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ରାଜକନିକା, ୬।୨ (ଡି.ଏନ୍.ଏ.)

ପାରାଦୀପ ଭାରତୀୟ ତୈଳ ନିଗମ ପାଇପ ଲାଇନ ଡିଭିଜନ ଓ ସନ୍ ମାର୍ଗର ମିଳିତ ଆନୁକୂଲ୍ୟରେ ବୁଧବାର ରାଜକନିକା ବ୍ଲକର ପେଗରପଡ଼ାସ୍ଥିତ ବାସନ୍ତୀ ପଡିଆଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସନ୍‌ମାର୍ଗର ସାଇଡ୍ ଇନଚାର୍ଜ ପ୍ରଭାତ କୁମାର ଦଳାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ପାଇପ୍ ଲାଇନ ଡିଭିଜନର ଅପରେଶନ ଓ ମେଣ୍ଟେନାନ୍ସ ଇଞ୍ଜିନିୟର ସିଦ୍ଧାର୍ଥ ସୁମନ, ଅପରେସନ ଇଞ୍ଜିନିୟର ଏ. ଶିବାଜୀ ପ୍ରମୁଖ ଯୋଗଦେଇଥିଲେ। ସେମାନେ କହିଥିଲେ,



ବାସନ୍ତୀ ପଡ଼ିଆଠାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

କେନ୍ଦ୍ର ସରକାରଙ୍କ ନିୟମାନୁଯାୟୀ ଭାରତୀୟ ତୈଳ ନିଗମ ପକ୍ଷରୁ ପାରାଦୀପ–ହଳଦିଆ–ବୈରୋନୀ ପାଇପ ଲାଇନ ଓ ପାରାଦୀପ–ହଳଦିଆ–ଦୁର୍ଗାପୁର ଏଲପିଜି ଗ୍ୟାସ୍ ପାଇପ ଲାଇନ ଦୁଇଟି ଏହି ଅଞ୍ଚଳବାସୀଙ୍କ ଜମି ଦେଇ ଯାଇଛି। ଏହି ପାଇପ ଲାଇନରେ ଅଶୋଧିତ ତୈଳ ଓ ଏଲପିଜି ଗ୍ୟାସ୍ ପ୍ରବାହିତ ହେଉଛି। ଏହା ଜାତୀୟ ସମ୍ପତ୍ତି ହୋଇଥିବାରୁ ଏହାର ସୁରକ୍ଷା ଦାୟିତ୍ୱ ଆପଣମାନଙ୍କର। ତେଣୁ ସରକାରୀ ନିୟମାନୁସାରେ ଏହି ପାଇପ ଲାଇନ ଯାଇଥିବା ଜମିରେ ଘର କରିବା, କୂଅ ବା ନଳକୂପ ଖୋଳିବା କିମ୍ବା ଗଛ ଲଗାଇବା ମନା। ଏଥିସହ ପାଇପ୍ ଲାଇନ୍ ଲିକ୍ ହେବା ଜଣାପଡ଼ିଲେ ତୁରନ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ସେମାନେ କହିଥିଲେ। ଏହି ଅବସରରେ ଭାରତୀୟ ତୈଳ ନିଗମ ପକ୍ଷରୁ ନହୁଣି ଓ ପେଗରପଡ଼ା ଯୁବକମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସନମାର୍ଗ ଟିମ ଓ ଲାଇନ ପେଟ୍ରୋଲିଂ ମ୍ୟାନ୍ ବିଶି ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

୩୦ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୧୯
(ତା.୦୪/୦୨/୨୦୧୯ ଠାରୁ ତା.୧୦/୦୨/୨୦୧୯)
"ସଡ଼କ ସୁରକ୍ଷା - ଜୀବନ ରକ୍ଷା"

ବାରମ୍ବାର ମୋଟରଯାନ ଆଇନ ଉଲଂଘନକାରୀଙ୍କ ଠାରୁ ଦୁଇ/ତିନିଗୁଣ ଜରିମାନା ଆଦାୟ ବ୍ୟବସ୍ଥା

ମୋଟର ଯାନ ଆଇନ ଉଲଙ୍ଘନକାରୀ ଯାନ ତଥା ଚାଳକ ମାନଙ୍କୁ ଦଣ୍ଡିତ କରିବାରେ ସହାୟକ ହେବା ନିମନ୍ତେ ତଥା ଜନସାଧାରଣଙ୍କ ସୁବିଧା ନିମନ୍ତେ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ଡ଼ିସେମ୍ବର ୨୦୧୮ ରୁ ଇ-ଚାଲାଣ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଏହି ବ୍ୟବସ୍ଥାର ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକୁ ନିମ୍ନରେ ପ୍ରଦାନ କରାଗଲା :

★ ମୋଟରଯାନ ଆଇନ ଉଲଙ୍ଘନକାରୀ ମାନଙ୍କ ଦ୍ୱାରା ଘଟୁଥିବା ଅପରାଧର ଅନ୍‌ଲାଇନ୍ ରେକର୍ଡ ରଖାଯିବାର ବ୍ୟବସ୍ଥା।
★ ବାରମ୍ବାର ମୋଟରଯାନ ଆଇନ୍ ଉଲଙ୍ଘନ କରୁଥିବା ବ୍ୟକ୍ତିଙ୍କ ଠାରୁ ଆଇନତଃ ଦୁଇରୁ ତିନି ଗୁଣା ଜରିମାନା ଆଦାୟ ବ୍ୟବସ୍ଥା ।
★ ଚାଲାଣ କଟାଯାଉଥିବା ସ୍ଥାନର ତଥ୍ୟ, ଆଇନ୍ ଉଲଙ୍ଘନ କରିଥିବା ଯାନ ତଥା ଡ୍ରାଇଭରଙ୍କ ଫଟୋଗ୍ରାଫ ଉଠାଇବା ବ୍ୟବସ୍ଥା।
★ ଚାଲାଣ କଟାଯିବା ସଙ୍ଗେ ସଙ୍ଗେ ମୋଟରଯାନ ମାଲିକ ତଥା ଚାଳକଙ୍କ ପଞ୍ଜିକୃତ ମୋବାଇଲ ନମ୍ବରକୁ SMS ମାଧ୍ୟମରେ ସୂଚନା ପ୍ରଦାନର ବ୍ୟବସ୍ଥା।
★ ଜନସାଧାରଣଙ୍କ ଦ୍ୱାରା ପରିବହନ ବିଭାଗ ସମ୍ବନ୍ଧୀୟ ସମସ୍ତ ଟିକସ, ଫି ଓ ଜରିମନା ଡିଜିଟାଲ୍ ମୋଡ୍ ରେ ପୈଠ କରିବାର ବ୍ୟବସ୍ଥା।
★ ଇ-ଚାଲାଣ ଯନ୍ତ୍ର ଦ୍ୱାରା ଘଟଣା ସ୍ଥଳରେ ମୋଟରଯାନ ଯାଞ୍ଚ ରିପୋର୍ଟ (VCR) ପ୍ରଦାନ କରାଯିବାର ବ୍ୟବସ୍ଥା।
★ କ୍ରେଡ଼ିଟ୍ / ଡ଼େବିଟ୍ କାର୍ଡ଼ ମାଧ୍ୟମରେ ଘଟଣା ସ୍ଥଳରେ ଜରିମନା ପୈଠ ବ୍ୟବସ୍ଥା।
★ ସମସ୍ତ ପ୍ରକାର ମାନୁଆଲ୍ ଚାଲାଣ ପ୍ରଦାନ ସମ୍ପୂର୍ଣ୍ଣ ରୂପେ ବନ୍ଦ।
★ ଇ-ଚାଲାଣ ବ୍ୟବସ୍ଥା ପ୍ରଚଳନ ପୂର୍ବରୁ ମାସକୁ ହାରାହାରି ୧୫୦୦୦ ମୋଟରଯାନ ଯାଞ୍ଚ ରିପୋର୍ଟ (VCR) ହେଉଥିବା ବେଳେ ଏବେ ମାସକୁ ହାରାହାରି ୩୦୦୦୦ ରୁ ଉର୍ଦ୍ଧ୍ୱ ମୋଟରଯାନ ଆଇନ ଉଲଂଘନକାରୀଙ୍କୁ ଧରାଯାଇ ପାରୁଛି।
★ ପରିବହନ ବିଭାଗର ସମସ୍ତ ବଳବଉକରଣ ଅଧିକାରୀଙ୍କୁ ଇ-ଚାଲାଣ ଯନ୍ତ୍ର ଯୋଗାଇ ଦିଆଯାଇଛି।
★ ୩୨ ଗୋଟି ପୁଲିସ ଜିଲ୍ଲାର ଥାନା ଗୁଡ଼ିକୁ ପ୍ରଥମ ଦଫାରେ ୧୦୨ ଗୋଟି ଇ-ଚାଲାଣ ଯନ୍ତ୍ର ଯୋଗାଇ ଦିଆଯାଇଛି।

ଇ-ଚାଲାଣ ଯନ୍ତଟି Vahan ଓ Sarathi ଆପ୍ଲିକେସନର ସର୍ବଭାରତୀୟ ଡାଟାବେସ୍ ସହ ସଂଯୁକ୍ତ ହୋଇଥିବାରୁ ଦେଶର ଯେକୌଣସି ମୋଟରଯାନ ତଥା ଚାଳକ ସମ୍ବନ୍ଧୀୟ ତଥ୍ୟ ତତ୍‌କ୍ଷଣାତ୍ ଜଣାପଡିପାରୁଛି। ଏହା ଦ୍ୱାରା ମୋଟରଯାନ ମାଲିକ ତଥା ଚାଳକ ସତର୍କ ହେବେ ଯଦ୍ୱାରା ସଡ଼କ ଦୁର୍ଘଟଣା ହ୍ରାସ ପାଇ ପାରିବ।

ପରିବହନ କମିଶନର, ଓଡ଼ିଶା

ସଡ଼କ ସୁରକ୍ଷା ଶପଥ

ମୁଁ ଜଣେ ସଚେତନ ନାଗରିକ;

- ମୁଁ ଦୁଇ ଚକିଆ ଯାନ ଚଳାଇବା ବେଳେ ସଠିକ୍ ହେଲ୍‌ମେଟ୍ ପିନ୍ଧେ ଓ ଚାରି ଚକିଆ ଯାନ ଚଳାଇବା ବେଳେ ସିଟ୍ ବେଲ୍ଟ ବ୍ୟବହାର କରେ। (ହଁ / ନାହିଁ)
- ମୁଁ ନିଶା ସେବନ କରି ଗାଡ଼ି ଚଳାଏ ନାହିଁ। (ହଁ / ନାହିଁ)
- ମୁଁ ଧାର୍ଯ୍ୟ ବେଗ ଠାରୁ ଅଧିକ ବେଗରେ ଗାଡ଼ି ଚଳାଏ ନାହିଁ। (ହଁ / ନାହିଁ)
- ମୁଁ ଗାଡି ଚଳାଇବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର କରେ ନାହିଁ। (ହଁ / ନାହିଁ)
- ରାସ୍ତାରେ ଯାତାୟତ କରୁଥିବା ସମସ୍ତଙ୍କ ଅଧିକାରକୁ ମୁଁ ସମ୍ମାନ ଦିଏ। (ହଁ / ନାହିଁ)

ଯଦି ଆପଣଙ୍କର ପାଞ୍ଚଟି ଯାକ ଉତ୍ତର ହଁ ହୁଏ ତେବେ ଆପଣ ଜଣେ ସଚେତନ ନାଗରିକ।

୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ କୁଇଜ୍ ପ୍ରତିଯୋଗିତା, ଚିନ୍ତାଧାରା ପ୍ରତିଯୋଗିତା ଓ ଡ଼ିଜିଟାଲ୍ ହାକାଥନ୍ ପ୍ରତିଯୋଗିତା ପାଇଁ ପଦକ୍ଷେପ ନିଆଯାଇଛି। କୁଇଜ୍ ପ୍ରତିଯୋଗିତାଟି ତା.୦୮.୦୨.୨୦୧୯ରିଖ ପର୍ଯ୍ୟନ୍ତ ସମସ୍ତ ଦିନ ୨୪ ଘଣ୍ଟା ଚାଲୁ ରହିଛି। କୁଇଜ୍ ପ୍ରତିଯୋଗିତା ପାଇଁ ଘୋଷିତ ପୁରସ୍କାର ବ୍ୟତୀତ ପ୍ରତିଦିନ ତିନିଜଣ ପ୍ରତିଯୋଗୀଙ୍କୁ ୧୦୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ଏ ସମ୍ବନ୍ଧରେ ସବିଶେଷ ବିବରଣୀ ପାଇଁ www.odisharoadsafety.org / www.odishatransport.gov.in ୱେବସାଇଟ୍‌କୁ ଦେଖନ୍ତୁ।

ସୌଜନ୍ୟ :– ଓଡ଼ିଶା ରୋଡ୍ ସେଫ୍ଟି ସୋସାଇଟି

**ଖଟିରେ ଖଟିରେ...**

## ଟନିକ୍‌ରେ ଶକ୍ତ

ଶୀତ ଧୀରେ ଧୀରେ ଯିବାକୁ ବସିଲାଣି। ଗରମ ଆରମ୍ଭ ହେବା ସହ ଖଟି ମେମ୍ବରମାନେ ଚା’ କପ୍‌ର ପରିମାଣ କମାଇଲେଣି। ହେଲେ ଆଲୋଚନା ଜମା କମୁନି। ଓଲଟି ବଢିବାରେ ଲାଗିଛି। ଚାଷ ଆଉ ଚାଷୀ କଥା ଭାରି ଜମୁଛି। ଫୁଲ ଦଳିଆ ଖଟି ମେମ୍ବର କହିଲେ, ତାଙ୍କ ଦଳ ରାଜ୍ୟରେ କ୍ଷମତାକୁ ଆସିଲେ ଋଣଛାଡ଼ ହେବ। ଏକଥା ଶୁଣି ଶଙ୍ଖ ଦଳିଆଟା କେମିତି ବା ନିଜକୁ ସମ୍ଭାଳିବ। ସେ କହିଲା, ଯଦି ଛାଡ଼ କରିବାର ଥିଲା, ୩ ରାଜ୍ୟରେ କଲନି। ଏବେ କାହିଁ କହୁଛ। ଶଙ୍ଖ ଆଉ ଫୁଲ ଦଳିଆ କଥାକୁ ବାଏଁ ବାଏଁ ଉଡାଇ ଦେଲେ ସେଠାରେ ଉପସ୍ଥିତ ଥିବା ପାପୁଲି ଦଳିଆ ସମର୍ଥକ। ବୀର ଦର୍ପରେ କହିଲେ, ଫୁଲ ବାଲା କଲେନି ବୋଲି ଆମେ ୩ ରାଜ୍ୟରେ କଲୁ। ପଡୋଶୀ ରାଜ୍ୟରେ ବି ଏମ୍‌ଏସ୍‌ପି ବଢାଇଲୁ। ହେଲେ ଶଙ୍ଖ ବାଲା କରିପାରୁନ। ଖାଲି କେନ୍ଦ୍ର ଅବହେଳା ସ୍ଲୋଗାନ ଦେଉଛି। ଏହାଶୁଣି ଚା’ ତିଆରି କରୁଥିବା ମଉସା କହିଲେ, ଯାହା ହେଉ ପଞ୍ଚାୟତ ନିର୍ବାଚନ ପରଠାରୁ ପାପୁଲି ପଛରେ ପଡ଼ିଥିଲା। ଏବେ ଲାଗୁଛି ପପୁ ଟନିକ୍‌ରେ ଶକ୍ତ ହେଲାଣି।

## କିଛି ମିଳିଗଲା କି

ଆରେ ହେଇ, କେହି ଏବେ ପାଟି କରନାହିଁ। ଆମ ଟେବୁଲୁ ଚଢା ଭାଇ ଆସିଗଲେ। ଆଜି ଭାଇ ଆମର କ୍ଷୀର ଆଉ ପାଣି ଦୁଇଟା ଯାକ ଅଲଗା କରିଦେବେ। ଜଣେ ଫୁଲ ଦଳିଆ ମାନ୍ୟବରଙ୍କ ଏମନ୍ତ ଢଙ୍ଗର ଛିଗୁଲା ଶୁଣି ଟେବୁଲୁ ଚଢା ମାନ୍ୟବର ପୂରା ଗରମ। ସେଇଠୁ ପାପୁଲି ମାନ୍ୟବର ନିଜ ଚାଲିରେ ଟିକେ ବ୍ରେକ୍ ଲଗାଇ ଦେଲେ। ଆଉ ଚିରାଚରିତ ଢଙ୍ଗରେ ଚିଲେଇ କହିଲେ, ଇରେ ହେଇ ତୁ ଏମିତି କହିବୁନି ତ ଆଉ କିଏ କହିବ। ଏଥର ନୂଆ କରି ବିଧାନସଭା ଚଟାଣ ମାଡିଛୁ ଆଗକୁ ପୁଣି ଆସିପାରିବୁ ନ ପାରିବୁ, ଯାହା କହିବା କଥା କହିଦେ। କଥା କଣକି, ଟେବୁଲ ଚଢ଼ା ମାନ୍ୟବର ଏକ ଖବର ସମ୍ପର୍କରେ ନୋଟିସ୍ ଆଣିଥିଲେ। ଆଉ ପରବର୍ତ୍ତୀ ସମୟରେ କହିଲେ, ଏଥର ଅଧିବେଶନରେ କୁଆଡେ ସବୁ ଗୁମର ଖୋଲିଦେବେ। ଚଳିତ ଅଧିବେଶନରେ ଦୁଇ ଦଳର ମାନ୍ୟବର ବିଧାନସଭା ପାର୍କିଂ ପାଖରେ ଯେମିତି ଦେଖା ହେଇଗଲେ ଏମନ୍ତ ଥଟାମଜା ଆରମ୍ଭ ହୋଇଗଲା। ଆଉ ପାପୁଲି ଦଳ ମାନ୍ୟବରଙ୍କ କଥାର ଉତ୍ତରରେ ଆର ଜଣକ କହିଲେ, ଇରେ ଭାଇ ତୁମେ ତ ଜାଣିଛ ଆଗକୁ ଆଉ ମୁଁ ଏଠିକି ଆସିପାରିବିନି। କେବେ ଆଉ ତୁମ ଟେବୁଲୁ ଚଢା ଖେଳଟା ଦେଖିବି, ଏଥର ଟିକେ କ୍ଷୀର ଆଉ ପାଣି ଅଲଗା ଖେଳଟା ଦେଖେଇ ଦିଅ। କୁଆଡେ ଗଲା ତୁମର ସେ ଖେଳ, କିଛି ମିଳି ଗଲା କି?

# ବଳ ଲଗାଇ ଚାଷୀ ଆନ୍ଦୋଳନ ଭଣ୍ଡୁର

■ ରାଜଧାନୀ ଆସୁଥିବା ଚାଷୀଙ୍କୁ ବିଭିନ୍ନ ସ୍ଥାନରୁ ଉଠାଇ ନେଲା ପୋଲିସ
■ ଲୋୟର ପିଏମ୍‌ଜି ସମେତ ଏକାଧିକ ସ୍ଥାନରେ ରାସ୍ତାରେ ବସିଲେ ଚାଷୀ
■ ଆଗାମୀ ନିର୍ବାଚନରେ ଜବାବ ଦିଆଯିବ: ଅକ୍ଷୟ କୁମାର

**ଭୁବନେଶ୍ୱର,୬।୨ (ବ୍ୟୁରୋ)**

ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ଶନ ଦାବି ନେଇ ଆନ୍ଦୋଳନ ଜାରି ରଖିଛନ୍ତି ଚାଷୀ। ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଚାଷୀ ସମାବେଶ ଓ ବିଧାନସଭା ଘେରାଉ ଡାକରା ଦେଇଥିଲା ନବ ନିର୍ମାଣ କୃଷକ ସଂଗଠନ। ଏଥିପାଇଁ ରାଜ୍ୟର ବିଭିନ୍ନ ଜିଲାରୁ ହଜାର ହଜାର ମହିଳା ଓ ପୁରୁଷ ଚାଷୀ ଚାଲି ଚାଲି ରାଜଧାନୀ ଅଭିମୁଖେ ଆସୁଥିଲେ। ହେଲେ ମୟୂରଭଞ୍ଜ, ଯାଜପୁର, କଟକ, ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ବାଟ ଓଗାଳିଥିଲା ପୋଲିସ। ଫଳରେ ପୋଲିସ ଓ ଚାଷୀ ମୁହାଁମୁହିଁ ହେବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଚାଷୀମାନେ ଧାରଣା ଓ ରାସ୍ତା ଅବରୋଧ କରିବାକୁ ବାଧ୍ୟ ହୋଇଥିଲେ। ମାତ୍ର ପୋଲିସ ପୂରା ବଳ ଲଗାଇ ଚାଷୀଙ୍କୁ ଉଠାଇ ନେବା ସହ ଆନ୍ଦୋଳନକୁ ଭଣ୍ଡୁର କରିଥିଲା। ଏହାସତ୍ତ୍ୱେ ବହୁ ଚାଷୀ ବିଭିନ୍ନ ବାଟ ଦେଇ ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିଯାଇଥିଲେ। ଲୋୟର ପିଏମ୍‌ଜିଠାରେ ଚାଷୀମେଳି ହେଉଥିବା ଦେଖି ଏଠାରେ ମଧ୍ୟ ପୋଲିସ ଶକ୍ତି ପ୍ରୟୋଗ କରିଥିଲା।



ଧାରଣାରେ ବସିଥିବା ଚାଷୀମାନଙ୍କୁ ପୋଲିସ ବଳପୂର୍ବକ ଉଠାଇବାକୁ ଚେଷ୍ଟା କରୁଛି।

ଦୀର୍ଘସମୟ ଧରି ଆନ୍ଦୋଳନସ୍ଥଳ ଏକପ୍ରକାର ରଣକ୍ଷେତ୍ର ପାଲଟିଯାଇଥିଲା। ଚାଷୀମାନେ ରାସ୍ତାରେ ଶୋଇ ପ୍ରତିବାଦ କରିଥିଲେ। କିନ୍ତୁ ପୋଲିସ ସେମାନଙ୍କୁ ଗିରଫ କରିନେଇଥିଲା। ଏପରି ଦିନତମାମ ପୋଲିସ ଓ ଚାଷୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ତେବେ ବିଭିନ୍ନ ସ୍ଥାନରେ ପୋଲିସ ମାଡ ମାରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀନେତା ତଥା ନବ ନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି, ରାଜ୍ୟର ବର୍ତ୍ତମାନ ଜରୁରୀକାଳୀନ ସ୍ଥିତି ଉପୁଜିବା ଭଳି ଲାଗୁଛି। ଏପରି ସ୍ଥିତି ପାଇଁ ଇନ୍ଦିରାଗାନ୍ଧୀ ଓ କଂଗ୍ରେସକୁ ଶାସନ କ୍ଷମତା ହରାଇବାକୁ ପଡିଥିଲା। ଏଥର ଓଡିଶାର ଚାଷୀଙ୍କ ପାଇଁ ନବୀନ ସରକାର ଶାସନରୁ ବିଦାହେବେ। ଆଗାମୀ ନିର୍ବାଚନରେ ଚାଷୀମାନେ ଏହାର ଉଚିତ ଜବାବ ଦେବେ। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି, ଅକ୍ଷୟ କୁମାର ନିଜ ମାନସିକତାରେ ପରିବର୍ତ୍ତନ କରନ୍ତୁ। ଗୁପ୍ତ ଏଜେଣ୍ଡା ସାଜି ତୁଚ୍ଛାରେ ଆନ୍ଦୋଳନ କଲେ କିଛି ଲାଭ ନାହିଁ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ ମାଧ୍ୟମରେ କହିଛନ୍ତି, ନିଜ ଅଧିକାର ପାଇଁ ଆସୁଥିବା ଚାଷୀଙ୍କୁ ସହର ଭିତରକୁ ନ ଛାଡିବା ଓ ଗିରଫ କରିବା ଗଣତନ୍ତ୍ର ପରିପନ୍ଥୀ। ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ବିନାନୁମତିରେ ଓ ଆଇନକୁ ନ ମାନି ଆନ୍ଦୋଳନ କରିବାକୁ ରାଜଧାନୀକୁ ଆସୁଥିବା ଚାଷୀଙ୍କୁ ଗିରଫ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନ ଜଳେ ଚୁଲି**
**ପଛ ଆଡ଼େ ପାଟ ଫୁଲି।**

ଅଭାବରେ ପଛେ ଚୁଲି ନ ଜଳୁ କିନ୍ତୁ ଦାଣ୍ଡରେ ଫୁଟାଣିଆ କଥା, ବଡ଼ଲୋକୀ କଥା କାହିଁରେ କ’ଣ। ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ ଏପରି ଆତ୍ମବଡ଼ିମା ଶୋଭା ପାଇ ନ ଥାଏ। ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ପାଖରେ ପଇସା ନ ଥିବାବେଳେ କିଛି ବ୍ୟକ୍ତି ବେଶ ପରିପାଟୀ ହୋଇ ବାହାରେ ବୁଲି ଦେଖେଇ ହୁଅନ୍ତି। ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦ୍‌ବୁଦ୍ଧ ହେବା ସ୍ୱାଭାବିକ ହୋଇଥିବା ସ୍ଥଳେ ତୁଚ୍ଛାକୁ ଗର୍ବ କରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ଉଲ୍ଲେଖ କରାଯାଇଛି।

**ଘୋଡ଼ା ଚଢ଼ିବାରୁ ସମ୍ପତ୍ତି ନାହିଁ**
**ଓପାସ ଶୁଆରୁ ବିପତ୍ତି ନାହିଁ।**

ଘୋଡ଼ା ଚଢ଼ିବା ଅଗ୍ରଗତିର ପ୍ରତୀକ ବା ଧନୀର ଲକ୍ଷଣ। ଯେ ଯେତେ ଧନୀ ହୋଇଥାଏ ସେ ସେତେ ଠାଟବାଟରେ ଚଳିଥାଏ। କ୍ଷୁଧାର ଜ୍ୱଳନ କ’ଣ ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଖାଦ୍ୟାଭାବରୁ ଉପାସ ରହିଥିବା ବ୍ୟକ୍ତି ବଡ଼ ଦୁଃଖେକଷ୍ଟେ ଜୀବନ ଜୀଇଁଥାଏ। ଭୋକ ବିକଳରେ ଆଉଟୁପାଉଟୁ ହେବା ସାର ହୋଇଥାଏ। ଉପାସ ରହିବା ସବୁଠାରୁ ବଳି ହୀନିମାନର ଜୀବନ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଗୃହୀତ

**ବିଧାନସଭା ବଜେଟ ଅଧିବେଶନ**


**ଭୁବନେଶ୍ୱର,୬।୨(ବ୍ୟୁରୋ)**

ଚଳିତ ବର୍ଷ ବିଧାନସଭା ବଜେଟ ଅଧିବେଶନ ପ୍ରାରମ୍ଭରେ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଦିଆଯାଇଥିବା ଅଭିଭାଷଣ ଉପରେ ବୁଧବାର ଧନ୍ୟବାଦ ପ୍ରସ୍ତାବ ଗୃହୀତ ହୋଇଛି। ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ହେଲେ ବିରୋଧୀ କଂଗ୍ରେସ ଏବଂ ଭାଜପାର ସଦସ୍ୟମାନେ ଗୃହକାର୍ଯ୍ୟରେ ସହଯୋଗ ନ କରି ହୋହଲ୍ଲା କରି କକ୍ଷତ୍ୟାଗ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଓଡ଼ିଶା ସର୍ବାଧିକ ଯୋଗଦାନ ଦେଉଛି। ରାଜ୍ୟ ପ୍ରଗତି ଅଭିମୁଖୀ ହୋଇ ବ୍ୟାପକ ପରିବର୍ତ୍ତନ ଆଡକୁ ଗତି କରୁଛି। ରାଜ୍ୟ ଅର୍ଥନୀତି ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ସହ ଧାରାବାହିକ ଭାବେ ଅଭିବୃଦ୍ଧି କରୁଛି। ସେହିପରି ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ଦ୍ୱାରା ସାର୍ବଜନୀନ ସ୍ୱାସ୍ଥ୍ୟ ସୁବିଧା କରାଯାଇଛି। ଏହାଦ୍ୱାରା ସାଢେ ତିନି କୋଟି ଲୋକ ଉପକୃତ ହେବେ। ସେହିପରି କୃଷି ଏବଂ କୃଷକ ସଶକ୍ତୀକରଣ କାର୍ଯ୍ୟକ୍ରମ ପାଇଁ କାଳିଆ ଯୋଜନା ଆରମ୍ଭ କରାଯାଇଛି। ଏହାକୁ ସାରା ଦେଶରେ ସ୍ୱାଗତ କରାଯାଇଛି। ଏହାକୁ କେନ୍ଦ୍ର ସରକାର ମଧ୍ୟ ନିଜ ଯୋଜନାରେ ସାମିଲ କରିଛନ୍ତି। ହେଲେ କେନ୍ଦ୍ର ଯୋଜନାରୁ ଭାଗଚାଷୀ, ଭୂମିହୀନ ଶ୍ରମିକଙ୍କୁ ବାଦ୍ ଦିଆଯାଇଛି। ରାଜ୍ୟ ଆଣିଥିବା ଯୋଜନାରେ ୯୨ ପ୍ରତିଶତ ଚାଷୀ ସିଧାସଳଖ ଉପକୃତ ହେବେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଶ୍ରୁତି ଦିଆଯାଇଥିବା ୧୦ ଲକ୍ଷ ହେକ୍ଟରରୁ ଅଧିକ ଜମିକୁ ଜଳସେଚନ ଲକ୍ଷ୍ୟ ଆସନ୍ତା ଏପ୍ରିଲ ସୁଦ୍ଧା ହାସଲ ହେବାକୁ ଯାଉଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

୨ ଅକ୍ଟୋବର ୨୦୧୮ରୁ ରାଜ୍ୟରେ ନିଜସ୍ୱ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରାଯାଇଛି। ଏହାଦ୍ୱାରା ୨୩ ଲକ୍ଷ ହିତାଧିକାରୀ ଉପକୃତ ହୋଇଛନ୍ତି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ୩୧୪ ବ୍ଲକରେ ୧୫୫୪ କୋଟି ଟଙ୍କା ବ୍ୟୟରେ ୬୨,୫୬୭ ପ୍ରକଳ୍ପ କାର୍ଯ୍ୟ କରାଯାଉଛି। ପ୍ରତି ମାସର ୧୫ରୁ ୨୦ ତାରିଖରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମିଶନ୍ ଶକ୍ତି କାର୍ଯ୍ୟକ୍ରମ ଦ୍ୱାରା ୭୦ ଲକ୍ଷ ମହିଳା ଉପକୃତ ହୋଇଛନ୍ତି। ସେମାନେ ସଶକ୍ତୀକରଣ ହେବା ସହ ବିନା ସୁଧରେ ଋଣ ପାଇପାରୁଛନ୍ତି। ମଧୁବାବୁ ପେନ୍‌ସନ୍ ଯୋଜନା ଦ୍ୱାରା ୪୮ ଲକ୍ଷ ହିତାଧିକାରୀ ଉପକୃତ ହେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ରାଜ୍ୟ ଦ୍ରୁତ ଶିଳ୍ପ ବିକାଶ ଦିଗରେ ଅଗ୍ରସର ହେଉଛି। ୨୦୧୮ରେ ହୋଇଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଦ୍ୱାରା ରାଜ୍ୟରେ ୪.୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ। ଏହା ଦ୍ୱାରା ରାଜ୍ୟରେ ୫.୯୧ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଦ୍ୱାରା ଯୁବକଙ୍କୁ ପ୍ରଶିକ୍ଷିତ କରାଯାଇଛି। ସେହିପରି ପୁରୁଷ ହକି ବିଶ୍ୱକପ୍‌କୁ ରାଜ୍ୟ ପ୍ରଶାସନ ସଫଳତାର ସହ ଆୟୋଜନ କରିପାରିଛି। ଆଗାମୀ ଦିନରେ ଏହି ସଫଳତା କ୍ରୀଡା କ୍ଷେତ୍ରରେ ରାଜ୍ୟକୁ ପରବର୍ତ୍ତୀ ସୋପାନକୁ ନେବ। ରାଜ୍ୟ କରୁଥିବା ପରିବର୍ତ୍ତନକୁ ଓଡ଼ିଶାବାସୀଙ୍କ ପ୍ରେରଣା ସହାୟକ ହୋଇଛି। ଆଗାମୀ ଦିନରେ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ଚେଷ୍ଟା ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ପରଲୋକରେ ଫିଲ୍ମ ନିର୍ମାତା ଚକ୍ରଧର ସାହୁ

**ଭୁବନେଶ୍ୱର,୬।୨(ବ୍ୟୁରୋ):** ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ନିର୍ମାତା, ନିର୍ଦ୍ଦେଶକ ତଥା ଚଳଚ୍ଚିତ୍ର ସମ୍ପାଦକ ଚକ୍ରଧର ସାହୁ ଆଉନାହାନ୍ତି। ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳ ୫ଟା ୪୫ ମିନିଟ୍‌ରେ ତାଙ୍କର ପରଲୋକ ଘଟିଛି। ତାଙ୍କୁ ୫୯ ବର୍ଷ ହୋଇଥିଲା। ଫୁସ୍‌ଫୁସ୍‌ଜନିତ ରୋଗରେ ପୀଡ଼ିତ ହୋଇ ସେ ପ୍ରାୟ ୧୫ ଦିନ ଧରି ଚିକିତ୍ସାଧୀନ ଥିଲେ। ଚକ୍ରଧରଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି। ‘ନୀଳମାଷ୍ଟ୍ରାଣୀ’, ‘ତୁମକୁ ପାରୁନି ତ ଭୁଲି’, ‘କେବେ ତୁମେ ନାହିଁ କେବେ ମୁଁ ନାହିଁ’ ଓ ‘ମୀମାଂସା’ ପରି ଚର୍ଚ୍ଚିତ ସିନେମାର ନିର୍ଦ୍ଦେଶନା ଦେଇଥିବା ଚକ୍ରଧର କିଛିଦିନ ହେବ ଭୁବନେଶ୍ୱରର ଏକ ଘରୋଇ



ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ ଏମ୍‌ସର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସାଦାସିଧା ପ୍ରକୃତି, ସହୃଦୟତା ଓ ସୁବ୍ୟବହାର ପାଇଁ ସମସ୍ତଙ୍କ ହୃଦୟ ନିକଟବର୍ତ୍ତୀ ଥିବା ସାହୁ ଉଭୟ ଓଡ଼ିଆ ଏବଂ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରି ପାଇଁ କାମ କରିଥିଲେ। ୧୯୬୧ ଫେବୃୟାରୀ ୧୯ରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ସେ ଜନ୍ମଗ୍ରହଣ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏଲ୍‌ଏଲ୍‌ବି ପରେ ୧୯୮୬ରେ ପୁନା ଫିଲ୍ମ ଇନ୍‌ଷ୍ଟିଚ୍ୟୁଟରୁ ଫିଲ୍ମ ଏଡିଟିଂରେ ଡିପ୍ଲୋମା କରିଥିଲେ।

# ୨୦ ସୁଦ୍ଧା ସମସ୍ତ କ୍ୟାମ୍ପସ୍‌ରେ ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ

**ଯୁକ୍ତ୨ ପରୀକ୍ଷା**

**ଭୁବନେଶ୍ୱର,୬।୨(ବ୍ୟୁରୋ):** ଯୁକ୍ତ୨ ଲିଖିତ ପରୀକ୍ଷା ଆଉ ମାସେ ଥିବାବେଳେ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଆଣିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ରାଜ୍ୟର ସମସ୍ତ କଲେଜରେ ସିସିଟିଭି କ୍ୟାମେରା ଲଗାଇବାକୁ କୁହାଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ପାଖାପାଖି ୩୫୦ କଲେଜରେ କ୍ୟାମେରା ଲାଗିପାରିନାହିଁ। ଯେମିତି ବି ହେଉ କଲେଜରେ ସିସି କ୍ୟାମେରା ଲଗାଇବାକୁ ପରିଷଦର ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ସାହୁ ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ଆସନ୍ତା ୨୦ତାରିଖ ସୁଦ୍ଧା କ୍ୟାମ୍ପସ୍‌ରେ ସିସି କ୍ୟାମେରା ଲଗାଇ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ନିର୍ଦ୍ଧାରିତ ସମୟ ସୁଦ୍ଧା ନ ଲାଗିବ, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମ୍ପୃକ୍ତ ପରୀକ୍ଷା କେନ୍ଦ୍ର ବାତିଲ୍ ହେବା ସହ ପରୀକ୍ଷାର୍ଥୀଙ୍କୁ ନିକଟସ୍ଥ ପରୀକ୍ଷା କେନ୍ଦ୍ର ସହ ଟ୍ୟାଗ୍ କରାଯିବ ବୋଲି ପରିଷଦ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ଅନ୍ୟପଟେ ଯୁକ୍ତ୨ ପରୀକ୍ଷା ପରିଚାଳନା ପାଇଁ ଗଠିତ ହେବାକୁ ଥିବା କେନ୍ଦ୍ରୀୟ ଓ ଜୋନ୍‌ସ୍ତରୀୟ ସ୍କ୍ୱାଡରେ ଏଥର ଅଧ୍ୟାପକମାନେ ରହିବେ। ପରିଷଦ ଅଧୀନରେ ଥିବା ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ, ଅଣଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷମାନେ ସ୍କ୍ୱାଡରେ ସାମିଲ ହେବାକୁ ଥିବା ଦୁଇଜଣ ଅଧ୍ୟାପକଙ୍କ ତାଲିକା ଆସନ୍ତା ୧୧ତାରିଖ ସୁଦ୍ଧା ପଠାଇବାକୁ କୁହାଯାଇଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଳେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୂ ଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ। ବି.ଦ୍ର.– ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ। ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧା।
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧା ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

T.F. FINANCE (Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ ୬ ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରୀକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
8126568293
8126592819
SCO-106, Second Floor, Vishal Tower, Connaught Place, Delhi.

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110, 7351444489
କଟକ - 7618439473
ଯାଜପୁର - 7088008550, 8447055760
ସୁନ୍ଦରଗଡ଼ - 7351004140, 7055111132
3rd Floor, D.N. Enclave, Meerut, U.P.

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 50% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

FINANCE
ବ୍ୟବସାୟୀମାନେ ନିଜ ବ୍ୟବସାୟର ଫଟୋ (ଦୋକାନ, ମେସିନ, ଗାଡ଼ି) ଓ ପ୍ରମାଣପତ୍ର ଦେଇ ୨୦ଲକ୍ଷ ଏବଂ ବେରୋଜଗାରୀ ନୂତନ ବ୍ୟବସାୟ କରିବାପାଇଁ ଆନୁମାନିକ ମୂଲ୍ୟର ବିବରଣୀ ଦେଇ ୧୫ଲକ୍ଷ ପର୍ଯ୍ୟନ୍ତ ବାର୍ଷିକ ୪% ସୁଧରେ ଋଣ ନେଇ ପାରିବେ।
Contact 8658340105

**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ସଂକ୍ଷେପରେ

### ୨୨୬୨୬ ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ୧୦୩ କେନ୍ଦ୍ର

କେନ୍ଦ୍ରାପଡ଼ା ଅଫିସ, ୬।୨: ଫେବୃୟାରୀ ୨୨ରୁ ମାଟ୍ରିକ ପରୀକ୍ଷା ଆରମ୍ଭ ଏହି ପରୀକ୍ଷା ୮ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ । ଏନେଇ କେନ୍ଦ୍ରାପଡା ଜିଲାରେ ପ୍ରସ୍ତୁତି ଚାଲି ରହିଛି। ଜିଲା ଶିକ୍ଷା ବିଭାଗ ସୂଚନା ଅନୁଯାୟୀ, ଚଳିତ ବର୍ଷ ମୋଟ ୧୦୩ କେନ୍ଦ୍ରରେ ପରୀକ୍ଷା ହେବ । ଏଥିପାଇଁ ରେଗୁଲାର, ଏକ୍ସ ରେଗୁଲାର, କରେସପଣ୍ଡେନ୍ସ ଓ ମଧ୍ୟମା ଶ୍ରେଣୀରେ ୨୨,୬୨୬ ଶିକ୍ଷାର୍ଥୀ ଫର୍ମ ପୂରଣ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଜିଲାରେ ୬ଟି ନୋଡାଲ ସେଣ୍ଟର କରାଯାଇଛି। ସେଗୁଡିକ ହେଉଛି ରାଜକନିକା ଆର.ଏନ ହାଇସ୍କୁଲ, ଆଳି ହାଇସ୍କୁଲ, ପଟ୍ଟାମୁଣ୍ଡାଇ କଣଶଆଁ ହାଇସ୍କୁଲ, ରାଜନଗର ହାଇସ୍କୁଲ, କେନ୍ଦ୍ରାପଡା ଟାଉନ ହାଇସ୍କୁଲ, ଡେରାବିଶର ବାଲିଆ ହାଇସ୍କୁଲ, ମାର୍ଶାଘାଇ ସରକାରୀ ହାଇସ୍କୁଲ,ମହାକାଳପଡା ଜୟଗୁରୁ ପଞ୍ଚାୟତ ହାଇସ୍କୁଲ ଓ ଗରଦପୁର ପାଟକୁରା ହାଇସ୍କୁଲ । ଏହି ନୋଡାଲ ସେଣ୍ଟରରୁ ପୁଲିସ ଜଗୁଆଳି ଗାଡିରେ ପ୍ରଶ୍ନପତ୍ରଗୁଡ଼ିକ ପରୀକ୍ଷାକେନ୍ଦ୍ରକୁ ନିଆଯିବ। ରାଜନଗର ବ୍ଲକରେ ୧୯ଟି ଗାଡି ନିୟୋଜିତ ହେବ ବୋଲି ଜିଲା ବିଜ୍ଞାନ ଶିକ୍ଷକ ଅଭୟ କୁମାର ପ୍ରତିହାରୀ ସୂଚନା ଦେଇଛନ୍ତି।

### ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ



ରାଜକନିକା, ୬।୨ (ଡି.ଏନ୍.ଏ.): ରାଜକନିକା ବ୍ଲକର ମହୁରୀ ଗ୍ରାମସ୍ଥିତ ବୀଣାପାଣି କ୍ରିକେଟ କ୍ଲବ ପକ୍ଷରୁ ବ୍ଲକସ୍ତରୀୟ ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଭାଗ ନେଇଥିଲେ। ତଇଲା କ୍ରିକେଟ ଟିମ ଓ ପଣ୍ଡିଆପଲ୍ଲୀ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ତଇଲାକୁ ହରାଇ ପଣ୍ଡିଆପଲ୍ଲୀ ଚାମ୍ପିୟନ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ଦାସ ମୁଖ୍ୟଅତିଥି, ଖବରଦାତା ସନ୍ତୋଷ ପଣ୍ଡା ମୁଖ୍ୟବକ୍ତା ଓ କୁମର ନାୟକ, ଖବରଦାତା ବ୍ରଜ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରିକେଟ୍ କ୍ଲବ ସଭାପତି ହିତେଶ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତାରାକାନ୍ତ ବଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କ୍ଲବ ସଦସ୍ୟ ପ୍ରବୀଣ ବଳ, ଶ୍ରୀକାନ୍ତ ବଳ, ଅଭିଜିତ, ଶ୍ରୀତମ ବଳ, ରାଜେଶ ବଳ, କମଳାକାନ୍ତ ଜେନା, ସୁକାନ୍ତ ବଳ, ସତ୍ୟବ୍ରତ ବଳ, ସୁରେଶ ବଳ, ଦେବେନ୍ଦ୍ର ବଳ, ଜୀବନ ପଣ୍ଡା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ସତ୍ୟବ୍ରତ ସ୍ୱାଇଁ ଓ କମଳେନ୍ଦୁ ମହାନ୍ତି ଏଥିରେ ସହଯୋଗ କରିଥିଲେ।

### ବିଜେଡି ପକ୍ଷରୁ କର୍ମକର୍ତ୍ତା ନିଯୁକ୍ତି

ରାଜନଗର, ୬।୨(ଡିଏନଏ): ରାଜନଗର ବ୍ଲକ ବିଜେଡିର ସାଧାରଣ ସଂପାଦକ ଭାବେ ବାଲିସାହିପାଟଣାର ପୂର୍ବତନ ସରପଞ୍ଚ ତାପସ ସାହୁ ଓ ବ୍ଲକ ମିଡିଆ ସେଲର ମୁଖ୍ୟ ଭାବେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ଶତପଥୀଙ୍କୁ ଦଳ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ ବୁଧବାର ପ୍ରେସ ବିବୃତିରେ ଏହା ଜଣାଇଛନ୍ତି ।

### ସ୍ମୃତିଚାରଣ ସଭା

ପଟ୍ଟାମୁଣ୍ଡାଇ, ୬।୨ (ସ୍ୱ.ପ୍ର) : ପଟ୍ଟାମୁଣ୍ଡାଇ ବ୍ଲକର ଜରିଆ ମହାବୀର ମଣ୍ଡପଠାରେ ସ୍ୱର୍ଗତ କୃଷ୍ଣଚନ୍ଦ୍ର ସେଠୀଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ଇତିମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଶିକ୍ଷକ ନେତା ମିର୍ଜା ଉମର ବେଗ ସଭାପତିତ୍ୱ କରିଥିଲେ । ସଭାରେ ପରିଷଦର ବରିଷ୍ଠ ସଭ୍ୟ କିଶୋର ଚନ୍ଦ୍ର ପରିଡା, କୁମର ବାୟୀ, ସମିତି ସଭ୍ୟ ଶ୍ରୀକାନ୍ତ ସାହୁ , ପ୍ରଫୁଲ୍ଲ ବାରିକ, ଅକ୍ଷୟ ଜେନା, ତ୍ରିଲୋଚନ ଜେନା, ବଂଶୀଧର ନାୟକ, ପରମାନନ୍ଦ ସେଠୀ, ପ୍ରେମାନନ୍ଦ ସାମଲ, ଯଦୁମଣି ଦାସ, ରବୀନ୍ଦ୍ର ଦାସ, ତ୍ରିଲୋଚନ ସ୍ୱାଇଁ, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ କୃଷ୍ଣଚନ୍ଦ୍ରଙ୍କ ଧର୍ମପ୍ରାଣ ଭାବନା ଓ ପ୍ରଭୁ ଶ୍ରୀରାମଙ୍କ ପ୍ରତି ସମର୍ପଣ ଭାବ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ କୃଷ୍ଣଚନ୍ଦ୍ରଙ୍କ ଉଦ୍ୟମରେ ଗତ ୨୫ ବର୍ଷ ଧରି ଜରିଆଠାରେ ଶ୍ରୀରାମ ଚରିତ ମାନସ ପାରାୟଣ ଆୟୋଜିତ ହୋଇ ଆସୁଥିଲା ବୋଲି ବକ୍ତାମାନେ ପ୍ରକାଶ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ ।

# ମହିଳା ଚାଲାଣ,ଶୋଷଣ ଚିନ୍ତାର କାରଣ

ମହାକାଳପଡା,(ଡି.ଏନ୍.ଏ)୬।୨



କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ ।

କେନ୍ଦ୍ରାପଡା ଜିଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ଦିନକୁ ଦିନ ନାବାଳିକା ବିବାହ, ବେଆଇନ ଯୁବତୀ ଓ ମହିଳା ଚାଲାଣ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏନେଇ ବୁଧବାର ମହାକାଳପଡା ବ୍ଲକ ରାମନଗର ପଞ୍ଚାୟତ ଅନ୍ତର୍ଗତ ମା' ରାମଚଣ୍ଡୀ ପୀଠ ପରିସରରେ ଏକ ଦିବିକିଆ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା କମିଶନ ଓ ଆଇ-କନସେପ୍ଟ ଇନିସିଏଟିଭସ୍ ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କର୍ମଶାଳାକୁ ରାଜ୍ୟ ମହିଳା କମିଶନର ବରିଷ୍ଠ ସଦସ୍ୟା କୁସୁମ ରଥ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜନ କରାଯାଇଥିଲା। 'ମହିଳା ଚାଲାଣ ଓ ଶୋଷଣ ଚିନ୍ତାର କାରଣ' ଶୀର୍ଷକ ଏକ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ଅତିଥିଭାବେ ମହିଳା କମିଶନ ସଦସ୍ୟା ତିଳୋତ୍ତମା ନାୟକ, ମମତା ଦାସ, ଡଲି ଦାସ, ନମିତା ଦାସ, ଲିତାଞ୍ଜଳି ଦାସ, ସୁନନ୍ଦାକାନୁନଗୋ ଓ ବ୍ଲକ ସିଡିପିଓ ମନୋରମା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ମହିଳା ଓ ଯୁବତୀମାନଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ବେଆଇନ କାର୍ଯ୍ୟରେ ନିୟୋଜିତ କରାଯିବା ସହ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଛି। ସେମାନଙ୍କ ସୁରକ୍ଷା ପାଇଁ ଆଇନରେ ବ୍ୟବସ୍ଥା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିଯୋଗୁ ମହିଳା ଅବା ଯୁବତୀ ଚାଲାଣ ଓ ଶୋଷଣ ସମ୍ପର୍କରେ କୌଣସି ଅଭିଯୋଗ ମିଳିଲେ ପୋଲିସ ତଥା ଆଇନର ଆଶ୍ରୟ ନେବା ପାଇଁ ଉପସ୍ଥିତ ମହିଳାମାନଙ୍କୁ ପରାମର୍ଶ ଦିଆଯାଇଥିଲା।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ମାର୍ଶାଘାଇ,୬।୨(ଡିଏନଏ)

ଜମ୍ବୁ-ମାର୍ଶାଘାଇ ରାସ୍ତାର କେନାଲ ବ୍ରିଜ ନିକଟରେ ଟ୍ରେକର ସଂଘ,ଆଞ୍ଚଳିକ ପରିବହନ ସଂସ୍ଥା ଏବଂ ମାର୍ଶାଘାଇ ଥାନା ପୋଲିସର ମିଳିତ ଆନୁକୂଲ୍ୟରେ ବୁଧବାର ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ଏସପି ନୀତିଶେଖର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରାପଡା ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ,ସହକାରୀ ପରିବହନ ଅଧିକାରୀ ଅକ୍ଷୟ କୁମାର ମହାପାତ୍ର,ମାର୍ଶାଘାଇ ଥାନାଧିକାରୀ କାଳନ୍ଦୀ ବେହେରା,ଟ୍ରେକର ସଂଘ ସଭାପତି ସୁବାସଚନ୍ଦ୍ର ସାହୁ, ଶ୍ରୀବଲ୍ଲଭ ନାୟକ,ସ୍ୱରୁପ ସ୍ୱାଇଁ,ଖଗେଶ୍ୱର ସ୍ୱାଇଁ,ପରିବହନ କାର୍ଯ୍ୟାଳୟର କମଳ ଲୋଚନ ଦାସ,ନିର୍ମଳ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଚକ୍ଷୁ ବିଶେଷଜ୍ଞ ଡ. ରାଜକିଶୋର ପଟ୍ଟନାୟକ ସମସ୍ତ ଡ୍ରାଇଭର ହେଲପର,ବାଇକ ଆରୋହୀମାନଙ୍କର ଚକ୍ଷୁ ପରୀକ୍ଷା କରି ସୁସ୍ଥ ଚକ୍ଷୁ ପାଇଁ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ।

# ବୈଜୟନ୍ତଙ୍କ ଚପରକୁ ମିଳିଲାନି ଅବତରଣ ଅନୁମତି

କେନ୍ଦ୍ରାପଡା ଅଫିସ/ମହାକାଳପଡା, (ଡି.ଏନ୍.ଏ.)୬।୨

ପୂର୍ବତନ ଏମପି ବୈଜୟନ୍ତ ପଣ୍ଡା ବୁଧବାର ମହାକାଳପଡା ବ୍ଲକ ବଟିଘର ପଞ୍ଚାୟତକୁ ଚପର ଯୋଗେ ଆସିବାର କାର୍ଯ୍ୟକ୍ରମ ଥିଲା। ପୂର୍ବରୁ ଏନେଇ ଅନୁମତି ମିଳିଥିଲେ ମଧ୍ୟ ଜିଲା ପୋଲିସ ମନା କରିଦେଇଛି। ଫଳରେ ସେ ବୁଲେଟରେ ବଟିଘର ପଞ୍ଚାୟତକୁ ଆସିବାକୁ ବାଧ ହୋଇଛନ୍ତି। ଏହି ପଞ୍ଚାୟତ ଅନ୍ତର୍ଗତ ଜଣେ ବ୍ୟକ୍ତିଙ୍କ ଜମିରେ ପୂର୍ବାହ୍ନ ୧୦.୪୫ ମିନିଟରେ ତାଙ୍କ ଚପର ଅବତରଣ କରିବାକୁ ପୂର୍ବରୁ ଅନୁମତି ମିଳିଥିଲା। ମାତ୍ର ଜିଲା ପୋଲିସ ଶେଷ ମୁହୂର୍ତ୍ତରେ ମନା କରିଦେଇଛି ବୋଲି ବୈଜୟନ୍ତ ନିଜ ଟୁଇଟର ପେଜରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଏସପି ନୀତିଶେଖର କହିଛନ୍ତି, ସମ୍ପୃକ୍ତ ଜମି ମାଲିକର ଅନୁମତି ନ ଥିବାରୁ ଚପରକୁ ଓହ୍ଲାଇବାକୁ ପାଇଁ ମନା କରାଯାଇଛି। ଏଥିଯୋଗୁ ବୈଜୟନ୍ତ ପ୍ରଥମେ ଏକ ୪ ଚକିଆ ଗାଡିରେ ଖରିନାସୀସ୍ଥିତ ଟୁବି ଫେରିଘାଟକୁ ଆସିଥିଲେ। ସେଠାରେ ଘାଟ ପାର ହେବା ପରେ ବୁଲେଟ୍ ଗାଡିରେ କେତେଜଣ ସମର୍ଥକଙ୍କ ଗହଣରେ ଉତ୍ତର ବରକୋଳିଖୋଲା, କୋଟିଲା ବେଲାରୀ, ବଟିଘର ଓ ଦକ୍ଷିଣ ବରକୋଳିଖୋଲା ଆଦି ଗ୍ରାମକୁ ଯାଇଥିଲେ। ଏହି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ତାତନା-ଆମ୍ଭେର ରାସ୍ତା ଶିଳାନ୍ୟାସ

ପଟ୍ଟାମୁଣ୍ଡାଇ,୬।୨ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇଠାରୁ ତାତନା-ଆମ୍ଭେର ରାସ୍ତାର ନବୀକରଣ ଓ ପ୍ରଶସ୍ତିକରଣ ପାଇଁ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ରବିବାର ପୂର୍ବାହ୍ନରେ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଛକ ନିକଟରେ ଶିଳାନ୍ୟାସ କରିଛନ୍ତି । ବହୁ ଦିନ ଧରି ଏହି ରାସ୍ତା ନିର୍ମାଣ ହୋଇ ପାରୁ ନ ଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।୩ କୋଟି ୭୩ ଲକ୍ଷ ୬୦ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ ହେଲେ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ସହିତ ବ୍ଲକର ୧୦ଟି ପଞ୍ଚାୟତକୁ ସିଧାସଳଖ ସଂଯୋଗ ହୋଇପାରିବ ବୋଲି ବିଧାୟକ ମହାନ୍ତି କହିଛନ୍ତି । ଏଥିସହିତ ଅଳଭା-ଗଣ୍ଡାକିଆ ଠାରୁ ୭୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଖାରୁଣୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ବିଧାୟକ ଶିଳାନ୍ୟାସ କରିଥିଲେ । ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟଠାରୁ ନଗର କଂଗ୍ରେସ ସଭାପତି ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଏକ ବାଇକ ଶୋଭାଯାତ୍ରାରେ ବିଧାୟକ ମହାନ୍ତିଙ୍କୁ ଶିଳାନ୍ୟାସସ୍ଥଳ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବନେତା ମନୋରଞ୍ଜନ ପ୍ରଧାନ, ପୂର୍ବତନ କାଉନସିଲର ସେକ୍ ଅମରୁଲ, କଳାକାର ସେଠୀ, ସେକ୍ ତାଜଉଦ୍ଦିନ୍, ତପନ ପାତ୍ର, ଦିଲ୍ଲୀପ ମହାନ୍ତି , ଓଁକାର ମହାନ୍ତି , କେଶବ ମଲିକ, ମଳୟ ଦାସ, ଅମୂଲ୍ୟ ପ୍ରଧାନ, ଆଲୋକ ଧଳ, ସୁଶାନ୍ତ ରାଉତ, ସୁବାସ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହି କଖାରୁଣୀ ରାସ୍ତାକୁ ପୂର୍ବରୁ ବିଜେଡି ଜିଲା ସଭାପତି ରାଜନୈତିକ ଅଭିସନ୍ଧି ରଖି ଶିଳାନ୍ୟାସ କରିଥିଲେ । ଏଥିନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବା ଫଳରେ ବିଧାୟକ ମହାନ୍ତି ଏହି ରାସ୍ତାକୁ ପୁନର୍ବାର ଶିଳାନ୍ୟାସ କରିଥିଲେ । ଏହାଛଡା ପଟ୍ଟାମୁଣ୍ଡାଇକୁ ସବ୍-ଡିଭିଜନ ଘୋଷଣା କରିବା ଓ ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ଡାକ୍ତର ପଦବୀ ପୂରଣ କରିବା ପାଇଁ ସେ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ସମୀର ଜେନା, ରଞ୍ଜିତ ଜେନା, ମୁରଲୀଧର ସେଠୀ, ସୁବାସ ପ୍ରଧାନ, ପ୍ରେମାନନ୍ଦ ବାରିକ, ସମ୍ରାଟ ଜେନା, ସରୋଜ ମହାପାତ୍ର, ଜଗନ୍ନାଥ ମଲିକ, ସେକ୍ ତଇଦୁଲ୍ଲାଙ୍କ ସମେତ ଶତାଧିକ ନେତା ଓ କର୍ମୀ ଯୋଗ ଦେଇଥିଲେ ।

# ବଗପାଟିଆରେ କମ୍ୟୁନିଟି ହଲ ହେବ

ରାଜନଗର, ୬।୨(ଡିଏନଏ)

ରାଜନଗର ବ୍ଲକ ଅଧୀନ ସାତଭାୟା ପଞ୍ଚାୟତର ବଗପାଟିଆଠାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ୨ଟି ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମା' ପଞ୍ଚୁବରାହୀଙ୍କ ମନ୍ଦିର ନିକଟରେ ଏକ କମ୍ୟୁନିଟି ହଲ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ। ବଗପାଟିଆଠାରେ ମଡେଲ ପୁଷ୍କରିଣୀ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ। ଏହି ଦୁଇଟି ପ୍ରକଳ୍ପକୁ ଜିଲା ଯୋଜନା ବୋର୍ଡ ସଦସ୍ୟ ତଥା ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ୩୨ ନଂ ଜୋନ ଜିଲା ପରିଷଦ ସଭ୍ୟ ରବିନ୍ଦ୍ର ସେଠୀ, ବ୍ଲକ ବିଜେଡି ସାଧାରଣ ସଂପାଦକ ତାପସ ସାହୁ, ନିରଞ୍ଜନ ରାଉତ, ଗୁପ୍ତି ପଞ୍ଚାୟତର ସରପଞ୍ଚ ସର୍ବେଶ୍ୱର ସାହୁ, ଦିବ୍ୟଲୋଚନ ରାଉତ, ନିଗମାନନ୍ଦ ରାଉତ, ମଙ୍ଗୁଳି ଚରଣ ଦାସ, କାହ୍ନୁ ଚରଣ ସ୍ୱାଇଁ, ରଶ୍ମିରଞ୍ଜିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

■ ନବନିର୍ମାଣ କୃଷକ ସଂଗଠନର ବିଧାନସଭା ଘେରାଉ ଡାକରା

# ବାଟରେ ଚାଷୀଙ୍କୁ ଅଟକାଇଲା ପୋଲିସ


ଏସ୍‌ପି ଅଫିସ ସମ୍ମୁଖରେ ଚାଷୀମାନଙ୍କୁ ଅଟକ ରଖାଯାଇଛି।

କେନ୍ଦ୍ରାପଡା ଅଫିସ, ୬।୨

ପ୍ରାଇସ, ପ୍ରେଷ୍ଟିଜ ଓ ପେନସନ ଦାବିରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବୁଧବାର ବିଧାନସଭା ଘେରାଉ ପାଇଁ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲାରୁ ବହୁ ଚାଷୀ ବିଭିନ୍ନ ଗାଡିରେ ଭୁବନେଶ୍ୱର ଯାଉଥିଲେ। ତେବେ ସେଥିରୁ ୧୨ଟି ଗାଡିକୁ ଜିଲା ପୋଲିସ ବାଟରେ ଅଟକାଇ ଦେଇଥିଲେ। ୫ ନଂ (କ) ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଓ କଟକ ଚାନ୍ଦବାଲି ରାଜ୍ୟ ରାଜପଥ (୯-ଏ)ର ଚାନ୍ଦୋଳ ଠାରେ ପୋଲିସ ଗାଡ଼ିଗୁଡିକୁ ଅଟକାଇ ଏସ୍‌ପି ଅଫିସକୁ ନେଇଥିଲା। ସେଠାରେ ପୂର୍ବାହ୍ନ ୯ଟା ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ୫ ଘଣ୍ଟା ଅଟକ ରଖିବା ପରେ ପୋଲିସ ସେମାନଙ୍କୁ ଛାଡି ଦେଇଥିଲେ। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ନବ ନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା ମନୋଜ କୁମାର ସ୍ୱାଇଁ କୁହନ୍ତି, କୃଷକ ସଂଗଠନର ସଂଯୋଜକ ଅକ୍ଷୟ କୁମାରଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ସମ୍ମିଳନୀରେ ଯୋଗଦେବା ପାଇଁ ଚାଷୀମାନେ ଭୁବନେଶ୍ୱର ଯାଉଥିଲେ। ମାତ୍ର କୌଣସି କାରଣ ନ ଥାଇ ସେମାନଙ୍କୁ ଅଟକାଇ ଦେଇଥିଲା। ରାଜ୍ୟ ସରକାର ଚାଷୀଙ୍କ ପାଇଁ ଉନ୍ନୟନ ଯୋଜନା କରୁଥିବା ଡିଣ୍ଡିମ ପିଟୁଥିବା ବେଳେ ଥାନାରେ ଅଟକ ରଖି ସେମାନଙ୍କ ପ୍ରତି ତାଙ୍କର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଏସପି ନୀତିଶେଖର କହିଛନ୍ତି, ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଚାଷୀମାନଙ୍କୁ ଅଟକ ରଖାଯାଇଥିଲା। ମାତ୍ର ଏହି ସମୟରେ ଯାତାୟାତରେ ବାଧା ଉପୁଜିବାରୁ ସେମାନଙ୍କୁ ଜିଲା ପୋଲିସ କାର୍ଯ୍ୟାଳୟକୁ ଅଣାଯାଇଥିଲା।

# ଦିନକୁ ଦରମା ୩୩ ଟଙ୍କା, ପରିବାର ଚଳାଇବା ଚିନ୍ତା

ମାର୍ଶାଘାଇ,୬।୨(ଡିଏନ୍ଏ)

ଅଭୟ ପରିଡ଼ା ,ବୟସ ପାଖାପାଖି ୫୦ । ମାର୍ଶାଘାଇ ବ୍ଲକ ଶିଳିପୁର ପଞ୍ଚାୟତ କାର୍ଯ୍ୟାଳୟର ପିଅନ ଭାବେ ସେ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରୁଛନ୍ତି । ଘରେ ଭିନ୍ନକ୍ଷମ ସ୍ତ୍ରୀ । ଯିଏ କି ଗୃହ କାର୍ଯ୍ୟ କରିବା ପାଇଁ ସମ୍ପୂର୍ଣ୍ଣ ଅକ୍ଷମ । କିନ୍ତୁ ଭିନ୍ନକ୍ଷମ ହୋଇ ମଧ୍ୟ ସେ ସରକାରୀ ସହାୟତାରୁ ବଞ୍ଚିତ । ଝିଅ ଯୁକ୍ତ ଦୁଇ ପର୍ଯ୍ୟନ୍ତ ପାଠ ପଢ଼ିଛି ହେଲେ ଅର୍ଥ ଅଭାବରୁ ପାଠପଢ଼ା ବନ୍ଦ ହୋଇଛି। ପୁଅ ଗ୍ରାମ ସ୍କୁଲରେ ୯ମ ଶ୍ରେଣୀରେ ପାଠ ପଢୁଛି । ଅଭୟଙ୍କ ମାସିକ ଦରମା ୧୦୦୦ ଟଙ୍କା । ବର୍ତ୍ତମାନ ମହଙ୍ଗା ଯୁଗରେ ଏତେ କମ ଆୟରେ ପରିବାର ଚଳାଇବା କଷ୍ଟକର ହେଉଛି ବୋଲି ଅଭୟ କୁହନ୍ତି। କେବଳ ଅଭୟ କାହିଁକି ଏହି ବ୍ଲକର ୨୪ ଗୋଟି ପଞ୍ଚାୟତର ପିଅନ ଓ ଦୁଇ ଜଣ ରାତି ଜଗୁଆଳି ଖୁବ କମ୍ ଦରମାରେ ବର୍ଷ ବର୍ଷ ଧରି ରହିଛନ୍ତି। ସେମାନେ ବହୁବାର ବିଡିଓଙ୍କୁ ଭେଟି ନିଜର ସମସ୍ୟା ଜଣାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ପିଅନ ବିନା ଗୋଟିଏ ପଞ୍ଚାୟତ ଅଫିସ ଚାଲିବା ସହଜ ନୁହେଁ । ପ୍ରତିଦିନ ସକାଳୁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଖୋଲି ଝାଡୁ ମାରି ସଫା ସୁତୁରା କରିବା ସହ ସରପଞ୍ଚ ଆସିବା ପୂର୍ବରୁ ଆବଶ୍ୟକ ସାମଗ୍ରୀ ରଖିବା କାର୍ଯ୍ୟ ସଂପାଦନ କରନ୍ତି। ଅଧିକାରୀଙ୍କ ଅନୁପସ୍ଥିତିରେ ପଞ୍ଚାୟତକୁ ଆସୁଥିବା ହିତାଧିକାରୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଅବଗତ କରିଥାନ୍ତି। ସରକାରୀ ଚିଠିପତ୍ର ବ୍ଲକ କାର୍ଯ୍ୟାଳୟକୁ ନେବା ଆଣିବା କରିବା ଠାରୁ ଆରମ୍ଭ କରି ଗ୍ରାମସଭା,ପଲ୍ଲୀସଭା,ସୈରାତ ନିଲାମ,ପୋଖରୀ ନିଲାମ, ହାଟ ନିଲାମ ସମ୍ପର୍କିତ ନୋଟିସ ନେଇ ଲୋକଙ୍କୁ ଅବଗତ କରିଥାନ୍ତି । ସେହି ନୋଟିସକୁ ଜନଗହଳିପୂର୍ଣ୍ଣ ସ୍ଥାନରେ କାନ୍ଥରେ ମାରିବା କାର୍ଯ୍ୟ ମଧ୍ୟ କରିଥାନ୍ତି। ମାତ୍ର ଏତେ ସବୁ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କର ଦୁଃଖ ସରକାର କେବେ ବୁଝିବେ ବୋଲି କୋହ ଭରା କଣ୍ଠରେ କହିଛନ୍ତି ଶିଳିପୁର ଗ୍ରାମ ପଞ୍ଚାୟତ କର୍ମଚାରୀ ଅଭୟ । ଏହି ବ୍ଲକର କେତେକ ପଞ୍ଚାୟତ ନିଜସ୍ୱ ଆୟରୁ ପିଅନଙ୍କୁ ଦରମା ବାବଦରେ ମାସକୁ ୨୦୦ ଟଙ୍କା ଦେଉଛି ତ ଆଉ କେତେକ ପଞ୍ଚାୟତ ୧୫୦୦ ଟଙ୍କା ଦେଉଛି। ଏତିକି ଟଙ୍କାରେ ସଂସାର କିପରି ଚଳିବ ବୋଲି ପ୍ରଶ୍ନ କରିଛନ୍ତି ଅଭୟଙ୍କ ଭଳି ଅନ୍ୟମାନେ। ଦୁମୁକା ପଞ୍ଚାୟତର ଭୁବନ ମୋହନ ପରିଡା ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ପଞ୍ଚାୟତରେ କାର୍ଯ୍ୟ କରି ଆସୁଥିଲେ ହେଁ ତାଙ୍କ ଦୁଃଖ କେହି ବୁଝି ନାହାନ୍ତି ବୋଲି ସେ କ୍ଷୋଭର ସହ କହିଛନ୍ତି । ସେହିପରି ମଙ୍ଗରାଜପୁର ପଞ୍ଚାୟତ କର୍ମଚାରୀ ନୂତନ ମଲିକ, କୁହୁଡି ପଞ୍ଚାୟତର ଭୀମଦେବ ସାହୁ, ପରକୁଳା ପଞ୍ଚାୟତର କୁଳମଣି ପଣ୍ଡା,ବଛରାଇ ପଞ୍ଚାୟତର ଅଙ୍କୁର ବାରିକ,ବଟିରା ପଞ୍ଚାୟତର ରଞ୍ଜନ ବେହେରାଙ୍କ ମତରେ ଆଜି ଯାଏ ଆମେ ପଞ୍ଚାୟତର ପିଅନ ବୋଲି ବିଭାଗ କିମ୍ବା ସରକାରଙ୍କ ପାଖରେ ଖବର ନାହିଁ। ତଥାପି କର୍ତ୍ତବ୍ୟରେ ହେଳା କରିନାହୁଁ ବୋଲି ସେମାନେ କହିଛନ୍ତି ।

## ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ


ଆନ୍ଧ୍ର ବ୍ୟାଙ୍କ (ଭାରତ ସରକାରଙ୍କ ଏକ ଉପକ୍ରମ)
କଟକ ମୁଖ୍ୟ ଶାଖା, କଟକ, ଜିଲ୍ଲା: କଟକ, ଫୋନ୍: ୦୬୭୧-୨୪୧୩୫୯୩(ଶାଖା)/ ୦୬୭୪-୨୩୫୪୦୩୪ (ଆଞ୍ଚଳିକ କାର୍ଯ୍ୟାଳୟ)

**ଦଖଲ ନୋଟିସ୍**
{ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ନିୟମ-୮(୧)}
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଆନ୍ଧ୍ର ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି **ଋଣଗ୍ରହୀତା(ମାନ): ୧. ମେସର୍ସ ସାଇ ଡିଭାଇନ ଆଣ୍ଡ୍ କୋଃ.**, ଏହାକୁ ପ୍ରତିନିଧିତ୍ୱ କରୁଥିବା ଅଂଶୀଦାରମାନେ: କ) **ଶ୍ରୀ ନୀଲରତନ କର୍ମାକର,** ପିତା: ଶଶାଙ୍କ କର୍ମାକର, ଖ) **ଶ୍ରୀମତୀ ତନୁଶ୍ରୀ କର୍ମାକର,** ସ୍ୱାମୀ: ନୀଲରତନ କର୍ମାକର, **୨. ଶ୍ରୀ ନୀଲରତନ କର୍ମାକର,** ପିତା: ଶଶାଙ୍କ କର୍ମାକର, **୩. ଶ୍ରୀମତୀ ତନୁଶ୍ରୀ କର୍ମାକର,** ସ୍ୱାମୀ: ନୀଲରତନ କର୍ମାକର, **ଜାମିନ୍‌ଦାର(ମାନ): ୪. ଶ୍ରୀ ସନାତନ କର୍ମାକର,** ପିତା: ଶଶାଙ୍କ କର୍ମାକର, **୫. ଶ୍ରୀ ଚନ୍ଦନ କର୍ମାକର,** ପିତା: ଶଶାଙ୍କ କର୍ମାକର, ସମସ୍ତଙ୍କ ଠିକଣା- ସା: କାଳୀଗଳି, ହାଇକୋର୍ଟ ଛକ ନିକଟ, ଚାନ୍ଦିନୀ ଚୌକ, କଟକ-୨, ଓଡ଼ିଶା, ଭାରତଙ୍କୁ **ତା.୦୨.୧୧.୨୦୧୮**ରିଖରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ସମସ୍ତ ଅର୍ଥ **ତା୩୧.୧୦.୨୦୧୮ରିଖ ସୁଦ୍ଧା ଟ.୭୩,୯୯,୨୩୫.୦୦ (ତେସ୍ତରୀ ଲକ୍ଷ ଅନେଶତ ହଜାର ଦୁଇ ଶହ ପଇଁତିରିଶ ଟଙ୍କା ମାତ୍ର)** କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦** ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତାମାନେ ବକେୟା ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ **ତା.୦୪.୦୨.୨୦୧୯ରିଖ**ରେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ଦଖଲ** ନେଇଛନ୍ତି।

ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩(୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ତା୦୪.୦୨.୨୦୧୯ରିଖ ସୁଦ୍ଧା ଟ.୭୧,୪୫,୦୮୨.୦୦ (ଏକସ୍ତରୀ ଲକ୍ଷ ପଇଁଚାଳିଶ ହଜାର ବୟାଅଶୀ ଟଙ୍କା ମାତ୍ର)** ଏବଂ ସେବାବଦ ପରବର୍ତ୍ତୀ ସୁଧ ନିମନ୍ତେ **ଆନ୍ଧ୍ର ବ୍ୟାଙ୍କ, କଟକ ମୁଖ୍ୟ ଶାଖା,** କଟକ ନିକଟରେ ଉତ୍ତରଦାୟୀ ରହିବେ।

**ସ୍ଥାବର ସମ୍ପତ୍ତିର ବିବରଣୀ**

**ଶ୍ରୀ ନୀଲରତନ କର୍ମାକର, ଶ୍ରୀ ସନାତନ କର୍ମାକର ଏବଂ ଶ୍ରୀ ଚନ୍ଦନ କର୍ମାକର**ଙ୍କ ନାମରେ ଥିବା ବାସୋପଯୋଗୀ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର **ସମୁଦାୟ କ୍ଷେତ୍ର: ଏକର୦.୪୫ଡିସିମିଲି,** ଖାତା ନଂ.: ୬୦୧/୧୫୫, ପ୍ଲଟ୍ ନଂ.: ୧୮୫୯, କ୍ଷେତ୍ର: ଏକର୦.୦୩୯ ଡିସିମିଲି ଏବଂ ଖାତା ନଂ.: ୬୦୧/୧୫୮, ପ୍ଲଟ୍ ନଂ.: ୧୮୫୮, କ୍ଷେତ୍ର: ଏକର୦.୦୬ଡିସିମିଲି, ସା: କାଳୀଗଳି, ଗଣେଶ ମନ୍ଦିର ନିକଟ, ଚାନ୍ଦିନୀ ଚୌକ (ହାଇ କୋର୍ଟ ଛକ), ଏସ୍‌ଆରଓ/ଥାନା: କଟକ ଟାଉନ୍, ଜିଲ୍ଲା: କଟକ, ଓଡ଼ିଶା, ଭାରତ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଧ୍ୱଜମଣି ମହାପାତ୍ର, ପଶ୍ଚିମ: କୁଞ୍ଜ ବିହାରୀ ଦାସ, ଦକ୍ଷିଣ: ଭାରତୀ ମଠ, ଉତ୍ତର: ମ୍ୟୁନିସିପାଲିଟି ରୋଡ୍

ତାରିଖ: ୦୬.୦୨.୨୦୧୯
ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ ଓ ମୁଖ୍ୟ ପ୍ରବନ୍ଧକ
ଆନ୍ଧ୍ର ବ୍ୟାଙ୍କ (କଟକ ମୁଖ୍ୟ ଶାଖା ତରଫରୁ)



**କମାଣ୍ଡାଣ୍ଟ ଟିଏଚ୍‌କ୍ୟୁ, ୧୧୨ ବିଏନ୍ ବିଏସ୍‌ଏଫ୍, ଏମ୍‌ଭି-୭୯, ମାଲକାନଗିରି (ଓଡ଼ିଶା)ଙ୍କ କାର୍ଯ୍ୟାଳୟ**

ନଂ.୩୪ ପିଆରଓଭି/ଅକ୍ସନ/୧୧୨ ବିଏନ୍/୨୦୧୯/୪୬୨-୮୮ ତାରିଖ: ୧୦ ଜାନୁଆରୀ, ୨୦୧୯

**ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ଅଣ-ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକୁ ତା୦୯।୦୨।୨୦୧୯ରିଖ ଟିଏଚ୍‌କ୍ୟୁ ୧୧୨ ବିଏନ୍ ବିଏସ୍‌ଏଫ୍ (ଏମ୍ ଭି-୭୯ ମାଲକାନଗିରି) ଓଡ଼ିଶାଠାରେ ସର୍ବସାଧାରଣ ନିଲାମ ମାଧ୍ୟମରେ ବିକ୍ରୟ କରାଯିବ।

**୧. ରାଶନ ସାମଗ୍ରୀ**
**୨. ପ୍ରତିରକ୍ଷା ସାମଗ୍ରୀ**
**୩. ସେକ୍ଟର ସାମଗ୍ରୀ**
**୪. କଲ୍ୟାଣ ସାମଗ୍ରୀ**
**୫. ଆର/ରୁମ୍ ସାମଗ୍ରୀ**
**୬. ମୃତ ଷ୍ଟକ୍**
**୭. ସିପିସି ସାମଗ୍ରୀ**
**୮. ଏମ୍‌ଟି ସାମଗ୍ରୀ**
**୯. ଅଗ୍ନି ନିର୍ବାପନ ସାମଗ୍ରୀ**
**୧୦. ସଞ୍ଚାର ସାମଗ୍ରୀ**
**୧୧. ନିର୍ମାଣ ସାମଗ୍ରୀ**
**୧୨. ଟେଣ୍ଟେଜ୍ ସାମଗ୍ରୀ**

୨. ନିଲାମରେ ଅଂଶଗ୍ରହଣ କରୁଥିବା ସମସ୍ତ ବିଡରଙ୍କୁ ଅଣ-ବ୍ୟବହାର୍ଯ୍ୟ ସାମଗ୍ରୀ ୧୧୨ ବିଏନ୍ ବିଏସ୍‌ଏଫ୍ ବାବଦରେ ନଗଦ ଆକାରରେ ଟ.୧୦,୦୦୦/- (ଦଶ ହଜାର ଟଙ୍କା) ମାତ୍ରର ଫେରସ୍ତଯୋଗ୍ୟ ରାଶିକୁ ବିଡ୍ ଅମାନତ ଭାବେ ଜମା କରିବାକୁ ହେବ। ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ନଗଦ ବିଡ୍ ଅମାନତ ରାଶିକୁ ଫେରସ୍ତ/ସମଯୋଜିତ କରାଯିବ।
୩. ଅଣ-ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକୁ ଯେଉଁ ସର୍ବୋଚ୍ଚ ବିଡର୍ ଉଠାଇବେ, ତାଙ୍କୁ ବିଏସ୍‌ଏଫ୍ ପରିସରରୁ ସେଗୁଡ଼ିକୁ ନେବା ପାଇଁ ନିଜସ୍ୱ ବ୍ୟବସ୍ଥା କରିବାକୁ ହେବ। ନିଲାମ କରାଯାଇଥିବା ଅଣ-ବ୍ୟବହାର୍ଯ୍ୟ ସାମଗ୍ରୀର ସ୍ଥାନାନ୍ତରଣ/ଉଠାଇବା ପାଇଁ କୌଣସି ପରିବହନ ବ୍ୟବସ୍ଥା ପ୍ରଦାନ କରାଯିବ ନାହିଁ ।
୪. ନିଲାମ ବିଭାଗୀୟ ନିୟମ ଓ ବନ୍ଦୋବସ୍ତ ଅନୁଯାୟୀ ସଞ୍ଚାଳିତ ହେବ। ନିଲାମ ସଞ୍ଚାଳନ କରୁଥିବା ଅଧିକାରୀ ପରିଷଦଙ୍କ ନିକଟରେ କୌଣସି କାରଣ ନ ଦର୍ଶାଇ ବିଡ୍‌କୁ ନାକଚ କରିବାର ପୂର୍ଣ୍ଣ ଅଧିକାର ରହିବ।
୫. କୌଣସି ଟିକସ ଦେୟ ଲାଗୁ ହେବା ପାଇଁ ବିଏସ୍‌ଏଫ୍ ଦାୟୀ ରହିବ ନାହିଁ ।
୬. ଅଣ-ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ।
୭. ନିଲାମ ଆରମ୍ଭ ହେବା ପୂର୍ବରୁ ଅଧିକାରୀ ପରିଷଦ ଦ୍ୱାରା ନିଲାମର ନିୟମ ଓ ସର୍ତ୍ତାବଳୀ ଘୋଷଣା କରାଯିବ।
୮. ଯଦି କୌଣସି କ୍ଷେତ୍ରରେ, ବିଡର୍ ୧୦ ଦିନର ନିର୍ଦ୍ଧାରିତ ସମୟ ମଧ୍ୟରେ ବକେୟା ଅର୍ଥରାଶି ଜମା କରିବା କିମ୍ବା ନିଲାମ ସ୍ଥାନରୁ ଅଣ-ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକୁ ଉଠାଇବାରେ ବିଫଳ ହୁଅନ୍ତି, ତେବେ ସେ ପ୍ରଚଳିତ ଦରରେ ଜମିର ଭଡ଼ା ପୈଠ କରିବା ଏବଂ ତାଙ୍କ ଅମାନତ ଜମାର ବାଜ୍ୟାପ୍ତିକରଣ ପାଇଁ ଦାୟୀ ରହିବେ।

ସ୍ୱା./- (ବିଜୟ କୁମାର) ଡିସି/କ୍ୟୁଏମ୍
କମାଣ୍ଡାଣ୍ଟ ୧୧୨ ବିଏନ୍ ବିଏସ୍‌ଏଫ୍‌ଙ୍କ ପାଇଁ
DAVP 19110/11/0112/1819



**COLLEGE OF FORESTRY**
Orissa University of Agriculture and Technology
Bhubaneswar - 751003

Letter No. 261 / C.For Dt. 04.02.2019

**WALK IN INTERVIEW**

College of Forestry, OUAT, Bhubaneswar will hold a walk in interview for engagement of guest faculty for the course NRM- 329, Geomatics (1+2) and NRM-521, Remote sensing and GIS Application (1+1). For details of qualification remuneration, place and time of interview refer to OUAT website **www.ouat.nic.in.**

Sd./- DEAN



**ଉତ୍ତର ରେଳପଥ**
**୧ମ ଶୁଦ୍ଧିପତ୍ର ବିଜ୍ଞପ୍ତି**
**ଖୋଲା ଇ-ଟେଣ୍ଡର ନଂ. ୮୦୨-ଏମ୍/୬/ପ୍ରୋଜେକ୍ଟ ଉତ୍କୃଷ୍ଟ/ଏମ୍‌ସି-।/୨୦୧୮-୧୯**

ଚିଫ୍ ରୋଲିଂ ଷ୍ଟକ୍ ଇଞ୍ଜିନିୟର/କୋଚିଂ, ଉତ୍ତର ରେଳପଥ, ବରୋଦା ହାଉସ୍ ଅଭିଜ୍ଞ ଏବଂ ସକ୍ଷମ ଟେଣ୍ଡରଦାତାଙ୍କ ଦ୍ୱାରା ସମ୍ପାଦିତ ହେବାକୁ ଥିବା ଇ-ଟେଣ୍ଡର ନଂ.୮୦୨-ଏମ୍/୬/ପ୍ରୋଜେକ୍ଟ ଉତ୍କୃଷ୍ଟ/ଏମ୍‌ସି-।/୨୦୧୮-୧୯ ସଂକ୍ରାନ୍ତରେ ପ୍ରଥମ ଶୁଦ୍ଧିପତ୍ର ଅପଲୋଡ୍ କରିଛନ୍ତି।

| | | |
|---|---|---|
| ୧. | କାର୍ଯ୍ୟର ନାମ | ପ୍ରୋଜେକ୍ଟ ଉତ୍କୃଷ୍ଟ ଅଧୀନରେ ଟ୍ରେନ୍‌ଗୁଡ଼ିକର ଉନ୍ନତୀକରଣ |
| ୨. | କାର୍ଯ୍ୟ ସ୍ଥାନ | ଉତ୍ତର ରେଳପଥ, ଉତ୍ତର ପୂର୍ବ ରେଳପଥ ଏବଂ ପଶ୍ଚିମ ମଧ୍ୟ ରେଳପଥରେ |
| ୩. | କାର୍ଯ୍ୟର ଅବଧି | ୮ ମାସ |
| ୪. | କାର୍ଯ୍ୟର ଆନୁମାନିକ ମୂଲ୍ୟ | ଟ.୬୫,୩୫,୫୦,୭୭୫/- (ଜିଏସ୍‌ଟିର ବ୍ୟବସ୍ଥା ସହିତ) |
| ୫. | ଟେଣ୍ଡର ଏବଂ ଶୁଦ୍ଧିପତ୍ର କାଗଜପତ୍ରର ଉପଲବ୍ଧତା | ୱେବ୍‌ସାଇଟ୍ www.ireps.gov.inରେ |
| ୬. | ପ୍ରଥମ ଶୁଦ୍ଧିପତ୍ର ଜାରି ହେବା ତାରିଖ | ତା୦୪।୦୨।୨୦୧୯ରିଖ |
| ୭. | ଟେଣ୍ଡର କାଗଜପତ୍ର ଉପଲବ୍ଧତାର ତାରିଖ ଓ ସମୟ | ତା୨୪।୦୧।୧୯ରୁ ୨୦।୦୨।୧୯ରିଖ, ୧୫.୦୦ ଘଟିକା ପର୍ଯ୍ୟନ୍ତ (କେବଳ କାର୍ଯ୍ୟଦିବସରେ) |
| ୮. | ଟେଣ୍ଡର ସମାପ୍ତିର ତାରିଖ ଓ ସମୟ | ତା୨୦।୦୨।୧୯ରିଖ ୧୫.୦୦ ଘ. |
| ୯. | ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ (ବୈଷୟିକ ବିଡ୍) | ତା୨୦।୦୨।୧୯ରିଖ ୧୫.୩୦ ଘ. |
| ୧୦. | ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ (ଆର୍ଥିକ ବିଡ୍) | ବୈଷୟିକ ମୂଲ୍ୟାୟନ ପରେ। |
| ୧୧. | ଟେଣ୍ଡର ଖୋଲାଯିବା ସ୍ଥାନ | ଉତ୍ତର ରେଳପଥ ମୁଖ୍ୟ କାର୍ଯ୍ୟାଳୟ, ବରୋଦା ହାଉସ୍, ନୂଆଦିଲ୍ଲୀ। |

**୧ମ ଶୁଦ୍ଧିପତ୍ର**

**'ପ୍ରୋଜେକ୍ଟ ଉତ୍କୃଷ୍ଟ'** ଅଧୀନରେ ଟ୍ରେନ୍‌ଗୁଡ଼ିକର ଉନ୍ନତୀକରଣ ପାଇଁ ଏକ ଖୋଲା ଇ-ଟେଣ୍ଡର (ଇ-ଟେଣ୍ଡର ନଂ.୮୦୨-ଏମ୍/୬/ପ୍ରୋଜେକ୍ଟ ଉତ୍କୃଷ୍ଟ/ଏମ୍‌ସି-୧/୨୦୧୮-୧୯), ମୂଲ୍ୟ ଟ.୬୫,୩୫,୫୦,୭୭୫/-, ତା୨୫।୦୧।୨୦୧୯ରିଖ ଦିନ ଆଇଆରଇପିଏସ୍‌ରେ ଅପଲୋଡ୍ କରାଯାଇଛି। କଥିତ ଟେଣ୍ଡର ପାଇଁ ନିମ୍ନଲିଖିତ ଶୁଦ୍ଧିପତ୍ର ଜାରି କରାଯାଇଛି।

**୧. ଆନେକ୍ସର-୧, ପାରା ୯(ଏ) କାର୍ଯ୍ୟର ପରିସର** (ଟେଣ୍ଡର କାଗଜପତ୍ରର ପୃଷ୍ଠା ନଂ. ୩୧ରୁ ୩୬)
କଥିତ ଟେଣ୍ଡର ଅଧୀନରେ ସମ୍ପାଦିତ ହେବାକୁ ଥିବା କାର୍ଯ୍ୟରେ, ନିମ୍ନଲିଖିତ ସାମଗ୍ରୀଗୁଡ଼ିକୁ କେବଳ ଆରଆଇଟିଇଏସ୍‌ର ନିରୀକ୍ଷଣ ପରେ ଫିଟ୍ କରାଯିବ ଏବଂ ଆରଆଇଟିଇଏସ୍ ନିରୀକ୍ଷଣ ପ୍ରମାଣପତ୍ରକୁ ସାମଗ୍ରୀର ଡେଲିଭରୀ ସମୟରେ ଦାଖଲ କରାଯିବ। ଅଧିକନ୍ତୁ, ଏହିସବୁ ସାମଗ୍ରୀଗୁଡ଼ିକୁ ଓଇଏମ୍ କିମ୍ବା ଓଇଏମ୍‌ଙ୍କ ପ୍ରାଧିକୃତ ଡିଲର/ଏଜେଣ୍ଟଙ୍କଠାରୁ ସଂଗ୍ରହ କରାଯିବା ଆବଶ୍ୟକ। ସାମଗ୍ରୀର ବିଶୁଦ୍ଧତାକୁ ସୁନିଶ୍ଚିତ କରିବା ପାଇଁ, ସାମଗ୍ରୀକୁ ଅସଲି ଓଇଏମ୍ ପ୍ୟାକିଂରେ ଯୋଗାଣ କରାଯିବ କିମ୍ବା ମୂଳ ଡେଲିଭରୀ ଚାଲାଣ/ଇନ୍‌ଭଏସ କପି ସମେତ ସାମଗ୍ରୀଟି ମୂଳତଃ ସେମାନଙ୍କର ଏ ବାବଦୀୟ ଓଇଏମ୍‌ଙ୍କ ପ୍ରମାଣପତ୍ର ସହ ଯୋଗାଣ କରାଯିବ।

| ସାମଗ୍ରୀ ନଂ. | କାର୍ଯ୍ୟର ବର୍ଣ୍ଣନା |
|---|---|
| ୩ | ଫ୍ଲୋରିଂ - ଦୁଇ ଭାଗ ସଲ୍‌ଭେଣ୍ଟ ମୁକ୍ତ ଇପକ୍ସି ରେଜିନ୍ କୋଟିଂ ଆର୍‌ସିଏଫ୍ ବିଶେଷତା-ଏମ୍‌ଡିଟିଏସ୍୪୪୨୮୯ ଅନୁଯାୟୀ। |
| ୪ | ପଶ୍ଚିମ ରେଳପଥର ଡ୍ରଇଂ ସି/ଏସ୍‌କେ-୫୧୫/ଏଚ୍ ଅନୁଯାୟୀ ଗୋଲାକାର ୱାଶ୍ ବେସିନ୍ ବୋଲ୍ ସହିତ ଏମ୍‌ସିଏଫ୍ ବିଶେଷତା ଏମ୍‌ଏମ୍ ଡିଟିଏସ୍-୧୮୦୦୮ ସଂଶୋଧନ ଶୂନ୍ୟ ଅନୁଯାୟୀ ନିର୍ମିତ ଇଣ୍ଟେଗ୍ରେଟେଡ୍ ଡଷ୍ଟବିନ୍‌ଯୁକ୍ତ କାଉଣ୍ଟରଟପ୍‌ର ବ୍ୟବସ୍ଥା, ୧୨ ମିମି ଘନତ୍ୱ, ଆକାର ୱାଶ୍ ବେସିନ୍ ପାଇଁ ଶୌଚାଳୟରେ ଉପଲବ୍ଧ ଜାଗା ଅନୁଯାୟୀ। |
| ୧୧ | ବିଶେଷତା ଆର୍‌ଡିଏସ୍‌ଓ/୨୦୦୮/ସିଜି-୧୧ ଅନୁଯାୟୀ ଅଟୋମ୍ୟାଟିକ୍ ହାଇଜିନ୍ ଏବଂ କଣ୍ଟ୍ରୋଲ୍ ସିଷ୍ଟମ୍‌ର ଯୋଗାଣ ଓ ସ୍ଥାପନ ତଥା ଆରେଞ୍ଜମେଣ୍ଟ କିଟ୍‌ର ସ୍ଥାପନ। ବ୍ରାଣ୍ଡ: କେବଳ ଏସିଏମ୍‌ଇ, ସୁସା, ଇକୋ, ମାଇ ଷ୍ଟେୟାର୍ । |

**୨. ଆନେକ୍ସର-୧, ପାରା ୯(ଏ) କାର୍ଯ୍ୟର ପରିସର** (ଟେଣ୍ଡର କାଗଜପତ୍ରର ପୃଷ୍ଠା ନଂ. ୩୧ରୁ ୩୬)
କାର୍ଯ୍ୟର ପରିସରରେ ସୂଚିତ କୋଚ୍‌ରେ ବ୍ୟବହୃତ ହେବା ପାଇଁ ବିନିର୍ଦ୍ଦିଷ୍ଟ ବ୍ରାଣ୍ଡେଡ୍ ସାମଗ୍ରୀଗୁଡ଼ିକୁ ଓଇଏମ୍ କିମ୍ବା ଓଇଏମ୍‌ଙ୍କ ପ୍ରାଧିକୃତ ଡିଲର/ଏଜେଣ୍ଟଙ୍କଠାରୁ ସଂଗ୍ରହ କରାଯିବା ଆବଶ୍ୟକ। ସାମଗ୍ରୀର ବିଶୁଦ୍ଧତାକୁ ସୁନିଶ୍ଚିତ କରିବା ପାଇଁ, ସାମଗ୍ରୀକୁ ଅସଲି ଓଇଏମ୍ ପ୍ୟାକିଂରେ ଯୋଗାଣ କରାଯିବ କିମ୍ବା ମୂଳ ଡେଲିଭରୀ ଚାଲାଣ/ଇନ୍‌ଭଏସ କପି ସମେତ ସାମଗ୍ରୀଟି ମୂଳତଃ ସେମାନଙ୍କର ଏ ବାବଦୀୟ ଓଇଏମ୍‌ଙ୍କ ପ୍ରମାଣପତ୍ର ସହ ଯୋଗାଣ କରାଯିବ।
୩.

| ଆନେକ୍ସର-୧ ପାରା ୯ (ଏ) କାର୍ଯ୍ୟର ପରିସର। ସାମଗ୍ରୀ ନଂ. ୧୭ (ଟେଣ୍ଡର କାଗଜପତ୍ରର ପୃଷ୍ଠା ସଂ. ୩୪) | ବିଦ୍ୟମାନ ବର୍ଣ୍ଣନା | ସଂଶୋଧିତ ବର୍ଣ୍ଣନା |
|---|---|---|
| | ହଟ୍ ସ୍ପଟ୍ ୱାଇ-ଫାଇ ସିଷ୍ଟମ୍‌ର ବ୍ୟବସ୍ଥା (୧) କଣ୍ଟେଣ୍ଟ ଅନ୍ ଡିମାଣ୍ଡ ୱାଇ-ଫାଇ ଭିତ୍ତିକ ମ୍ୟାଜିକ ବକ୍ସ, ପାୱାର ଆଡପ୍ଟର ଓ କେବୁଲ ସହିତ। (୨) ୫୦୦ ଘଣ୍ଟାର ଲାଇସେନ୍ସ କଣ୍ଟେଣ୍ଟ ସହିତ ବକ୍ସ ପିଛା ବର୍ଷ ପିଛା କଣ୍ଟେଣ୍ଟ ଲାଇସେନ୍ସ ମୂଲ୍ୟ | ହଟ୍ ସ୍ପଟ୍ ୱାଇ-ଫାଇ ସିଷ୍ଟମ୍‌ର ବ୍ୟବସ୍ଥା (୧) କଣ୍ଟେଣ୍ଟ ଅନ୍ ଡିମାଣ୍ଡ ୱାଇ-ଫାଇ ଭିତ୍ତିକ ମ୍ୟାଜିକ ବକ୍ସ, ପାୱାର ଆଡପ୍ଟର ଓ କେବୁଲ ସହିତ। (୨) ୫୦୦ ଘଣ୍ଟାର ଲାଇସେନ୍ସ କଣ୍ଟେଣ୍ଟ ସହିତ ବକ୍ସ ପିଛା ବର୍ଷ ପିଛା କଣ୍ଟେଣ୍ଟ ଲାଇସେନ୍ସ ମୂଲ୍ୟ, ଆର୍‌ସିଏଫ୍ ବିଶେଷତା ନଂ. ଇଡିଟିଏସ୍୩୯୬ ଅନୁଯାୟୀ। |
| ଆନେକ୍ସର-୧, ପାରା ୯ (ବି) ପ୍ରୋଜେକ୍ଟ ଉତ୍କୃଷ୍ଟ ଅଧୀନରେ ନୂଆ ପେଣ୍ଟିଂ ସ୍କିମ୍ ଅଧୀନରେ କୋଚ୍‌ଗୁଡ଼ିକର ବାହ୍ୟ ପିୟୁ ପେଣ୍ଟିଂ। ଠିକାର ବିଶେଷ ସର୍ତ୍ତାବଳୀ (ଟେଣ୍ଡର କାଗଜପତ୍ରର ପୃଷ୍ଠା ନଂ.୩୮) | ବିଶେଷତା ଆର୍‌ଡିଏସ୍‌ଓ/ଏମ୍‌ସିଏନ୍/୧୦୦/୨୦୧୮ର ଆବଶ୍ୟକତା ଅତିରିକ୍ତ ଯାତ୍ରୀ ସୁରକ୍ଷାକୁ ଉନ୍ନତ କରିବା ପାଇଁ ଉନ୍ନତ ଅଗ୍ନି ଓ ବିଷାକ୍ତତା ଅନୁପାଳନ ନିମନ୍ତେ ପେଣ୍ଟ ସିଷ୍ଟମ୍‌କୁ ସର୍ବନିମ୍ନ **ଆର୍୧ଏଚ୍‌ଏଲ୍୩ ସ୍ତରରେ ଉତ୍ତୀର୍ଣ୍ଣ ହେବା ପାଇଁ ଇଏନ୍ ୪୫୫୪୫ର** ଆବଶ୍ୟକତା ଅନୁଯାୟୀ ପରୀକ୍ଷଣ କରାଯିବା ଆବଶ୍ୟକ। ଟେଣ୍ଡରଦାତା ବିଡ୍ ସହିତ ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ "ପ୍ରମାଣନ କାର୍ଯ୍ୟ"ଙ୍କ ଦ୍ୱାରା ପ୍ରମାଣିତ ନିରପେକ୍ଷ ପରୀକ୍ଷାଗାରରୁ ପ୍ରାମାଣିତ ତଥ୍ୟ ଦାଖଲ କରିବେ। | ଠିକାର ବିଶେଷ ସର୍ତ୍ତାବଳୀର ଏହି ଉପଧାରାକୁ ବାଦ୍ ଦିଆଯାଇଛି। |
| ପି୧୪। ଠିକା ପ୍ରଦାନ/ବିଡ୍‌ର ମୂଲ୍ୟାୟନ: (ଟେଣ୍ଡର କାଗଜପତ୍ରର ପୃଷ୍ଠା ନଂ. ୮) | | ଦ୍ରଷ୍ଟବ୍ୟ ୩ ଯୋଗ କରାଯାଇଛି: ୩. ପ୍ରଦତ୍ତ ପଦ୍ଧତି ଅନୁଯାୟୀ ଯଦି ଆବଣ୍ଟନ ପରେ କିଛି ରେକ୍ ବାକି ରହିଯାଏ, ସେ କ୍ଷେତ୍ରରେ ଯୋଗ୍ୟ ଟେଣ୍ଡରଦାତାଙ୍କୁ ଏଲ୍-୧ ଦରରେ ସେହି ରେକ୍‌ଗୁଡ଼ିକୁ ଆବଣ୍ଟିତ କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ। |

ନଂ. ୮୦୨-ଏମ୍/୬/ପ୍ରୋଜେକ୍ଟ ଉତ୍କୃଷ୍ଟ/ଏମ୍‌ସି-୧/୨୦୧୮-୧୯, ତାରିଖ: ୦୫।୦୨।୨୦୧୯ 342/19
ହର୍ଷର ସହିତ ଗ୍ରାହକଙ୍କ ସେବାରେ

## ସଂକ୍ଷେପରେ

### ମୁକ୍ତେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

**କୁଜଙ୍ଗ,୬।୨(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍‌ର ରେପୁର-ପାଟଣାସ୍ଥିତ ପ୍ରଭୁ ମୁକ୍ତେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସୋମବାର ଅଙ୍କୁରାରୋପଣ, ମଙ୍ଗଳବାର କଳସ ଶୋଭାଯାତ୍ରା କରାଯାଇଥିଲା। ଗ୍ରାମର ଶତାଧିକ ନାରୀ ଓ ପୁରୁଷ ପଙ୍କପାଳ ମହାନଦୀ ଘାଟରୁ କଳସରେ ଜଳ ଆଣି ଗ୍ରାମ ପରିକ୍ରମା କରିବା ପରେ ମନ୍ଦିର ପରିସରରେ ସ୍ଥାପନ କରିଥିଲେ। ପରେ ଗୋ ପୂଜନ, ଦେବତା ଓ ମନ୍ଦିର ଅଧିବାସ ଓ ମହାସ୍ନାନ କରାଯାଇ ହୋମ ଓ ଯଜ୍ଞ ଆଦି କରାଯାଇଥିଲା। ଭରତ ଚନ୍ଦ୍ର ସ୍ୱାଇଁ, ରେଣୁବାଳା ସ୍ୱାଇଁ, ଶୋଭନୀ ଜେନା ଓ ରେଣୁବାଳା ଜେନା ପ୍ରମୁଖ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଗୁରୁବାର ପୂର୍ଣ୍ଣାହୂତି ଦିଆଯିବ। ଏହି ଅବସରରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯାଇଛି।

### ଗୁରୁଙ୍କୁ ସମ୍ବର୍ଦ୍ଧିତ କଲେ ପୁରାତନ ଛାତ୍ରୀଛାତ୍ର

**ବାଲିଆ,୬।୨:** ବିରିଡି ବ୍ଲକ ପଞ୍ଚାୟତରାଜ ଉଚ୍ଚ ବିଦ୍ୟାଳୟର ୧୯୯୪ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଅନିଲ କୁମାର ପଶାୟତ, ଶେଷଦେବ ଦାସ, ବୈକୁଣ୍ଠନାଥ ମିଶ୍ର, ରଘୁନାଥ ସାହୁ, ଗଜେନ୍ଦ୍ର ନାଥ ତରାଇ, ସୟଦ ସଫିକ ଉଲ୍ଲା, ରବୀନ୍ଦ୍ର ନାଥ ରାଉତଙ୍କ ସମେତ ବାବାଜି ଭୋଇ, ବେଣୁଧର ବେହେରା, ପ୍ରଭାକର ବେହେରା, ନିହାର ରଞ୍ଜନ ମହାନ୍ତି, ଶ୍ୟାମସୁନ୍ଦର ସାହୁ, ପ୍ରକାଶ ପଶାୟତଙ୍କୁ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ କରିଥିଲେ। ବ୍ୟାଚର ବନ୍ଧୁମିଳନ ଅବସରରେ ଆୟୋଜିତ ସଭାରେ ପୁରାତନ ଛାତ୍ର ସଞ୍ଜୟ କୁମାର ଭୂୟାଁ ସଭାପତିତ୍ୱ କରିଥିଲେ। ଜ୍ଞାନରଞ୍ଜନ ସ୍ୱାଇଁ, ଦେବିପ୍ରସାଦ ନାୟକ, ପ୍ରତିଭା ପ୍ରଧାନ, ଦିଗବିଜୟ ନାରାୟଣ ଲେଙ୍କା, ଶକ୍ତିପ୍ରସାଦ କର, କମଳାକାନ୍ତ ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉମେଶ ନାୟକ, ବୋକ୍ରମ ଅଲ୍ଲୀ, ସୁଚିସ୍ମିତା କର, ସ୍ୱପ୍ନା ନାୟକ, ଜାହାରା ବେଗମ ସହଯୋଗ କରିଥିଲେ।

### ବଟମଙ୍ଗଳା ବିଦ୍ୟାପୀଠରେ ସମ୍ବର୍ଦ୍ଧନା ଉତ୍ସବ

**ତିର୍ତ୍ତୋଲ,୬।୨(ଡି.ଏନ.ଏ.):** ଗୋପାଳପୁରସ୍ଥିତ ବଟମଙ୍ଗଳା ବିଦ୍ୟାପୀଠରେ ୧୯୯୮ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ସୁଦର୍ଶନ ରାଉତଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ସୁନାକର ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାସ, ଶିକ୍ଷକ ବୈଷ୍ଣବ ତ୍ରିପାଠୀ, କ୍ରୀଡ଼ା ଶିକ୍ଷକ ବିଚିତ୍ରା ନନ୍ଦ ରାଉତ, ଶିକ୍ଷକ ଶଶିଭୁଷଣ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କ୍ୟାନ୍ସର ରୋଗରେ ପୀଡିତ ପୂରାତନ ଛାତ୍ର ବାବାଜୀ ଚରଣ ସେଠୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏଥିରେ ବିକ୍ରମ ସ୍ୱାଇଁ, ଦେବାଶିଷ ନନ୍ଦ, ପ୍ରକାଶ ବାରିକ, ପ୍ରଦୀପ୍ତ ସ୍ୱାଇଁ, ପ୍ରକାଶ ଦାସ, ରାଜକିଶୋର ଦାସ, ସୁରେନ୍ଦ୍ର ମହାରଣା, କଳ୍ପନା ସ୍ୱାଇଁ, ବିକ୍ରମ ସ୍ୱାଇଁ, ସନ୍ତୋଷ ସାହୁ ଓ ଅରବିନ୍ଦ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

### ବରିଷ୍ଠ ନାଗରିକଙ୍କ ଜୟନ୍ତୀ



**ବାଲିଆ/ବିରିଡ଼ି,୬।୨(ଡି.ଏନ୍.ଏ.):** ବିରିଡି ବ୍ଲକ ଉତ୍ତରଶାସନ ପଞ୍ଚାୟତ ମଧଶାସନ ଗ୍ରାମର ବରିଷ୍ଠ ନାଗରିକ ତଥା ସଫଳ ଚାଷୀ ରାମଚନ୍ଦ୍ର ପଣ୍ଡାଙ୍କ ୭୫ ତମ ଜୟନ୍ତୀ ବୁଧବାର ମହାବୀର ଲାଇବ୍ରେରୀ ତରଫରୁ ପାଳିତ ହୋଇଛି। ଲାଇବ୍ରେରୀ ସଭାପତି ଅକ୍ଷୟ କୁମାର ବ୍ରହ୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍ତମ କୁମାର ଦାଶ ମୁଖ୍ୟଅତିଥି, ଆଷାଢ ସାହିତ୍ୟ ସଂସଦ ସଭାପତି କବି ପୀତାମ୍ବର ମହାପାତ୍ର ମୁଖ୍ୟବକ୍ତା, ଧନଞ୍ଜୟ ବ୍ରହ୍ମା, ଚନ୍ଦ୍ରମଣୀ ଦାଶ, ମକର ମୋହନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବ ଯୋଗଦେଇ ପଣ୍ଡାଙ୍କୁ ତାଙ୍କ ବାସଭବନରେ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। ଲାଇବ୍ରେରୀର ସମ୍ପାଦକ ଉମାକାନ୍ତ ରଥ ଧନ୍ୟବାଦ ଦେଇଥିଲେ।



ମଞ୍ଚ ପାଖରେ ଥିବା ଇଣ୍ଡିଆନ୍ ଅଏଲ୍‌ର ପ୍ଲାଷ୍ଟିକ ପାର୍କ ଷ୍ଟଲକୁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଫିତା କାଟି ଉଦ୍‌ଘାଟନ କରୁଛନ୍ତି।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ।

# ନରମିଲେ ଗଡ଼କରୀ, ବଦଳିଲେ ଦାମ

**ପାରାଦୀପ,୬।୨(ସ୍ୱ.ପ୍ର.)**

କେନ୍ଦ୍ର ସଡ଼କ ପରିବହନ ଓ ଜାହାଜ ଚଳାଚଳ ମନ୍ତ୍ରୀ ନୀତିନ ଗଡ଼କରୀ ଏବଂ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାରଦୀପ ଗସ୍ତ ଅବସରରେ ବୁଧବାର ବହୁ ରୋଚକ ଘଟଣା ଦେଖିବାକୁ ମିଳିଛି, ଯାହାକି କାର୍ଯ୍ୟକ୍ରମ ପରେ ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। କାର୍ଯ୍ୟକ୍ରମରେ ଗଡ଼କରୀ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି। ଆରମ୍ଭରୁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ମଞ୍ଚରେ ପ୍ରାୟ ୫ ଥର ସେ ରାୟଙ୍କୁ ପ୍ରଶଂସା କରିଥିଲେ। କହିଥିଲେ ରାୟଙ୍କ ସମୟରେ ହିଁ ବନ୍ଦରର ବିକାଶ ହୋଇଛି। ବନ୍ଦରର ପଣ୍ୟ କାରବାର ଓ ଲାଭ ଅଧିକ ହୋଇଛି। ଅବଶ୍ୟ ମଝିରେ ଥରେ କର୍ମଚାରୀଙ୍କ ଅବଦାନକୁ ସେ ମନେପକାଇଥିଲେ। ଆଗାମୀ ଦିନରେ ଶୁଦ୍ଧ ପାନୀୟଜଳ ବ୍ୟବସ୍ଥା, ସିୟୁଓ୍ୱେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ସ୍ମାର୍ଟ ପୋର୍ଟ ସିଟି ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ ହେବା କଥା ଉଠାଇଥିଲେ। ପୂର୍ବଥର ଘୋଷଣା କରିଥିବା ସ୍ମାର୍ଟ ପୋର୍ଟ ସିଟିର ଭିତ୍ତିଭୂମି ଆରମ୍ଭ ହୋଇଛି। ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ପ୍ରକ୍ରିୟା ଚାଲିଛି। ତେବେ ୨୦୧୫ ଗସ୍ତବେଳେ ଗଡ଼କରୀ ଯେଭଳି ଉଗ୍ର ରୂପ ଦେଖାଇଥିଲେ, ଏଥର ତାହା ଦେଖିବାକୁ ମିଳିନାହିଁ। ଅର୍ଥାତ ଅପେକ୍ଷାକୃତ ଶାନ୍ତ ଭାବେ ସେ ବକ୍ତବ୍ୟ ରଖିଥିଲେ।

### ଧର୍ମେନ୍ଦ୍ରଙ୍କୁ ପ୍ରଶଂସା କଲେ ଦାମ

ଗତବର୍ଷ ପାରାଦୀପ ଗୋପବନ୍ଧୁ ଷ୍ଟାଡିୟମଠାରେ ହୋଇଥିବା ସଭାମଞ୍ଚରେ ସ୍ଥାନୀୟ ବିଧାୟକ ଦାମୋଦର ରାଉତ ବହୁ କଟାକ୍ଷ କରି ଏକାକି ୧୩ ଜଣ ଭାଜପା ନେତାଙ୍କୁ ଭାରି ପଡ଼ିଥିଲେ। ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ସ୍ତୁତି ଗାନ କରି ସେ ଭାଜପା ନେତାମାନଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏଥର କିନ୍ତୁ ସମାନ ସ୍ଥାନରେ ହୋଇଥିବା ସଭାମଞ୍ଚରେ ତାଙ୍କ ସ୍ୱର ବଦଳିଯାଇଥିଲା। ସର୍ବଦା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମାଲୋଚନା କରିଆସୁଥିବା ଦାମ ଏଥର ତାଙ୍କୁ ସନ୍ ଅଫ୍ ସଏଲ କହି ସମ୍ବୋଧିତ କରିଥିଲେ। ପାରାଦୀପର ବିକାଶ ପାଇଁ ହୋଇଥିବା ପ୍ରକଳ୍ପକୁ ସେ ସ୍ୱାଗତ କରିବା ସହ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି କ୍ଷେତ୍ରରେ ପ୍ରାଥମିକତା ଦେବାକୁ ଅନୁରୋଧ କରିଥିଲେ। ପାରାଦୀପ ହେଉଛି ପୌର ସଂସ୍ଥା। ଏଠାକାର ପୌରାଧ୍ୟକ୍ଷଙ୍କୁ ସଭାକୁ ଡକା ନ ଯିବା କେତେଦୂର ସମିଚିନ ବୋଲି ଦାମ ପ୍ରଶ୍ନ କରିଥିଲେ।

### ଦମ୍ ଦେଖାଇଲେ ସମ୍ପଦ

ସଭାସ୍ଥଳରେ ୬ରୁ ୭ ହଜାର ଲୋକଙ୍କ ବସିବା ପାଇଁ ବ୍ୟବସ୍ଥା ହୋଇଥିଲା। ଦୁଇ ସରକାରୀ ସଂସ୍ଥା ପାରାଦୀପ ବନ୍ଦର ଓ ବିଶୋଧନାଗାର ପକ୍ଷରୁ ପ୍ରାୟ ୧ ହଜାର ଲୋକ ହୋଇଥିଲେ। କିନ୍ତୁ ସଭାସ୍ଥଳକୁ ଲୋକ ଆଣିଥିଲେ ଜିଲା ଯୁବମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁ। ସେ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ଶୋଭାଯାତ୍ରାରେ ସଭାସ୍ଥଳକୁ ଆଣିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ସଭା ପ୍ରାୟ ୩ ଘଣ୍ଟା ବିଳମ୍ବରେ ହେବାରୁ କିଛି ଲୋକ ଉଠି ଖାଇବାକୁ ଚାଲିଯାଇଥିଲେ। ତେବେ ଆଖିଦୃଶିଆ ଜନଗହଳି ହୋଇଥିଲା।

### ଜମିହରାଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

**ପାରାଦୀପ,୬।୨(ସ୍ୱ.ପ୍ର.)**

ଗତ ୧ ତାରିଖରୁ ପାରାଦୀପ ତୈଳ ବିଶୋଧନାଗାର ଆଗରେ ୧୭୫୨ ଜମିହରା ପରିବାର ଚଳାଇଥିବା ଆନ୍ଦୋଳନ ମଙ୍ଗଳବାର ମଧ୍ୟରାତ୍ରରୁ ହଟିଯାଇଛି। ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବିଶୋଧନାଗାର କର୍ତ୍ତୃପକ୍ଷ ଜମିହରା ପରିବାର ମଧ୍ୟରୁ ୪୦ଜଣଙ୍କୁ ତତ୍କାଳ ନିଯୁକ୍ତି ଓ ଅନ୍ୟମାନଙ୍କୁ ପଲିପ୍ରୋପିଲିନ୍ ପ୍ରକଳ୍ପରେ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି ବୋଲି ଜମିହରା କୃଷକ ଏକତା ମଞ୍ଚ ମୁଖ୍ୟ ଅଭୟ ସାହୁ କହିଛନ୍ତି।





ଶୋଭାଯାତ୍ରାରେ ଯାଉଛନ୍ତି ଭାଜପା ଯୁବ ମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁ। ଜଣେ ଦିବ୍ୟାଙ୍ଗଙ୍କୁ ସହାୟତା ଦେବା ପାଇଁ ନିଆଯାଉଛି।

## ଗଡ଼କରୀଙ୍କ ଗସ୍ତ ପରେ ପ୍ରତିକ୍ରିୟା ରଖିଲା ବିଜେଡି

# ବନ୍ଦର ଓ ଆଇଓସିଏଲ୍ ଭାଜପା ନେତାଙ୍କ ଏଟିଏମ୍

**ପାରାଦୀପ,୬।୨(ସ୍ୱ.ପ୍ର.)**

ପାରାଦୀପରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ବୁଧବାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ପରେ ଏହାକୁ ନେଇ ସ୍ଥାନୀୟ ବିଜେଡି ନେତାମାନେ ପ୍ରତିକ୍ରିୟା ରଖିଛନ୍ତି। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ ନଗର ବିଜେଡି ସଭାପତି ସୁମନ୍ତ ବିଶ୍ୱାଳ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଯେଉଁ ସବୁ ପ୍ରକଳ୍ପର ଉଦ୍‌ଘାଟନ ଓ ଘୋଷଣା କରିଛନ୍ତି, ସେ ସବୁ ବିଗତ ଦିନରୁ ହୋଇସାରିଛି। ୧ଟନ୍ ୫ ବର୍ଷରେ ୧୦୦ ମିଲିୟନ ଟନ୍ ହୋଇନାହିଁ। ପୁରୁଣା ପ୍ରକଳ୍ପରେ ନୂଆ ରଙ୍ଗ ଓ ନୂଆ ଷ୍ଟିକର ମାରି ନିର୍ବାଚନୀ ଚାଲ ଖେଳାଯାଉଛି। ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିନାଶ ପୁରୁଷ ସାଜିଛନ୍ତି। ବାହାସ୍ଫୋଟ ମାରିବା ବନ୍ଦ କରି ପ୍ରଥମେ ଓଡ଼ିଶାର ନ୍ୟାଯ୍ୟ ଦାବିକୁ ଗ୍ରହଣ କରନ୍ତୁ। ପୂର୍ବଥର ଗଡ଼କରୀ ଘୋଷଣା କରିଥିବା ସୁପର ସ୍ପେଶିଆଲିଟି ହସ୍ପିଟାଲ, ମେରାଇନ ଇଞ୍ଜିନିୟରିଂ କଲେଜ, ମିନି ଏୟାରପୋର୍ଟ, ଉପକୂଳ ରାସ୍ତା, ପର୍ଯ୍ୟଟନ ସହର ମାନ୍ୟତା, ପ୍ରଦୂଷଣ ନିୟନ୍ତ୍ରଣ, ନିଯୁକ୍ତି ସୁଯୋଗ ଆଦି ଧୂଆଁବାଣ ହୋଇଛି। ଏବେ ପାରାଦୀପ ବନ୍ଦର ଓ ବିଶୋଧନାଗାର ଭାଜପା ନେତାଙ୍କ ଏଟିଏମ୍ ପାଲଟିଛି। କେନ୍ଦ୍ର ସରକାର ଓଡ଼ିଶାରୁ ବନ୍ଦର, ଖଣି, ଖାଦାନ, ରେଳ, ଶିଳ୍ପ, ଜଳ ଆଦି କ୍ଷେତ୍ରରେ ଯେତିକି ଅର୍ଥ ନେଉଛନ୍ତି, ସେହି ଅନୁଯାୟୀ ଆର୍ଥିକ ସହାୟତା ଦେଉନାହାନ୍ତି। ମହାନଦୀ ଓ ପୋଲାଭରମ ପ୍ରକଳ୍ପ କ୍ଷେତ୍ରରେ ଓଡ଼ିଶାକୁ ଉପେକ୍ଷା କରାଯାଇଛି। ପଛୁଆ ବର୍ଗଙ୍କ ବିକାଶ ଅର୍ଥ ହ୍ରାସ କରାଯାଇଛି। ଏସବୁ ଓଡ଼ିଶା ବିରୋଧୀ ନୀତି ବୋଲି ଦୁଇ ନେତା କହିଛନ୍ତି। ଏ ସମ୍ପର୍କରେ ଭାଜପାର ଯୁବନେତା ସମ୍ପଦ ସ୍ୱାଇଁ କହିଛନ୍ତି ଯେ ବିଜେଡିର ଏହା ବୃଥା ଆସ୍ଫାଳନ। ଭାଜପାର ଲୋକପ୍ରିୟତାକୁ ସେମାନେ ସହିପାରୁନାହାନ୍ତି। ୨୦୧୪ରେ ଭିତ୍ତିପ୍ରସ୍ତର ହୋଇଥିବା ପଲିପ୍ରୋପିଲିନ ପ୍ଲାଣ୍ଟ ୩ବର୍ଷରେ ଶେଷ ହୋଇଛି। ଲକ୍ଷେ କୋଟି ଟଙ୍କାର ପ୍ରକଳ୍ପ ଭାଜପା ସରକାର ପାରାଦୀପରେ କରିଛନ୍ତି, ଏହା ହିଁ ବାସ୍ତବତା।



ସଭାସ୍ଥଳକୁ ଯାଉଥିବା ମହିଳାମାନେ।

# ନବନିର୍ମାଣ କୃଷକ ସଙ୍ଗଠନ କର୍ମକର୍ତ୍ତାଙ୍କୁ ଅଟକାଇଲା ପୋଲିସ

**ବିରିଡ଼ି/ତିର୍ତ୍ତୋଲ,୬।୨(ଡି.ଏନ.ଏ)**

ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବୁଧବାର ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଚାଷୀ ସମାବେଶ ହୋଇଥିଲା। ସେଥିରେ ଯୋଗଦେବା ପାଇଁ ବାଲିକୁଦା ଅଞ୍ଚଳରୁ ୧୧ ଜଣ ଚାଷୀ ଯାଉଥିଲେ। ତେବେ ବିରିଡ଼ି ଥାନା ପୋଲିସ ସେମାନଙ୍କୁ ରାସ୍ତାରୁ ଉଠାଇ ନେଇ ଥାନାରେ ଅଟକ ରଖିଥିଲା। ସେମାନଙ୍କୁ ଯାଞ୍ଚ କରାଯାଇ ପିଆର ବଣ୍ଡରେ ଛଡ଼ାଯାଇଥିବା ଆଇଆଇସି ରଞ୍ଜିତ କୁମାର ମହାନ୍ତି କହିଛନ୍ତି। ସେହିପରି ମଙ୍ଗଳବାର ପୋଲିସ ବିରିଡ଼ି ନବନିର୍ମାଣ କୃଷକ ସଙ୍ଗଠନର ୪ ଜଣ ଚାଷୀନେତାଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କୁ ଜାମିନରେ ଛଡ଼ାଯାଇଥିଲା।

ସେହିପରି ତିର୍ତ୍ତୋଲ ପୋଲିସ ବୁଧବାର ସାରଳା ରୋଡ ପିଏଚ ଓ ରାହାମା ରେଲଷ୍ଟେଶନରୁ ନବ ନିର୍ମାଣ କୃଷକ ସଙ୍ଗଠନ କର୍ମୀଙ୍କୁ ନେଇ ଥାନାରେ ଅଟକ ରଖିଥିଲା। କୃଷକ ନେତା ବନମାଳି ସେନାପତି, ଦିଲୀପ ଖଣ୍ଡୁଆଳ, ଦୁର୍ଯ୍ୟୋଧନ ମହାନ୍ତି, ନିତ୍ୟାନନ୍ଦ ପାତ୍ର, ମଧୁସୂଦନ ବିଶ୍ୱାଳ, ମାୟାଧର ସାହୁ, କିଶୋର କୁମାର ସେଠୀ, ନୀଳମଣି ଓଝା, ରମେଶ ସାମଲ, ସନ୍ତୋଷ ମହାରଣା, ପ୍ରତାପ ସୂତାର ପ୍ରମୁଖଙ୍କୁ କିଛି ସମୟ ଅଟକ ରଖିବା ପରେ ଛଡ଼ାଯାଇଥିଲା।

# ପୂରଣ ମଣ୍ଡଳ ଭାଜପାର ମିଶ୍ରଣ ପର୍ବ

**ବାଲିଆ,୬।୨**

ବିରିଡି ବ୍ଲକ ଭାଜପା ପୂରଣ ମଣ୍ଡଳ ତରଫରୁ ବୁଧବାର ଏକ ମିଶ୍ରଣ ପର୍ବ ବାଲିଆ ଷ୍ଟୋରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ପୂରଣ ମଣ୍ଡଳ ସଭାପତି ଆଲୋକ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୨୨ ମୌଜା ମଙ୍ଗୁଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ଲୋକନାଥ ପାତ୍ର ଓ ତାଙ୍କର ୩୦ରୁ ଉର୍ଦ୍ଧ୍ୱ ସହଯୋଗୀ ଭାଜପାରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୀତି ଓ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେମାନେ ଭାଜପାରେ ମିଶିଥିବା କହିଛନ୍ତି। ପୂରଣ ମଣ୍ଡଳ ସଭାପତି ପଣ୍ଡା ସେମାନଙ୍କୁ ସ୍ୱାଗତ କରିଥିଲେ। ମଣ୍ଡଳ ଭାଜପା ସାଧାରଣ ସମ୍ପାଦକ ନିତ୍ୟାନନ୍ଦ ମିଶ୍ର, ସମ୍ପାଦକ ବସନ୍ତ ମହାନ୍ତି ଓ ବ୍ରହ୍ମାନନ୍ଦ ଜେନା ଉପସ୍ଥିତ ଥିଲେ।



ଭାଜପାରେ ମିଶିଥିବା ନେତା ଓ କର୍ମୀଙ୍କୁ ସ୍ୱାଗତ କରାଯାଉଛି।

### କଲେଜର ପୂର୍ବତନ ସମ୍ପାଦକଙ୍କ ବିୟୋଗରେ ଶୋକ

**ଜଗତ୍‌ସିଂହପୁର ଅଫିସ, ୬।୨**

ତିର୍ତ୍ତୋଲ ବ୍ଲକ ମହିଳୋସ୍ଥିତ ଉତ୍କଳ ଭାରତୀ ମହାବିଦ୍ୟାଳୟର ପୂର୍ବତନ ସମ୍ପାଦକ ନାରାୟଣ ଆଚାର୍ଯ୍ୟଙ୍କ ୯୦ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଭୁବନେଶ୍ୱରସ୍ଥିତ ବାସଭବନରେ ଥିବାବେଳେ ହୃଦଘାତରୁ ତାଙ୍କର ଦେହାନ୍ତ ଘଟିଛି। ଆଚାର୍ଯ୍ୟଙ୍କ ବିୟୋଗରେ ମହାବିଦ୍ୟାଳୟ ପକ୍ଷରୁ ଏକ ଶୋକସଭା କରାଯାଇଛି। ଅଧ୍ୟାପକ ସୁଧୀର କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ବ୍ରଜ କିଶୋର ସ୍ୱାଇଁ, ବିଭୂତି ଭୂଷଣ ଦାସ, ବୈକୁଣ୍ଠ ନାଥ ଜେନା, ସମ୍ବିତ ରଥ, ପ୍ରଶାନ୍ତ ସ୍ୱାଇଁ, ପ୍ରସନ୍ନ ସ୍ୱାଇଁ, ମାନସୀ ସାହୁ, ସୁରେନ୍ଦ୍ର ନାଥ ନାୟକ, ସନ୍ତୋଷ କାନୁନ୍‌ଗୋ, ଦୈତାରୀ ଦାସ, ତ୍ରିଲୋଚନ ସାହୁ, ବସନ୍ତ ପରିଡ଼ା, କେଦାରନାଥ ଜେନା, ଅରବିନ୍ଦ ମହାନ୍ତି ଓ ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଆଚାର୍ଯ୍ୟ ୧୬।୧୦।୧୯୯୫ରୁ ୮।୨।୧୯୯୯ ପର୍ଯ୍ୟନ୍ତ ମହାବିଦ୍ୟାଳୟର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ।

# ଶିଶୁ ସୁରକ୍ଷା, ଅଧିକାର ସମ୍ପର୍କିତ କର୍ମଶାଳା





କର୍ମଶାଳାରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି।

**ରଘୁନାଥପୁର, ୬।୨( ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ରଘୁନାଥପୁର ବ୍ଲକ ସଭାକକ୍ଷରେ ଶିଶୁ ସୁରକ୍ଷା ଓ ଅଧିକାର ସମ୍ପର୍କିତ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପଞ୍ଚାନନ ପଟାୟତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ଶିଶୁ ସୁରକ୍ଷା ଲିଗାଲ ଅଫିସର ଜଗନ୍ନାଥ ମିଶ୍ର ଓ ପ୍ରୋଟେକଶନ ଅଫିସର ଜଗଦୀଶ ସାହୁ, ସିଡିପିଓ ଜୋସ୍ନାରାଣୀ ମଲ୍ଲିକ, ଏବିଇଓ ନରହରି ମିଶ୍ର, ଏବିଡିଓ ଅଶୋକ କୁମାର ମହାନ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ପ୍ରଭାସ ସାହୁ, ଏଏସ୍‌ଆଇ ଜଗବନ୍ଧୁ ସେଠୀ ଓ ନବଜ୍ୟୋତି କ୍ଲବର ସମ୍ପାଦକ କ୍ଷୀରୋଦ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଶିଶୁର ବଞ୍ଚିବାର ଅଧିକାର, ବିକାଶ, ସହଭାଗିତା ଓ ସୁରକ୍ଷା ଅଧିକାର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଶେଷକରି ୧୮ ବର୍ଷ ମଧ୍ୟରେ ଥିବା ଶିଶୁଙ୍କ ବାଲ୍ୟ ବିବାହ ଓ ଯୌନ ଶୋଷଣ ପ୍ରତି ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହାଛଡା ସମନ୍ୱିତ ଶିଶୁ ସୁରକ୍ଷା ଯୋଜନାକୁ ସୂଚାରୁ ରୂପେ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟ, ଜିଲା, ବ୍ଲକ ଓ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ସେବା ପ୍ରଦାନ ପାଇଁ ଉଦ୍ଦିଷ୍ଟ ବୋଲି ଲିଗାଲ ଅଫିସର ମିଶ୍ର କହିଥିଲେ। ଏଥିରେ ସରପଞ୍ଚ ଡମ୍ବରୁଧର ବେହେରା, ଶର୍ମିଷ୍ଠା ସ୍ୱାଇଁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଅଙ୍ଗନଓ୍ୱାଡି କର୍ମୀ, ସ୍ୱାସ୍ଥ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବ୍ୟକ୍ତିଗତ ଦଖଲରେ ଓମ୍‌ଫେଡ୍ ଗୃହ

**ନାଉଗାଁ,୬।୨(ସ୍ୱ.ପ୍ର.)**

ଦୁଗ୍ଧ ଚାଷୀଙ୍କୁ ସହାୟତା ଓ ପ୍ରୋତ୍ସାହନ ଯୋଗାଇଦେବା ପାଇଁ ଓମଫେଡ ପକ୍ଷରୁ ବିଭିନ୍ନ ଯୋଜନା କରାଯାଉଛି। କିନ୍ତୁ ଗ୍ରାମାଞ୍ଚଳରେ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ନିଜ ସ୍ୱାର୍ଥ ପାଇଁ ଚାଷୀଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ନାଉଗାଁ ବ୍ଲକର ଓଷକଣା ପଞ୍ଚାୟତରେ ଏଭଳି ସମସ୍ୟା ଦେଖାଦେଇଛି। ଏହି ଗ୍ରାମରେ ୩ଟି ଓମଫେଡ ସୋସାଇଟି ରହିଛି। ମହାବାତ୍ୟା ପରେ ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ ପାଇଁ ଓମଫେଡ ତରଫରୁ ନାବାର୍ଡ ସହାୟତାରେ ଏଠାରେ ଏକ ଗୃହ ନିର୍ମାଣ କରାଯାଇଥିଲା। ତେବେ ଗ୍ରାମର ଜଣେ ମୁଷ୍ଟିମେୟ ବ୍ୟକ୍ତି ଏହି ଗୃହକୁ ଜବରଦଖଲ କରି ରଖିଛନ୍ତି। ଏ ସମ୍ପର୍କରେ ମା ଜଗଜ୍ଜନନୀ ସୋସାଇଟିର ସମ୍ପାଦକ ବାବୁରାମ ସ୍ୱାଇଁ, ସଭାପତି ଭରତ ସ୍ୱାଇଁ, ଓଷକଣା ସମବାୟ ସମିତି ସମ୍ପାଦକ ଆଲୋକ କୁମାର ସ୍ୱାଇଁ, ସଭାପତି ଅରବିନ୍ଦ ସ୍ୱାଇଁ, ବୀଣାପାଣି ସମବାୟ ସମିତି ସମ୍ପାଦକ ବବିଲତା ମାଣ୍ଡୋଇ ଓ ସଭାପତି ରଜନୀ ମାଣ୍ଡୋଇ ପ୍ରମୁଖ ବାଲିକୁଦା ବ୍ଲକ ଆମ୍ବଶାଳସ୍ଥିତ ଓମଫେଡ ମ୍ୟାନେଜରଙ୍କୁ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, ଏହି ଗ୍ରାମରେ ୩ଟି ସୋସାଇଟି ଥିଲେ ମଧ୍ୟ ଚାଷୀମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ଯୋଗୁ ଦୁଗ୍ଧ ବିକ୍ରି କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଦୋକାନ ବାରଣ୍ଡା କିମ୍ବା କୌଣସି ଲୋକଙ୍କ ଘରେ କ୍ଷୀର ସଂଗ୍ରହ କରାଯାଉଛି। ଚାଷୀମାନଙ୍କୁ ପ୍ରଲୋଭନ ଦେଖାଇ କମ୍ ଦାମରେ କ୍ଷୀର ସଂଗ୍ରହ କରି ସେ ନିଜେ ବିକ୍ରି କରୁଛନ୍ତି। ସେହିପରି ଦୁଗ୍ଧ ଶୀତଳୀକରଣ ପାଇଁ କମର୍ସିଆଲ ଭାବେ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ଏଠାକୁ ଘରୋଇ ବିଦ୍ୟୁତ ସଂଯୋଗ କରାଯାଇଛି। ଫଳରେ ସମ୍ପୃକ୍ତ ବ୍ୟକ୍ତି ବିଦ୍ୟୁତ୍ ବିଭାଗକୁ ଲକ୍ଷାଧିକ ଟଙ୍କା ଠକୁଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରି ଉକ୍ତ ଗୃହ ଓମଫେଡ ସୋସାଇଟିକୁ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଓମଫେଡ ମ୍ୟାନେଜର ନୀଳକଣ୍ଠ ବିଶ୍ୱାଳ କହିଛନ୍ତି ଯେ ଅଭିଯୋଗ ମିଳିଛି, ଶୀଘ୍ର ତଦନ୍ତ କରାଯିବ।

- ବେଆଇନ୍ ଭାବେ ଚାଲିଛି ଦୁଗ୍ଧ ଶୀତଳୀକରଣ
- ବିଦ୍ୟୁତ୍ ସଂଯୋଗ ମଧ ବେଆଇନ
- ହଇରାଣ ହେଉଛନ୍ତି ଚାଷୀ

# ଜମି ମାଫିଆଙ୍କଠାରୁ ବଳିଗଲେଣି ସରକାର: ଭାଜପା

ଭୁବନେଶ୍ୱର, ୬।୨(ବ୍ୟୁରୋ)

ରାଜ୍ୟ ସରକାର ଏବେ ଜମି ମାଫିଆଙ୍କ ଠାରୁ ବଳି ଯାଇଛନ୍ତି। ଶିଳ୍ପ ପ୍ରତିଷ୍ଠା ପାଇଁ ଚାଷୀମାନଙ୍କ ଠାରୁ ଜମି ଛଡାଇ ନେଉଛନ୍ତି। ଏହାପରେ ଜମିରେ ଶିଳ୍ପ ପ୍ରତିଷ୍ଠା କରୁ ନାହାନ୍ତି କି ଚାଷୀଙ୍କୁ ଫେରାଉ ନାହାନ୍ତି। ସେହି ଚାଷ ଜମି ପାଇଁ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ମଧ୍ୟ ସରକାର ଦେଉ ନାହାନ୍ତିବୋଲି ଭାଜପା ଅଭିଯୋଗ କରିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂ ଦେଓ କହିଛନ୍ତି ଯେ, ରାଜ୍ୟ ସରକାର ଓଡିଶାର ଅନେକ ସ୍ଥାନରେ ଏଭଳି ଅଭାବନୀୟ ସ୍ଥିତି ସୃଷ୍ଟି କରିଛନ୍ତି। ସରକାରଙ୍କ ଚାଷୀ, ଯୁବକ ଏବଂ ଶିଳ୍ପ ବିରୋଧୀ ନୀତି ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି। ୨୦୧୧ରେ ସରକାର ରେମୁଣାରେ ଶିଳ୍ପ ପ୍ରତିଷ୍ଠା ନାଁରେ ୯ଟି ମୌଜାର ନରହରିପୁର, ଖରିଦ ମୁଖୁରା, ନୂଆ ପାଡୀ ୩ଟି ପଞ୍ଚାୟତର ବହୁ ଚାଷ ଜମି ଅଧିଗ୍ରହଣ କରିଥିଲେ। ସେହି ଜମିକୁ ସରକାର ଲ୍ୟାଣ୍ଡ ବ୍ୟାଙ୍କ ପଲିସି ଅନୁଯାୟୀ ଅଧିଗ୍ରହଣ କରିଥିଲେ। କିନ୍ତୁ ଚାଷୀଙ୍କୁ ଏବେ ସୁଦ୍ଧା ସେମାନଙ୍କର ନିଜ ଜମି ପାଇଁ ଟଙ୍କାଟିଏ ମିଳିନାହିଁ। ଚାଷ ଜମିକୁ ସରକାରୀ ସଂସ୍ଥା "ଇଡ୍‌କୋ" ନାଁରେ ରେଜିଷ୍ଟ୍ରି କରାଯାଇଛି। ଫଳରେ ଜମି ହରାଇଥିବା ଲୋକେ ନିଜ ପୈତୃକ ଜମିକୁ ବିକ୍ରି କରିପାରୁ ନାହାନ୍ତି। ଏପରିକି ଚାଷ ମଧ୍ୟ କରିପାରୁ ନାହାନ୍ତି ବୋଲି ଭେଜି ଅଭିଯୋଗ କରିଛନ୍ତି। ଲୋକଙ୍କୁ ଭଣ୍ଡାଇ ସେମାନଙ୍କ ହଜାର ହଜାର କୋଟି ଟଙ୍କାର ଜମି ନେବାକୁ ଶାସକ ଦଳ ସଦସ୍ୟମାନେ ଏଭଳି ଯୋଜନା କରିଛନ୍ତି ବୋଲି ଭେଜି ଅଭିଯୋଗ କରିଛନ୍ତି।

### ସବୁ କଥାରେ ରାଜନୀତି କରିବାକୁ ଚାହୁଁଛି ଭାଜପା: ବିଜେଡି

ଭାଜପାର ଏଭଳି ଅଭିଯୋଗକୁ ନେଇ ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି ଯେ, ସରକାର ଯେଉଁମାନଙ୍କ ଠାରୁ ଜମି ନେଇଥିଲେ ସେମାନଙ୍କୁ ଅର୍ଥ ଦେଇଛନ୍ତି। ଆଇନ ଅନୁଯାୟୀ ସରକାର ସବୁ କିଛି କରିଛନ୍ତି। ଭାଜପା ସବୁ କଥାରୁ ରାଜନୈତିକ ଫାଇଦା ନେବାକୁ ପ୍ରୟାସ କରୁଛି। ଅଯଥା କଥାରେ ରାଜନୀତି କରି ଭାଜପା ଲୋକଙ୍କ ନିକଟରେ ହେବା ପାଇଁ ଯେଉଁ ଉଦ୍ୟମ କରୁଛି, ସେଥିରେ ଫେଲ୍ ମାରିବ ବୋଲି ସମୀର କହିଛନ୍ତି।

# ସୌରଚନ୍ଦ୍ରଙ୍କୁ ଭାଜପାରେ ନୂଆ ଦାୟିତ୍ୱ

ଭୁବନେଶ୍ୱର, ୬।୨(ବ୍ୟୁରୋ)

ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନ କ୍ରମେ ଦଳର ରାଜ୍ୟ ଆଇନ ଓ ସୂଚନା ଅଧିକାର ସେବାର ରାଜ୍ୟ ସହସଂଯୋଜକ ଭାବେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ରଙ୍କୁ ମନୋନୀତ କରାଯାଇଛି। ଏ ନେଇ ବିଭାଗ ମୁଖ୍ୟ ତଥା ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଘୋଷଣା କରିଛନ୍ତି।


## BERHAMPUR UNIVERSITY
BHANJA BIHAR, BERHAMPUR-760007 (ODISHA)

No.1000 / Vehicle / BU / 19 Date: 06.02.2019

**TENDER QUOTATION CALL NOTICE**

Sealed tenders / Quotations are invited from interested reputed travel Agencies / Tour Operators or Private Individuals having GST registration for providing 01 (One) **Maruti Swift Dezire diesel** driven vehicle with Driver to be used by the Chairman, P.G. Council, Berhampur University on monthly rental basis. For General information and terms & conditions, please visit the official website of Berhampur University **www.buodisha.edu.in.** The filled-in Application From along with all required enclosures should reach the Registrar, Berhampur Univercity by 3.30 P.M. of 22.02.2019 positively by speed / Registered post only.

**Sd./- Registrar**
**Berhampur University.**

## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଝାରସୁଗୁଡ଼ା

ସଂଖ୍ୟା: ୬୧୮ ତାରିଖ: ୦୫।୦୨।୨୦୧୯

**ଗ୍ରାମ ରୋଜଗାର ସେବକ ନିମନ୍ତେ ନୋଟିସ୍**

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ପିଥିଣ୍ଡା ଗ୍ରାମ ପଞ୍ଚାୟତ, କିର୍ମିରା ବ୍ଲକର କିର୍ମିରା ଗ୍ରାମ ପଞ୍ଚାୟତ ଓ ଲଇକେରା ବ୍ଲକ ଅନ୍ତର୍ଗତ ଲଇକେରା ଏବଂ ନିଷ୍ଟିମାଲ ଗ୍ରାମ ପଞ୍ଚାୟତ ବ୍ୟତୀତ ଆନ୍ଦୋଳନ (Strike) ରେ ଜଡ଼ିତ ଥିବା ଅନ୍ୟ ସମସ୍ତ ୭୪ଟି ଗ୍ରାମ ପଞ୍ଚାୟତର ଗ୍ରାମ ରୋଜଗାର ସେବକମାନଙ୍କୁ ସୂଚାଇ ଦିଆଯାଉଛି ଯେ, ତା୧୬।୦୨।୨୦୧୯ରିଖ ସକାଳ ୧୦.୩୦ ସୁଦ୍ଧା ଜିଲ୍ଲାପାଳ, ଝାରସୁଗୁଡ଼ାଙ୍କଠାରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଦୀର୍ଘଦିନ ଧରି ଦାୟିତ୍ୱରେ ଅବହେଳା କରିଥିବା ହେତୁ କାହିଁକି ତାଙ୍କୁ ଚୁକ୍ତିଭିତ୍ତିକ ନିୟୋଜନରୁ ବରଖାସ୍ତ କରା ନ ଯିବ ତତ୍ ସମ୍ବନ୍ଧୀୟ ଯୁକ୍ତି ତଥା ତଥ୍ୟ ଉପସ୍ଥାପନ କରିବେ। ନିର୍ଦ୍ଧାରିତ ସମୟ ଓ ତା୧୬।୦୨।୨୦୧୯ରିଖ ମଧ୍ୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇ ନିଜର ପକ୍ଷ ରଖି ନ ପାରିଲେ ସମ୍ପୃକ୍ତ ଗ୍ରାମ ରୋଜଗାର ସେବକମାନଙ୍କୁ ଚୁକ୍ତିଭିତ୍ତିକ ନିୟୋଜନରୁ ବରଖାସ୍ତ କରାଯିବ। ପୂର୍ବରୁ (ତା୧୪।୦୧।୨୦୧୯ ଓ ତା୧୮।୧୨।୨୦୧୮ରିଖର ପତ୍ର ଅନୁଯାୟୀ) ଗ୍ରାମ ରୋଜଗାର ସେବକମାନଙ୍କୁ ଏ ସମ୍ବନ୍ଧେ ନୋଟିସ୍ ଜାରିକରି ଯଥେଷ୍ଟ ସମୟ ଦିଆଯାଇଥିବାରୁ ପୁନର୍ବାର କୌଣସି ସୁଯୋଗ ଦିଆଯିବ ନାହିଁ।

ସ୍ୱା./- ଜିଲ୍ଲାପାଳ-ତଥା-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ଡି.ଆର୍.ଡି.ଏ., ଝାରସୁଗୁଡ଼ା

## OFFICE OF THE NOTIFIED AREA COUNCIL, PATNAGARH

Letter No................/ Date................../

**TENDER CALL NOTICE**

The Executive officer, N.A.C., Patnagarh invites sealed tender paper from the reputed bidders with having up to date GST, PAN Card for applying for the work "Colouring Stickering of Main welcome Gate (5 Nos) of N.A.C., Patnagarh" as per the detail technical specification, terms & conditions mentioned in the tender schedule. The tender paper should reach to the undersigned on or before Dt.19.02.2019 up to 12.30 P.M. through Regd. Post/ Speed Post which will be opened on 20.02.2019 at 3.30 P.M., in presence of the bidder or their authorized representatives. The bid document will be available at N.A.C. Office, Patanagarh with effect from Dt.07.02.2019 to Dt.19.02.2019 up to 12.00 Noon during the office hour on depositing of non-refundable cost of bid documents Rs.4,000/- (Rupees Four Thousand) in shape of cash/ DD/ Banker's Cheque. The intending bidders shall have to submit **EMD 1%** of total quoted value in shape of Bank Draft in any Nationalized Bank in favour of the Executive Officer, N.A.C, Patanagarh, payable at Patnagarh. The authority reserves the right to accept or cancel any or all tender papper without assigning any reason thereof.

**Sd./- Executive Officer,**
**N.A.C, Patnagarh,**

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧, ଫାକ୍ସ: (୦୬୭୪) ୨୩୯୩୯୫୨,
ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: 1071 **ବିଜ୍ଞାପନ** ତାରିଖ: 22.01.19

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଘର ନଂ. ଏମ୍ଆଇଜି-୧-୩୪ (MIG-1-34) କୁମ୍ଭା, ଫେଜ୍-୧, କୋରାପୁଟ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଅନିରୁଦ୍ଧ ଜେନା, ପିତା: ଶ୍ରୀ ବୃନ୍ଦାବନ ଜେନା, ସା: ହାତୀପଦା, ପୋ: ଖପରପଦା, ଥାନା: ଧୂଷୁରୀ, ଜି: ଭଦ୍ରକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଶ୍ରୀ ଅନିରୁଦ୍ଧ ଜେନା ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଶ୍ରୀଲକ୍ଷ୍ମୀ ସାହୁ, ସ୍ୱାମୀ: ଶ୍ରୀହରି ସାହୁ, ସା: ପୁଚିଲାଗଳି କୋରାପୁଟ, ପୋଷ୍ଟ: କୋରାପୁଟ, ଜିଲ୍ଲା: କୋରାପୁଟଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ଆବଣ୍ଟନ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହ /ପ୍ଲଟ/ ଦୋକାନ ଗୃହଟିର ଆବଣ୍ଟନ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

**ସ୍ୱା./- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

## OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA,
Dist: Kalahandi-766026, Ph. No: 7328840415,
E-mail: sgmel_uihep@ohpcltd.com

ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022, Tel: 91-0674-2542983, 2542802, 2545526, 2542826, Fax: 2542102, E-Mail: ohpc.co@gmail.com/ md@ohpcltd.com, Web: www.ohpcltd.com, CIN: U40101OR1995SGC003963

**NOTICE INVITING TENDER No. 52/2018-19 DATE 31.01.2019**

**No.CAD-1378:-** Sealed tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the reputed manufacturers/ authorized dealers/ channel partners/ firms authorized by manufacturer of the following works as mentioned below.

| Description of Materials | Cost of tender paper (Non-refundable) in Rs. | EMD in shape of DD/ Banker's Cheque only (Refundable) in Rs. |
|---|---|---|
| Supply of Industrial Safety Shoes & Formal Shoes | 4,720/- (inclusive of GST) | 5,740/- |

For details of the tender documents, terms & conditions please visit our website www.ohpcltd.com.

32136/11/0080/1819 **Sd./- Unit Head, UIHEP, Mukhiguda**

## ଜିଲ୍ଲା କୃଷି କାର୍ଯ୍ୟାଳୟ, ଆର୍. ଉଦୟଗିରି

**ବିହନ ବିଶୋଧନ ଅଭିଯାନ, ରବି - ୨୦୧୮-୧୯**

ଚଳିତ ରବି ଋତୁ ୨୦୧୮-୧୯ ପାଇଁ ରାଜ୍ୟ ଯୋଜନା ଅନ୍ତର୍ଗତ ମୁଗ ଓ ବିରି ବିହନ ବିଶୋଧନ ଅଭିଯାନ ଆର୍.ଉଦୟଗିରି କୃଷି ଜିଲ୍ଲାର ୩ଟି ବ୍ଲକ ଯଥା: ଆର୍.ଉଦୟଗିରି, ନୂଆଗଡ଼ ଓ ମୋହନା ଅନ୍ତର୍ଭୁକ୍ତ ୫୯ଟି ଗ୍ରାମରେ ତା୨୧।୦୧।୨୦୧୯ଠାରୁ ତା୧୦।୦୨।୨୦୧୯ରିଖ ମଧ୍ୟରେ କରାଯିବା ପାଇଁ ସ୍ଥିର କରାଯାଇଛି। ଅତଏବ ପ୍ରତ୍ୟେକ ବ୍ଲକର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରାଯାଉଅଛି କି, ସେମାନେ ବିପୁଳ ସଂଖ୍ୟାରେ ଯୋଗଦାନ କରି ସେମାନଙ୍କର ମୁଗ ଓ ବିରି ବିହନ ଗୁଡ଼ିକୁ ମାଗଣାରେ ବିଶୋଧନ କରାଇ ନିଅନ୍ତୁ। ଏହାଦ୍ୱାରା ପରବର୍ତ୍ତୀ ସମୟରେ ମୁଗ ଓ ବିରି ଫସଲ ବିହନ ଜନିତ ଓ ମୃତ୍ତିକା ଜନିତ ରୋଗ ଦାଉରୁ ସୁରକ୍ଷିତ ରହି ଅଧିକ ଅମଳ ଦେଇ ପାରିବ।

ସ୍ୱା./- ପ୍ରଶାନ୍ତ କୁମାର ପଟ୍ଟନାୟକ, ଜିଲ୍ଲା କୃଷି ଅଧିକାରୀ, ଆର୍.ଉଦୟଗିରି

## OFFICE OF THE EXECUTIVE ENGINEER, P.H. DIVISION, BARIPADA

Ph.: 06792-252682 (O), e-mail: eephbaripada2016@gmail.com

O.O. No.:............... Dated :...............

No.: 461-C: The RFP invited vide RFP identification No. RFP/ EE/PHED/Baripada/02/2018-19 Dt.25.01.2019 of the Executive Engineer, P.H. Division, Baripada is hereby cancelled.

**Sd./- (Er. B. Pani), Executive Engineer**
13016/11/0009/1819 **P.H. Division, Baripada**

## OFFICE OF THE EXECUTIVE ENGINEER MINOR IRRIGATION DIVISIONGANJAM No - I, BERHAMPUR

No.1235-A

Email:eemi_gm1@yahoo.co.in
Letter No. 387 // M.I.D (GM) - BAM. Date : 02.02.2019 //

**GOVERNMENT OF ODISHA E-PROCUREMENT NOTICE**
**Bid Identification No. : Online Tender / 08 / GMID - 1/2018-19**

| | | |
|---|---|---|
| Name of Work | : | Civil Construction Works. |
| No. of Work | : | 09 (Nine) |
| Estimated Cost | : | Varies from Rs. 31.01 lakh to Rs. 65.00 lakh |
| Period of Completion | : | 4 (Four) to 9 (Nine) Calendar Months |
| Time for receipt of Bid (Online) | : | From 12.02.2019, 10.00 Hours to 21.02.2019 up to 17:00 Hours |
| Name & Address of the Officer inviting Tender. | : | Executive Engineer, M.I. Division Ganjam- I Berhampur. |

Further Details can be seen from the website: **http://www.odisha.gov.in. https://www.tendersodisha.gov.in.**

**Sd./- Executive Engineer,**
32104/11/0013/1819 **M.I. Divn. Ganjam-I, Berhampur.**

## SAMBALPUR UNIVERSITY
Jyotivihar, Burla, Sambalpur (Odisha), Pin: 768019
Website: www.suniv.ac.in
(NAAC ACCREDIATED WITH 'A' GRADE)

No. 671/ Store Dated: 05.02.19

**QUOTATION CALL NOTICE**

Sealed quotations on plain paper are invited from intending registered firms/authorized dealers/ manufactures for supply of following items for University Hostels. The quotation should accompany with copy of latest valid GST Registration certificate, PAN card and reach the undersigned by Post on or before 02.00 PM of Dt. 21.02.2019 which will be opened on the same day at 03.30 PM in presence of the quotationers or their authorized representatives. The quotation cover should be superscribed with the word "Quotation for supply of Furniture/ LED TV to Hostels". The detail terms and conditions/ specifications can be had from the Store & Pruchase Section, S.U. in person on working day during office hour or from the University website:- "www.suniv.ac.in". The items & the specifications are as follows:-

| | |
|---|---|
| a) Dining Table (8-seater), 4 Nos. each side- 8'L x 3'W, Sunmica top, laminated board | d) Reading Room Table (3-seater)- 5 1/2 x 2', Sunmica top, laminated board |
| b) Dining Bench (4-seater)- 8'x1', Sunmica top, laminated board | e) Chair without Arm, Plastic Molded Branded, good quality |
| c) Bench with back support (4 seater)- 8'x1 1/2', Sunmica top, laminated board | f) LED TV (43"), Branded, Full HD with 2 HDMI port & USB port good features. |
| * sizes given are approx. best size of Furniture may be given | g) Steel Almirah (78"x 36"x19"), 4 shelves, reputed make |

**Sd./- Registrar**

## THE ODISHA MINING CORPORATION LIMITED
OMC House, Bhubaneswar-751001, Odisha,
CIN: U13100OR1956SGC00313, www.omcltd.in

**NOTICE INVITING TENDER**

Tender No.: 06/OMC/ROB/Mat/19 dated 05.02.2019

**No.CAD-1377:-** Notice Inviting tender for hiring of 01 (One) No. 17 seated School Bus.

Open tender is hereby invited from the Sole proprietors/ Agencies supplying vehicles of the following types on monthly hire basis for our Mines/Regional Office, Bangur for 12hrs basis daily.

The EMD amount is Rs. 40,000/- for 17 Seated School Bus.
Cost of Tender Paper is Rs. 590/- (Including GST)
The schedule of tender is as under:

Last Date of availability of tender schedule from website: **26.02.2019** up to 17:00 hrs.
Last date of receipt of tender: **27.02.2019** up to 15:00 hrs.
Date of opening of tender (Technical bid): **27.02.2019** at 15:30 hrs.

The tender Document shall not be sold and is to be downloaded only from website of OMC, i.e.www.omcltd.in.

The cost of the tender document and EMD separately in the form of Demand Draft in favour of "The Odisha Mining Corporation Ltd", payable at Bank of India, Boula is to be enclosed with the bid along with other documents. The tenders complete in all respect of duly signed must reach this office by registered post/Courier or may be dropped in the Tender box kept at the Office of the Regional Manager, Bangur up to 15:00 Hrs. of **27.02.2019**. The tenders received after the scheduled date and time will be rejected out rightly. OMC reserves the right to cancel the tender at any stage of bidding without assigning any reasons thereof. In case, if the L1 is more than one party then the selection of vehicle will be on the date and year of manufacturer. The latest date of manufacturing will be preferred.

| Details of the vehicles required | Place of utilisation | Quantity |
|---|---|---|
| 1. 17 Seated School Bus -- | Mines office / Region and outside duty as per requirement, RO Bangur. | 01 no.(12 hrs basis daily) |

30005/11/0177/1819 **Sd./- REGIONAL MANAGER**

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o the Sr. General Manager (S&S) Janpath, Bhubaneswar-751022. CIN: U40102OR2004SGC007553

**TENDER NOTICE NO. SR.G.M. (S&S) - 05/2019-20**

For and on behalf of Odisha Power Transmission Corporation Ltd., Sr. G.M. (S&S) invites Tenders from reputed Manufacturers / Authorised Dealers for Supply & Installation of 2 Nos. of 3.0 Ton Tower A.C. Machines (LG / Carrier / Blue Star / Hitachi / Voltas) for Telecommunication Circle, OPTCL headqrs, Bhoinagar, Bhubaneswar duly superscribed on the cover as : **"Tender for supply & installation of Tower A.C. Machines for OPTCL".** Tender paper can be downloaded from the OPTCL website from **dt.08.02.2019** to **dt.28.02.2019** up to **1.00 PM** . The last date for receipt of tender is **dt.28.02.2019** upto **1:00 PM.** The tender will opened on **dt.28.02.2019** at **4:00 PM.** Interested firms may visit OPTCL's official website **www.optcl.co.in** for detail specifications.

Sd/- **Sr. General Manager (S&S)**

Please connect us: optcl.odisha optcl_odisha energyodisha

## ପୌର ପରିଷଦ କାର୍ଯ୍ୟାଳୟ, ସୁନ୍ଦରଗଡ଼

ସଂଖ୍ୟା: ୭୩୪ ତା: ୦୬।୦୨।୧୯ ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି କି, ସୁନ୍ଦରଗଡ଼ ପୌରପରିଷଦ ଅନ୍ତର୍ଗତ ଲୁହୁରାଡିପାଠାରେ ଥିବା ସୁନ୍ଦରଗଡ଼ ବସ୍ ଟର୍ମିନାଲ୍ ଭିତରେ ଥିବା ଦୋକାନ ଗୃହ (Food Court) ଆବଣ୍ଟନ ପାଇଁ ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ। ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଆବେଦନ କରିପାରିବେ। ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ଟେଣ୍ଡର ସର୍ତ୍ତାବଳୀ ନିମ୍ନମତେ ଦିଆଗଲା।

| କ୍ରମିକ ନଂ. | ଦୋକାନ | ନିର୍ଦ୍ଧାରିତ ସର୍ବନିମ୍ନ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି ପ୍ରତ୍ୟେକ ପାଇଁ |
|---|---|---|---|
| ୧ | Food Court-2, ସୁନ୍ଦରଗଡ଼ ବସ୍ ଟର୍ମିନାଲ | ଟ.୧,୨୦,୦୦୦.୦୦ | ଟ.୧୦,୦୦୦.୦୦ |

**ସର୍ତ୍ତାବଳୀ**

୧. ପୂର୍ବ ବର୍ଷରୁ ବକେୟା ଦେୟ ଥିବା କିମ୍ବା କଳା ତାଲିକାଭୁକ୍ତ ବ୍ୟକ୍ତି ଉକ୍ତ ନିଲାମରେ ଭାଗ ନେଇପାରିବେ ନାହିଁ।
୨. ନିଲାମରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ, ସ୍ଥାନ, ସମୟରେ ଉପସ୍ଥିତ ରହି ନିର୍ଦ୍ଧାରିତ ଆବେଦନ ଟ୧୦୦୦.୦୦ଙ୍କା (ଏକ ହଜାର ଟଙ୍କା ମାତ୍ର) ମୂଲ୍ୟ ଆବେଦନ ଫର୍ମ ପୂରଣ କରି ସମ୍ପୃକ୍ତ ଦୋକାନ ଗୃହ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ। ଟେଣ୍ଡର ଦାଖଲକାରୀ ନିର୍ଦ୍ଧାରିତ ଦୋକାନର ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ଦ୍ୱାରା କିମ୍ବା କାର୍ଯ୍ୟାଳୟରେ ନଗଦ ଟଙ୍କା ଦ୍ୱାରା ଜମା କରିବେ। ଅନ୍ୟଥା ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ଏବଂ ତାଙ୍କ ଟେଣ୍ଡର ମୂଲ୍ୟକୁ ଅସିଦ୍ଧ ଘୋଷଣା କରାଯିବ।
୩. ଯାହାଙ୍କ ସପକ୍ଷରେ ସର୍ବୋଚ୍ଚ ଡାକ ନିଲାମ ସିଦ୍ଧ ହେବ, ସେ ଉକ୍ତ ନିଲାମ ଡାକରେ ପୂର୍ଣ୍ଣ ରାଶି ଏକକାଳୀନ ଦାଖଲ କରିବେ। ନଚେତ୍ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ନିଲାମ ଦର ଦାଖଲକାରୀ ବ୍ୟକ୍ତିଙ୍କୁ ସୈରାତ ଆବଣ୍ଟନ କରାଯିବ। ନଚେତ ଉକ୍ତ ଦୋକାନର ପୁନର୍ବାର ନିଲାମ ଡାକ କରାଯିବ।
୪. ନିମ୍ନ ସ୍ୱାକ୍ଷରକାରୀ ଯେକୌଣସି ନିଲାମ ଡାକ ଓ ଆବଣ୍ଟନ ବାବଦରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ।
୫. ନିଲାମ ସଂକ୍ରାନ୍ତ ତଥ୍ୟ ପୌରପାଳିକା କାର୍ଯ୍ୟାଳୟରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ମିଳିପାରିବ।
୬. ନିଲାମ ପାଇଥିବା ବ୍ୟକ୍ତି ନିଲାମ ପାଇବାର ୭ ଦିନ ମଧ୍ୟରେ Food Licence ଦାଖଲ କରିବେ ନଚେତ୍ ତାଙ୍କର ନିଲାମ ରଦ୍ଦ ହୋଇଯିବ। ନିଲାମ ପାଇଥିବା ତାଙ୍କର ପଇଠ ଜମା କରିବା ପାଇଁ Agreement କରିବେ। Agreement ରେ ଥିବା ସର୍ତ୍ତାବଳୀ ଅନୁଯାୟୀ କାର୍ଯ୍ୟ କରିବେ।
୭. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ନିଲାମରେ ଅଂଶଗ୍ରହଣ କରିପାରିବେ।
୮. ଆବଣ୍ଟିତ ଦୋକାନ ଗୃହ ଗୁଡ଼ିକରେ ଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ରହିବ। କୌଣସି ଦୁଇଟି ଦୋକାନରେ ଏକପ୍ରକାର ଖାଦ୍ୟ ସାମଗ୍ରୀ ରଖିପାରିବେ ନାହିଁ।
୯. ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ୍ର ଦୋକାନ ନେଇପାରିବେ।
୧୦. ନିଲାମରେ ପାଇଥିବା ବ୍ୟକ୍ତି ଉକ୍ତ ଗୃହରେ କୌଣସି ପ୍ରକାର ନିର୍ମାଣ ସମ୍ବନ୍ଧୀୟ ପରିବର୍ତ୍ତନ କରିପାରିବେ ନାହିଁ।
୧୧. Food Court-2 ନିଲାମ ପାଇଥିବା ବ୍ୟକ୍ତି ଟ.୮୦,୦୦୦.୦୦ଙ୍କା ଅଫେରସ୍ତ ରାଶି ଦେବେ।
କ) ତା୦୭।୦୨।୨୦୧୯ରିଖରୁ ତା୧୨।୦୨।୨୦୧୯ରିଖ (କାର୍ଯ୍ୟାଳୟ ସମୟ ମଧ୍ୟରେ) ଟେଣ୍ଡର ପେପର ବିକ୍ରୟ କରାଯିବ।
ଖ) ତା୧୩।୦୨।୨୦୧୯ରିଖ ସମୟ ପୂର୍ବାହ୍ନ ୧୦.୦୦ ରୁ ସନ୍ଧ୍ୟା ୦୫.୦୦ ପର୍ଯ୍ୟନ୍ତ ଟେଣ୍ଡର ପେପର ଗ୍ରହଣ କରାଯିବ।
ଗ) ତା୧୪।୦୨।୨୦୧୯ରିଖ ସମୟ ପୂର୍ବାହ୍ନ ୧୧ଟା ଟେଣ୍ଡର ଖୋଲାଯିବ, ସୁନ୍ଦରଗଡ଼ ପୌରପାଳିକା।

**ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ, ସୁନ୍ଦରଗଡ଼ ପୌର ପରିଷଦ**

## ପୌର ପରିଷଦ କାର୍ଯ୍ୟାଳୟ, ସୁନ୍ଦରଗଡ଼

ସଂଖ୍ୟା: ୭୨୬ ତା: ୦୬।୦୨।୧୯ ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି କି, ସୁନ୍ଦରଗଡ଼ ପୌରପରିଷଦ ଅନ୍ତର୍ଗତ ଲୁହୁରାଡିପାଠାରେ ଥିବା ସୁନ୍ଦରଗଡ଼ ବସ୍ ଟର୍ମିନାଲ୍‌ଠାରେ ନିର୍ମାଣ ହେବାକୁ ଥିବା 8'x10' ଦୋକାନ ଗୃହର ଆବଣ୍ଟନ ପାଇଁ ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ। ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଆବେଦନ କରିପାରିବେ। ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ଟେଣ୍ଡର ସର୍ତ୍ତାବଳୀ ନିମ୍ନମତେ ଦିଆଗଲା। ଏହା କେବଳ ପୁରୁଣା ବସଷ୍ଟାଣ୍ଡର ତାଲିକାଭୁକ୍ତ ଉଠା ଦୋକାନୀମାନଙ୍କ ପାଇଁ ଉଦ୍ଦିଷ୍ଟ।

| କ୍ରମିକ ନଂ. | ଦୋକାନ | ନିର୍ଦ୍ଧାରିତ ସର୍ବନିମ୍ନ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି ପ୍ରତ୍ୟେକ ପାଇଁ |
|---|---|---|---|
| ୧ | 8'x10' ଦୋକାନ ଗୃହ, ସୁନ୍ଦରଗଡ଼ ବସ୍ ଟର୍ମିନାଲ, ସୁନ୍ଦରଗଡ଼ | ଟ.୧,୩୫,୦୦୦.୦୦ | ଟ.୧୦,୦୦୦.୦୦ |

**ସର୍ତ୍ତାବଳୀ**

୧. ପୂର୍ବ ବର୍ଷରୁ ବକେୟା ଦେୟ ଥିବା କିମ୍ବା କଳା ତାଲିକାଭୁକ୍ତ ବ୍ୟକ୍ତି ଉକ୍ତ ଟେଣ୍ଡରରେ ଭାଗ ନେଇପାରିବେ ନାହିଁ।
୨. ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ, ସ୍ଥାନ, ସମୟରେ ନିର୍ଦ୍ଧାରିତ ଆବେଦନ ଟ୧୫୦୦.୦୦ଙ୍କା **(ଏକ ହଜାର ପାଞ୍ଚ ଶହ ଟଙ୍କା ମାତ୍ର)** ମୂଲ୍ୟ ଆବେଦନ ଫର୍ମ ପୂରଣ କରି ସମ୍ପୃକ୍ତ ଦୋକାନ ଗୃହ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ। ଟେଣ୍ଡର ଦାଖଲକାରୀ ନିର୍ଦ୍ଧାରିତ ଦୋକାନର ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ଦ୍ୱାରା କିମ୍ବା କାର୍ଯ୍ୟାଳୟରେ ନଗଦ ଟଙ୍କା ଦ୍ୱାରା ଜମା କରିବେ। ଅନ୍ୟଥା ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ଏବଂ ତାଙ୍କ ଟେଣ୍ଡର ମୂଲ୍ୟକୁ ଅସିଦ୍ଧ ଘୋଷଣା କରାଯିବ।
୩. ଯାହାଙ୍କ ସପକ୍ଷରେ ସର୍ବୋଚ୍ଚ ଟେଣ୍ଡର ସିଦ୍ଧ ହେବ, ସେ ଉକ୍ତ ଟେଣ୍ଡରର ପୂର୍ଣ୍ଣ ରାଶି ଏକକାଳୀନ ଦାଖଲ କରିବେ। ନଚେତ୍ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ଟେଣ୍ଡର ଦର ଦାଖଲକାରୀ ବ୍ୟକ୍ତିଙ୍କୁ ଆବଣ୍ଟନ କରାଯିବ। ନଚେତ ଉକ୍ତ ଦୋକାନର ପୁନର୍ବାର ଟେଣ୍ଡର କରାଯିବ।
୪. ନିମ୍ନ ସ୍ୱାକ୍ଷରକାରୀ ଯେକୌଣସି ଟେଣ୍ଡର ଓ ଆବଣ୍ଟନ ବାବଦରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ।
୫. ଟେଣ୍ଡର ପାଇଥିବା ବ୍ୟକ୍ତି ତାଙ୍କର ପଇଠ ଜମା କରିବା ପାଇଁ ଚୁକ୍ତିନାମା କରିବେ। ଚୁକ୍ତିନାମାରେ ଥିବା ସର୍ତ୍ତାବଳୀ ଅନୁଯାୟୀ କାର୍ଯ୍ୟ କରିବେ।
୬. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ।
୭. ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ୍ର ଦୋକାନ ନେଇ ପାରିବେ।
୮. ଟେଣ୍ଡରରେ ପାଇଥିବା ବ୍ୟକ୍ତି ଉକ୍ତ ଗୃହରେ କୌଣସି ପ୍ରକାର ନିର୍ମାଣ ସମ୍ବନ୍ଧୀୟ ପରିବର୍ତ୍ତନ କରିପାରିବେ ନାହିଁ।
୯. ଦୋକାନ ଗୃହ ମଧ୍ୟରେ କୌଣସି ପ୍ରକାର ଖାଦ୍ୟ ଜିନିଷ ରୋଷେଇ କରି ପାରିବେ ନାହିଁ।
୧୦. ପୁରୁଣା ବସଷ୍ଟାଣ୍ଡର ଉଠାଦୋକାନୀମାନଙ୍କୁ ଅଗ୍ରାଧିକାର ଦିଆଯିବ। ଆବେଦନକାରୀଙ୍କର ୩୧।୦୩।୨୦୧୮ ପୂର୍ବରୁ ଟ୍ରେଡ ଲାଇସେନ୍ସ ଥିବା ଆବଶ୍ୟକ। (ସର୍ତ୍ତାବଳୀ ଲାଗୁ)। ପୁରୁଣା ବସଷ୍ଟାଣ୍ଡରେ ଦୋକାନ ଥିବା ପ୍ରମାଣ ଦାଖଲ କରିବେ।
୧୧. ପ୍ରତି ୨ ବର୍ଷରେ ଥରେ ଲିଜ ନବୀକରଣ ହେବ ଏବଂ ପ୍ରତି ବର୍ଷ ୧୦% ଭଡ଼ା ବୃଦ୍ଧି କରାଯିବ।
୧୨. ପ୍ରତି ଦୋକାନ ଗୃହ ପିଛା ପ୍ରତି ମାସ ଟ୫୦୦/- ଭଡ଼ା ଓ ଟ୧୦୦/- ସୁରକ୍ଷା ବାବଦକୁ ନିଆଯିବ।
୧୩. ଯେଉଁ ବ୍ୟକ୍ତି ନିର୍ଦ୍ଧାରିତ ସର୍ବନିମ୍ନ ମୂଲ୍ୟଠାରୁ କମ ଦର ଦେବେ, ତାଙ୍କର ଟେଣ୍ଡର ଅସିଦ୍ଧ ଘୋଷଣା କରାଯିବା ସହିତ ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ।
୧୪. ଆବେଦନକାରୀଙ୍କର ଭୋଟର ପରିଚୟ ପତ୍ର, ଆଧାର କାର୍ଡ ଏବଂ ବିଦ୍ୟୁତ ବିଲ ଥିବା ଆବଶ୍ୟକ।
୧୫. ଆବେଦନକାରୀଙ୍କର ପୌରାଞ୍ଚଳ ମଧ୍ୟରେ କୌଣସି ଦୋକାନ (ସରକାରୀ/ବେସରକାରୀ/ଆର.ଡି.ଏ.) ନଥିବ। ଏହାର ଆତ୍ମଘୋଷଣା ହଲପନାମ ଆବେଦନକାରୀ ଆବେଦନ ଫର୍ମ ସହିତ ସଂଲଗ୍ନ କରିବେ।
୧୬. ଆବେଦନକାରୀ ଯଦି ଟେଣ୍ଡର ପାଇବ ନାହିଁ, ତା' ହେଲେ ତା'ର ଅମାନତ ରାଶି ପ୍ରଥମ ସର୍ବୋଚ୍ଚ ଟେଣ୍ଡରଧାରୀଙ୍କ ଚୁକ୍ତିନାମା ସ୍ୱାକ୍ଷର ହେଲା ପରେ ଫେରସ୍ତ ପାଇବେ।
୧୭. କାର୍ଯ୍ୟ ନିର୍ବାହୀ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ଟେଣ୍ଡର ବାତିଲ କରିବାର କ୍ଷମତା ସଂରକ୍ଷଣ କରନ୍ତି।
୧୮. ଟେଣ୍ଡର ସଂକ୍ରାନ୍ତ ତଥ୍ୟ ପୌରପାଳିକା କାର୍ଯ୍ୟାଳୟରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ମିଳିପାରିବ।
୧୯. ଟେଣ୍ଡର କାର୍ଯ୍ୟସୂଚୀ
କ) ତା୦୭।୦୨।୨୦୧୯ ରିଖରୁ ତା୧୨।୦୨।୨୦୧୯ରିଖ ଟେଣ୍ଡର ପେପର ବିକ୍ରୟ କରାଯିବ।
ଖ) ତା୧୩।୦୨।୨୦୧୯ ରିଖ ସମୟ-ସନ୍ଧ୍ୟା ୫.୦୦ ପର୍ଯ୍ୟନ୍ତ ଟେଣ୍ଡର ପେପର ଗ୍ରହଣ କରାଯିବ (ପୋଷ୍ଟ/ କୋରିଅର ସେବା/ବାକ୍ସ ଦ୍ୱାରା)।
ଗ) ତା୧୪।୦୨।୨୦୧୯ରିଖ ସମୟ-ପୂର୍ବାହ୍ନ ୧୧ଟାରେ ଟେଣ୍ଡର ଖୋଲାଯିବ।

**ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ, ସୁନ୍ଦରଗଡ଼ ପୌରପରିଷଦ**

## ପୌର ପରିଷଦ କାର୍ଯ୍ୟାଳୟ, ସୁନ୍ଦରଗଡ଼

ସଂଖ୍ୟା: ୭୩୦ ତା: ୦୬।୦୨।୧୯ ରିଖ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି କି, ସୁନ୍ଦରଗଡ଼ ପୌରପରିଷଦ ଅନ୍ତର୍ଗତ ଲୁହୁରାଡିପାଠାରେ ଥିବା ସୁନ୍ଦରଗଡ଼ ବସ୍ ଟର୍ମିନାଲ୍‌ଠାରେ ନିର୍ମାଣ ହେବାକୁ ଥିବା 10'x20' ଦୋକାନ ଗୃହର ଆବଣ୍ଟନ ପାଇଁ ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ। ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଆବେଦନ କରିପାରିବେ। ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ଟେଣ୍ଡର ସର୍ତ୍ତାବଳୀ ନିମ୍ନମତେ ଦିଆଗଲା।

| କ୍ରମିକ ନଂ. | ଦୋକାନ | ନିର୍ଦ୍ଧାରିତ ସର୍ବନିମ୍ନ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି ପ୍ରତ୍ୟେକ ପାଇଁ |
|---|---|---|---|
| ୧ | 10'x20' ଦୋକାନ ଗୃହ, ସୁନ୍ଦରଗଡ଼ ବସ୍ ଟର୍ମିନାଲ, ସୁନ୍ଦରଗଡ଼ | ଟ.୩,୦୦,୦୦୦.୦୦ | ଟ.୩୦,୦୦୦.୦୦ |

**ସର୍ତ୍ତାବଳୀ**

୧. ପୂର୍ବ ବର୍ଷରୁ ବକେୟା ଦେୟ ଥିବା କିମ୍ବା କଳା ତାଲିକାଭୁକ୍ତ ବ୍ୟକ୍ତି ଉକ୍ତ ଟେଣ୍ଡରରେ ଭାଗ ନେଇପାରିବେ ନାହିଁ।
୨. ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ, ସ୍ଥାନ, ସମୟରେ ନିର୍ଦ୍ଧାରିତ ଆବେଦନ ଟ୨୫୦୦.୦୦ଙ୍କା **(ଦୁଇ ହଜାର ପାଞ୍ଚ ଶହ ଟଙ୍କା ମାତ୍ର)** ମୂଲ୍ୟ ଆବେଦନ ଫର୍ମ ପୂରଣ କରି ସମ୍ପୃକ୍ତ ଦୋକାନ ଗୃହ ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ। ଟେଣ୍ଡର ଦାଖଲକାରୀ ନିର୍ଦ୍ଧାରିତ ଦୋକାନର ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ଦ୍ୱାରା କିମ୍ବା କାର୍ଯ୍ୟାଳୟରେ ନଗଦ ଟଙ୍କା ଦ୍ୱାରା ଜମା କରିବେ। ଅନ୍ୟଥା ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ ନାହିଁ ଏବଂ ତାଙ୍କ ଟେଣ୍ଡର ମୂଲ୍ୟକୁ ଅସିଦ୍ଧ ଘୋଷଣା କରାଯିବ।
୩. ଯାହାଙ୍କ ସପକ୍ଷରେ ସର୍ବୋଚ୍ଚ ଟେଣ୍ଡର ସିଦ୍ଧ ହେବ, ସେ ଉକ୍ତ ଟେଣ୍ଡରର ପୂର୍ଣ୍ଣ ରାଶି ଏକକାଳୀନ ଦାଖଲ କରିବେ। ନଚେତ୍ ତାଙ୍କର ଅମାନତ ରାଶି ବାଜ୍ୟାପ୍ତି କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ଟେଣ୍ଡର ଦର ଦାଖଲକାରୀ ବ୍ୟକ୍ତିଙ୍କୁ ଆବଣ୍ଟନ କରାଯିବ। ନଚେତ ଉକ୍ତ ଦୋକାନର ପୁନର୍ବାର ଟେଣ୍ଡର କରାଯିବ।
୪. ନିମ୍ନ ସ୍ୱାକ୍ଷରକାରୀ ଯେକୌଣସି ଟେଣ୍ଡର ଓ ଆବଣ୍ଟନ ବାବଦରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ।
୫. ଟେଣ୍ଡର ପାଇଥିବା ବ୍ୟକ୍ତି ତାଙ୍କର ପଇଠ ଜମା କରିବା ପାଇଁ ଚୁକ୍ତିନାମା କରିବେ। ଚୁକ୍ତିନାମାରେ ଥିବା ସର୍ତ୍ତାବଳୀ ଅନୁଯାୟୀ କାର୍ଯ୍ୟ କରିବେ।
୬. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଟେଣ୍ଡରରେ ଅଂଶଗ୍ରହଣ କରିପାରିବେ।
୭. ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ୍ର ଦୋକାନ ନେଇ ପାରିବେ।
୮. ଟେଣ୍ଡରରେ ପାଇଥିବା ବ୍ୟକ୍ତି ଉକ୍ତ ଗୃହରେ କୌଣସି ପ୍ରକାର ନିର୍ମାଣ ସମ୍ବନ୍ଧୀୟ ପରିବର୍ତ୍ତନ କରିପାରିବେ ନାହିଁ।
୯. ଦୋକାନ ଗୃହ ମଧ୍ୟରେ କୌଣସି ପ୍ରକାର ଖାଦ୍ୟ ଜିନିଷ ରୋଷେଇ କରି ପାରିବେ ନାହିଁ।
୧୦. ପ୍ରତି ୨ ବର୍ଷରେ ଥରେ ଲିଜ୍ ନବୀକରଣ ହେବ ଏବଂ ପ୍ରତି ବର୍ଷ ୧୦% ଭଡ଼ା ବୃଦ୍ଧି କରାଯିବ।
୧୧. ପ୍ରତି ଦୋକାନ ଗୃହ ପିଛା ପ୍ରତି ମାସ ଟ.୧୦୦୦/- ଭଡ଼ା ଓ ଟ.୧୦୦/- ସୁରକ୍ଷା ବାବଦକୁ ନିଆଯିବ।
୧୨. ଯେଉଁ ବ୍ୟକ୍ତି ନିର୍ଦ୍ଧାରିତ ସର୍ବନିମ୍ନ ମୂଲ୍ୟଠାରୁ କମ୍ ଦର ଦେବେ, ତାଙ୍କର ଟେଣ୍ଡର ଅସିଦ୍ଧ ଘୋଷଣା କରାଯିବା ସହିତ ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ।
୧୩. ଆବେଦନକାରୀଙ୍କର ଭୋଟ ପରିଚୟପତ୍ର, ଆଧାର କାର୍ଡ ଏବଂ ବିଦ୍ୟୁତ ବିଲ୍ ଥିବା ଆବଶ୍ୟକ।
୧୪. ଆବେଦନକାରୀଙ୍କର ପୌରାଞ୍ଚଳ ମଧ୍ୟରେ କୌଣସି ଦୋକାନ (ସରକାରୀ/ବେସରକାରୀ/ RDA) ନଥିବ। (ଆତ୍ମ ଘୋଷଣା ହଲପନାମା)।
୧୫. ଆବେଦନକାରୀ ଯଦି ଟେଣ୍ଡର ପାଇବ ନାହିଁ, ତା'ହେଲେ ତା'ର ଅମାନତ ରାଶି ପ୍ରଥମ ସର୍ବୋଚ୍ଚ ଟେଣ୍ଡରଧାରୀଙ୍କ ଚୁକ୍ତିନାମା ସ୍ୱାକ୍ଷର ହେଲା ପରେ ଫେରସ୍ତ ପାଇବେ।
୧୬. କାର୍ଯ୍ୟ ନିର୍ବାହୀ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ଟେଣ୍ଡର ବାତିଲ କରିବାର କ୍ଷମତା ସଂରକ୍ଷଣ କରନ୍ତି।
୧୭. ଟେଣ୍ଡର ସଂକ୍ରାନ୍ତ ତଥ୍ୟ ପୌରପାଳିକା କାର୍ଯ୍ୟାଳୟରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ମିଳିପାରିବ।
୧୮. ଟେଣ୍ଡର କାର୍ଯ୍ୟସୂଚୀ
କ) ତା୦୭।୦୨।୨୦୧୯ ରିଖରୁ ତା୧୨।୦୨।୨୦୧୯ରିଖ: ଟେଣ୍ଡର ପେପର ବିକ୍ରୟ କରାଯିବ।
ଖ) ତା୧୩।୦୨।୨୦୧୯ ରିଖ ସମୟ-ସନ୍ଧ୍ୟା ୫.୦୦ ପର୍ଯ୍ୟନ୍ତ ଟେଣ୍ଡର ପେପର ଗ୍ରହଣ କରାଯିବ (ପୋଷ୍ଟ/ କୋରିଅର ସେବା/ବାକ୍ସ ଦ୍ୱାରା)।
ଗ) ତା୧୪।୦୨।୨୦୧୯ରିଖ ସମୟ-ପୂର୍ବାହ୍ନ ୧୧ଟା ଟେଣ୍ଡର ଖୋଲାଯିବ।

**ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ,**
**ସୁନ୍ଦରଗଡ଼ ପୌରପରିଷଦ**

## NANDANKANAN ZOOLOGICAL PARK

**TENDER NOTICE No.17 of 2018-19**

**Date: 06.02.2019**

Deputy Director, Nandankanan Zoological Park invites sealed tender in prescribed from from interested individuals / firms / entrepreneurs for providing security service to state Botanical Garden.

The last date of submission of sealed tender: 5.00 P.M of 23.02.2019.

Opening of sealed tender (Technical bid) : 11.30 A.M. of 25.02.2019.

Detailed terms and conditions along with the tender papers will be available in the website of Nandankanan Zoological Park **(www.nandankanan.org)** from 08.02.2019. The download tender papers must be accompanied with a Bank Draft of Rs.5900/- (Rupees Five Thousand Nine Hundred) only (inclusive of 18% GST) in favour Deputy Director, Nandankanan Zoological Park payable at Bhubaneswar.

**Sd./- Deputy Director,**
**Nandankanan Zoological Park**

## BERHAMPUR MUNICIPAL CORPORATION, BERHAMPUR

Letter No.: 1627 Date: 5.2.2019

**TENDER CALL NOTICE FOR ALLOTMENT OF AUTHORIZED ADVERTISEMENT SPACE i.e. COMMUNITY TOILET AND PUBLIC TOILET OF BeMC**

No.: 462-C: Berhampur Municipal Corporation (BeMC) invites Technical and Financial Bid from Individual, Sole proprietorship concern, Partnership Firm, Registered Society/Registered Co-operative Society, Public Limited Company or a Private Limited Company for allotment of advertisement space i.e all community toilets and public toilets under BeMC.

The bidder should submit the following as detailed below:

1. Technical Eligiblity Criteria: The bidder shall submit credibility and experience certificate from any concerned authority/employer of a Govt./ ULB/PSU or repute/Corporation in similar nature of business/trade.
2. Financial Eligibility Criteria: Minimum Average Annual Turnover of INR 10.00 Lakhs during last three financial years i.e 2015-16, 2016-17 and 2017-18 as on the date of filing of bidding application.
3. The interested bidder should submit the Bid cost of Rs.6720/- (including GST) in shape of DD in favour of Commissioner, Berhampur Municipal Corporation.
4. EMD of Rs.10,000/- in shape of DD to Commissioner, Berhampur Municipal Corporation.
5. The Technical Bid and Financial Bid should reach BeMC office on or before 12.02.2019 by 5.00 P.M. through Regd. Post/Speed Post/by Hand. The bid shall be opened on 13.02.2019 at 11.30 A.M. In cases of queries the bidder can reach to commissioner office for clarification on the assignment.

Financial Bid

| Sl. No. | Particulars | Monthly Fee Quoted |
|---|---|---|
| 1 | Allotment of Authorised Advertisement Space of CT & PT | |

**Sd./- Commissioner**
13035/11/0211/1819 **Berhampur Municipal Corporation**

## BERHAMPUR MUNICIPAL CORPORATION, BERHAMPUR

Letter No.: 1645 Date: 5.2.2019

**QUOTATION CALL NOTICE**

No.: 464-C: Quotations are invited from registered agencies for supply of 300 Nos. of T-Shirts, Radio Jackets, Gloves and Cap with awareness message for Cleanliness Rally and Traffic awareness by the Student Traffic Volunteer under Berhampur Municipal Corporation. The agency shall discuss with Commissioner for awareness messaging before supply of the order.

The quotation should be submitted on given format in a sealed envelope with subject "Cleanliness Rally and Traffic Awareness" to the Commissioner, Berhampur Municipal Corporation. Last date of submission of quotations is 12.2.2019., Time: 11.00 A.M. by hand or Registered Post. Date of Opening of the Bid : 13.02.2019 at 11.00 A.M.

BeMC reserves the right, without any obligation or liability, to accept or reject any or all the quotations at any stage to cancel or modify the process or any part thereof, or to vary any or all the terms and conditions at any time, without assigning any reason whatsoever.

| Sl. No. | Item | quantity | Rate (Including Awareness Message Printing on the Item and GST etc.) |
|---|---|---|---|
| 1 | Cotton T-Shirts (with Collar) | 300 Nos. | |
| 2 | Radium Jacket (Sleeve Less) | 300 Nos. | |
| 3 | Cap | 300 Nos. | |
| 4 | Gloves (Clothe) | 300 Nos. | |

Different vendor can be chosen for each item.
Signature of the bidder

**Sd./- Commissioner**
13035/11/0213/1819 **Berhampur Municipal Corporation**

See Career Appointment on every Wednesday & Saturday

ଅପେରା ହାଲ୍‌ଚାଲ

## ଭଲ ବେଳା ଆସିଛି


ମହେଶ ହାଜରା

ନିର୍ଦ୍ଦେଶକ ମହେଶ ହାଜରା। ବର୍ତ୍ତମାନ ତରଙ୍ଗ ଚ୍ୟାନେଲରେ ପ୍ରସାରିତ ହେଉଥିବା ଧାରାବାହିକ 'ଦୁର୍ଗା' ତାଙ୍କୁ ବେଶ୍ ପ୍ରଶଂସିତ କରିପାରିଛି। ଅପରପକ୍ଷରେ ଗତବର୍ଷ ସେ ଅପେରା ଜଗତରେ ପାଦ ଦେଇଥିଲେ। ତାଙ୍କ ନିର୍ଦ୍ଦେଶିତ ବାଘାଯତୀନ ଗଣନାଟ୍ୟ ଦ୍ୱାରା ପରିବେଷିତ ନାଟକ 'ମୃତ୍ୟୁଦଣ୍ଡ' (୨୦୧୮) ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି। ଆସନ୍ତା ଯାତ୍ରା ସିଜନ ପାଇଁ ତାଙ୍କ ହାତରେ ରହିଛି ଦୁଇଟି ନାଟକ। ଗୋଟିଏ ହେଲା ସତ୍ୟ ଜେନାଙ୍କ 'ରଙ୍ଗମହଲ'ର ପ୍ରସ୍ତୁତିପଥେ ନାଟକ 'ଗଙ୍ଗାଠୁ ପବିତ୍ର ଗଙ୍ଗଶିଉଳି: ଗୋଟିଏ କଥା ଅନେକ ବ୍ୟଥା' ଏବଂ ବାଘାଯତୀନ ଗଣନାଟ୍ୟର 'ସୀତାର ଜଳୁଛି ଚିତା'। ଏ ସମ୍ପର୍କରେ ସେ କୁହନ୍ତି, 'ଅପେରା ନାଟକ ମୋ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ମୃତ୍ୟୁଦଣ୍ଡର ସଫଳତା ମୋତେ ନୂଆ ବାଟ ଦେଖାଇଛି । ଏବେ ଯେଉଁ ନାଟକ ଦ୍ୱୟ ପ୍ରସ୍ତୁତ କରାଯାଉଛି, ତାହା କିପରି ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେନ୍‌ମେଣ୍ଟ ଦେଇପାରିବ ଏବଂ ଅନ୍ୟ ନାଟକ ତୁଳନାରେ ଭିନ୍ନ ହୋଇପାରିବ ସେନେଇ ଶତପ୍ରତିଶତ ଚେଷ୍ଟା କରୁଛି। କଟକର ପୁରାତନ ପ୍ରତିଷ୍ଠାନ 'ଓଡ଼ିଶା ଯୁବ ଛାତ୍ର ସଂଗଠନ' ପକ୍ଷରୁ ମୋତେ 'ଯୁବ ପ୍ରତିଭା ସମ୍ମାନ-୨୦୧୯'ରେ ସମ୍ମାନିତ କରାଯାଇଛି, ଯାହା ମୋତେ ଆଗକୁ ଆଗେଇବା ପାଇଁ ଯଥେଷ୍ଟ ପ୍ରେରଣା ଯୋଗାଇଛି। ନିଜର ନୂଆ ଚିନ୍ତାଧାରାକୁ ପ୍ରୟୋଗ କରି ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବାକୁ ମୁଁ ସବୁବେଳେ ପ୍ରାଥମିକତା ଦେଇଥାଏ।'

# ନୂଆ ମୁହଁ ୧୯

**ପ୍ରତିବର୍ଷ ବଲିଉଡ୍‌କୁ ଅନେକ ନବାଗତ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଆସିଥାଆନ୍ତି। ଗତବର୍ଷ ଏହି ତାଲିକାରେ ନିଜ ନାମକୁ ସାମିଲ କରିଥିବା ପ୍ରମୁଖ କଳାକାରଙ୍କ ମଧ୍ୟରେ ଥିଲେ ଜାହ୍ନବୀ କପୁର, ସାରା ଅଲ୍ଲୀ ଖାଁ, ଇଷାନ ଖଟ୍ଟର ଏବଂ ଟେଲି ଅଭିନେତ୍ରୀ ମୌନି ରୟ। ଚଳିତବର୍ଷ ହିନ୍ଦୀ ସିନେମାରେ ପ୍ରଥମ ଥର ପାଇଁ ପାଦ ରଖିବାକୁ ଯାଉଥିବା ପ୍ରମୁଖ କଳାକାରଙ୍କ ସମ୍ପର୍କରେ..**


କରନ


ଈଶାବେଲା


ସଞ୍ଜନା


ନୂପୁର

**ଈଶାବେଲା କୈଫ:** କ୍ୟାଟ୍ରିନାଙ୍କ ଭଉଣୀ ଈଶାବେଲା ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ଆଦିତ୍ୟ ପାଞ୍ଚୋଲିଙ୍କ ପୁଅ ସୁରଜଙ୍କ ନାୟିକା ସାଜିବେ ସେ। ଫିଲ୍ମର ଟାଇଟଲ ରହିଛି 'ଟାଇମ୍ ଟୁ ଡ୍ୟାନ୍ସ'।

**ସଞ୍ଜନା ସାନ୍‌ଘି:** ଅବଶ୍ୟ ବଡ଼ ପରଦା ତାଙ୍କ ପାଇଁ ନୂଆ ନୁହେଁ। ପୂର୍ବରୁ ସେ ଛୋଟ ଭୂମିକାରେ ଅବତୀର୍ଣ୍ଣ ହୋଇସାରିଛନ୍ତି। ହେଲେ ଏଥର ତାଙ୍କୁ ନାୟିକା ଭାବରେ ବ୍ରେକ୍ ମିଳିଛି। ଫିଲ୍ମଟି ହେଲା 'ଦ ଫଲ୍ଟ ଇନ୍ ଆୱାର ଷ୍ଟାର'।

**ସୁରେଲି ଗୌତମ:** ୟାମି ଗୌତମଙ୍କ ଭଉଣୀ ସୁରେଲି। ବଲିଉଡ୍‌ରେ ସେ ଖୁବ୍‌ଶୀଘ୍ର ପାଦ ଥାପିବାକୁ ଯାଉଛନ୍ତି। ଚଳଚ୍ଚିତ୍ରଟିର ଟାଇଟଲ ରହିଛି 'ବ୍ୟାଟେଲ ଅଫ୍ ସରଘରି'। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ରଣଦୀପ ହୁଡା।

**ମୋହିତ ରାଇନା:** ମୋହିତ ଛୋଟ ପରଦାରେ ବେଶ୍ ପରିଚିତ। ଧାରାବାହିକ 'ଦେବୋଁ କି ଦେବ୍ ମହାଦେବ' ତାଙ୍କୁ ଦେଇଛି ବେଶ୍ ଲୋକପ୍ରିୟତା। ନିକଟରେ ତାଙ୍କ ଅଭିନୀତ ପ୍ରଥମ ଫିଲ୍ମ 'ଉରି' ରିଲିଜ୍ ହୋଇଛି। ଏହି ଚିତ୍ରରେ ତାଙ୍କ ବ୍ୟତୀତ ଭିକି କୌଶାଲ ଏବଂ ୟାମି ଗୌତମ ମଧ୍ୟ ଅଭିନୟ କରିଛନ୍ତି।

**ପୂଜା ଗୋର୍:** 'ମନ୍ କି ଆୱାଜ ପ୍ରତିଜ୍ଞା' ଶୋ' ପାଇଁ ପରିଚିତା ପୂଜା ତାଙ୍କର ରୂପେଲି ପରଦା କ୍ୟାରିୟର ଆରମ୍ଭ କରୁଛନ୍ତି। ଚଳଚ୍ଚିତ୍ରଟି ହେଲା 'ଗୁଲି ବୟ', ଯାହାର ନାୟକ ଭୂମିକାରେ ଅଛନ୍ତି ରଣବୀର ସିଂ। ଏହି ଫିଲ୍ମର ସଫଳତାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ପୂଜା। ଜୋୟା ଅଖ୍‌ତରଙ୍କ ନିର୍ଦ୍ଦେଶନାରେ ଉକ୍ତ ଚିତ୍ରଟି ଚଳିତ ମାସ ୧୪ରେ ରିଲିଜ୍ ହେବାକୁ ଯାଉଛି।

**ସୌରଭ ଗୁର୍‌ଜାର:** ଆକ୍ଟର-କମ୍-ରେସ୍‌ଲର ସୌରଭଙ୍କୁ ବ୍ରେକ୍ ଦେଉଛନ୍ତି କରନ୍ ଜୋହର। ଚଳଚ୍ଚିତ୍ରଟି ହେଲା 'ବ୍ରହ୍ମାସ୍ତ୍ର'। ଖାସ୍ କଥା ହେଲା, ଏଥିରେ ସେ ନେଗେଟିଭ ଭୂମିକାରେ ଅଭିନୟ କରିଛନ୍ତି। ତାଙ୍କ ବ୍ୟତୀତ ଏହି ଫିଲ୍ମରେ ରଣବୀର କପୁର, ଅମିତାଭ ବଚ୍ଚନ ଏବଂ ଆଲିୟା ଭଟ୍ଟ ମଧ୍ୟ ଅଭିନୟ କରିଛନ୍ତି।

**ନୂପୁର ସାନନ:** କ୍ରିତି ସାନନ୍‌ଙ୍କ ଭଉଣୀ ନୂପୁର ଖୁବ୍‌ଶୀଘ୍ର ବଡ଼ ପରଦାରେ ମୁହଁ ଦେଖାଇବାକୁ ଯାଉଛନ୍ତି। ସାଜିଦ ନାଦିଓ୍ୱାଦଓ୍ୱାଲାଙ୍କ ଆଗାମୀ ଫିଲ୍ମରେ ସେ ନାୟିକା ସାଜିବେ। ସୂଚନାଯୋଗ୍ୟ, କ୍ରିତିଙ୍କୁ ମଧ୍ୟ ହିନ୍ଦୀ ସିନେମାରେ ବ୍ରେକ୍ ଦେଇଥିଲେ ସାଜିଦ।ଏମାନଙ୍କ ବ୍ୟତୀତ ସୁନୀଲ ସେଟ୍ଟିଙ୍କ ଝିଅ ଆହାନା, ଟିଭି ଅଭିନେତା ନନ୍ଦିଶ ସାନ୍ଧୁ (ସୁପର ୩୦) ଏବଂ ସନ୍ନି ଦେଓଲଙ୍କ ପୁଅ କରନ୍ (ପଲ୍ ପଲ୍ ଦିଲ୍ କେ ପାସ୍)ମଧ୍ୟ ଚଳିତ ବର୍ଷ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି।

# ନବାଗତା ଅମ୍ରିତା


ଅମ୍ରିତା

ଆଉ ଜଣେ ବଙ୍ଗୀୟ ସୁନ୍ଦରୀ ଓଡ଼ିଆ ସିନେମାରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସେ ହେଲେ ଅମ୍ରିତା। ତାଙ୍କୁ ଏଭଳି ବ୍ରେକ୍ ଦେଇଛନ୍ତି ପ୍ରଯୋଜକ ସଚିକାନ୍ତ ଜେନା ଏବଂ ବିନି ପଟ୍ଟନାୟକ। ଖାସ୍ କଥା ହେଲା, ଓଡ଼ିଆ ସିନେମାରୁ ହିଁ ଅମ୍ରିତା ତାଙ୍କର ଅଭିନୟ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି। ଆଉ ଚଳଚ୍ଚିତ୍ରଟି ହେଲା 'ହୀରାଲାଲ୍ ମୋତିଲାଲ୍'। ମୁନ୍ ଟିଭି ମୁଭିଜ୍ ବ୍ୟାନରରେ ଏହାର ଏକ୍‌ଜିକ୍ୟୁଟିଭ ପ୍ରଯୋଜନା ଦାୟିତ୍ୱ ସମ୍ଭାଳିଛନ୍ତି ପ୍ରଣୟ ଜେଠୀ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଅଶ୍ୱିନୀ ଗଡ଼ନାୟକ। ଖାଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ବାଳକୃଷ୍ଣ, ଅମର, ଗୁଲ୍ଟୁ, କାଳିଆ, ସୁମନ, ବାବୁ ପ୍ରଧାନ, ବ୍ରଜ ସିଂ, ହାଡୁ, ଦେବୁ ବ୍ରହ୍ମା, ହରି ବାବୁ ପ୍ରଧାନ, ଜୀବନ ପଣ୍ଡା, ସଲିଲ ମିତ୍ର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଖାସ୍ କଥା ହେଲା ଏଥିରେ ଛଅ ଜଣ ନୂଆ ନାୟିକା-ଅମ୍ରିତା, ଦିଶା, ପ୍ରଜ୍ଞା ପ୍ରଧାନ, ରୋଜି, ପୁଷ୍ପା, ଲକ୍ଷ୍ମୀଙ୍କୁ ଦେଖିବାକୁ ମିଳିବ। ସମ୍ପୂର୍ଣ୍ଣ କମେଡିଭିତ୍ତିକ ଏହି ଫିଲ୍ମର ଶୁଟିଂ ଚଳିତ ମାସ ୬ରୁ ଆରମ୍ଭ ହୋଇଯାଇଛି।

# ପ୍ରେମର ମିଶାଣ ଫେଡ଼ାଣ

ଚଳିତ ମାସ ୧୦ରେ ରିଲିଜ୍ ହେବାକୁ ଯାଉଛି ଓଡ଼ିଆ ସିନେମା 'ପ୍ରେମରେ ରଖିଛି ୧୦୦ରୁ ୧୦୦'। ରାସେଶ୍ୱରୀ ଏଣ୍ଟରଟେନ୍‌ମେଣ୍ଟ ପ୍ରା.ଲି. ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ବିରଞ୍ଚି ନାରାୟଣ ପଣ୍ଡା ଏବଂ ଏହାର କାହାଣୀକାର ଦିଲୀପ କୁମାର ଦାଶ। ନିର୍ଦ୍ଦେଶନା ସହ ସଂଳାପ ରଚନା କରିଛନ୍ତି ସଞ୍ଜୟ ନାୟକ। 'ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି। କେବଳ କାହାଣୀ ନୁହେଁ, ମଳୟ ମିଶ୍ରଙ୍କ ସଙ୍ଗୀତ ଏହାର ଅନ୍ୟତମ ଆକର୍ଷଣ ବୋଲି କହନ୍ତି ନିର୍ଦ୍ଦେଶକ।'ଏଥିରେ ସଂଯୋଜିତ ୫ଟି ଗୀତକୁ ଡ. ନିର୍ମଳ ନାୟକ ଏବଂ ଅରୁଣ ମନ୍ତ୍ରୀ ରଚନା କରିଥିବା ବେଳେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଆଷୁତୋଷ, ଇରା ମହାନ୍ତି, ଦୀପ୍ତି ପାଢ଼ୀ, ସ୍ୱୟଂ ପ୍ରଭାସ, ସବିଶେଷ ଏବଂ ତାରିକ ଅଜିଜ୍। ଖାସ୍ କଥା ହେଲା, ଏହାର ମେଲ୍ ଲିଡ୍‌ରେ ଅଭିନୟ କରୁଥିବା ଜ୍ୟୋତି ନାୟକ ଏବଂ ନାୟିକା ରିୟାଙ୍କୁ ଡବଲ ରୋଲ୍‌ରେ ଦେଖିବାକୁ ମିଳିବ। ଏମାନଙ୍କ ବ୍ୟତୀତ ଗୁଲ୍ଟୁ, ଅନୁରାଧା, ପ୍ରୀତିଶ୍ରୀ, ଐଶ୍ୱର୍ଯ୍ୟା, ଦିଲୀପ ଦାଶ, ଚନ୍ଦ୍ରଧ୍ୱଜ ପଣ୍ଡା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ପୂର୍ବରୁ ସଞ୍ଜୟ-ମଳୟ ଯୋଡ଼ି ବେଶ୍ କେତୋଟି ହିଟ୍ ସିନେମା ଦର୍ଶକଙ୍କୁ ଭେଟି ଦେଇସାରିଛି। ତେବେ 'ପ୍ରେମରେ ରଖିଛି ୧୦୦ରୁ ୧୦୦'ରେ ପ୍ରେମର ମିଶାଣ ଫେଡ଼ାଣ କିପରି ହୋଇଛି ତାହା ରିଲିଜ୍ ପରେ ହିଁ ଜଣାପଡିବ।


'ପ୍ରେମରେ ରଖିଛି ୧୦୦ରୁ ୧୦୦' ଚଳଚ୍ଚିତ୍ରରେ ଜ୍ୟୋତି-ରିୟା।

## ଅତୀତକୁ


❖ଓଡ଼ିଆ ସିନେମା 'ବାଟ ଅବାଟ'ର ନିର୍ଦ୍ଦେଶନା ଦେଇଥିଲେ ବୃନ୍ଦାବନ ଜେନା। ଚିତ୍ରର ନାୟକ ଭୂମିକାରେ ଅଜିତ୍ ଦାସ ଅଭିନୟ କରିଥିବା ବେଳେ ତାଙ୍କର ନାୟିକା ସାଜିଥିଲେ ମହାଶ୍ୱେତା ରାୟ। ଚଳଚ୍ଚିତ୍ରରେ ସଂଯୋଜିତ ଗୀତଗୁଡିକର ସ୍ୱର ସଂଯୋଜନା କରିଥିଲେ ଭୁବନ-ହରି।

❖ସୁଶୀଲ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ଅକ୍ଷୟ ତୃତୀୟା'ର ପ୍ରଯୋଜନା କରିଥିଲେ ବାବୁଲାଲ ଦୋଷୀ। ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ, ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।



"ପରିବର୍ତ୍ତିତ ବିଶ୍ୱ ବାଣିଜ୍ୟ ସ୍ଥିତିରେ ଗୁଣବତ୍ତାର ବୁନିଆଦି ଢାଞ୍ଚା ଉପରେ ଜୋର ଦିଆଯିବାର ଆବଶ୍ୟକତା ରହିଛି।

–ସୁଧାଂଶୁ ପାଣ୍ଡେ, ଅତିରିକ୍ତ ସଚିବ, ବାଣିଜ୍ୟ ମନ୍ତ୍ରଣାଳୟ



"ନିବେଶ ଧାରାକୁ ଉନ୍ନତ କରିବା ଲାଗି ଆରବିଆଇ ପାଇଁ ସୁଧ ହାର ହ୍ରାସ କରିବାର ଏକ ଭଲ ସମୟ।

– ରାଜୀବ କୁମାର, ଉପାଧ୍ୟକ୍ଷ, ନୀତି ଆୟୋଗ

## ସଂକ୍ଷେପରେ

### ଖରୋଲା ବେସାମରିକ ବିମାନ ଚଳାଚଳ ସଚିବ



**ନୂଆଦିଲ୍ଲୀ,୬-୨:** ଏୟାର ଇଣ୍ଡିଆ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସିଂହ ଖରୋଲାଙ୍କୁ ବୁଧବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତ କରାଯାଇଛି। ଏ ସମ୍ପର୍କରେ ସରକାରୀ ଭାବେ ସୂଚନା ଦିଆଯାଇଛି। ଖରୋଲା ୧୯୮୫ ବ୍ୟାଚ୍ କର୍ଣ୍ଣାଟକ କ୍ୟାଡରର ଭାରତୀୟ ପ୍ରଶାସନିକ ସେବା(ଆଇଏଏସ) ଅଧିକାରୀ। ତାଙ୍କୁ ୨୦୧୭ ନଭେମ୍ବରରେ ଏୟାର ଇଣ୍ଡିଆର ସିଏମ୍‌ଡି ଭାବେ ନିଯୁକ୍ତ କରାଯାଇଥିଲା। ପୂର୍ବତନ ସଚିବ ରାଜୀବ ନୟନ ଚୌବେ ଚଳିତ ବର୍ଷ ଜାନୁୟାରୀ ୩୧ରେ ଅବସର ନେଇଛନ୍ତି। ତାଙ୍କୁ ଏବେ ଲୋକ ସେବା ଆୟୋଗ (ୟୁପିଏସ୍‌ସି)ର ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି। ଅପରପକ୍ଷରେ କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀକୁ ବିକ୍ରି କରିବା ଲାଗି ସରକାର ପୁନର୍ବାର ଉଦ୍ୟମ ଆରମ୍ଭ କରିଛନ୍ତି।

### ଆର୍‌ବିଆଇ ବୋର୍ଡ ବୈଠକ ୧୮କୁ ଘୁଞ୍ଚିଲା




**ନୂଆଦିଲ୍ଲୀ,୬-୨:** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର କେନ୍ଦ୍ରୀୟ ବୋର୍ଡ ବୈଠକକୁ ଘୁଞ୍ଚାଇ ଦିଆଯାଇଛି। ଏହା ଆସନ୍ତା ୧୮ରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ସରକାରଙ୍କୁ ଦିଆଯିବାକୁ ଥିବା ଲାଭାଂଶ ସମ୍ପର୍କରେ ଏହି ବୈଠକରେ ନିଷ୍ପତ୍ତି ହେବ ବୋଲି ମନେ କରାଯାଉଥିଲା। ଆସନ୍ତା ୯ରେ ଏହି ବୈଠକ ବସିବ ବୋଲି ପୂର୍ବରୁ ସ୍ଥିର ହୋଇଥିଲା ଓ ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଏଥିରେ ଉଦ୍‌ବୋଧନ ଦେବେ ବୋଲି ଜଣାପଡିଥିଲା। ୨୦୧୯-୨୦ର ଅନ୍ତରୀଣ ବଜେଟ ଉପସ୍ଥାପନ ହେବା ପରେ ଆର୍‌ବିଆଇ ବୋର୍ଡର ପ୍ରଥମ ବୈଠକ ହେବାକୁ ଯାଉଛି। ସୂଚନାଥାଉ କି, ଆର୍‌ବିଆଇର କ୍ୟାଲେଣ୍ଡର ଜୁଲାଇରୁ ପରବର୍ଷ ଜୁନ୍ ଯାଏ ଚାଲେ। ଗତ ବର୍ଷ ଏହା କେନ୍ଦ୍ର ସରକାରଙ୍କୁ ୧୦ ହଜାର କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ଦେଇଥିଲା। ଚଳିତ ଆର୍ଥିକ ବର୍ଷରେ ଆର୍‌ବିଆଇ କେନ୍ଦ୍ର ସରକାରଙ୍କୁ ୪୦ ହଜାର କୋଟି ଟଙ୍କାର ଲାଭାଂଶ ଦେଇସାରିଛି।

**ଅନିବାର୍ଯ୍ୟ କାରଣବଶତଃ ନିୟମିତ 'ଅର୍ଥର ଅର୍ଥ' ସ୍ତମ୍ଭ ପ୍ରକାଶ ପାଇପାରୁନାହିଁ।**

■ ପରଲୋକରେ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ସିଇଓ

# ଫସିଗଲା ୧୯୦ ମିଲିୟନ ଡଲାର

<u>ଟରେଣ୍ଟୋ,୬-୨</u>

କାନାଡାର ସର୍ବବୃହତ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ମଧ୍ୟରେ ଅନ୍ୟତମ କ୍ୱାଡ୍ରିଗା ସିଏକ୍ସ ପାଇଁ ଏବେ ମୁଣ୍ଡବ୍ୟଥା ବଢ଼ିଯାଇଛି। କମ୍ପାନୀର ପ୍ରତିଷ୍ଠାତା ତଥା ସିଇଓ ଗେରାଲ୍ଡ କୋଟେନ ମୃତ୍ୟୁବରଣ କରିଛନ୍ତି। ମାତ୍ର ୩୦ ବର୍ଷ ବୟସରେ ଏହି ଯୁବ ସିଇଓଙ୍କର ଅଚାନକ ମୃତ୍ୟୁ ଯୋଗୁ ଏବେ ନିବେଶକାରୀଙ୍କ ପ୍ରାୟ ୧୯୦ ମିଲିୟନ ଡଲାର ମୂଲ୍ୟର ବିଟ୍‌କଏନ ସମେତ ଅନ୍ୟ କ୍ରିପ୍ଟୋକରେନ୍ସି ଫଶିଯାଇଛି। କାରଣ କେବଳ କୋଟେନ ହିଁ ପାସୱାର୍ଡ ଜାଣିଥିଲେ। ଏହି କାରଣରୁ ତାଙ୍କର ମୃତ୍ୟୁ ପରେ କ୍ୱାଡ୍ରିଗା ସିଏକ୍ସ ବନ୍ଦ ହୋଇଯାଇଛି।

କୋଟେନଙ୍କ ମୃତ୍ୟୁ ଖବର ଜାନୁୟାରୀ ୧୪ରେ ମିଳିଥିଲା। କ୍ୱାଡ୍ରିଗା ସିଏକ୍ସ ଏକ୍ସଚେଞ୍ଜର ଫେସବୁକ୍ ପେଜ୍‌ରେ ତାଙ୍କ ମୃତ୍ୟୁ ଖବର ଦିଆଯାଇଥିଲା। ଭାରତ ଗସ୍ତରେ ଯାଇଥିବା ଅବସରରେ ଦୂରାରୋଗ୍ୟ କ୍ରୋନ୍ସ ଡିଜିଜ୍(ଅଗ୍ନ୍ୟାଶୟ ସମ୍ବନ୍ଧିତ ଏକ ରୋଗ)ରେ ପୀଡିତ ହୋଇ




କୋଟେନ ୨୦୧୮ ଡିସେମ୍ବର ୯ରେ ମୃତ୍ୟୁବରଣ କରିଛନ୍ତି ଏବଂ ଭାରତରେ ଅନାଥାଶ୍ରମ ପ୍ରତିଷ୍ଠା ଲାଗି ସେ ସେଠାକୁ ଯାଇଥିଲେ ବୋଲି ଫେସବୁକ୍‌ରେ ଦର୍ଶାଯାଇଛି। ତାଙ୍କର ମୃତ୍ୟୁ ପରେ ଶୀର୍ଷ ସିକ୍ୟୁରିଟି ବିଶେଷଜ୍ଞମାନେ ପାସୱାର୍ଡକୁ ଭାଙ୍ଗିବା ଲାଗି ପ୍ରୟାସ କରି ବିଫଳ ହୋଇଛନ୍ତି। ବାଧ୍ୟ ହୋଇ କ୍ୱାଡ୍ରିଗା ସିଏକ୍ସ ଏକ୍ସଚେଞ୍ଜ ଓ କୋଟେନଙ୍କ ପତ୍ନୀ ଜେନିଫର ରବର୍ଟସନଙ୍କ ପକ୍ଷରୁ ଗତ ସପ୍ତାହରେ କାନାଡାର ସୁପ୍ରିମକୋର୍ଟ ଅଫ୍ ନୋଭା ସ୍କୋଟିଆରେ କ୍ରେଡିଟ ପ୍ରୋଟେକ୍ସନ ଲାଗି ଏକ ଆବେଦନ କରାଯାଇଥିଲା। ଏହାପରେ ପାସୱାର୍ଡ ନ ଥିବା କାରଣରୁ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ଲକ୍ ହୋଇଥିବା ସୂଚନା ପଦାକୁ ଆସିଥିଲା। ମିଡିଆ ରିପୋର୍ଟ ଅନୁଯାୟୀ କ୍ୱାଡ୍ରିଗା ଜରିଆରେ ବିଟ୍‌କଏନ, ଲାଇଟକଏନ, ଇଥିରିୟମ କଏନ ଭଳି ଏକାଧିକ କ୍ରିପ୍ଟୋକରେନ୍ସିରେ କାରବାର ହେଉଥିଲା। ଏକ୍ସଚେଞ୍ଜ ଲକ୍ ହେବା କାରଣରୁ ପ୍ରାୟ ୧.୧୫ ଲକ୍ଷ ଗ୍ରାହକ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏହି ଏକ୍ସଚେଞ୍ଜରେ ପ୍ରାୟ ୩.୬୩ ଲକ୍ଷ ପଞ୍ଜୀକୃତ ଗ୍ରାହକ ରହିଛନ୍ତି। କୋଟେନଙ୍କ ପତ୍ନୀ ଜେନିଫର ଦାଖଲ କରିଥିବା ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ତାଙ୍କ ସ୍ୱାମୀଙ୍କ ମୁଖ୍ୟ କମ୍ପ୍ୟୁଟରରେ କ୍ରିପ୍ଟୋକରେନ୍ସିର କୋଲ୍ଡ ୱାଲେଟ ରହିଛି, ଯାହା କେବଳ ବ୍ୟକ୍ତିଗତ ଭାବେ ଖୋଲାଯାଇପାରିବ। ଏହାର ପାସୱାର୍ଡ କେବଳ ସ୍ୱାମୀ ହିଁ ଜାଣିଥିଲେ। କିନ୍ତୁ ତାଙ୍କ ମୃତ୍ୟୁ ପରେ ଏହି ୱାଲେଟ୍‌ରେ ଥିବା କ୍ରିପ୍ଟୋକରେନ୍ସି ଫସିଯାଇଛି। ସ୍ୱାମୀଙ୍କ ବ୍ୟବସାୟ ସହ ଜଡ଼ିତ ନ ଥିବାରୁ ସେ ପାସୱାର୍ଡ ଜାଣି ନ ଥିଲେ ବୋଲି ସତ୍ୟପାଠରେ ଜେନିଫର ଦର୍ଶାଇଛନ୍ତି। କୋଟେନଙ୍କ ଅନ୍ୟ ଏକ କମ୍ପ୍ୟୁଟରରୁ କିଛି କଏନ ହାସଲ କରାଯାଇପାରିଛି ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏକ୍ସଚେଞ୍ଜର ଆବେଦନକୁ ସୁପ୍ରିମକୋର୍ଟ ମଙ୍ଗଳବାର ମଞ୍ଜୁର କରିଛନ୍ତି ଏବଂ ୩୦ ଦିନ ଭିତରେ ଏହାକୁ ବିକ୍ରି କରିଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ଅର୍ନେଷ୍ଟ ଆଣ୍ଡ ୟଙ୍ଗ କମ୍ପାନୀକୁ ନିଯୁକ୍ତ କରାଯାଇଛି। ଏହି ଘଟଣା ଜଣାପଡିବା ପରେ ନିବେଶକମାନେ କୋଟେନଙ୍କ ମୃତ୍ୟୁକୁ ନେଇ ସନ୍ଦେହ ବ୍ୟକ୍ତ କରିଛନ୍ତି। ସେମାନେ ଏ ସମ୍ପର୍କରେ ସୋସିଆଲ ମିଡିଆ ଜରିଆରେ ବହୁ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ କୋଟେନ ମୃତ୍ୟୁ ପୂର୍ବରୁ ଏକ ୱିଲ୍ କରିଯାଇଛନ୍ତି, ଯାହାକୁ ତାଙ୍କ ପତ୍ନୀ କାର୍ଯ୍ୟକାରୀ କରିବେ। ଏଥିରେ ସେ ତାଙ୍କର ଅତିପ୍ରିୟ ୨ ପାଳିତ ପଶୁଙ୍କ ପାଇଁ ୧ ଲକ୍ଷ ଡଲାର, ଗୋଟିଏ ବିମାନ, ବ୍ରିଟିଶ କଲମ୍ବିଆ ଓ ନୋଭା ସ୍କୋଟାରେ କିଛି ସମ୍ପତ୍ତି ଛାଡ଼ି ଯାଇଛନ୍ତି।

# ହୋଣ୍ଡା ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ




<u>ଭୁବନେଶ୍ୱର,୬-୨</u>

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଚଳିତ ମାସ ୪ରୁ ୧୦ ତାରିଖ ଯାଏ ସାରା ଦେଶରେ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। କମ୍ପାନୀ ଏହାର ୮,୫୦୦ ଟଚ୍ ପଏଣ୍ଟରେ ଲୋକଙ୍କୁ 'ହେଲମେଟ ଅନ୍ ଲାଇଫ ଅନ୍'ବାର୍ତ୍ତା ପ୍ରଦାନ କରୁଛି। କେନ୍ଦ୍ର ସରକାରଙ୍କ ସଡ଼କ ଏବଂ ପରିବହନ ମନ୍ତ୍ରଣାଳୟର ରହିଥିବା ସଡ଼କ ସୁରକ୍ଷା ଜୀବନ ରକ୍ଷା ବିଷୟକୁ ଆଧାର କରି କମ୍ପାନି ଏଭଳି ପଦକ୍ଷେପ ହାତକୁ ନେଇଛି। ସାରା ଦେଶରେ ସଡ଼କ ସଚେତନତା ବାର୍ତ୍ତାକୁ ପହଞ୍ଚାଇବା ଲାଗି ହୋଣ୍ଡା ୯୮୬ ଡିଲର, ୪ ଉତ୍ପାଦନ କାରଖାନା, ୧୬ ଜୋନାଲ କାର୍ଯ୍ୟାଳୟ, ୫ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ମୁଖ୍ୟ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ପାଳନ କରୁଛି। ୧୩ ଟ୍ରାଫିକ ପାର୍କ ଜରିଆରେ କର୍ପୋରେଟ ଓ ଶିକ୍ଷାନୁଷ୍ଠାନ ସହିତ ସହଯୋଗିତା ଜରିଆରେ ୫,୮୦୦ରୁ ଅଧିକ ନେଟ୍‌ୱର୍କ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ଜୟପୁରରେ ତିନି ଦିନିଆ ସଡକ ସୁରକ୍ଷା କାର୍ନିଭାଲ, କେରଳର ଆଲେପିଠାରେ ସୁରକ୍ଷା ସ୍କୁଟର ର୍‍ୟାଲି ଅନୁଷ୍ଠିତ ହୋଇଛି। ଭୋପାଳରେ ସୁରକ୍ଷିତ ସାଇକେଲ ଚାଳନା, ପୁଣେ ଏବଂ କୋଲକାତାରେ ଯୁବବର୍ଗଙ୍କ ଲାଗି ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ହାତକୁ ନିଆଯାଉଥିବା କମ୍ପାନୀ ସୂଚନା ଦେଇଛି। 'ସମସ୍ତଙ୍କ ପାଇଁ ସୁରକ୍ଷା' ଲକ୍ଷ୍ୟ ପ୍ରତି ହୋଣ୍ଡା ଗଭୀର ଭାବେ ପ୍ରତିଶ୍ରୁତିବଦ୍ଧ ବୋଲି କମ୍ପାନୀର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

# ମର୍ସିଡିଜ ବେଞ୍ଜ ଆଣିଲା ନୂଆ ଭି-କ୍ଲାସ




<u>ପୁଣେ,୬-୨</u>

ଲକଜ୍ୟୁରି କାର ନିର୍ମାତା ମର୍ସିଡିଜ ବେଞ୍ଜ ପକ୍ଷରୁ ନୂଆ ଲକଜ୍ୟୁରି ମଲ୍ଟି ପରପସ ଭେହିକିଲ (ଏମ୍‌ପିଭି) ଭି-କ୍ଲାସ ବଜାରକୁ ଆସିଛି। ଏହା ଏକ ଉଚ୍ଚଗୁଣବତ୍ତା ସମ୍ପନ୍ନ ପାସେଞ୍ଜର କାର ହୋଇଥିବା ବେଳେ ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖି ବିଭିନ୍ନ ବିକଳ୍ପ ଏଥିରେ ପ୍ରଦାନ କରାଯାଇଥିବା କମ୍ପାନୀ ପ୍ରକାଶ କରିଛି। ମୁମ୍ବାଇଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହି ମଡେଲଟିକୁ କମ୍ପାନୀର ଏମ୍‌ଡି ତଥା ସିଇଓ ମାର୍ଟିନ ଶ୍ୱେଙ୍କ ବଜାର ପ୍ରବେଶ କରାଇଥିଲେ। ଗ୍ଲୋବାଲ ପୋର୍ଟଫୋଲିଓ ଭି-କ୍ଲାସକୁ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି ବୋଲି ମାର୍ଟିନ କହିଛନ୍ତି। ଏଥିରେ ଗ୍ରାହକ ଲକଜ୍ୟୁରୀ ଆପିଲ, ଅତୁଳନୀୟ କମ୍ଫର୍ଟ, ସୁଦୃଢ ଡ୍ରାଇଭିଂ ଡାଇନାମିକ୍ସ ନିରାପତ୍ତା ବୈଶିଷ୍ଟ୍ୟ ଲାଭ କରିବାକୁ ସକ୍ଷମ ହେବେ ବୋଲି ସେ କହିଛନ୍ତି। ଏହା ବଡ ପରିବାର ଏବଂ ସ୍ପୋର୍ଟସ ଉତ୍ସାହୀ ଏବଂ ବାଣିଜ୍ୟିକ ଗୋଷ୍ଠୀଙ୍କ ଲାଗି ବିଶେଷ ସହାୟକ ହେବା ନେଇ ସେ ପ୍ରକାଶ କରିଛନ୍ତି।

# ୟୁବିଆଇର କାରବାର ୧.୯୭ ଲକ୍ଷ କୋଟି ଛୁଇଁଲା

**କୋଲକାତା,୬-୨:** ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ତୃତୀୟ ତ୍ରୈମାସ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ୨୦୧୮ ଡିସେମ୍ବର ୩୧ ସୁଦ୍ଧା ବ୍ୟାଙ୍କର ମୋଟ ବାଣିଜ୍ୟ କାରବାର ୧.୯୭ ଲକ୍ଷ କୋଟି ଟଙ୍କା ଛୁଇଁଛି। ବ୍ୟାଙ୍କର କାସା ଜମା ୪୯.୪୯% ଥିବା ବେଳେ ଗତବର୍ଷ ସମାନ ସମୟରେ ଏହା ୪୭.୧୯% ରହିଥିଲା। ଏହା ବ୍ୟାଙ୍କର କଷ୍ଟ ଅଫ୍ ଡିପୋଜିଟକୁ ୫.୩୦%ରୁ ୪.୯୯%କୁ କମାଇଛି। ବ୍ୟାଙ୍କ ୩୮୩ କୋଟି ଟଙ୍କାର ପରିଚାଳନାଗତ ଲାଭ ହାସଲ କରିବାକୁ ସକ୍ଷମ ହୋଇଛି। ନେଟ୍ ସୁଧ ଆୟ ଉନ୍ନତି ହେବା ସହ ୯.୨୦% ରହିଛି। ସେହିଭଳି ଏନ୍‌ଆଇଏମ୍ ୨% ରହିଥିବା ବେଳେ ଅଣ ସୁଧଜନିତ ଆୟ ୬୩%କୁ ବୃଦ୍ଧି ଘଟିଛି। ବ୍ୟାଙ୍କ ଏହାର ମୋଟ ଏବଂ ନେଟ୍ ଏନ୍‌ପିଏକୁ ହ୍ରାସ କରିବା ଲାଗି ପ୍ରୟାସ ଜାରି ରଖିଛି। ଏହା ମାର୍ଚ୍ଚ ୨୦୧୮ରେ ଯଥାକ୍ରମେ ୨୪.୧୦% ଏବଂ ୧୬.୪୯% ଥିବା ବେଳେ ୨୧.୨୭% ଏବଂ ୧୨.୦୮%କୁ ଖସିଛି। ପ୍ରୋଭିଜନ କଭରେଜ ରେସିଓ ୬୫.୨୩% ରହିଛି। ଖୁଚୁରା ଋଣରେ ୧୩.୮୬% ଏବଂ ହାଉସିଂ କ୍ଷେତ୍ରରେ ବାର୍ଷିକ ୧୨.୫୦% ଅଭିବୃଦ୍ଧି ଘଟିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଆଲ୍ଲାହାବାଦ ବ୍ୟାଙ୍କର ତ୍ରୈମାସ ଫଳାଫଳ

<u>ଭୁବନେଶ୍ୱର,୬-୨</u>

ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ବ୍ୟାଙ୍କ ମୋଟ ୩.୬୭ ଲକ୍ଷ କୋଟି ଟଙ୍କାର ବ୍ୟବସାୟ କରିବାକୁ ସକ୍ଷମ ହୋଇଛି। ଏହା ପୂର୍ବରୁ ୩.୬୫ ଲକ୍ଷ କୋଟି ରହିଥିଲା। ଡିସେମ୍ବର ୨୦୧୮ରେ ବ୍ୟାଙ୍କର ମୋଟ୍ ଜମାରେ କାସାର ଅଂଶ ଉନ୍ନତି ଘଟି ୪୭.୭୪% ଛୁଇଁଛି। ଏହା ଗତବର୍ଷ ସମାନ ସମୟରେ ୪୫.୧୪% ରହିଥିଲା। ବ୍ୟାଙ୍କର ଖୁଚୁରା ଋଣରେ ବାର୍ଷିକ ୨୬.୧୧% ବୃଦ୍ଧି ଘଟିଛି। ଏହି ସମୟରେ ବ୍ୟାଙ୍କର କଷ୍ଟ ଅଫ୍ ଡିପୋଜିଟ ଉନ୍ନତି ଘଟି ୫.୧୩%, ପ୍ରୋଭିଜନ କଭରେଜ ଅନୁପାତ (ପିସିଆର୍) ୫୩.୭୩%ରୁ ୬୯.୬୪%କୁ ବୃଦ୍ଧି, ମୋଟ ଏନ୍‌ପିଏ ୧୭.୮୧%, ନେଟ୍ ଏନ୍‌ପିଏ ୭.୭୦% ହ୍ରାସ ଘଟିଛି। ଏହା ସେପ୍ଟେମ୍ବର ୨୦୧୮ରେ ୭.୯୬%, ଡିସେମ୍ବର ୨୦୧୭ରେ ୮.୯୭% ରହିଥିଲା। ଏହି ସମୟରେ ବ୍ୟାଙ୍କ ୭୬୮.୯୬ କୋଟି ଟଙ୍କାର ପରିଚାଳନାଗତ ଲାଭ ହାସଲ କରିଛି। ବ୍ୟାଙ୍କର ନେଟ୍ ଇଣ୍ଟରେଷ୍ଟ ମାର୍ଜିନ (ଏନ୍‌ଆଇଏମ୍) ୨.୬୬%କୁ ଉନ୍ନତି ଘଟିଥିବା ଏହା ପ୍ରକାଶ କରିଛି।

**ପୂର୍ବ ତଟ ରେଳପଥ**

**ଇଞ୍ଜିନିୟରିଂ କାର୍ଯ୍ୟ**

ଫାଇଲ୍ ସଂ. DRM/Engg/KUR/18-19/E-Tender/20, ତା: .04.02.2019

(1) ଟେଣ୍ଡର ବିଜ୍ଞପ୍ତି ସଂ. e-Tender BR-KUR-346-18, ତା: 29.01.2019

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର କଟକ-ପାରାଦୀପ ସେକ୍ସନ ମଧ୍ୟରେ ବ୍ରିଜ୍ ସଂ. 2CP UP, 4CP UP ଏବଂ 24CP UP ରେ ଥିବା 03 ସଂଖ୍ୟକ TOWG ବ୍ରିଜ୍ ଗୁଡ଼ିକରେ ସାଇଡ୍ ପାଥ୍‌ୱେ ବ୍ୟବସ୍ଥା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹68.21 ଲକ୍ଷ , EMD : ₹1,36,430/-, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹5,900/-, କାର୍ଯ୍ୟ ସମାପ୍ତିର ଅବଧି : 06 (ଛଅ) ମାସ।

(2) ଟେଣ୍ଡର ବିଜ୍ଞପ୍ତି ସଂ. e-Tender NORTH-KUR-347-18, ତା: 29.01.2019

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଆସିଷ୍ଟାଣ୍ଟ ଡିଭିଜନାଲ୍ ଇଞ୍ଜିନିୟର / ଯାଜପୁର-କେନ୍ଦୁଝର ରୋଡ୍ ଙ୍କ ଅଧିକାରକ୍ଷେତ୍ର ଅଧିନସ୍ଥ ରାଣୀତାଲ-ଯାଜପୁର -କେନ୍ଦୁଝର ରୋଡ୍ ସେକ୍ସନ ମଧ୍ୟରେ ଓ JD ଲାଇନ୍‌ରେ ଥିବା ବ୍ରିଜ୍ ଗୁଡ଼ିକର ବାଲାଷ୍ଟ ରିଟେନିଂ ୱାଲ୍, ରିଟର୍ଣ୍ଣ ୱାଲ୍, ବ୍ରିଜ୍ ଚଟାଣ, ଡ୍ରପ୍ ୱାଲର ନିର୍ମାଣ, ବ୍ରିଜ୍ ଆପ୍ରୋଚ୍ ପିଚିଂ ଏବଂ ଟୋ (Toe) ୱାଲ୍ ନିର୍ମାଣ, ବ୍ରିଜ୍ ଟାବ୍‌ଲେଟ୍, ସିମେଣ୍ଟ ପେଣ୍ଟ କରିବା ଇତ୍ୟାଦି ଭଳି କ୍ଷୁଦ୍ର ପୋଲ ଗୁଡ଼ିକର ବିବିଧ ମରାମତି କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹69.87 ଲକ୍ଷ , EMD : ₹1,39,740/-, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹5,900/-, କାର୍ଯ୍ୟ ସମାପ୍ତିର ଅବଧି : 12 (ବାର) ମାସ।

(3) ଟେଣ୍ଡର ବିଜ୍ଞପ୍ତି ସଂ. e-Tender NORTH-KUR-348-18, ତା: 01.02.2019

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭଦ୍ରକ ସ୍ଥିତ ସିନିୟର ସେକ୍ସନ ଇଞ୍ଜିନିୟର (କାର୍ଯ୍ୟ) ଏବଂ ସିନିୟର ସେକ୍ସନ ଇଞ୍ଜିନିୟର (ପୋଲ) ନିମନ୍ତେ କାର୍ଯ୍ୟାଳୟ ଭବନ ଓ ଭଣ୍ଡାର ଗୋଦାମ ଘର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹114.22 ଲକ୍ଷ , EMD : ₹2,07,110/-, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹5,900/-, କାର୍ଯ୍ୟ ସମାପ୍ତିର ଅବଧି : 10 (ଦଶ) ମାସ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା 27.02.2019 ର 1500 ଘ. ରେ

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-455/J/18-19

**cmpdi** A Mini Ratna Company

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING AND DESIGN INSTITUTE LIMITED
(A Subsidiary of Coal India Limited)
Regional Institute–VII, Plot No : E-4, Near Gandhi Park, Samantapuri, PO : RRL, Bhubaneswar-751013(Odisha)

**e-TENDER NOTICE**

Offers are invited for CMPDI, Regional Institute - VII, Plot No. : E-04, Near Gandhi Park, Samantapuri, Bhubaneswar through e-Tendering (ON-LINE BIDDING) only : **Tender Notice No. & Date** : CMPDI/RI-VII/E&M/e-T/2018-19/E-261053 Dated : 31-01-2019. **Description :** Annual Maintenance Contract for Upkeeping & Maintenance of Electrical Installations at CMPDI, RI-VII, Residential Colony, Bhubaneswar for two years (as per scope of work, technical specification and special terms and conditions etc. given in NIT). **Estimated value (in Rs.) :** ₹11,39,847.00. **Period of Completion (in Months) :** 24 Months. Detailed tender notice & Tender documents including terms and conditions shall be available on e-tendering portal **https://coalindiatenders.nic.in** and Tender Notice only shall be available at websites **www.cmpdi.co.in.** from 08-02-2019 to 19-02-2019. Important Note to all prospective bidders : For ON-LINE bidding, the bidders should possess Class II/III Digital Signature Certificate (DSC) and enroll themselves at **https://coalindiatenders.nic.in**. For any query, contact HOD (E&M), CMPDI, RI-VII, Bhubaneswar Tel. No.0674–2301373, Mobile No. : - 9438881062, 9438881021 & Fax No.0674–2301762.

**idco** Your power to grow | ODISHA NEW OPPORTUNITIES

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
(A Government of Odisha Undertaking)
IDCO Towers, Janpath, Bhubaneswar - 751022

Tender Call Notice No. BBSR/ELECT/E-2286/17-18/474 Dated :- 02.02.2019

**TENDER CALL NOTICE**

| | | |
|---|---|---|
| Name of the Work | : | Power Supply arrangement to New AC panel of Jagamohan, DB Upabana, DB Vitarakatha and Extension of DB North with earthing installation work inside Sri Jagannath Temple, Puri. |
| Estimated Cost of the Work | : | Rs.3,16,746.00 |
| Period of Completion | : | 15 days. |
| EMD Amount | : | Rs. 3500.00 |
| Cost of Bid Document | : | Rs. 2000.00+360.00 (GST @ 18%) |
| Date of Availability of Tender | : | 07.02.2019 to 11.02.2019 up to 11.00 hrs to 16.00 hrs. |
| Last Date of Submission of Tender | : | Upto 15.00 Hrs. of 13.02.2019 |
| Date of Opening of Tender | : | At 16.00 Hrs. on 13.02.2019 |
| Procurement Officer | : | Divisional Head (Electrical) IDCO, Bhubaneswar |

Further details can be seen from the IDCO website **www.idco.in** or, contact Er. S.K. Dash, Manager (Electrical) at Tel. No.(0674) 2541766 during office hours.

Sd/-
D.H. (Electrical), IDCO, Bhubaneswar

**ଡାକ ବିଭାଗ (ସିଭିଲ୍ ୱିଙ୍ଗ୍)**

**ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ନିର୍ମାଣ), ପୋଷ୍ଟାଲ ସିଭିଲ୍ ଡ଼ିଭିଜନ, ତୃତୀୟ ମହଲା ପୋଷ୍ଟାଲ ଷ୍ଟୋର ଡିପୋ ବିଲ୍ଡିଙ୍ଗ୍, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଦୁଇ ଗୋଟି ଲଫାଫା ପ୍ରଣାଳୀରେ ଜଉମୁଦା ପର୍‌ସେଣ୍ଟେଜ୍ ରେଟ୍ ଟେଣ୍ଡରଗୁଡ଼ିକ ଆମନ୍ତ୍ରଣ କରାଯାଉଛି :

1. NIT No. **60/PCD/2018-19.** କାର୍ଯ୍ୟର ନାମ : କ୍ୱାର୍ଟର ନଂ. ୧୧ ଓ ୧୨, ଟାଇପ୍-୨, ବ୍ଲକ୍-୪, ପି. ଆଣ୍ଡ ଟି. କଲୋନୀ, ବ୍ରହ୍ମପୁର ଠାରେ ପାର୍ସଲ ହବ୍‌ର ସ୍ଥାପନ। ଆନୁମାନିକ ମୂଲ୍ୟ : ଟ.୯,୫୮,୪୯୧/-, ଅମାନତ ଜମା ରାଶି : ଟ.୧୯,୧୭୦/-, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୧୩୧/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ। ଶେଷ ହେବା ଅବଧି : ୯୦ (ନବେ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୧୩.୦୨.୨୦୧୯ ରିଖ ଅପରାହ୍ନ ୧୨.୩୦ ଘଟିକା ପର୍ଯ୍ୟନ୍ତ।
2. NIT No. **61/PCD/2018-19.** କାର୍ଯ୍ୟର ନାମ : ପୋଷ୍ଟାଲ୍ କଲୋନୀ, ଜୟପୁର (କୋରାପୁଟ) ଠାରେ ପାର୍ସଲ୍ ହବ୍‌ର ସ୍ଥାପନ। ଆନୁମାନିକ ମୂଲ୍ୟ : ଟ.୧୪,୧୩,୧୧୮/-, ଅମାନତ ଜମା ରାଶି : ଟ.୨୮,୨୬୨/-, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୬୬୮/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ। ଶେଷ ହେବା ଅବଧି : ୯୦ (ନବେ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୧୩.୦୨.୨୦୧୯ ରିଖ ଅପରାହ୍ନ ୧୨.୩୦ ଘଟିକା ପର୍ଯ୍ୟନ୍ତ।

ବିଡ୍ ଫର୍ମ ଏବଂ ଅନ୍ୟ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizard.com ରୁ ପ୍ରାପ୍ତ କରାଯାଇ ପାରିବ।

ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନିର୍ମାଣ),
ପୋଷ୍ଟାଲ ସିଭିଲ୍ ଡିଭିଜନ, ଭୁବନେଶ୍ୱର

**ଭୁବନେଶ୍ୱର ମହାନଗର ନିଗମ**

ସଂଖ୍ୟା : ୨୨୭ ତା.୦୪.୦୨.୨୦୧୯

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦଆଯାଉଅଛି କି, ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ବିଭିନ୍ନ ପାର୍କିଂ ସ୍ଥଳକୁ **Auction** କରିବା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ତରଫରୁ **ତା.୧୪.୦୨.୨୦୧୯ ଓ ୧୫.୦୨.୨୦୧୯ ରିଖ ପୂର୍ବାହ୍ନ ଘ.୧୧.୦୦ଟିକା** ସମୟରେ ସ୍ଥିରିକୃତ କରାଯାଇଛି । ଯାହାର ସମସ୍ତ ବିବରଣୀ www.bmc.gov.in ରେ ଉପଲବ୍ଧ । ସମସ୍ତ **Auction** ମହାନଗର ନିଗମର ଜୋନ୍ କାର୍ଯ୍ୟାଳୟରେ ଚୟନ କରାଯିବ ।

ଏଣୁ ଯେଉଁ ଇଚ୍ଛୁକ ବ୍ୟକ୍ତି ବିଶେଷମାନେ ଉକ୍ତ ନିଲାମ ପ୍ରକ୍ରିୟାରେ ଭାଗ ନେବାକୁ ଚାହୁଁଛନ୍ତି , ତେବେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଧାର୍ଯ୍ୟ ଦିବସ ଓ ସମୟରେ ନିଜର ଦରଖାସ୍ତ ପ୍ରଦାନ କରି ନିଲାମ ପ୍ରକ୍ରିୟାରେ ଉପସ୍ଥିତ ରହିବାକୁ ଅନୁରୋଧ ।

ଉପ ଆୟୁକ୍ତ (ଦକ୍ଷିଣ ପୂର୍ବ ମଣ୍ଡଳ)
ଭୁବନେଶ୍ୱର ମହାନଗର ନିଗମ

ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ

**ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା**

No.- DSPL- 383

**"ଏପି" ସିରିଜ୍ (AP Series)**

**ବିଶେଷ ସୂଚନା**

ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଦ୍ୱାରା ପରିଚାଳିତ ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା "ଏପି" ସିରିଜ୍ (AP Series)ରେ ଅଂଶଗ୍ରହଣ କରିବା ନିମନ୍ତେ କୁପନ ସଂଗ୍ରହର **ଶେଷ ତାରିଖ: ୨୮।୦୨।୨୦୧୯ ଏବଂ ଏହାର ଉଠାଣ ତାରିଖ: ୨୮।୦୪।୨୦୧୯।**

ଡାକଘର ପୌନଃପୁନିକ ଜମା (PORD) / ଜାତୀୟ ସଞ୍ଚୟ ପୌନଃପୁନିକ ଜମା ଖାତା (NSRDA), ଡାକଘର ୫ ବର୍ଷିଆ ଅବଧି ଜମା (5Yr POTD)/ପାଞ୍ଚ ବର୍ଷିଆ ଜାତୀୟ ସଞ୍ଚୟ ଅବଧି ଜମା (5Yr NSTDA), ଡାକଘର ମାସିକ ଆୟଯୋଜନା (POMIS)/ ଜାତୀୟ ସଞ୍ଚୟ ମାସିକ ଆୟ ଜମା (NSMIA), ଜାତୀୟ ସଞ୍ଚୟ ସାର୍ଟିଫିକେଟ୍ (ଅଷ୍ଟମ ଇସ୍ୟୁ) (NSC 8th issue), କିଷାନ ବିକାଶ ପତ୍ର (KVP), ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ (PPF), ସୁକନ୍ୟା ସମୃଦ୍ଧି ଜମା (SSA), ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା (SCSS) (କେବଳ ସ୍ୱଳ୍ପ ସଞ୍ଚୟ ଯୋଜନା ଅନ୍ତର୍ଗତ) ରେ **ତା.୦୧।୦୧।୨୦୧୮** ରିଖ ଠାରୁ **ତା.୩୧।୧୨।୨୦୧୮** ରିଖ ମଧ୍ୟରେ ଓଡ଼ିଶାସ୍ଥିତ ଯେକୌଣସି ଡାକଘର କିମ୍ବା ବ୍ୟାଙ୍କରେ ଅର୍ଥ ଜମାକରିଥିବା ଜମାକରୀମାନଙ୍କୁ ଅନୁରୋଧ, ସେମାନେ **ତା.୨୮।୦୨।୨୦୧୯** ରିଖ ମଧ୍ୟରେ ଜମାରାଶିର ପ୍ରତ୍ୟେକ **୨୦୦୦** ଟଙ୍କା ଜମାପିଛା ଗୋଟିଏ ଲେଖାଏଁ ମାଗଣା କୁପନ ସଂଗ୍ରହ କରି, ଏହି ଯୋଜନାରେ ଅଂଶଗ୍ରହଣ କରିବା ପୂର୍ବକ, ଆକର୍ଷଣୀୟ ଆର୍ଥିକ ପୁରସ୍କାର ପାଇବାର ସୁଯୋଗ ନିଅନ୍ତୁ।

ଏହି ଯୋଜନାରେ **୨୪୨୮** ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ୭ ଟି ବର୍ଗରେ ସର୍ବାଧିକ ୫ ଲକ୍ଷ ଏବଂ ସର୍ବନିମ୍ନ **୨୦୦୦** ଟଙ୍କା ହିସାବରେ ସମୁଦାୟ **୭୪** ଲକ୍ଷ ଟଙ୍କା ମୂଲ୍ୟରେ ପୁରସ୍କାର ରାଶି ପ୍ରୋତ୍ସାହନ ସ୍ୱରୂପ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି।

ସବିଶେଷ ବିବରଣୀ ତଥା କୁପନ ସଂଗ୍ରହ ପାଇଁ, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ / ଉପଖଣ୍ଡ ସ୍ୱଳ୍ପ ସଞ୍ଚୟ ଅଧିକାରୀ / ବ୍ଲକ୍ କାର୍ଯ୍ୟାଳୟରେ ଅବସ୍ଥାପିତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

**ବି:ଦ୍ର:** କୁପନ ସଂଗ୍ରହ ସମୟରେ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଥିବା ତଥ୍ୟର ସଠିକତା ଭଲଭାବେ ଯାଞ୍ଚକରି କୁପନ ସଂଗ୍ରହ କରନ୍ତୁ। କୌଣସି ତ୍ରୁଟି ଦୃଷ୍ଟି ଗୋଚର ହେଲେ, କୁପନ ଇସ୍ୟୁ ଦିନଠାରୁ ୭ ଦିନ ମଧ୍ୟରେ ତାହା ଫେରସ୍ତ କରି, ସଂଶୋଧିତ କୁପନ ଗ୍ରହଣ କରିବା ଆବଶ୍ୟକ ଅଟେ।


ସ୍ୱଳ୍ପ ସଞ୍ଚୟ ନିର୍ଦ୍ଦେଶାଳୟ
ଅର୍ଥ ବିଭାଗ, ଓଡ଼ିଶା ସରକାର

(ସରଳ ସୁରକ୍ଷିତ ସଞ୍ଚୟ – ସ୍ୱଳ୍ପ ସଞ୍ଚୟ)

05001/13/0033/1819

## ସଂକ୍ଷେପରେ

### ଜାତୀୟ ସିନିୟର ସ୍ନୁକର ନକ୍‌ଆଉଟରେ ସୁବ୍ରତ



ଭୁବନେଶ୍ୱର, ୬।୨(କ୍ରୀଡ଼ା ପ୍ରତିନିଧି): ଇନ୍ଦୋରରେ ଚାଲିଥିବା ଜାତୀୟ ସିନିୟର ସ୍ନୁକର ଚାମ୍ପିୟନଶିପ୍‌ର ଟପ-୩୨ ନକ୍‌ଆଉଟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଓଡ଼ିଶାର ସୁବ୍ରତ ଦାସ। ଏଥି ସହିତ ସେ ୨୦୨୦ ଜାତୀୟ ସିନିୟର ସ୍ନୁକର ଚାମ୍ପିୟନଶିପ୍ ପାଇଁ ସିଧା ଏଣ୍ଟ୍ରି ପାଇଛନ୍ତି। ଗୁରୁବାର ସୁବ୍ରତ ଟପ-୩୨ ନକ୍‌ଆଉଟ ରାଉଣ୍ଡରେ ଭାଗ୍ୟ ପରୀକ୍ଷା କରିବେ। ସେଠାରେ ବିଜୟୀ ହେଲେ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ବୁଧବାର ସୁବ୍ରତ ନିଜର ତୃତୀୟ ପ୍ରତିଦ୍ୱନ୍ଦ୍ୱୀ ପଶ୍ଚିମବଙ୍ଗର ମନୀଷ ଜୈନଙ୍କଠାରୁ ୱାକ୍-ଓଭର ପାଇଥିଲେ। ନିଜର ପ୍ରଥମ ୨ଟି ମ୍ୟାଚ ହାରିଥିବା ମନୀଷ ବ୍ୟକ୍ତିଗତ କାରଣ ଯୋଗୁ ସୁବ୍ରତଙ୍କ ବିପକ୍ଷ ମ୍ୟାଚରୁ ଓହରି ଯାଇଥିଲେ। ଏହି ଗ୍ରୁପର ଅନ୍ୟତମ ପ୍ରତିଯୋଗୀ ଧ୍ରୁବ ଶର୍ମା ୦-୪ ଫ୍ରେମ୍‌ରେ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ପରାଜିତ ହୋଇଥିବାରୁ ସୁବ୍ରତ ସହଜରେ ନକ୍‌ଆଉଟରେ ପ୍ରବେଶ କରି ଯାଇଥିଲେ। ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ଆଶୁତୋଷ ପାଢ଼ୀ କ୍ରମାଗତ ୩ୟ ମ୍ୟାଚରେ ପରାଜିତ ହୋଇଛନ୍ତି। ସେ ବୁଧବାର ଆଦିତ୍ୟ ମେହେଟାଙ୍କଠାରୁ ୨-୪ ଫ୍ରେମ୍‌ରେ ହାରି ବିଦାୟ ନେଇଛନ୍ତି।

### ବରୁଣେଇ କ୍ରିକେଟ ଟୁର୍ନାମେଣ୍ଟ ତଳପାଟକ ଚାମ୍ପିୟନ

କଟକ ସଦର, ୬।୨ (ଡି.ଏନ୍.ଏ.)- ଫକିରପଡ଼ାସ୍ଥିତ ବରୁଣେଇ ପାଠାଗାର ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ତଳପାଟକ ଦଳ ୫ ଉଇକେଟରେ ଘରୋଇ ନେହେରୁ ୟୁଥ୍ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ନେହେରୁ ୟୁଥ୍ କ୍ଲବ ୧୮ ଓଭରରେ ୭୭ରନ କରିଥିଲା। ଜବାବରେ ତଳପାଟକ ୫ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ପାଠାଗାର ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଫକିରପଡ଼ା ପଞ୍ଚାୟତ ସରପଞ୍ଚ ଯତୀନ କୁମାର ରାଉଳ ଓ ସମିତି ସଭ୍ୟା ମାନସୀ ସାହୁ ଯଥାକ୍ରମେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ବୋଲର ତଳପାଟକ ଟିମ୍‌ର ଆୟଜ ଖାଁ ଏବଂ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ପପୁ ପାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

> ରୋଡ୍ରିଗୁଏଜ ଓ ମୋ ଉଇକେଟ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଟି୨୦ରେ ୭ କିମ୍ବା ୮ ରନ ରେଟ୍‌ରେ ଟାର୍ଗେଟ୍ ଚେଜ୍‌ବେଳେ ଲଗାତର ଉଇକେଟ୍ ପଡ଼ିବା ଦଳ ପାଇଁ ମହଙ୍ଗା ହୋଇଥାଏ।
> – ସ୍ମୃତି ମନ୍ଧାନା, ଭାରତୀୟ ମହିଳା କ୍ରିକେଟର



> ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ବିପକ୍ଷ ଆଗାମୀ ସିରିଜରୁ ସର୍ବାଧିକ ପଏଣ୍ଟ ହାସଲ କରି ୨୦୨୧ ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ରହିଛୁ।
> – ମିଥାଲି ରାଜ, ଭାରତୀୟ ମହିଳା ଦିନିକିଆ କ୍ରିକେଟ ଅଧିନାୟିକା



### କଳିଙ୍ଗ ଷ୍ଟାଡିୟମରେ ୯ରୁ ଗୋଲ୍ଡ କପ୍ ଫୁଟବଲ

ଆସନ୍ତା ଶନିବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ। କେବଳ ଓଡ଼ିଶାରେ ନୁହେଁ ଭାରତରେ ଏହା ହେବ ସର୍ବପ୍ରଥମ ଅନ୍ତର୍ଜାତୀୟ ସିନିୟର ମହିଳା ଫୁଟବଲ ପ୍ରତିଯୋଗିତା। ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି କିମ୍ବଦନ୍ତୀ ମହିଳା ଫୁଟବଲର ଓଇନାମ ବେମ୍‌ବେମ୍ ଦେବୀ। ଆଗକୁ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଥିବାରୁ ପ୍ରସ୍ତୁତି ପାଇଁ ଏହି ଟୁର୍ନାମେଣ୍ଟ ଭାରତକୁ ବେଶ୍ ସହାୟକ ହେବ। ଗୋଲ୍ଡ କପ୍‌ରେ ଭାଗ ନେବାକୁ ଯାଉଥିବା ଦଳଗୁଡ଼ିକ ସମ୍ପର୍କରେ ପୂର୍ବାନୁମାନ କରିବା କଷ୍ଟସାଧ। ତେବେ ମୋ ମତରେ ମ୍ୟାନମାର ଫେଭରାଇଟ ବୋଲି ସେ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି।

# ମ୍ୟାନ୍‌ମାର ଫେଭରାଇଟ

## ବେମ୍‌ବେମ୍ ଦେବୀ



■ ହିରୋ ଗୋଲ୍ଡ କପ୍ ଭୁବନେଶ୍ୱରରେ ହେବାକୁ ଯାଉଛି, ଏ ସମ୍ପର୍କରେ ଆପଣଙ୍କ ମତ କ'ଣ ?

● ଭାରତରେ ସିନିୟର ମହିଳା ଅନ୍ତର୍ଜାତୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ହେବା ଏକ ବଡ଼ ପଦକ୍ଷେପ। ମୁଁ ଏଥିରେ ବହୁତ ଖୁସି। ଏହା ଭାରତୀୟ ମହିଳା ଦଳକୁ ଆବଶ୍ୟକ ଅଭିଜ୍ଞତା ଆଣିଦେବ। ମ୍ୟାନମାର ଓ ଇରାନ ପରି ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିବା ଦ୍ୱାରା ଆମ ଖେଳାଳିଙ୍କ ପ୍ରଦର୍ଶନରେ ମଧ୍ୟ ଉନ୍ନତି ଆସିବ। ସେମାନଙ୍କ ଆତ୍ମବିଶ୍ୱାସ ମଧ୍ୟ ବଢ଼ିବ।

■ ଭାରତୀୟ ମହିଳା ଦଳ ହଂକଂ ଏବଂ ଇଣ୍ଡୋନେସିଆ ବିପକ୍ଷ ଗତ ୪ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଅପରାଜିତ ରହିଛି।

● ଯୋଜନା ଅନୁସାରେ ଫଳ ମିଳିଛି। ଅଲିମ୍ପିକ୍ସ କ୍ୱାଲିଫାୟର ପାଇଁ ଏହାଠାରୁ ଆଉ କିଛି ଭଲ ରୋଡ୍‌ମ୍ୟାନ ପ୍ରସ୍ତୁତ ହୋଇ ପାରିଥାନ୍ତା ବୋଲି ମୁଁ ଭାବି ପାରୁନି। ଗତ ୩୪ଟି ମ୍ୟାଚରେ ଭାରତୀୟ ମହିଳା ଖେଳାଳିମାନେ ଅନ୍ତର୍ଜାତୀୟ ଫୁଟବଲର ସ୍ୱାଦ ପାଇଛନ୍ତି। ଏଏଫସି ଟୁର୍ନାମେଣ୍ଟ ପାଇଁ ବ୍ୟସ୍ତ କାର୍ଯ୍ୟସୂଚୀ ମଧ୍ୟରେ ଏହା ଅନୁଷ୍ଠିତ ହୋଇଛି। ଏବେ ଗୋଲ୍ଡ କପ୍ ଉପରେ ଧ୍ୟାନ କେନ୍ଦ୍ରିତ କରିବାର ସମୟ ଆସିଛି। ଏଥିରେ ସେମାନେ ଦକ୍ଷ ଦଳଗୁଡ଼ିକ ବିପକ୍ଷରେ କିପରି ଚ୍ୟାଲେଞ୍ଜ ମିଳେ ତାହା ଅନୁଭବ କରିପାରିବେ। ଅଲିମ୍ପିକ୍ସ କ୍ୱାଲିଫାୟର ନିକଟତର ହୋଇଛି। ତେଣୁ ଏହି ଟୁର୍ନାମେଣ୍ଟ ଖେଳି ଭାରତୀୟ ଦଳ ନିଜକୁ ଭଲଭାବେ ପ୍ରସ୍ତୁତ କରିପାରିବ।

■ ପ୍ରସ୍ତୁତି ଶିବିର ଦଳଗୁଡ଼ିକୁ କିପରି ସହାୟକ ହୋଇଥାଏ ?

● ଦୀର୍ଘଦିନଧରି ଚାଲୁଥିବା କୋଚିଂ କ୍ୟାମ୍ପଗୁଡ଼ିକ ସର୍ବଦା ସହାୟକ ହୋଇଥାଏ। ତେବେ ମ୍ୟାଚ ଖେଳି ନିଜକୁ ପରୀକ୍ଷା ନ କଲେ କ୍ୟାମ୍ପରେ ନେଇଥିବା ଟ୍ରେନିଂର କିଛି ମୂଲ୍ୟ ରହି ନ ଥାଏ। କୋଚିଂ କ୍ୟାମ୍ପରେ ତ୍ରୁଟିଗୁଡ଼ିକରେ ସୁଧାର ଅଣାଯାଇଥାଏ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଅଧିକରୁ ଅଧିକ ମ୍ୟାଚ ଖେଳିଲେ ଯାଇ ଅଭିଜ୍ଞତା ମିଳିବ।

■ ବର୍ତ୍ତମାନ ପରିସ୍ଥିତିରେ ଭାରତୀୟ ମହିଳା ଖେଳାଳିମାନେ କ'ଣ କରିବା ଉଚିତ ?

● ଫୁଟବଲରେ ଅନେକ ପରିବର୍ତ୍ତନ ହୋଇଛି। ନିଜକୁ ପ୍ରସ୍ତୁତ କରିବା ପାଇଁ କ୍ୟାମ୍ପକୁ ଡାକରା ମିଳିବା ପର୍ଯ୍ୟନ୍ତ ଅପେକ୍ଷା କରାଯିବା ଉଚିତ ନୁହେଁ। ଜଣେ ସିରିୟସ ଫୁଟବଲର ପାଇଁ ବର୍ଷସାରା ଫିଟ୍ ରହିବା ଅତ୍ୟନ୍ତ ଜରୁରୀ। କଷ୍ଟସାଧ ଟ୍ରେନିଂ ନେବା ସହିତ ନିୟମିତ ଜିମ୍‌ରେ ସମୟ କଟାଇବା, ଆବଶ୍ୟକ ବିଶ୍ରାମ ନେବା ଏବଂ ଖାଦ୍ୟପ୍ରତି ଯତ୍ନବାନ ହେବା ବହୁତ ଗୁରୁତ୍ୱପୂର୍ଣ୍ଣ। ବିନା ଫିଟ୍‌ନେସରେ କିଛି ହୋଇପାରିବନି। ତେଣୁ ପୁରୁଷଙ୍କ ପରି ମହିଳାମାନଙ୍କୁ ମଧ୍ୟ ଫିଟ୍‌ନେସ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ସାମ୍ପ୍ରତିକ ସମୟରେ ଖେଳାଳିମାନେ ସର୍ବଦା ଏ ସମ୍ପର୍କରେ କୋଚ୍ ଓ ଟ୍ରେନରଙ୍କ ସହ ଆଲୋଚନା କରିବା ଉଚିତ।

■ ହିରୋ ଗୋଲ୍ଡ କପ୍‌ରେ କେଉଁ ଦଳ ଶକ୍ତିଶାଳୀ ?

● ଫୁଟବଲରେ ପୂର୍ବାନୁମାନ କରିବା ଭୁଲ ହେବ। ତେବେ ପ୍ରଦର୍ଶନ ଦୃଷ୍ଟିରୁ ମ୍ୟାନମାର ଶକ୍ତିଶାଳୀ ମନେ ହେଉଛି। ନିକଟରେ ମଣିପୁରରେ ଭାରତ-ମ୍ୟାନମାର ମଧ୍ୟରେ ଏକ ମ୍ୟାଚ ଆୟୋଜନ ହୋଇଥିଲା। ମ୍ୟାନମାର ଖେଳାଳିମାନେ ବଲ୍‌କୁ ଅଧିକ ସମୟ ନିୟନ୍ତ୍ରଣରେ ରଖିବା ସହ ଯୋଜନାକୁ କାର୍ଯ୍ୟକାରୀ କରି ପାରିଥିଲେ। ତେଣୁ ମୋ ମତରେ ମ୍ୟାନମାର ଆଗାମୀ ଟୁର୍ନାମେଣ୍ଟ ପାଇଁ ଫେଭରାଇଟ। ସମାନଭାବେ ଦେଖିଲେ ଗତ ୧୦ ବର୍ଷ ମଧ୍ୟରେ ଇରାନ ଫୁଟବଲ ଦଳରେ ଅନେକ ଉନ୍ନତି ହୋଇଛି। ନେପାଳ ଦଳର ପ୍ରଦର୍ଶନକୁ ନେଇ ପୂର୍ବାନୁମାନ କରିବା ସବୁବେଳେ କଷ୍ଟସାଧ ହୋଇ ଆସିଛି। ତେଣୁ ଏହା ଏକ ରୋମାଞ୍ଚକ ଟୁର୍ନାମେଣ୍ଟ ହେବ।

■ ମହିଳା ଫୁଟବଲକୁ ନେଇ ଏବେ ଭାରତରେ ଅନେକ କିଛି ହେବାକୁ ଯାଉଛି। ଜଣେ ଖେଳାଳି ଭାବେ ଆପଣ ଏହାକୁ ମିସ୍ କରୁଛନ୍ତି କି ?

● (ହସି ହସି) ନାଁ, ପ୍ରକୃତରେ ମୁଁ ମୋ କୋଚିଂ କ୍ୟାରିୟରକୁ ଉପଭୋଗ କରୁଛି। ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ଖେଳିଥିବାରୁ ମୋ ହୃଦୟ ଭରି ଯାଇଛି। ଏବେ ମୁଁ ମୋ ଅଭିଜ୍ଞତା ଜୁନିୟର ଖେଳାଳିଙ୍କ ମଧ୍ୟରେ ବାଣ୍ଟିବାକୁ ଚାହୁଁଛି। ଭାରତୀୟ ଦଳର ଅନ୍ୟ ଖେଳାଳିମାନେ ସୁଯୋଗର ସଦ୍‌ବ୍ୟବହାର କରନ୍ତୁ ବୋଲି ମୁଁ ଚାହେଁ।

## ଫାଇନାଲ ରାଉଣ୍ଡରେ ଓଡ଼ିଶା



ଅରବିନ ଲାକ୍ରା ଓ ଅର୍ଜୁନ ନାୟକ।

**କଟକ ଅଫିସ,୬।୨**

୭୩ତମ ଜାତୀୟ ସିନିୟର ପୁରୁଷ ଫୁଟବଲ ଚାମ୍ପିୟନଶିପ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛି ଓଡ଼ିଶା ଦଳ। ଛତିଶଗଡ଼ର ଭିଲାଇଠାରେ ଚାଲିଥିବା ସନ୍ତୋଷ ଟ୍ରଫି ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡର ଦୁଇଟି ଯାକ ମ୍ୟାଚ୍ ବିଜୟୀ ହୋଇ ଓଡ଼ିଶା ଏହି ସଫଳତା ପାଇଛି। ଗତ ସଂସ୍କରଣରେ ମଧ୍ୟ ଓଡ଼ିଶା ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲା। ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୩-୦ ଗୋଲରେ ଛତିଶଗଡ଼କୁ ପରାସ୍ତ କରିଛି। ଅରବିନ ଲାକ୍ରା ଓ ଅର୍ଜୁନ ନାୟକ ପୁନର୍ବାର ଓଡ଼ିଶାକୁ ବିଜୟୀ କରାଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ମଧ୍ୟ ଏହି ଦୁଇ ଖେଳାଳିଙ୍କ ଗୋଲ ବଳରେ ଓଡ଼ିଶା ଝାଡ଼ଖଣ୍ଡକୁ ହରାଇଥିଲା। ଛତିଶଗଡ଼ ବିପକ୍ଷ ପ୍ରଥମାର୍ଦ୍ଧରେ ଓଡ଼ିଶା ପକ୍ଷରୁ ୨ଟି ଗୋଲ ହୋଇଥିଲା। ୩୧ତମ ଓ ୪୫ତମ ଅରବିନ ୨ଟି ଯାକ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧର ୮୨ତମ ମିନିଟରେ ଅର୍ଜୁନ ଅନ୍ୟଏକ ଗୋଲ ଦେଇଥିଲେ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା (ଫାଓ) ସମ୍ପାଦକ ସଞ୍ଜୟ ବେହେରା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

■ ରୋମାଞ୍ଚକ ସ୍ଥିତିରେ ରଣଜୀ ଫାଇନାଲ

## ଟାର୍ଗେଟ୍ ୨୦୬, ସୌରାଷ୍ଟ୍ର ୫୮/୫

ନାଗପୁର, ୬।୨(ପି.ଟି.)

ସ୍ଥାନୀୟ ବିଦର୍ଭ କ୍ରିକେଟ୍ ଆସୋସିଏଶନ ଷ୍ଟାଡିୟମଠାରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲ ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ଘରୋଇ ବିଦର୍ଭ ପକ୍ଷରୁ ଧାର୍ଯ୍ୟ ୨୦୬ ରନର ଟାର୍ଗେଟ୍‌କୁ ପିଛା କରୁଥିବା ସୌରାଷ୍ଟ୍ର ବୁଧବାର ଚତୁର୍ଥ ଦିବସ ଶେଷ ସୁଦ୍ଧା ୫୮ ରନରେ ୫ ଉଇକେଟ୍ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପ୍ରଥମ ଇନିଂସରେ ମାତ୍ର ୧ ରନ କରିଥିବା ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରା ପୁଣିଥରେ ବ୍ୟାଟିଂରେ ଫେଲ୍ ମାରିଛନ୍ତି। ବିଦର୍ଭର ବାମହାତୀ ସ୍ପିନର ଆଦିତ୍ୟ ସରୱାତେଙ୍କ ବଲରେ ଖାତା ଖୋଲିବା ପୂର୍ବରୁ ପୂଜାରା ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାର୍ଭିକ ଦେଶାଇ ୮, ସ୍ନେଲ ପଟେଲ ୧୨, ବୈଷ୍ଣବରାଜ ଜାଡେଜା ୨୩*, ଅର୍ପିତ ଭସଭାଡା ୫, ସେଲଡନ ଜ୍ୟାକସନ ୭ ଓ କମଲେଶ ମକଭାନ ୨ ରନରେ ଅପରାଜିତ ରହିଛନ୍ତି। ବୋଲିଂରେ ବିଦର୍ଭ ପକ୍ଷରୁ ସରୱାତେଙ୍କୁ ସର୍ବାଧିକ ୩ଟି ଉଇକେଟ୍ ମିଳିଛି। ଗୁରୁବାର ମ୍ୟାଚ୍‌ର ଅନ୍ତିମ ଦିନ ହୋଇଥିବାରୁ ଫଳାଫଳ ବାହାରିବା ନିଶ୍ଚିତ ହୋଇଛି।

ପୂର୍ବରୁ ବିଦର୍ଭ ଏହାର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୫/୨ରୁ ବ୍ୟାଟିଂ ଆରମ୍ଭ କରି ଠିକ୍ ୨୦୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଆଦିତ୍ୟ ସରୱାତେ ସର୍ବାଧିକ ୪୯ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଣେଶ ସତୀଶ ୩୫, ମୋହିତ୍ କାଲେ ୩୮, ୱାସିମ ଜାଫର ୧୧, ଉମେଶ ଯାଦବ ୧୫ ଓ ଅଧିନାୟକ ଫୈଜ ଫଜଲ ୧୦ ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

**ବିଦର୍ଭ ପ୍ରଥମ ଇନିଂସ–** ୩୧୨/୧୦।

**ସୌରାଷ୍ଟ୍ର ପ୍ରଥମ ଇନିଂସ–** ୩୦୭/୧୦।

**ବିଦର୍ଭ ୨ୟ ଇନିଂସ–** ୨୦୦/୧୦(ଆଦିତ୍ୟ ୪୯, ଜାଫର ୧୧, ମୋହିତ୍ ୩୮, ଧର୍ମେନ୍ଦ୍ର ଜାଡେଜା ୬/୯୬)।

**ସୌରାଷ୍ଟ୍ର ୨ୟ ଇନିଂସ–** ୫୮/୫, ୨୮ ଓଭର (ବୈଷ୍ଣବରାଜ ୨୩, ପୂଜାରା ୦, ସେଲଡନ୍ ୧୨, ଆଦିତ୍ୟ ୩/୧୩)।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**P.H.DIVISION,BHANJANAGAR AT CHATRAPUR**
E-Mail ID- eephchpr@gmail.com
NATIONAL COMPETITIVE BIDDING THROUGH e-Procurement
Invitation For Bids (IFB)
No.460-C:-_

| Sl. No. | Name of Work | Bid Identification No | Estimated Cost (Rs. in Lakh) | Period of Completion | Availability of Bid Document for Online Bidding: From | Availability of Bid Document for Online Bidding: To | Name & Address of Officer Inviting |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of drain measuring 18Mtr Length, Repairing of Existing Drain (15Mtr) Construction of 2Nos of Latrine chamber, 2Nos of Soak Pit, 1 Septic Tank and 1 Big size water vat in District hail, Phulbani. | Identification No. 46/03/SPH©/ 2018-2019 dt.04.02.2019 | 17.73 | 2 (Two) Calendar Months | 11.00 Hrs. of 08.02.2019 | 17.00 Hrs. of 18.02.2019 | Executive Engineer, P.H. Division, Bhanjanagar at Chatrapur |

The bid shall be opened on dt. 20.02.2019 at 11.30 A.M
Further details can be seen from the e-Procurement portal http://tendersodisha.gov.in
13013/11/0005/1819 Sd./- EXECUTIVE ENGINEER (PH)



**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**TENDER CALL NOTICE**
No. HFW-OE-EST3M-0004-2017 2882/H Dated 01.02.19

**No. 856-E:-** Sealed tenders/ Quotations in plain paper/letter pad are invited from the intending registered Firms/ Suppliers who are authorized dealers for the products having their own office/shop at Bhubaneswar and having valid GST Registration No. and Valid PAN for supply of Desktop Computers and Multi functional Printer with specification details as given in Annexure-I annexed to this Tender Call Notice.

The details of the articles to be purchased can be obtained from Office Establishment Branch of Health & Family Welfare Department in any working day between 11.00AM to 04.00PM or can be downloaded from the website of the Department www.odishagov.in/health_portal. The Tenderers/quotationers shall have to furnish the price of the articles with GST thereon in the following format along with terms and conditions, if any. The Tenderers/quotationers shall deposit the earnest money of Rs.5,000/- (Rupees Five thousand) only in shape of A/C payee Bank Draft/ Pay Order in favour of D.D.O-cum-Under Secretary, Health & Family Welfare Department payable at Bhubaneswar. The E.M.D. will be refunded to the Tenderers/Ouotationers in the event of non-acceptance of the quotations. The Tenderers/Ouotationers having authorized dealership in respect of the items to be supplied by them and having their own office/shop at Bhubaneswar only shall participate. The tenders, along with required documents as mentioned above, should reach the Joint Secretary by 15.02.2019, 3.00PM and the tenders will be opened on the same day at 04.00PM in presence of the Tenderers or their authorized representatives.

The authority reserves the right to reject any or all tender/tenders without assigning any reason thereof. The tenders received incomplete or after the scheduled date & time shall be rejected.

The accepted tender will remain valid upto one year.

**FORMAT FOR OFFER/PRICE**

Name of the Firm (with full particulars):

| Sl No | Name of the Items | Name of the Brand/Make | Specification if any | Unit Price in Rs | GST amount | Unit Price including all Taxes | Remarks |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |

10001/11/0065/1819 *Sd./- Joint Secretary to Government*


## ସେମିରେ ଉଦଳା ୟୁନିକ୍



ଜନ୍ମେଜୟ ଦାସଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ଭଣ୍ଡାରିପୋଖରୀ, ୬।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ନେରଡ଼ା ପଞ୍ଚାୟତ ଯଶୋଟିକିରି ଖେଳପଡ଼ିଆରେ ଚାଲିଥିବା ଆନ୍ତଃ ଜିଲା ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଥିଲା ୪ର୍ଥ କ୍ୱାର୍ଟର ମ୍ୟାଚ୍। ଏଥିରେ ଗୋଲକୁଣ୍ଡର ବିଏମ୍‌ସିସିକୁ ହରାଇ ଉଦଳା ୟୁନିକ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ବିଏମ୍‌ସିସି ଟସ୍ ଜିତି ୨୩.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ ରନ୍ କରିଥିଲା। ଜବାବରେ ଉଦଳା ୟୁନିକ ୧୦ ଓଭରରେ ୩ ଉଇକେଟ ହରାଇ ୧୧୬ ରନ୍ କରି ବିଜୟୀ ହୋଇଥିଲା। ପ୍ରତିପକ୍ଷର କାର୍ତ୍ତିକ ପତି ୪ ଓଭର ବୋଲିଂ କରି ୨ ଉଇକେଟ ନେଇଥିଲେ। କାଳନ୍ଦୀ ପଣ୍ଡା, ଦୁର୍ଗା ପଟ୍ଟନାୟକ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଅନୀଲ ପୃଷ୍ଟି, ମାନସ ନନ୍ଦ ଓ କିଷାନ ନନ୍ଦ ସ୍କୋରର ଥିଲେ। ପ୍ରତ୍ୟୁଷ ସାହୁ ଓ ମାନସ ରଞ୍ଜନ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଜନ୍ମେଜୟ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁବାର ଭୁବନେଶ୍ୱର ପାରାମାଉଣ୍ଟ ଓ ସ୍କାନ କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।


**କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା**
**ସି-୧, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨**
**ବିଜ୍ଞାପନ**
**(ସମାଜସେବା କ୍ଷେତ୍ରରେ ରାଜ୍ୟ ପୁରସ୍କାର ପାଇଁ ଦରଖାସ୍ତ ଆହ୍ୱାନ)**

**No.12-TT:-** ରାଜ୍ୟ ଯୁବ କଲ୍ୟାଣ ପରିଷଦ, କ୍ରୀଡ଼ା ଓ ଯୁବ ସେବା ବିଭାଗ ଓଡ଼ିଶା ୨୦୧୮ ବର୍ଷ ପାଇଁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ରାଜ୍ୟ ପୁରସ୍କାର ପ୍ରଦାନ କରିବାକୁ ସ୍ଥିର କରିଛନ୍ତି।

ଛଅ ଜଣ ବ୍ୟକ୍ତିବିଶେଷ (ପ୍ରତ୍ୟେକ ରାଜସ୍ୱ ଜୋନ୍‌ରୁ ଦୁଇ ଜଣ ହିସାବରେ ମୋଟ ଛଅ ଜଣ) ପ୍ରତ୍ୟେକଙ୍କୁ ମାନପତ୍ର ଓ ଅର୍ଥ ଆକାରରେ ଟ. ୨୫,୦୦୦/–ଙ୍କା ଲେଖାଏ ୨୦୧୯ ମସିହା ଅଗଷ୍ଟ ମାସ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସରେ ପ୍ରଦାନ କରାଯିବ। ଏଥି ନିମନ୍ତେ ନିର୍ଦ୍ଧାରିତ ପରିକଳ୍ପନା ପୁସ୍ତିକା (Scheme) ସର୍ବସାଧାରଣଙ୍କ ଅବଗତି ନିମନ୍ତେ ରାଜ୍ୟର ସମସ୍ତ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ନେହେରୁ ଯୁବ କେନ୍ଦ୍ର ସଂଗଠନ, ଜାତୀୟ ସେବା ସଂସ୍ଥା, ଭାରତ ସ୍କାଉଟ୍ ଓ ଗାଇଡ୍, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଅଫିସ୍‌ରେ ଉପଲବ୍ଧ ଅଟେ। ଆବେଦନ ପତ୍ର/ ସୁପାରିସଗୁଡ଼ିକ ସମ୍ପୃକ୍ତ ଅଞ୍ଚଳର ଲୋକ ପ୍ରତିନିଧି ତଥା ସରପଞ୍ଚ/କାଉନ୍‌ସିଲର ବା କର୍ପୋରେଟରଙ୍କ ସୁପାରିସ ସହିତ ସଂପାଦକ ରାଜ୍ୟ ଯୁବକଲ୍ୟାଣ ପରିଷଦ, କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା, ନୟାପଲ୍ଲୀ, ଭୁବନେଶ୍ୱରଙ୍କ ଠିକଣାରେ ତା ୩୧।୦୩।୨୦୧୯ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବିଜ୍ଞାପନ ସମ୍ବନ୍ଧୀୟ ବିଶଦ ବିବରଣୀ କ୍ରୀଡ଼ା ଓ ଯୁବସେବା ବିଭାଗ ୱେବସାଇଟ୍ www.dsysodisha.gov.in ରେ ଉପଲବ୍ଧ ଅଟେ।

ସମ୍ପାଦକ
29001/11/0077/1819 ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡ଼ିଶା



**କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା**
**ସି-୧, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨**
**ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ନିମନ୍ତେ ଦରଖାସ୍ତ ଆହ୍ୱାନ**

**No.13-TT:-** ରାଜ୍ୟ ଯୁବ କଲ୍ୟାଣ ପରିଷଦ, କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ୨୦୧୮ ବର୍ଷ ପାଇଁ ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଜଣେ ବ୍ୟକ୍ତି ବିଶେଷଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରିବାକୁ ସ୍ଥିର କରିଛନ୍ତି।

ରାଜ୍ୟର ଯେଉଁ ବ୍ୟକ୍ତି ବିଶେଷ ଉଲ୍ଲେଖନୀୟ ସାହସିକତା ପ୍ରଦର୍ଶନ କରିଥିବେ ସେମାନଙ୍କର ସେହିସବୁ କାର୍ଯ୍ୟାବଳୀକୁ ସ୍ୱୀକୃତି ପ୍ରଦାନ ତଥା ଅନ୍ୟମାନଙ୍କୁ ଏହି ଦିଗରେ ଉତ୍ସାହିତ କରିବା ଏବଂ ସେମାନଙ୍କର ଭିତରେ ଦୁଃସାହସିକ ପଦକ୍ଷେପ ନେବାରେ ଅଭୀପ୍ସା ସୃଷ୍ଟି କରିବା ଏହି ପୁରସ୍କାର ପ୍ରଦାନର ମୂଳ ଲକ୍ଷ୍ୟ। ମନୋନୀତ ବ୍ୟକ୍ତି ବିଶେଷଙ୍କୁ ପୁରସ୍କାର ବାବଦରେ ମାନପତ୍ର ଓ ରୌପ୍ୟ ପଦକ ତଥା ଟ. ୧,୦୦,୦୦୦/– ଙ୍କାର ଅର୍ଥରାଶି ୨୦୧୯ ମସିହା ଅଗଷ୍ଟ ମାସ ୨୯ ତାରିଖ ଜାତୀୟ କ୍ରୀଡ଼ା ଦିବସରେ ପ୍ରଦାନ କରାଯିବ। ଏହି ପୁରସ୍କାର ନିମନ୍ତେ ସ୍ୱତନ୍ତ୍ର ପରିକଳ୍ପନା ପୁସ୍ତିକା (Scheme) ପ୍ରତ୍ୟେକ ଜିଲ୍ଲାର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ନେହେରୁ ଯୁବ କେନ୍ଦ୍ର ସଂଗଠନ, ଜାତୀୟ ସେବା ସଂସ୍ଥା, ଭାରତ ସ୍କାଉଟ୍ ଓ ଗାଇଡ୍, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଉପରୋକ୍ତ ପୁରସ୍କାର ନିମନ୍ତେ ସାହସିକ କାର୍ଯ୍ୟାବଳୀର ସମୟସୀମା ୨୦୧୮ ମସିହା ଜାନୁୟାରୀ ମାସ ୦୧ ତାରିଖରୁ ଡିସେମ୍ବର ମାସ ୩୧ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ। ସାହସିକତା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୋଗ୍ୟ ବ୍ୟକ୍ତି ବିଶେଷଙ୍କ ଆବେଦନ/ ସୁପାରିସ ଗୁଡ଼ିକ ସମ୍ପାଦକ, ରାଜ୍ୟ ଯୁବ କଲ୍ୟାଣ ପରିଷଦ, ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ, ନୟାପଲ୍ଲୀ, ଭୁବନେଶ୍ୱରଙ୍କ ଠିକଣାରେ ତା୩୧।୦୩।୨୦୧୯ ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ବିଜ୍ଞାପନ ସମ୍ବନ୍ଧୀୟ ବିଶଦ ବିବରଣୀ କ୍ରୀଡ଼ା ଓ ଯୁବସେବା ବିଭାଗ ୱେବସାଇଟ୍ www.dsysodisha.gov.in ରେ ଉପଲବ୍ଧ ଅଟେ।

ସମ୍ପାଦକ
29001/11/0078/1819 ରାଜ୍ୟ ଯୁବକଲ୍ୟାଣ ପରିଷଦ, ଓଡ଼ିଶା



ଆଜି ସମସ୍ତ ବିଭାଗରେ ଆମେ ଭଲ ଖେଳିଥିଲୁ। ବିଶେଷ କରି ବୋଲିଂ ଓ ଫିଲ୍ଡିଂ ଉଚ୍ଚକୋଟୀର ରହିଥିଲା। ଏହିଭଳି ପ୍ରଦର୍ଶନ ସୁବଦିନ ଦେଖିବାକୁ ମିଳି ନ ଥାଏ।
– କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ ଅଧିନାୟକ



ଆମେ ୩ଟି ଯାକ ବିଭାଗରେ ଖରାପ ଖେଳିଲୁ। ଏଠାରେ ଗ୍ରାଉଣ୍ଡ ଛୋଟ ହୋଇଥିଲେ ମଧ୍ୟ ୨୦୦ ରନର ଟାର୍ଗେଟ୍ ହାସଲ କରିବା ସହଜ ନ ଥିଲା।
– ରୋହିତ୍ ଶର୍ମା, ଭାରତୀୟ ଅଧିନାୟକ

## ସଂକ୍ଷେପରେ

### ୧୦ ରନରେ ଅଲ୍‌ଆଉଟ୍, ୦ରେ ୧୦ଜଣ ଆଉଟ୍



ସିଡ୍‌ନୀ, ୬।୨(ଏଏଫପି)- ୧୦ ରନରେ ପୂରା ଟିମ୍ ଅଲ୍‌ଆଉଟ୍ ସେହିଭଳି ଟିମ୍‌ର ୧୦ଜଣ ଖେଳାଳି ୦ରେ ଆଉଟ୍ ହୋଇଛନ୍ତି। ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଆନୁକୂଲ୍ୟରେ ଅନୁଷ୍ଠିତ ମହିଳା କ୍ରିକେଟ୍ ଟି୨୦ ଟୁର୍ନାମେଣ୍ଟରେ ଏହିଭଳି ସ୍କୋରବୋର୍ଡ ଦେଖିବାକୁ ମିଳିଛି। ଜାତୀୟ ଇଣ୍ଡିଜେନସ୍ କ୍ରିକେଟ ଚାମ୍ପିୟନଶିପ୍‌ରେ ବୁଧବାର ନ୍ୟୁ ସାଉଥ୍ ୱେଲ୍ସ ଓ ସାଉଥ୍ ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସାଉଥ୍ ଅଷ୍ଟ୍ରେଲିଆ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୦.୨ ଓଭରରେ ମାତ୍ର ୧୦ ରନ କରି ସମସ୍ତ ଉଇକେଟ୍ ହରାଇଥିଲା। ଦଳ ପକ୍ଷରୁ ଓପନର୍ ଫେବି ମାନସେଲଙ୍କୁ ଛାଡ଼ିଦେଲେ ଅନ୍ୟ ୧୦ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲିପାରି ନ ଥିଲେ। ଫେବି ୪ ରନ କରିଥିବାବେଳେ ଅତିରିକ୍ତ ଆକାରରେ ୬ ରନ୍ ହୋଇଥିଲା। ଦଳ ପକ୍ଷରୁ ଫେବି ଓ ୱାନିକି ଗିବୁମା-ମାର୍ କେବଳ ୩ରୁ ଊର୍ଦ୍ଧ୍ୱ ବଲ୍ ଖେଳିବାରେ ସକ୍ଷମ ହୋଇଥିଲେ। ନ୍ୟୁ ସାଉଥ୍ ୱେଲ୍ସ ବୋଲର ରକ୍ସାନେ ଭାନ୍-ଭିନ୍ ୨ ଓଭର ବୋଲିଂ କରି ୧ ରନ ବିନିମୟରେ ସର୍ବାଧିକ ୫ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ନ୍ୟୁ ସାଉଥ୍ ୱେଲ୍ସ ଏହି ଟାର୍ଗେଟ୍‌କୁ ୧୫ଟି ବଲରେ ୨ଟି ଉଇକେଟ୍ ହରାଇ ହାସଲ କରିନେଇଥିଲା।

# ଭାରତର ସର୍ବବୃହତ୍ ପରାଜୟ

ୱେଲିଂଟନ, ୬।୨(ପିଟିଆଇ)

ବିନିକିଆ ସିରିଜରେ ୪-୧ରେ ବିଜୟୀ ହୋଇଥିଲେ ମଧ୍ୟ ଭ୍ରମଣକାରୀ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ନିହାତି ମାମୁଲି ପ୍ରଦର୍ଶନ କରି ୮୦ ରନରେ ପରାଜୟ ବରଣ କରିଛି। ଘରୋଇ ଦଳ ସବୁ ବିଭାଗରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଭାରତକୁ ଚକ୍‌ମା ଦେଇଛି। ଟି୨୦ ଫର୍ମାଟରେ ଭାରତ ପାଇଁ ଏହା ସବୁଠାରୁ ଖରାପ ପ୍ରଦର୍ଶନ ସାବ୍ୟସ୍ତ ହୋଇଛି। ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଏହି ନିଷ୍ପତ୍ତି ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନମାନେ ଭାରତୀୟ ବୋଲରଙ୍କୁ ନିର୍ମମ ପ୍ରହାର କରି ବୃହତ୍ ସ୍କୋର ହାସଲ କରିଥିଲେ। ନିର୍ଦ୍ଧାରିତ ୨୦ ଓଭରରେ ନ୍ୟୁଜିଲାଣ୍ଡ ଓପନର ତଥା ଉଇକେଟ କିପର ବ୍ୟାଟ୍ସମ୍ୟାନ ଟିମ୍ ସେଇଫର୍ଟଙ୍କ ଧୂଆଁଧାର ବ୍ୟାଟିଂ (୮୪ ରନ, ୪୩ ବଲ, ୭ ଚୌକା, ୬ ଛକା) ସହାୟତାରେ ୬ ଉଇକେଟ ହରାଇ ୨୧୯ ରନର ଚ୍ୟାଲେଞ୍ଜିଂ ସ୍କୋର ହାସଲ କରିଥିଲା। ଜବାବରେ ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ୧୯.୨ ଓଭରରେ ୧୩୯ ରନ କରି ଅଲଆଉଟ ହୋଇଥିଲା। ପୂର୍ବରୁ ଭାରତ ୫୦ କିମ୍ବା ତାହାଠାରୁ ଊର୍ଦ୍ଧ୍ୱ ରନରେ କୌଣସି ଟି୨୦ ମ୍ୟାଚ୍‌ରେ ପରାସ୍ତ ହୋଇ ନ ଥିଲା। ୨୦୧୦ରେ ଭାରତ ଅଷ୍ଟ୍ରେଲିଆଠାରୁ ୪୯ ରନରେ ପରାସ୍ତ ହୋଇଥିଲା ଓ ସେତେବେଳେ ଏହା ଭାରତ ପାଇଁ ସବୁଠାରୁ ଖରାପ ପ୍ରଦର୍ଶନ ସାବ୍ୟସ୍ତ ହୋଇଥିଲା। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଦମ୍ଦାର ଇନିଂସ ଖେଳିଥିବା ସେଇଫର୍ଟଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଦ୍ୱିତୀୟ ଟି୨୦ ମ୍ୟାଚ୍ ଅକ୍‌ଲାଣ୍ଡରେ ଶୁକ୍ରବାର ଖେଳାଯିବ।



ବିସ୍ଫୋରକ ବ୍ୟାଟିଂ ଅବସରରେ ନ୍ୟୁଜିଲାଣ୍ଡର ଟିମ୍ ସେଇଫର୍ଟ।

୨୨୦ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରିଥିବା ଭାରତର ବ୍ୟାଟ୍ସମ୍ୟାନମାନେ ବେପରୁଆ ଶଟ୍ ଖେଳି ଆଉଟ ହୋଇଥିଲେ। ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ଯାଇ ଭାରତୀୟ ବ୍ୟାଟ୍ସମ୍ୟାନ ଘରୋଇ ଫିଲ୍ଡରଙ୍କୁ ସହଜ କ୍ୟାଚ୍‌ମାନ ଦେଇଥିଲେ। ଫଳରେ ଭାରତ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ୭ ଭାରତୀୟ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ପାର୍ଟନରଶିପ୍ ସୃଷ୍ଟି କରିବାରେ ଭାରତ ବିଫଳ ହୋଇଥିଲା। ଅଧିନାୟକ ରୋହିତ ଶର୍ମା ୧ ରନ କରି ପ୍ରଥମେ ଆଉଟ ହୋଇଥିଲେ ମଧ୍ୟ ଏକଦା ଭାରତ ୫୧ ରନରେ ଗୋଟିଏ ଉଇକେଟ ହରାଇ ଭଲ ସ୍ଥିତିରେ ଥିଲା। ଅଭିଜ୍ଞ ଓପନର ଶିଖର ଧାୱନ ୧୮ ବଲରୁ ୨ ଚୌକା ଓ ୩ ଛକା ସହ ୨୯ରନ କରି ଆଉଟ ହେବା ପରେ ଭାରତୀୟ ଇନିଂସ ତାସ୍ ଘର ପରି ଭୁଶୁଡ଼ି ପଡ଼ିଥିଲା। ବିଜୟ ଶଙ୍କର ୧୮ ବଲରୁ ୨ ଚୌକା ଓ ୨ ଛକା ସହ ୨୭ ରନ କରିଥିଲେ। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୩୧ଟି ବଲ ଖେଳି ୫ ଚୌକା ଓ ୧ ଛକା ସହ ୩୯, କ୍ରୁନାଲ ପାଣ୍ଡ୍ୟା ୧୮ ବଲରୁ ୧ଛକା ଓ ୧ ଚୌକା ସହ ୨୦ ରନ କରି ଆଉଟ ହୋଇଥିଲେ। ସପ୍ତମ ଉଇକେଟ ଯୋଡ଼ିରେ ଧୋନୀ ଓ କ୍ରୁନାଲ ୫୨ ରନ ସଂଗ୍ରହ କରିଥିଲେ। ଯୁବ ପ୍ରତିଭାସମ୍ପନ୍ନ ବ୍ୟାଟ୍ସମ୍ୟାନ ଋଷଭ ପନ୍ତ ୪, ଦୀନେଶ କାର୍ତ୍ତିକ ୫, ହାର୍ଦ୍ଦିକ ପାଣ୍ଡ୍ୟା ୪, ଭୁବନେଶ୍ୱର କୁମାର ୧, ଯୁଜବେନ୍ଦ୍ର ଚହଲ ୧ ରନ କରି ଆଉଟ ହୋଇଥିବା ବେଳେ ଖଲିଲ ଅହମ୍ମଦ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଟିମ୍ ସାଉଦି ୩, ଲୋକି ଫର୍ଗୁସନ, ମିଚେଲ ସାଣ୍ଟନର ଓ ସ୍ପିନର ଇଶ୍ ସୋଧୀ ଦୁଇଟି ଲେଖାଏଁ ଏବଂ ଡାରିଲ ମିଚେଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଓପନର ଆରମ୍ଭରୁ ଧୂଆଁଧାର ବ୍ୟାଟିଂ କରିଥିଲେ। ପ୍ରଥମ ଉଇକେଟ ଯୋଡ଼ିରେ ସେଇଫର୍ଟ ଓ କଲିନ୍ ମୁନ୍‌ରୋ ୫୦ ବଲରୁ ୮୬ ରନ ସଂଗ୍ରହ କରିଥିଲେ। ମୁନ୍‌ରୋ ୨୦ ବଲରୁ ୨ ଚୌକା, ୨ ଛକା ସହ ୩୪ ରନ କରି କ୍ରୁନାଲଙ୍କ ଦ୍ୱାରା ଆଉଟ ହେବା ପରେ ସେଇଫର୍ଟ ୮୪ ରନ କରି ଖଲିଲଙ୍କ ଶିକାର ହୋଇଥିଲେ। ଅଧିନାୟକ କେନ୍ ୱିଲିୟମସନ ୨୨ ବଲରୁ ୩ ଛକା ସହ ୩୪ ରନ କରି ଯୁଜବେନ୍ଦ୍ର ଚହଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଭିଜ୍ଞ ରସ୍ ଟେଲର ୨ ଛକା ସହ ୧୪ ବଲରୁ ୨୩ ରନ କରି ଭୁବନେଶ୍ୱର କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଡାରିଲ ମିଚେଲ ୮ ଓ କଲିନ୍ ଡି ଗ୍ରାଣ୍ଡହୋମ ୩ ରନ କରି ହାର୍ଦ୍ଦିକଙ୍କ ଶିକାର ହୋଇଥିଲେ। ମିଚେଲ ସାଣ୍ଟନର ୭ ଓ ସ୍କଟ କୁଗେଲେଜିନ୍ ୭ଟି ବଲ୍ ଖେଳି ୩ ଚୌକା ଓ ୧ ଛକା ସହ ଦ୍ରୁତ ୨୦ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ହାର୍ଦ୍ଦିକ ୨, ଭୁବନେଶ୍ୱର, ଖଲିଲ, କ୍ରୁନାଲ ଓ ଚହଲ ଗୋଟିଏ ଲେଖାଏଁ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୨୧୯/୬ (ସେଇଫର୍ଟ– ୮୪, ମୁନରୋ– ୩୪, ୱିଲିୟମସନ– ୩୪, ଟେଲର– ୨୩, କୁଗଲେଜେନ– ୨୦*, ହାର୍ଦ୍ଦିକ– ୨/ ୫୧, ଭୁବନେଶ୍ୱର– ୧/ ୪୭, ଖଲିଲ– ୧/୪୮, କ୍ରୁନାଲ– ୧/୩୭, ଚହଲ– ୧/୩୫)।

ଭାରତ ୧୯.୨ ଓଭରରେ ୧୩୯ ଅଲଆଉଟ (ଧୋନୀ– ୩୯, ଧାୱନ– ୨୯, ଶଙ୍କର– ୨୭, କ୍ରୁନାଲ– ୨୦, ସାଉଦି– ୩/୧୭, ଫର୍ଗୁସନ– ୨/୨୨, ସାଣ୍ଟନର– ୨/୨୪, ସୋଧୀ– ୨/୨୬, ମିଚେଲ– ୧/୧୩)।

## ଏକାଠି ଖେଳିଲେ ପାଣ୍ଡ୍ୟା ବ୍ରଦର୍ସ

ପ୍ରଥମଥର ପାଇଁ ଦୁଇ ପାଣ୍ଡ୍ୟ ଭାଇ ହାର୍ଦ୍ଦିକ ଓ କ୍ରୁନାଲ ଏକାଠି ହୋଇ ଭାରତ ପାଇଁ ଆନ୍ତର୍ଜାତିକ ମ୍ୟାଚ୍ ଖେଳିଛନ୍ତି। ପୂର୍ବରୁ ଏହି ଦୁଇ ଅଲରାଉଣ୍ଡର ସାଥି ହୋଇ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଖେଳିଥିଲେ। ତେବେ ପୂର୍ବରୁ ଏକାଠି କୌଣସି ଆନ୍ତର୍ଜାତିକ ମ୍ୟାଚ୍ ଖେଳି ନ ଥିଲେ। ବୁଧବାର ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍ ଖେଳିଥିଲେ ମଧ୍ୟ ଦୁଇ ଭାଇ ଆଶାନୁରୂପ ପ୍ରଦର୍ଶନ କରି ନ ଥିଲେ। ବଡ଼ ଭାଇ କ୍ରୁନାଲ ୨୦୧୮ରେ ନଭେମ୍ବରରେ ଟି୨୦ ଡେବ୍ୟୁ କରିଥିଲେ ଓ ଏହି ମ୍ୟାଚ୍ ପୂର୍ବରୁ ୬ଟି ମ୍ୟାଚ ଖେଳିଥିଲେ। ତେବେ ଏହି ମ୍ୟାଚ୍‌ଗୁଡ଼ିକରେ ହାର୍ଦ୍ଦିକ ଖେଳି ନ ଥିଲେ। ହାର୍ଦ୍ଦିକ ୨୦୧୬ରେ ଅଷ୍ଟ୍ରେଲିଆ ଗସ୍ତରେ ଟି୨୦ରେ ପଦାର୍ପଣ କରିଥିଲେ। ହାର୍ଦ୍ଦିକ ଓ କ୍ରୁନାଲ ଉଭୟ ବ୍ୟାଟିଂ କରିବାର ଦକ୍ଷତା ରଖନ୍ତି। କ୍ରୁନାଲ ଅଫ୍ ସ୍ପିନ୍ ଓ ହାର୍ଦ୍ଦିକ ମିଡିୟମ ପେସ୍ ବୋଲିଂ କରିଥାନ୍ତି। ଦ୍ୱିତୀୟ ଥର ପାଇଁ ଭାରତ ପକ୍ଷରୁ ଦୁଇ ଭାଇ ଏକାଠି ଆନ୍ତର୍ଜାତିକ ମ୍ୟାଚ୍ ଖେଳିଛନ୍ତି। ପୂର୍ବରୁ ଇର୍ଫାନ ଓ ୟୁସୁଫ ପଠାନ ଏକାଠି ଦେଶ ପାଇଁ ଖେଳିଛନ୍ତି। ତେବେ ମହିନ୍ଦର ଅମରନାଥ ଓ ତାଙ୍କ ଭାଇ ସୁରିନ୍ଦର ଅମରନାଥ ଭାରତ ପାଇଁ ସାଥି ହୋଇ ଆନ୍ତର୍ଜାତିକ ମ୍ୟାଚ୍ ଖେଳିଥିଲେ।

## ୩ ଜଣଙ୍କୁ ଜାତୀୟ ରେଫରି ଯୋଗ୍ୟତା



ମହାବୀର ନାଥ



ଅଶୋକ କହଁର



ଶେଷଦେବ ବେହେରା

କଟକ ଅଫିସ,୬।୨

ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫଏଫ୍) ଆନୁକୂଲ୍ୟରେ ହୋଇଥିବା ଜାତୀୟ ରେଫରି ପରୀକ୍ଷାରେ ଓଡ଼ିଶାର ୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ଜାତୀୟ ରେଫରି ଯୋଗ୍ୟତା ହାସଲ କରିଥିବା ଏହି୩ଜଣ ହେଲେ ଢେଙ୍କାନାଳର ମହାବୀର ନାଥ, ବୌଦ୍ଧର ଅଶୋକ କହଁର ଓ ଶେଷଦେବ ବେହେରା। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ସଞ୍ଜୟ ବେହେରା ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## କାତାର ଓପନରୁ ଓହରିଲେ ଓସାକା

ଦୋହା,୬।୨

ବିଶ୍ୱର ନମ୍ବର ୱାନ ମହିଳା ସିଙ୍ଗଲ୍ସ ଟେନିସ ଖେଳାଳି ନାଓମି ଓସାକା ଆଗାମୀ ସପ୍ତାହରେ ହେବାକୁ ଥିବା କାତାର ଓପନରୁ ଓହରି ଯାଇଛନ୍ତି। ପିଠି ଜନିତ ସମସ୍ୟା ଯୋଗୁ ୨୧ ବର୍ଷୀୟା ଖେଳାଳି ଏହି ନିଷ୍ପତ୍ତି ନେଇଛନ୍ତି। ଦୁଇ ଥର ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଚାମ୍ପିୟନ ସମାନ କାରଣ ଯୋଗୁ ଗତ ଅକ୍ଟୋବରରେ ହଂକଂ ଓପନରୁ ଓହରି ଯାଇଥିଲେ। ତେବେ ତାଙ୍କୁ କାତାର ଓପନରେ ଶୀର୍ଷ ସିଡ୍ ପ୍ରଦାନ କରାଯାଇଥିଲା। ଏବେ ସେ ଅଂଶଗ୍ରହଣ କରୁ ନ ଥିବାରୁ ରୋମାନିଆର ସିମୋନା ହାଲେପଙ୍କୁ ଟପ୍ ସିଡ୍ ପ୍ରଦାନ କରାଯିବ।

# ମନ୍ଧାନାଙ୍କ ରେକର୍ଡ ସତ୍ତ୍ୱେ ହାରିଲା ଭାରତ

ୱେଲିଂଟନ,୬।୨(ପିଟିଆଇ)

ସ୍ମୃତି ମନ୍ଧାନାଙ୍କ ରେକର୍ଡ ଅର୍ଦ୍ଧଶତକୀୟ ଇନିଂସ ସତ୍ତ୍ୱେ ଭାରତୀୟ ମହିଳା ଦଳକୁ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ପରାସ୍ତ ହୋଇଛି। ଏଠାରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଦଳ ୨୩ ରନ୍‌ରେ ଭାରତକୁ ହରାଇ ଦେଇଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୧୬୦ ରନର ବିଜୟ ଲକ୍ଷ୍ୟର ପିଛା କରି ଭାରତ ୧୩୬ ରନ୍‌ରେ ସୀମିତ ରହିଥିଲା। ମନ୍ଧାନା ମାତ୍ର ୨୪ ବଲରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହା ଭାରତୀୟ ବ୍ୟାଟ୍ସଓ୍ୱମ୍ୟାନଙ୍କ ମଧ୍ୟରେ ଦ୍ରୁତତମ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଦଳ ଧାର୍ଯ୍ୟ ୨୦ ଓଭରରେ ୪ ଉଇକେଟ ହରାଇ ୧୫୯ ରନ୍ କରିଥିଲା। ଦଳ ପାଇଁ ସୋଫି ଡେଭିନ ୬୨ ଓ ଅଧିନାୟିକା ଆମି ସାଟରଥୱେଟ ୩୩ ରନ୍ କରିଥିଲେ। ଭାରତୀୟ ଦଳ ପକ୍ଷରୁ ଅରୁନ୍ଧତି ରେଡ୍ଡୀ, ରାଧା ଯାଦବ, ଦୀପ୍ତି ଶର୍ମା ଓ ପୁନମ ଯାଦବ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଭାରତୀୟ ଦଳ ୪ ରନ୍ ମଧ୍ୟରେ ଓପନର ପ୍ରିୟା ପୁନିଆଙ୍କ ଉଇକେଟ ହରାଇଥିଲା। ଏହାପରେ ମନ୍ଧାନା ଓ ଜେମିମା ରୋଡ୍ରିଗୁଏଜ ଦ୍ୱିତୀୟ ଉଇକେଟ ପାଇଁ ୯୮ ରନ୍ ଯୋଡ଼ିଥିଲେ। ଏକଦା ଟିମ୍ ଇଣ୍ଡିଆ ଏକ ଉଇକେଟ ୧୦୨ ରନ୍ କରିଥିଲା। ଏହାପରେ ଭାରତୀୟ ବ୍ୟାଟିଂ ତାସ ଘର ଭୁଶୁଡ଼ି ପଡ଼ିଥିଲା। ମାତ୍ର ୩୪ ରନ୍ ମଧ୍ୟରେ ଭାରତୀୟ ଦଳ ତା'ର ବଳାକ ୯ ଉଇକେଟ ହରାଇ ପରାଜୟ ବରଣ କରିଥିଲା। ମନ୍ଧାନା ୩୪ ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୩ ଛକା ସହାୟତାରେ ୫୮ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଡ୍ରିଗୁଏଜ ୩୯ ଓ ହରମନପ୍ରୀତ କୌର ୧୭ ରନ୍ କରିଥିଲେ। ବିଜୟୀ ଦଳ ଲାଗି ଲିଆ ତାହୁହୁ ୩ ଉଇକେଟ ନେଇଥିଲେ। ୩ ମ୍ୟାଚ୍ ବିଶିଷ୍ଟର ଦ୍ୱିତୀୟ ମ୍ୟାଚ୍ ଶୁକ୍ରବାର ଖେଳାଯିବ।



ଉଲ୍ଲସିତ ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ ଦଳ।

## ଲିଟିଲ୍ ଷ୍ଟାର୍ସ କ୍ରିକେଟ୍ ଫାଇନାଲରେ ସହିଦ୍ ସ୍ପୋର୍ଟିଂ



ଭୁବନେଶ୍ୱର, ୬।୨(ସ୍ପୋର୍ଟ୍ସ ବ୍ୟୁରୋ)- ପ୍ରଗତି ସ୍ପୋର୍ଟ ଆନୁକୂଲ୍ୟରେ ସ୍ଥାନୀୟ ପଡ଼ିଆରେ ଚାଲିଥିବା ଲିଟିଲ୍ ଷ୍ଟାର୍ସ କ୍ରିକେଟ୍ ଲିଗ୍‌ରେ ପ୍ରଥମ ଦଳ ଭାବେ ସହିଦ୍ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଶହୀଦ୍ ସ୍ପୋର୍ଟିଂ ୨୮ ରନରେ ଓ୍ୱାରକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶହୀଦ୍ ସ୍ପୋର୍ଟ ନିର୍ଦ୍ଧାରିତ ୪୦ ଓଭରରେ ୩ ଉଇକେଟ୍ ହରାଇ ୧୪୯ ରନ୍ କରିଥିଲା। ଦଳ ପକ୍ଷରୁ ଦେବଜ୍ୟୋତି ଦାସ ପଟ୍ଟନାୟକ ୫୦* ଓ ଗୁରୁ ପ୍ରସାଦ ମଲ୍ଲିକ ୪୧ ରନ କରିଥିଲେ। ଜବାବରେ ଓ୍ୱାର ୧୨୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପକ୍ଷରୁ ଶାଶ୍ୱତ ରାଉତ ୫ ଉଇକେଟ୍ ଅକ୍ତିଆର କରିଥିଲେ। ଅର୍ଦ୍ଧଶତକୀୟ ଇନିଂସ ପାଇଁ ଦେବଜ୍ୟୋତି ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ଗୁରୁବାର ଗ୍ରାଡ୍ କ୍ରିକେଟ୍ ଏକାଡେମୀ ଓ ଆଥ୍ଲେଟିକ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ୨ୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# କ୍ଲାଉଡ୍ ଇଲେଭେନ, କଳିଙ୍ଗ ପାନ୍ଥର୍ସ ବିଜୟୀ





ରାଜେଶ ପାଇକରାୟ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

**କର୍ପୋରେଟ ପ୍ରିମିୟର ଲିଗ୍**

ଭୁବନେଶ୍ୱର, ୬।୨(କ୍ରୀଡ଼ା ପ୍ରତିନିଧି)

ସୋଆ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଚାଲିଥିବା କର୍ପୋରେଟ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ୨ଟି ମ୍ୟାଚରେ କ୍ଲାଉଡ ଇଲେଭେନ ଓ କଳିଙ୍ଗ ପାନ୍ଥର୍ସ ବିଜୟ ହାସଲ କରିଛନ୍ତି। ଏହି ଦୁଇ ଦଳ ଯଥାକ୍ରମେ ଭୁବନେଶ୍ୱର ଜ୍ୟାଣ୍ଟ୍ସ ଓ ସ୍ମାର୍ଟ୍ସ ଏକାଦଶକୁ ପରାସ୍ତ କରିଛନ୍ତି। ଏଥିସହିତ କଳିଙ୍ଗ ପାନ୍ଥର୍ସ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ୯୦ ରନ ସ୍କୋର କରିବା ସହିତ ୨ଟି ଉଇକେଟ ନେଇଥିବା କ୍ଲାଉଡ୍ ଇଲେଭେନର ରାଜେଶ ପାଇକରାୟ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

## ମୁମ୍ବାଇ ବିଶ୍ୱବିଦ୍ୟାଳୟର ବୃହତ୍ ବିଜୟ

**କିଟ୍ ପ୍ରିମିୟର ଲିଗ୍**



ମୁମ୍ବାଇ ବିଶ୍ୱବିଦ୍ୟାଳୟ ଦଳ।

ଭୁବନେଶ୍ୱର, ୬।୨(କ୍ରୀଡ଼ା ପ୍ରତିନିଧି)

କିଟ୍ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ଦିବସରେ ବୁଧବାର ମୁମ୍ବାଇ ବିଶ୍ୱବିଦ୍ୟାଳୟ ବୃହତ୍ ବିଜୟ ହାସଲ କରିଛି। ଏହି ଦଳ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ୧୦୮ ରନରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୯୦ ରନ କରିଥିଲା। ଜବାବରେ ରେଭେନ୍ସା ୧୫.୫ ଓଭରରେ ୮୨ ରନ କରି ଅଲଆଉଟ ହୋଇଯାଇଥିଲା। ଅନ୍ୟ ମ୍ୟାଚ ଗୁଡ଼ିକରେ ମହର୍ଷି ବିଶ୍ୱବିଦ୍ୟାଳୟ (୧୪୬/୪) ଉତ୍କଳ(୧୪୨/୯)କୁ ୬ ଉଇକେଟରେ ଏବଂ ଉତ୍ତର ପ୍ରଦେଶ ଭିଟିଏସ ପୂର୍ଣ୍ଣିଆ(୧୭୭/୮) ଭୋପାଳର ବର୍କତୁଲ୍ଲା ବିଶ୍ୱବିଦ୍ୟାଳୟ(୧୭୦/୯)କୁ ୭ ରନରେ ପରାସ୍ତ କରିଛି।

## ଷ୍ଟାଇଲରେ ପଦାର୍ପଣ କଲେ ବଜରଙ୍ଗ



ନୂଆଦିଲ୍ଲୀ,୬।୨(ପିଟିଆଇ)

ଭାରତୀୟ ଷ୍ଟାର କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ ଜର୍ମାନର ପେସାଦାର ରେସଲିଂ ଲିଗ୍ ବୁଦେସଲି ଗାରେ ଲିଗାରେ ସ୍ପର୍ଦ୍ଧ୍ୱ ଷ୍ଟାଇଲରେ ପଦାର୍ପଣ କରିଛନ୍ତି। ୨୪ ବର୍ଷୀୟ ରେସଲର ପ୍ରଥମ ଭାରତୀୟ ଭାବେ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ଭିଏଫ୍‌କେ ୦୭ ଷ୍ଟିଫେଲବର ପକ୍ଷରୁ ୬୫ କିଗ୍ରା ଓଜନ ବର୍ଗରେ ଖେଳୁଥିବା ବଜରଙ୍ଗ ବୁଧବାର ଆଲେକଜାଣ୍ଡ୍ରା ଭାଲ୍ଟେଡୋବିରଙ୍କୁ ୧୭-୨ ବ୍ୟବଧାନରେ ପରାସ୍ତ କରିଛନ୍ତି। ବିଜୟ ସହ ପଦାର୍ପଣ କରିଥିବାରୁ ଅତ୍ୟନ୍ତ ଖୁସି ଥିବା ସେ କହିଛନ୍ତି। ଆସନ୍ତା ୯ ତାରିଖରେ ସେ ପରବର୍ତ୍ତୀ ଲିଗ୍ ମ୍ୟାଚ୍ ଖେଳିବେ। ଏହାପରେ ସେ ବୁଲଗେରିଆ ଗସ୍ତ କରି ସେଠାରେ ଡାନ କୋଲୋଭ ନିକୋଲା ପେଟ୍ରୋଭ ଇଣ୍ଟରନ୍ୟାସନାଲ ରେସଲିଂରେ ଅଂଶଗ୍ରହଣ କରିବେ।

■ ନଳିନୀକାନ୍ତ ମହାନ୍ତି ମେମୋରିଆଲ କ୍ରିକେଟ

# ଯାଜପୁର– ଜଗତ୍‌ପୁର ଫାଇନାଲ ଆଜି

ରାଜନଗର,୬।୨

ରାଜନଗର ବୁକ ଫିଜିକେଡିଣ୍ଟି ଖେଳପଡ଼ିଆରେ ଚାଲିଥିବା ରାଜ୍ୟପ୍ରରୀୟ ନଳିନୀକାନ୍ତ ମହାନ୍ତି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ଯାଜପୁରର ଇଲେଭେନ ଷ୍ଟାର କ୍ରିକେଟ ଟିମ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱରର ଶ୍ରୀ କ୍ଷେତ୍ରପାଳ ସ୍ପୋର୍ଟିଂକୁ ୧୯ ରନରେ ହରାଇ ଫାଇନାଲକୁ ଉଠିଛି। ଗୁରୁବାର ଫାଇନାଲରେ ଯାଜପୁର ଓ ଜଗତପୁରର ନିମପୁର ସ୍ପୋର୍ଟିଂ ପରସ୍ପରକୁ ଭେଟିବେ। ଟସ ଜିତି ଯାଜପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୨୨୪ ରନ କରିଥିଲା। ଦଳର ସ୍ୱପ୍ନେଶ ୫୩ ବଲରୁ ୯ଟି ଚୌକା, ୯ଟି ଛକା ସହାୟତାରେ ୧୦୫ ରନ କରିଥିଲେ। ସନ୍ତୋଷ ୧୬ ବଲରୁ ୩୧ ରନ କରିଥିଲେ। ଭୁବନେଶ୍ୱରର ବିଶ୍ୱଭୂଷଣ ୩ଟି ଓ ଦିବ୍ୟାଭୂଷଣ ୨ଟି ଉଇକେଟ ନେଇଥିଲେ। ଭୁବନେଶ୍ୱର ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା। ଦଳର ବିଶ୍ୱଭୂଷଣ ୪୬ ବଲରୁ ୭୬ ରନ ଓ ସତ୍ଯ ରଞ୍ଜନ ୪୧ ବଲରୁ ୪୪ ରନ କରିଥିଲେ। ଯାଜପୁରର ଅଂଶୁମାନ ନାୟକ ଓ ସ୍ୱପ୍ନେଶ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ସ୍ୱପ୍ନେଶ ବିଶ୍ୱାଳଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ତଟବନ୍ଧ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସ୍ୱାଇଁ, ପୁଣ୍ୟତୋୟା ଶିଶୁମନ୍ଦିରର ଅଧକ୍ଷା ସୁଜାତା ମହାନ୍ତି, ଏଲଆଇସିର କ୍ଲବ ମେମ୍ବର ବସନ୍ତ ତରାଇ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

## ସଂକ୍ଷେପରେ

### ୨ ଘର, ୩୦ ବସ୍ତା ଧାନ ପୋଡ଼ିଗଲା

ନାଉଗାଁ, ୬।୨(ସ୍ୱ.ପ୍ର.): ନାଉଗାଁ ବ୍ଲକ ରୋହିଆ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ଅଭୟ ଲେଙ୍କାଙ୍କ ୨ ବଖରା ଘର ପୋଡିଯାଇଛି। ସନ୍ଧ୍ୟା ଦୀପରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଏଥିରେ ଘରେ ଥିବା ୩୦ ବସ୍ତା ଧାନ ଓ ଅନ୍ୟାନ୍ୟ ଜିନିଷପତ୍ର ପୋଡ଼ିଯାଇଛି। ନାଉଗାଁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ଖବରଦାତାଙ୍କୁ ଆକ୍ରମଣ ଘଟଣା
## ଅଭିଯୁକ୍ତଙ୍କ ଜାମିନ ଖାରଜ

କୁଜଙ୍ଗ,୬।୨(ସ୍ୱ.ପ୍ର.)

ଖବରଦାତା ରମାକାନ୍ତ ନାୟକଙ୍କୁ ଗତ ମାସ ୩୧ ତାରିଖରେ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଗିରଫ ଅଭିଯୁକ୍ତ ପାରାଦୀପ ଗଡ଼ର ବିଶ୍ୱନାଥ ବେହେରାଙ୍କ ଜାମିନ ଆବେଦନ ପୁଣି ଥରେ କୁଜଙ୍ଗ ଏଡିଜେ ଖାରଜ କରିଦେଇଛନ୍ତି। ପୂର୍ବରୁ କୁଜଙ୍ଗ ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ବିଶ୍ୱନାଥଙ୍କ ଜାମିନ ଖାରଜ ହୋଇଥିବାବେଳେ ମଙ୍ଗଳବାର ସେ କୁଜଙ୍ଗ ଏଡିଜେଙ୍କ ପାଖରେ ଜାମିନ ଆବେଦନ କରିଥିଲେ। ମାତ୍ର ଏଡିଜେ ପ୍ରଣବ କୁମାର ରାଉତରାୟ ତାଙ୍କ ଜାମିନ ଖାରଜ କରିଦେଇଛନ୍ତି। ଏହି ମାମଲା ସରକାରୀ ଓକିଲ ନଳୀନ ରଞ୍ଜନ ଦାସ ପରିଚାଳନା କରିଥିଲେ।

# ଜଳିଗଲା ୪ ଏକର ଆଖୁ, ୧୦ ଏକର ବିରି ଫସଲ

ନାଉଗାଁ,୬।୨(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଡାବର ପଞ୍ଚାୟତର ମହନାପାରୀ ଗ୍ରାମରେ ୪ଏକର ଆଖୁ ଓ ୧୦ ଏକର ବିରି ଫସଲ ପୋଡ଼ି ପାଉଁଶ ହୋଇଯାଇଛି। ଏନେଇ ଗ୍ରାମର ପ୍ରଶାନ୍ତ ଲେଙ୍କା ନାଉଗାଁ ଥାନାରେ ସୋମବାର ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ପ୍ରଶାନ୍ତ ଢେଙ୍କାନାଳସ୍ଥିତ ଶକ୍ତି ସୁଗାର ଓ କୃଷି ସମବାୟ ସମିତିରୁ ୯୦ ହଜାର ଟଙ୍କା ଋଣ ଆଣିବା ସହି ଧାର ଉଧାର କରି ଆଖୁଚାଷ କରିଥିଲେ। ଆଖୁ କାଟିବାକୁ ପାଲଲହଡ଼ାରୁ ଶ୍ରମିକମାନେ ଆସି ପହଞ୍ଚିଥିଲେ। ଆଖୁ କିଆରି ନିକଟରେ ଗ୍ରାମର


ଜଳି ଯାଇଥିବା ଆଖୁ ଫସଲ।

ରାଜୁ ଲେଙ୍କାଙ୍କ ଧାନ ବିଲ ରହିଛି। ଧାନ କଟା ପରେ ବିଲରେ ନଡ଼ା ପଡିରହିଥିଲା। ଉକ୍ତ ନଡ଼ାରେ ସେ ନିଆଁ ଲଗାଇଥିଲେ। ଉତ୍ତରା ପବନ ହେଉଥିବାରୁ ଆଖୁ କିଆରିରେ ନିଆଁ ଲାଗିଯାଇଥିଲା। ଆଖୁ ଜଳିବା ସହିତ ଜମି ନିକଟରେ ଥିବା ଅନେକ ବିରି ଫସଲ ମଧ୍ୟ ଜଳିଯାଇଛି। ନାଉଗାଁ ଦମକଳ ଗାଡ଼ି ଯାଇ ନିଆଁକୁ ଆୟତ୍ତ କରିବା ବେଳକୁ ଆଖୁ କିଆରି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏହାର ଉପଯୁକ୍ତ ତଦନ୍ତ କରି କ୍ଷତିପୂରଣ ପ୍ରଦାନ କରିବାକୁ ପ୍ରଶାନ୍ତ ଦାବି କରିଛନ୍ତି। ଏସଆଇ ସୁଶାନ୍ତ ବଳ କହିଛନ୍ତି ଯେ, ମାମଲା ରୁଜୁ ହେବା ସହିତ ଅଭିଯୁକ୍ତଙ୍କୁ ଥାନାକୁ ଡକାଯାଇଛି।

## ହତ୍ୟା ଅଭିଯୁକ୍ତଙ୍କୁ ୪ ବର୍ଷ ଜେଲ

କୁଜଙ୍ଗ,୬।୨(ସ୍ୱ.ପ୍ର.)

ପାରାଦୀପରେ ହୋଇଥିବା ଏକ ହତ୍ୟା ମାମଲାର ବିଚାର କରି ବୁଧବାର କୁଜଙ୍ଗ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ଅଭିଯୁକ୍ତ ରାବେଣା ବେହେରାଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୧୪ ଜୁନ୍ ୨୪ରେ ରାବେଣା ଓରଫ ଲାବନ୍ୟ ବେହେରା(୩୮) ପାରାଦୀପର ଏକ ମାଛ ବିକ୍ରୟ କେନ୍ଦ୍ରରେ ଗଞ୍ଜାମ ଜିଲା ସୁନପୁର ଗୋଲନ୍ଥରାର ମାଧବ ବେହେରାଙ୍କୁ ପଛରୁ ଧକ୍କା ମାରିଥିଲେ। ଏଥିରେ ମାଧବଙ୍କ ମୁଣ୍ଡ ପଛ ପାର୍ଶ୍ୱ ମାଡ଼ହୋଇ ରକ୍ତସ୍ରାବ ହେବା ସହ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ମାମଲା ସରକାରଙ୍କ ପକ୍ଷରୁ ଅତରିକ୍ତ ଜିଲା ପବ୍ଲିକ୍ ପ୍ରସିକ୍ୟୁଟର ନଳିନୀ ରଞ୍ଜନ ଦାସ ପରିଚାଳନା କରୁଥିଲେ।

# ଅଡିଟ୍ ପାଇଁ ବିଦ୍ୟାଳୟରୁ ଚାନ୍ଦା ଆଦାୟ

ଜଗତ୍‌ସିଂହପୁର ଅଫିସ,୬।୨

**ଜଗତ୍‌ସିଂହପୁର ଜିଲା ଶିକ୍ଷା ବିଭାଗ**

ଏବେ ବିଦ୍ୟାଳୟଗୁଡିକର ମଧ୍ୟାହ୍ନଭୋଜନ ଉପରେ ଜଗତ୍‌ସିଂହପୁର ବ୍ଲକରେ ଅଡିଟ୍ ଚାଲିଛି। ତେବେ ମଧ୍ୟାହ୍ନଭୋଜନ ପ୍ରଦାନ କ୍ଷେତ୍ରରେ ଥିବା ବ୍ୟତିକ୍ରମ ଧରାପଡ଼ିବା ଆଶଙ୍କାରେ ଅଡିଟରମାନଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ ହେଉଥିବା କୁହାଯାଉଛି। ଏପରିକି ବିଦ୍ୟାଳୟ ପିଛା ୫୦୦ ଟଙ୍କା ହିସାବରେ ଚାନ୍ଦା ଆଦାୟ ହେଉଥିବା ଭଳି କଥା ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ମାନସ ରଞ୍ଜନ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ମଧ୍ୟାହ୍ନଭୋଜନ ଉପରେ ଅଡିଟ୍ ଚାଲିଛି ସତ। କିନ୍ତୁ ଅଡିଟରଙ୍କୁ ସନ୍ତୁଷ୍ଟ କରିବା ପାଇଁ ଚାନ୍ଦା ଆଦାୟ ଭଳି କୌଣସି ଅଭିଯୋଗ ତାଙ୍କର ହସ୍ତଗତ ହୋଇନାହିଁ। ତଥାପି ସେ ଏହା ଉପରେ ଅନୁଧ୍ୟାନ କରିବେ ବୋଲି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ କେତେଜଣ ଶିକ୍ଷକ ନାମ ଗୋପନ ରଖି କହିଛନ୍ତି, ସିଆର୍‌ସିଏସ୍‌ମାନଙ୍କ ମାଧ୍ୟମରେ ଚାନ୍ଦା ହେଉଛି। ଏହି ସିଆର୍‌ସିଏସ୍‌ମାନେ କାହା ନିର୍ଦ୍ଦେଶରେ ଚାନ୍ଦା ଆଦାୟ କରୁଛନ୍ତି କି ନିଜ ପାଣ୍ଠି ବୃଦ୍ଧି ପାଇଁ କରୁଛନ୍ତି ତାହା ଜଣାନାହିଁ। କୁହାଯାଉଛି ଅଡିଟର୍‌ମାନଙ୍କୁ ସନ୍ତୁଷ୍ଟ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳରେ ୨୦୦ରୁ ଅଧିକ ଶିକ୍ଷାନୁଷ୍ଠାନରେ ମଧ୍ୟାହ୍ନଭୋଜନ ଦିଆଯାଉଛି। ଯଦି ପ୍ରତି ବିଦ୍ୟାଳୟରୁ ୫୦୦ ଲେଖାଏଁ ଆଦାୟ ହେଉଥାଏ ତେବେ ୧ ଲକ୍ଷ ଟଙ୍କା ସଂଗ୍ରହ ହେବ। ଏହି ଟଙ୍କା ଅଡିଟରମାନଙ୍କୁ ନ ଦେଲେ ସେମାନେ କାଳେ କୌଣସି ପ୍ରକାରେ ଭୁଲ ବାହାର କରିଦେବେ ବୋଲି କୁହାଯାଉଛି।

## ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ

କୁଜଙ୍ଗ,୬।୨(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ୍ ଗୋପିଆକୁଦ ପଞ୍ଚାୟତର କାଳିଆପାଟ(ତାଳଦଣ୍ଡା) ଗ୍ରାମରେ ୧୨ଦିନ ଧରି ଚାଲିଥିବା ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ ହୋଇଛି। ମହାପ୍ରଭୁଙ୍କ ସେବକ ଭାବଗ୍ରାହୀ ଦାସଙ୍କ ତତ୍ତ୍ୱାବଧାନରେ ଏହି ଯଜ୍ଞ ପୌଷ ଶୁକ୍ଳ ଚତୁର୍ଦ୍ଦଶୀରୁ ଆରମ୍ଭ ହୋଇଥିଲା। ଏହି ଅବସରରେ ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ପାଲା, ପ୍ରବଚନ ଓ ଭଜନ କାର୍ଯ୍ୟକ୍ରମ କରାଯାଇଥିଲା।















3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



"ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ ସେନାପତି

## ■ ନିର୍ମାଣକୁ ୩ ବର୍ଷ ବିତିଲା

# କାମରେ ଲାଗୁନି ଉଠାଜଳସେଚନ ପ୍ରକଳ୍ପ

**ରସୁଲପୁର,୬।୨(ଡି.ଏନ.ଏ.)**



- ■ପ୍ରକଳ୍ପ ପାଇଁ ୩ ଲକ୍ଷ ଟଙ୍କା ବ୍ୟୟବରାଦ
- ■ଯାନ୍ତ୍ରିକ ତ୍ରୁଟି ଯୋଗୁ ପ୍ରକଳ୍ପ ଅଚଳ
- ■ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲେ ଚାଷୀ

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ବିଲିପଡା ଗ୍ରାମରେ ମା' ବୁଢ଼ୀ ଭାଲୁଗୁଣୀ ପାଣି ପଞ୍ଚାୟତ ପ୍ରକଳ୍ପ ନିର୍ମାଣ ହୋଇଛି। ଏହି ପ୍ରକଳ୍ପ ଜାରକା ଉଠା ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ଅଧୀନରେ ରହିଛି। ହେଲେ ପ୍ରକଳ୍ପ ନିର୍ମାଣକୁ ୩ ବର୍ଷ ବିତିଯାଇଥିଲେ ମଧ୍ୟ ଯାନ୍ତ୍ରିକ ତ୍ରୁଟି ଯୋଗୁ କାମରେ ଲାଗୁନାହିଁ। ଫଳରେ ଚାଷଜମିକୁ ଜଳଯୋଗାଣ ହୋଇପାରୁନାହିଁ। ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ୧୩ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ସରକାର ଚାଷଜମିକୁ ଜଳଯୋଗାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଦୁର୍ନୀତିଖୋର ମନୋଭାବ ଓ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଯୋଗୁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହେବା ପରଠାରୁ ଅଚଳ ହୋଇଯାଉଛି। ଏଥିରେ ବିଭାଗୀୟ ଅଧିକାରୀଙ୍କ ନୀରବତା ଓ ଠିକାଦାରଙ୍କ ପ୍ରତି ଅହେତୁକ ଅନୁକମ୍ପାକୁ ଦାୟୀ କରାଯାଉଛି। ଏ ସମ୍ପର୍କରେ ତଦନ୍ତ କରାଯିବା ସହ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି।

୨୦୧୪-୧୫ ଆର୍ଥିକ ବର୍ଷରେ ବିଲିପଡା ପାଟସ୍ଥିତ ୫୦ଏକର ଚାଷ ଜମିକୁ ପାଣି ଯୋଗାଇବା ପାଇଁ ପ୍ରକଳ୍ପ ନିର୍ମାଣ ହୋଇଥିଲା। ଉକ୍ତ ପ୍ରକଳ୍ପକୁ ନେଇ ଟେଣ୍ଡର ପ୍ରକ୍ରିୟା ସରିବା ପରେ ୨୦୧୫ ନଭେମ୍ବର୧୯ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୮ମାସ ପରେ ଅର୍ଥାତ ୨୦୧୬ ଜୁଲାଇ୨୮ତାରିଖରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ପ୍ରକଳ୍ପ ପାଇଁ ୧୦୪ଜଣ ଚାଷୀଙ୍କୁ ନେଇ ବୁଢ଼ୀ ଭାଲୁଗୁଣୀ ପାଣି ପଞ୍ଚାୟତ ନାଁରେ ଏକ କମିଟି ଗଠନ କରାଯାଇଥିଲା। ଚାଷୀଙ୍କର ୫୦ଏକର ଚାଷଜମିକୁ ବର୍ଷସାରା ପାଣି ଯୋଗାଇବା ପାଇଁ ପ୍ରକଳ୍ପଟି ଉଦ୍ଦିଷ୍ଟ ଥିଲା। ସେହି ଅନୁସାରେ ଜମିରେ ପାଇପ୍ ବିଛା ଯାଇଥିଲା। ପମ୍ପ ହାଉସ୍ ଘର ନିର୍ମାଣ କରାଯିବା ସହ ଏକ ଗଭୀର ନଳକୂପ ଖନନ କରାଯାଇଥିଲା । ଉକ୍ତ ବୋରିଂରେ ୭.୫କେଭିର ଏକ ପାଣି ପମ୍ପ ସଂଯୋଗ କରାଯିବା ସହ ବିଦ୍ୟୁତ ବିଭାଗ ପକ୍ଷରୁ ପ୍ରକଳ୍ପ ସ୍ଥଳରେ ଏକ ଟ୍ରାନ୍ସଫର୍ମର ସଂଯୋଗ କରାଯାଇଥିଲା। ସମସ୍ତ କାର୍ଯ୍ୟ ସରିବା ପରେ ପ୍ରକଳ୍ପକୁ ପାଣି ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିଲା। ହେଲେ ପ୍ରକଳ୍ପ ଶୁଭାରମ୍ଭ ଦିନ ହିଁ ପମ୍ପଟି ଅଚଳ ହୋଇଯାଇଥିଲା। ମୋଟର ଚଳାଇବା ସମୟରେ ପମ୍ପରୁ ପାଣି ଉଠି ନ ଥିଲା। ମୋଟରରେ ଲାଗିଥିବା ଷ୍ଟାର୍ଟରରେ ତ୍ରୁଟି ଯୋଗୁ ପାଣି ଉଠୁନାହିଁ ବୋଲି ଅଧିକାରୀ ସଫେଇ ଦେଇ ମେଶିନ୍ ବଦଳାଇ ଦେଲେ ପାଣି ବାହାରିବ ବୋଲି କହି ଚାଲିଯାଇଥିଲେ। ଏପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀଙ୍କ ଦେଖାନାହିଁ। ଚାଷଜମିକୁ ପାଣି ଯୋଗାଇବା ଏକ ପ୍ରହସନ ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଏବେ ପାଣି ପଞ୍ଚାୟତ ଅଧୀନରେ ଥିବା ଚାଷୀ ନିଜ ଖର୍ଚ୍ଚରେ ବୋରିଂ କରି କ୍ଷେତକୁ ପାଣି ଯୋଗାଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଶେଷଦେବ ମହାଳିକଙ୍କୁ ପଚାରିବାରେ, ପ୍ରକଳ୍ପରେ ରହିଥିବା ତ୍ରୁଟିକୁ ସ୍ୱୀକାର କରିଛନ୍ତି। ଏ ଦିଗରେ ଉପୁଜିଥିବା ସମସ୍ୟାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

## ବୀରସୁରେନ୍ଦ୍ର ସାଏ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ ସଫଳତା

**କଳିଙ୍ଗନଗର, ୬।୨(ଡି.ଏନ୍.ଏ):** ଯାଜପୁର ଜିଲା କଳିଙ୍ଗନଗର ଟୋଲକାନି ଅଞ୍ଚଳର ହେମନ୍ତ କୁମାର ପୃଷ୍ଟିଙ୍କ ପୁତ୍ର ହୃଦାନନ୍ଦ ଆଲ୍‌ମୁନିୟମ କନ୍‌ଫରେନ୍ସରେ ନିଜର ପ୍ରକଳ୍ପ ପ୍ରଦର୍ଶନ କରି ଶ୍ରେଷ୍ଠ ଉପସ୍ଥାପକଭାବେ ପୁରସ୍କୃତ ହୋଇଛନ୍ତି। ଏହା ଇନ୍‌କଲ - ୨୦୧୯ ଅର୍ନ୍ତଜାତୀୟ ମାଗାଜିନରେ ସ୍ଥାନ ପାଇଛି। ହୃଦାନନ୍ଦ ବୁର୍ଲାସ୍ଥିତ ବୀରସୁରେନ୍ଦ୍ର ସାଏ ବିଶ୍ୱବିଦ୍ୟାଳୟ(ଭିସୁଟ)ର ତୃତୀୟ ବର୍ଷ ବିଟେକ ଛାତ୍ର ଭାବେ ଅଧ୍ୟୟନ କରୁଛନ୍ତି। ସେ ଗତ ୨ ତାରିଖରେ ଭୁବନେଶ୍ୱରସ୍ଥିତ ହୋଟେଲ ସ୍ୱସ୍ତି ପ୍ରିମିୟରରେ ଆୟୋଜିତ ଏକ କନ୍‌ଫରେନ୍ସରେ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

#IAmAndIWill
ଲକ୍ଷଣକୁ ଅଣଦେଖା କଲେ କ୍ୟାନସର୍ ମୃତ୍ୟୁକୁ ଡ଼ାକିଆଣେ
ବିଳମ୍ବ ହେବା ଆଗରୁ କର୍କଟ ରୋଗର ପ୍ରାଥମିକ ଲକ୍ଷଣ କିପରି ଚିହ୍ନଟ କରିବେ ଜାଣନ୍ତୁ



ଏ.ଏମ୍.ଆର.ଆଇ ଏସିଆନ କ୍ୟାନସର୍ ଇନ୍‌ଷ୍ଟିଚ୍ୟୁଟ୍ ବିଶ୍ୱମାନର କର୍କଟ ରୋଗ ଚିକିତ୍ସା ପ୍ରଦାନ କରିଆସୁଛି
ଏ.ଏମ୍.ଆର.ଆଇ- ଏସିଆନ୍ କ୍ୟାନସର୍ ଇନ୍‌ଷ୍ଟିଚ୍ୟୁଟ୍‌ର ବିଶେଷତ୍ୱ
• କର୍କଟ ରୋଗର ଅତ୍ୟାଧୁନିକ ଚିକିତ୍ସା, ଆପଣଙ୍କ ନିକଟରେ
• ୪୦ ବର୍ଷରୁ ଉର୍ଦ୍ଧ୍ୱ ଅଭିଜ୍ଞତା ଥିବା ଅଙ୍କୋଲୋଜିଷ୍ଟ (କର୍କଟ ରୋଗ ବିଶେଷଜ୍ଞ)
• ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସୁପର-ସ୍ପେସିଆଲିଷ୍ଟ
• କର୍କଟ ରୋଗର ଜଟିଳ ଏବଂ ବିରଳ ଅସ୍ତ୍ରୋପଚାର କରାଯାଏ ଯଥା: ହ୍ୱିପିଲ୍‌ସ, ୩-ଫିଲ୍ଡ ଓସୋଫାଗଲ୍, ଥୋରାସିକ୍
• ଅତ୍ୟାଧୁନିକ ରୋବୋଟିକ୍ ସର୍ଜରୀ ଉପଲବ୍ଧ (ଡା ଭିନ୍‌ସି)
• କର୍କଟ ରୋଗର ଅତ୍ୟାଧୁନିକ ଡାକ୍ତରୀ ପରିଚାଳନା - ଟାରଗେଟେଡ୍, ବାୟୋଲୋଜିକାଲ ଏବଂ ହରମୋନ ଥେରାପି
• ଲ୍ୟୁକେମିଆ (ରକ୍ତ କର୍କଟ)ର ବିଶେଷ ଚିକିତ୍ସା ସେବା
• ସୁବିଧା ମୁଲ୍ୟରେ ପରିପୂର୍ଣ୍ଣ କର୍କଟରୋଗ ଚିକିତ୍ସା ସେବା
ଆରମ୍ଭ ହେଉଛି... ଓଡ଼ିଶାରେ ପ୍ରଥମ ଥର ପାଇଁ
URJA ଆମ୍ରି କ୍ୟାନସର୍ ସପୋର୍ଟ
କର୍କଟ ରୋଗ ଯାଞ୍ଚ୍ ପ୍ୟାକେଜ୍
ଟ. ୧୯୯୦/- (ପୁରୁଷ)
ଟ. ୨୪୯୦/- (ମହିଳା)
ସ୍ପେସିଆଲିଟି କ୍ୟାନସର୍ କ୍ଲିନିକ୍ ସମୂହ
ଲିମ୍ଫୋମା ଏବଂ ଲ୍ୟୁକେମିଆ କ୍ଲିନିକ୍ । ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟିନାଲ୍ କ୍ୟାନସର୍ କ୍ଲିନିକ୍
ହେଡ ଆଣ୍ଡ ନେକ୍ କ୍ୟାନସର୍ କ୍ଲିନିକ୍ । ବ୍ରେଷ୍ଟ କ୍ୟାନସର୍ କ୍ଲିନିକ୍
ଗାଇନାକୋଲୋଜିକାଲ କ୍ୟାନସର୍ କ୍ଲିନିକ୍ । ଲଙ୍ଗସ୍ ଆଣ୍ଡ ଚେଷ୍ଟ କ୍ୟାନସ୍‌ର କ୍ଲିନ୍‌କ୍। ପ୍ରୋଷ୍ଟେଟ୍ କ୍ୟାନସ୍‌ର କ୍ଲିନ୍‌କ୍
ଡାକ୍ତରୀ ପରୀକ୍ଷା ଉପରେ ୨୦% ସଞ୍ଚୟ କରନ୍ତୁ, ମାଗଣା ପଞ୍ଜିକରଣ, ୧୫ ଦିନ ମଧ୍ୟରେ ପରବର୍ତୀ ପରାମର୍ଶ ମାଗଣା
*T & C Apply
ଏହି ପ୍ୟାକେଜ୍ ୧-୨୮ ଫେବୃୟାରୀ ୨୦୧୯ ପର୍ଯ୍ୟନ୍ତ ବୈଧ
ପରାମର୍ଶ ସମୟ ଧାର୍ଯ୍ୟ ପାଇଁ କଲ କରନ୍ତୁ: ୯୯୩୭୪୪୮୮୪ । ୦୬୭୪-୬୬୬୬୬୦୦
Asian Cancer Institute Reviving Hopes...
AMRI HOSPITALS BHUBANESWAR
ଏ.ଏମ୍.ଆର.ଆଇ ହସ୍ପିଟାଲସ୍, ଖଣ୍ଡଗିରି, ଭୁବନେଶ୍ୱର - ୭୫୧୦୩୦
www.amrihospitals.in
ଭୁବନେଶ୍ୱର । ଧାକୁରିଆ । ମୁକୁନ୍ଦପୁର । ସଲ୍ଟଲେକ । ସଦର୍ଣ୍ଣ ଆଭେନ୍ୟୁ

# ୩ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଦଶରଥପୁର,୬।୨(ଡିଏନ୍‌ଏ)**

ଦଶରଥପୁର ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ୩ କର୍ମଚାରୀଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ୍ମ ମୃତ୍ୟୁ ପଞ୍ଜୀକରଣ ବିଭାଗ କିରାଣି ନିରଞ୍ଜନ ତ୍ରିପାଠୀ, ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଦଶରଥପୁର ସେକ୍ଟରର ବହୁମୁଖୀ ସ୍ୱାସ୍ଥ୍ୟ ସୁପରଭାଇଜର ବାଇଧର ମଲ୍ଲିକ, ଝାଡଗାଁ ସ୍ୱାସ୍ଥ୍ୟ ଉପଖଣ୍ଡର ମହିଳା ସ୍ୱାସ୍ଥ୍ୟକର୍ମୀ ସାରଳାରାଣୀ ମଲ୍ଲିକଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଦଶରଥପୁର ବ୍ଲକର ପ୍ରସିଦ୍ଧ ଶକ୍ତି ପୀଠ କୁଆଁସ ମଙ୍ଗଳା ପୀଠଠାରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉମାକାନ୍ତ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବାରିସ୍ ଦାସ, ଜିଲା ଉପ ଚିକିତ୍ସାଧିକାରୀ କାହ୍ନୁଚରଣ ନାୟକ, ଆଡିଶନାଲ୍ ଡିଷ୍ଟ୍ରିକ୍ଟ ହେଲ୍‌ଥ ଅଫିସର (ଟିବି) ଗୋପାଳ ମଲ୍ଲିକ୍, ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ ବରିଷ୍ଠ ଚିକିତ୍ସକ ନିରଞ୍ଜନ ପତି, ଏଡିଏମ୍‌ଓ, ଡାକ୍ତର ପ୍ରଣତି ନାୟକ(ଡିଏଲ୍‌ଓ), ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରାଜେନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଏହା ଅଧୀନରେ ଥିବା ୫ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଅଜୟ କର, ନିରାକର ଦାସ, କାଶିନାଥ ଜେନା, ଧର୍ମାନନ୍ଦ ପ୍ରଧାନ ପ୍ରମୁଖ ସହାୟତା କରିଥିଲେ।

### ବେଆଇନ ବାଲି ଉଠାଣକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

# ୨ ଆହତ, ଟ୍ରାକ୍ଟର ଜବତ

**ରସୁଲପୁର,୬।୨(ଡି.ଏନ.ଏ.):** ରସୁଲପୁର ତହସିଲ ଅଧୀନ ନରସିଂହପୁର ରାଜସ୍ୱ ନିରୀକ୍ଷକ ସର୍କଲର ପରିଡାବାଦ ଘାଟରୁ ମଙ୍ଗଳବାର ବେଆଇନ ବାଲି ଉଠାଣକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ଯୋଗୁ ୨ ଜଣ ଆହତ ହୋଇଛନ୍ତି। ପରିଡ଼ାବାଦ ଗ୍ରାମର ପ୍ରଭାତ ଦଳେଇ, ପ୍ରଫୁଲ୍ଲ ଦଳେଇ ଓ ପ୍ରମୋଦ ଦଳେଇ ଟ୍ରାକ୍ଟର ଯୋଗେ ନଦୀଘାଟରୁ ବାଲି ଉଠାଣ କରୁଥିଲେ। ଉକ୍ତ ଗ୍ରାମର ପ୍ରମୋଦ ପଣ୍ଡା ଓ ଦୀପକ ସାହୁ ଏହାକୁ ବିରୋଧ କରିଥିଲେ। ଘଟଣାସ୍ଥଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଧସ୍ତାଧସ୍ତି ହେବାରୁ ପ୍ରମୋଦ ଓ ଦୀପକ ଆହତ ହୋଇଥିଲେ। ଏ ନେଇ ପ୍ରମୋଦ ଓ ଦୀପକ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (୨୭/୧୮) ରୁଜୁ କରି ତଦନ୍ତ କରିବା ସହ ଟ୍ରାକ୍ଟର(ଓଡି-୦୪ଜି-୪୯୫୭କୁ ଜବତ କରି ଥାନାରେ ରଖିଛି। ପ୍ରକାଶ ଯେ, ଏହି ନଦୀ ଘାଟରୁ ବେଆଇନ ବାଲି ଉଠାଣକୁ ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ଯୋଗୁ ୬ମାସ ଧରି ବାଲି ଉଠାଣ ବନ୍ଦ ହୋଇଯାଇଥିଲା। ଏବେ ପୁନଶ୍ଚ ବାଲି ଉଠାଣକୁ ନେଇ ଉତ୍ତେଜନା ଦେଖାଦେଇଛି।

# ଦୀପ ମହାଯଜ୍ଞ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

**ରସୁଲପୁର,୬।୨(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁରସ୍ଥିତ ପ୍ରସିଦ୍ଧ ଐତିହାସିକ ପୀଠ ମଧୁତୀର୍ଥଠାରେ ଦ୍ୱାଦଶ ବାର୍ଷିକ ରାଷ୍ଟ୍ର ଜାଗରଣ ଦୀପ ମହାଯଜ୍ଞ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଫେବୃୟାରୀ ୮ରୁ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବ। ୩ଦିନ ବ୍ୟାପୀ ଯଜ୍ଞ ଅନୁଷ୍ଠିତ ହେବ। ଯଜ୍ଞ ପ୍ରାରମ୍ଭରେ ଧର୍ମଧ୍ୱଜ ଉତ୍ତୋଳନ, ଅଖଣ୍ଡଦୀପ ପ୍ରଜ୍ୱଳନ, କଳସ ଶୋଭାଯାତ୍ରା ଓ ଯଜ୍ଞକାର୍ଯ୍ୟ ଆଦି ପରିଚାଳନା କରାଯିବା ନେଇ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି। ଯଜ୍ଞ ଅବସରରେ ଧର୍ମାଳାପ, ପ୍ରବଚନ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗରିବ ପିଲାଙ୍କୁ ପୁଂସବନ, ନାମକରଣ, ଅନ୍ନପ୍ରାଶନ, ମୁଣ୍ଡନ, ବିଦ୍ୟାରମ୍ଭ, ଦୀକ୍ଷା ଆଦି ମାଗଣାରେ ପ୍ରଦାନ କରାଯିବ। ଏଥିସହ ଶ୍ରଦ୍ଧାଳୁଙ୍କୁ ଶୁଦ୍ଧପୁତ ଭାବେ ଯଜ୍ଞକୁଣ୍ଡରେ ନାନା ସାମଗ୍ରୀ ଦାନ କରିପାରିବାର ସୁଯୋଗ ଦିଆଯିବ। ଯଜ୍ଞ ପରିଚାଳନା କମିଟି ପକ୍ଷରୁ ଆନନ୍ଦ ବଜାରରେ ପ୍ରସାଦର ବନ୍ଦୋବସ୍ତ କରାଯାଇଛି। ସତ୍ୟସାଇ ସେବା ସଂଗଠନ କଲଣ ଶାଖା ପକ୍ଷରୁ ଭକ୍ତଙ୍କୁ ସେବା ଯୋଗାଇ ଦିଆଯିବ ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ■ବଡ଼ଚଣା ପଞ୍ଚାୟତ ସମିତି ବୈଠକ

# ଉନ୍ନୟନମୂଳକ କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ

**ଚଣ୍ଡିଖୋଲ,୬।୨(ଡି.ଏନ.ଏ.)**



ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ।

ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବୁଧବାର ବଡ଼ଚଣା ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଳିକ ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତ ନିର୍ବାଚନର ଦୁଇ ବର୍ଷ ପୂରଣ ହେବାକୁ ଅଳ୍ପ କିଛି ଦିନ ବାକି ଥିଲାବେଳେ ବ୍ଲକ ପ୍ରଶାସନ ତରଫରୁ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇ ନ ଥିବା ନେଇ ପଞ୍ଚାୟତ ପ୍ରତିନିଧି ଅଭିଯୋଗ କରିଥିଲେ। ୨ବର୍ଷ ମଧ୍ୟରେ ବଡ଼ଚଣାରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଆଦିରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଥିବା ଅଭିଯୋଗ କରିଥିଲେ। ବହୁ ବିଦ୍ୟାଳୟରେ ଶିକ୍ଷକ ନ ଥିଲାବେଳେ ପିଲାଙ୍କ ପାଇଁ ଆସୁଥିବା ମଧ୍ୟାହ୍ନଭୋଜନ ହଡ଼ପ କରାଯାଉଛି। କେତେକ ବିଦ୍ୟାଳୟରେ ଶ୍ରେଣୀ ଗୃହ ନ ଥିବା ସହ ବିଦ୍ୟାଳୟର ନିମ୍ନମାନର ପରିବେଶ ନେଇ ମାଣ୍ଡୁକା ସମିତି ସଭ୍ୟ କିଶୋର ରାଉତ, ସରପଞ୍ଚ ନୀଳମଣି ରାଉତ, ଶରତ କୁମାର ସାମଲ, ତପସ୍ୱିନୀ ବାରିକ ପ୍ରମୁଖ ଅଭିଯୋଗ କରିଥିଲେ। ସେହିଭଳି ସମସ୍ତ ପଞ୍ଚାୟତରେ ପାନୀୟଜଳ ସଙ୍କଟ ରହିଥିବା ବେଳେ ଏପର୍ଯ୍ୟନ୍ତ ନଳକୂପ ଖନନ କିମ୍ବା ଜଳ ଯୋଗାଣର ବ୍ୟବସ୍ଥା କରାଯାଉନାହିଁ। ଆବଶ୍ୟକ ସ୍ଥଳେ ପିଇବା ପାଣି ଦିଆଯାଉ ନ ଥିଲାବେଳେ ପାଇଖାନା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ସେହିଭଳି ବହୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି। ଏପରିକି ଗ୍ରାମାଞ୍ଚଳରେ ରହୁଥିବା ସ୍ୱାସ୍ଥ୍ୟ କର୍ମୀ ଗ୍ରାମକୁ ଯାଉନାହାନ୍ତି। ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟରେ ଜଣେ ଡାକ୍ତର ସପ୍ତାହରେ ମାତ୍ର ତିନି ଦିନ ଆସୁଛନ୍ତି। ଜଣେ ନର୍ସଙ୍କ ଦାୟିତ୍ୱରେ ଡାକ୍ତରଖାନା ଚାଲୁଥିବା ଅଭିଯୋଗ କରିଛନ୍ତି। ସମିତିସଭ୍ୟ ସୁରେଶ ଚନ୍ଦ୍ର ନାୟକ, ଅମିୟ ବିଶ୍ୱାଳ, ସରପଞ୍ଚ ନୟନା ବେହେରା, ନିବେଦିତା ସାହୁ, ମୀନାକ୍ଷୀ ମିଶ୍ର ପ୍ରମୁଖ ଅଭିଯୋଗ କରିଥିଲେ। ଏହାର କୌଣସି ପ୍ରତିଶ୍ରୁତି ମିଳି ନ ଥିଲା। ବିଡିଓ ଅଜିତ ନାରାୟଣ ଗିରି, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ବିପିନ ବିହାରୀ ଜେନା, ଏମ୍‌ପି ପ୍ରତିନିଧି ପଞ୍ଚାନନ ଧଳ, ଏବିଡିଓ ଶାଶ୍ୱତ ଜେନାଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ ବୈଠକରେ ଯୋଗ ଦେଇଥିଲେ।

୩୦ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୧୯
(ତା.୦୪/୦୨/୨୦୧୯ ଠାରୁ ତା.୧୦/୦୨/୨୦୧୯)
"ସଡ଼କ ସୁରକ୍ଷା - ଜୀବନ ରକ୍ଷା"
ବାରମ୍ବାର ମୋଟରଯାନ ଆଇନ ଉଲଂଘନକାରୀଙ୍କ ଠାରୁ ଦୁଇ/ତିନିଗୁଣ ଜରିମାନା ଆଦାୟ ବ୍ୟବସ୍ଥା
ମୋଟର ଯାନ ଆଇନ ଉଲଘଂନକାରୀ ଯାନ ତଥା ଚାଳକ ମାନଙ୍କୁ ଦଣ୍ଡିତ କରିବାରେ ସହାୟକ ହେବା ନିମନ୍ତେ ତଥା ଜନସାଧାରଣଙ୍କ ସୁବିଧା ନିମନ୍ତେ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ଡ଼ିସେମ୍ବର ୨୦୧୮ ରୁ ଇ-ଚାଲାଣ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଏହି ବ୍ୟବସ୍ଥାର ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକୁ ନିମ୍ନରେ ପ୍ରଦାନ କରାଗଲା :
★ ମୋଟରଯାନ ଆଇନ ଉଲଘଂନକାରୀ ମାନଙ୍କ ଦ୍ୱାରା ଘଟୁଥିବା ଅପରାଧର ଅନ୍‌ଲାଇନ୍ ରେକର୍ଡ ରଖାଯିବାର ବ୍ୟବସ୍ଥା।
★ ବାରମ୍ବାର ମୋଟରଯାନ ଆଇନ୍ ଉଲଘଂନ କରୁଥିବା ବ୍ୟକ୍ତିଙ୍କ ଠାରୁ ଆଇନତଃ ଦୁଇରୁ ତିନି ଗୁଣା ଜରିମାନା ଆଦାୟ ବ୍ୟବସ୍ଥା ।
★ ଚାଲାଣ କଟାଯାଉଥିବା ସ୍ଥାନର ତଥ୍ୟ, ଆଇନ୍ ଉଲଘଂନ କରିଥିବା ଯାନ ତଥା ଡ୍ରାଇଭରଙ୍କ ଫଟୋଗ୍ରାଫ ଉଠାଇବା ବ୍ୟବସ୍ଥା।
★ ଚାଲାଣ କଟାଯିବା ସଙ୍ଗେ ସଙ୍ଗେ ମୋଟରଯାନ ମାଲିକ ତଥା ଚାଳକଙ୍କ ପଞ୍ଜିକୃତ ମୋବାଇଲ ନମ୍ବରକୁ SMS ମାଧ୍ୟମରେ ସୂଚନା ପ୍ରଦାନର ବ୍ୟବସ୍ଥା।
★ ଜନସାଧାରଣଙ୍କ ଦ୍ୱାରା ପରିବହନ ବିଭାଗ ସମ୍ବନ୍ଧୀୟ ସମସ୍ତ ଟିକସ, ଫି ଓ ଜରିମନା ଡିଜିଟାଲ୍ ମୋଡ୍ ରେ ପୈଠ କରିବାର ବ୍ୟବସ୍ଥା।
★ ଇ-ଚାଲାଣ ଯନ୍ତ୍ର ଦ୍ୱାରା ଘଟଣା ସ୍ଥଳରେ ମୋଟରଯାନ ଯାଞ୍ଚ ରିପୋର୍ଟ (VCR) ପ୍ରଦାନ କରାଯିବାର ବ୍ୟବସ୍ଥା।
★ କ୍ରେଡ଼ିଟ୍ / ଡ଼େବିଟ୍ କାର୍ଡ଼ ମାଧ୍ୟମରେ ଘଟଣା ସ୍ଥଳରେ ଜରିମନା ପୈଠ ବ୍ୟବସ୍ଥା।
★ ସମସ୍ତ ପ୍ରକାର ମାନୁଆଲ୍ ଚାଲାଣ ପ୍ରଦାନ ସମ୍ପୂର୍ଣ୍ଣ ରୂପେ ବନ୍ଦ।
★ ଇ-ଚାଲାଣ ବ୍ୟବସ୍ଥା ପ୍ରଚଳନ ପୂର୍ବରୁ ମାସକୁ ହାରାହାରି ୧୫୦୦୦ ମୋଟରଯାନ ଯାଞ୍ଚ ରିପୋର୍ଟ (VCR) ହେଉଥିବା ବେଳେ ଏବେ ମାସକୁ ହାରାହାରି ୩୦୦୦୦ ରୁ ଉର୍ଦ୍ଧ୍ୱ ମୋଟରଯାନ ଆଇନ ଉଲଂଘନକାରୀଙ୍କୁ ଧରାଯାଇ ପାରୁଛି।
★ ପରିବହନ ବିଭାଗର ସମସ୍ତ ବଳବତ୍ତକରଣ ଅଧିକାରୀଙ୍କୁ ଇ-ଚାଲାଣ ଯନ୍ତ୍ର ଯୋଗାଇ ଦିଆଯାଇଛି।
★ ୩୨ ଗୋଟି ପୁଲିସ ଜିଲ୍ଲାର ଥାନା ଗୁଡ଼ିକୁ ପ୍ରଥମ ଦଫାରେ ୧୦୨ ଗୋଟି ଇ-ଚାଲାଣ ଯନ୍ତ୍ର ଯୋଗାଇ ଦିଆଯାଇଛି।
ଇ-ଚାଲାଣ ଯନ୍ତ୍ରଟି Vahan ଓ Sarathi ଆପ୍ଲିକେସନର ସର୍ବଭାରତୀୟ ଡାଟାବେସ୍ ସହ ସଂଯୁକ୍ତ ହୋଇଥିବାରୁ ଦେଶର ଯେକୌଣସି ମୋଟରଯାନ ତଥା ଚାଳକ ସମ୍ବନ୍ଧୀୟ ତଥ୍ୟ ତତ୍‌କ୍ଷଣାତ୍ ଜଣାପଡିପାରୁଛି। ଏହା ଦ୍ୱାରା ମୋଟରଯାନ ମାଲିକ ତଥା ଚାଳକ ସତର୍କ ହେବେ ଯଦ୍ୱାରା ସଡ଼କ ଦୁର୍ଘଟଣା ହ୍ରାସ ପାଇ ପାରିବ।
ପରିବହନ କମିଶନର, ଓଡ଼ିଶା

ସଡ଼କ ସୁରକ୍ଷା ଶପଥ
ମୁଁ ଜଣେ ସଚେତନ ନାଗରିକ;
• ମୁଁ ଦୁଇ ଚକିଆ ଯାନ ଚଳାଇବା ବେଳେ ସଠିକ୍ ହେଲ୍‌ମେଟ୍ ପିନ୍ଧେ ଓ ଚାରି ଚକିଆ ଯାନ ଚଳାଇବା ବେଳେ ସିଟ୍ ବେଲ୍ଟ ବ୍ୟବହାର କରେ। (ହଁ / ନାହିଁ)
• ମୁଁ ନିଶା ସେବନ କରି ଗାଡ଼ି ଚଳାଏ ନାହିଁ। (ହଁ / ନାହିଁ)
• ମୁଁ ଧାର୍ଯ୍ୟ ବେଗ ଠାରୁ ଅଧିକ ବେଗରେ ଗାଡ଼ି ଚଳାଏ ନାହିଁ। (ହଁ / ନାହିଁ)
• ମୁଁ ଗାଡି ଚଳାଇବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର କରେ ନାହିଁ। (ହଁ / ନାହିଁ)
• ରାସ୍ତାରେ ଯାତାୟତ କରୁଥିବା ସମସ୍ତଙ୍କ ଅଧିକାରକୁ ମୁଁ ସମ୍ମାନ ଦିଏ। (ହଁ / ନାହିଁ)
ଯଦି ଆପଣଙ୍କର ପାଞ୍ଚଟି ଯାକ ଉତ୍ତର ହଁ ହୁଏ ତେବେ ଆପଣ ଜଣେ ସଚେତନ ନାଗରିକ।

୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ କୁଇଜ୍ ପ୍ରତିଯୋଗିତା, ଚିନ୍ତାଧାରା ପ୍ରତିଯୋଗିତା ଓ ଡ଼ିଜିଟାଲ୍ ହାକାଥନ୍ ପ୍ରତିଯୋଗିତା ପାଇଁ ପଦକ୍ଷେପ ନିଆଯାଇଛି। କୁଇଜ୍ ପ୍ରତିଯୋଗିତାଟି ତା.୦୮.୦୨.୨୦୧୯ରିଖ ପର୍ଯ୍ୟନ୍ତ ସମସ୍ତ ଦିନ ୨୪ ଘଣ୍ଟା ଚାଲୁ ରହିଛି। କୁଇଜ୍ ପ୍ରତିଯୋଗିତା ପାଇଁ ଘୋଷିତ ପୁରସ୍କାର ବ୍ୟତୀତ ପ୍ରତିଦିନ ତିନିଜଣ ପ୍ରତିଯୋଗୀଙ୍କୁ ୧୦୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ଏ ସମ୍ବନ୍ଧରେ ସବିଶେଷ ବିବରଣୀ ପାଇଁ www.odisharoadsafety.org / www.odishatransport.gov.in ୱେବସାଇଟ୍‌କୁ ଦେଖନ୍ତୁ।

ସୌଜନ୍ୟ :- ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି

## ସଂକ୍ଷେପରେ

### କାର୍-ସ୍କୁଟି ମୁହାଁମୁହିଁ, ୨ ଗୁରୁତର

ଚଣ୍ଡିଖୋଲ,୬।୨(ଡି.ଏନ.ଏ.)- ଚଣ୍ଡିଖୋଲ ଛକ ନିକଟରେ ନବ ନିର୍ମାଣ କୃଷକ ସଂଗଠନ ତରଫରୁ ରାସ୍ତା ଅବରୋଧ କରିବା ବେଳେ ଗାଡ଼ି ଜାମ ଯୋଗୁ କାର୍-ସ୍କୁଟି ମୁହାଁମୁହିଁ ଧକ୍କା ହୋଇ ୨ ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ଗୁରୁତରମାନେ ହେଲେ ଭୁବନେଶ୍ୱର ରସୁଲଗଡ଼ର ଅବିନାଶ ନନ୍ଦ (୨୪) ଓ ଭବାନୀ ମଣ୍ଡଳ (୨୩) ଏବଂ ଆହତ ଜ୍ୟୋତିରଞ୍ଜନ ଆଚାର୍ଯ୍ୟ (୨୨)। ଚଣ୍ଡିଖୋଲ ଦମକଳ ବାହିନୀ ଘଟଣାସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥଲା। ଅବିନାଶ ଓ ଭବାନୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ପ୍ରକାଶ ଯେ, ଭୁବନେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ କାର୍ (ଓଡି-୦୫ଏମ୍-୯୬୩୧) ସାମ୍ନାରୁ ଆସୁଥିବା ଏକ ସ୍କୁଟି(ଓଡି-୦୨-୯୩୯୬) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ବଡ଼ଚଣା ପୋଲିସ ଘଟଣାସ୍ଥଳରେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ କରୁଛି।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୋରେଇ,୬।୨(ସ୍ୱ.ପ୍ର.)- କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଟିନ୍ଦା ଉନ୍ନିତ ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ଚନ୍ଦ୍ର ବାରିକଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ସୁବାସ ଧଳ ଅଧକ୍ଷତା କରିଥିଲେ। ସରପଞ୍ଚ ପ୍ରକାଶ ମଲ୍ଲିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ସଙ୍ଘର ପୂର୍ବତନ କୋଷାଧକ୍ଷ ପୀତବାସ ମିଶ୍ର, ମୁଖ୍ୟ ବକ୍ତାଭାବେ ପୂର୍ବତନ ରାଜ୍ୟ ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର ରାୟ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ୟୁଜିଏମଇ ସଂଘ ସଭାପତି ଇନ୍ଦ୍ରମଣୀ ମହାକୁଡ, ପୂର୍ବତନ ସମ୍ପାଦକ ଆଦିକନ୍ଦ ମଲ୍ଲିକ, ଜିଲା ନିମ୍ନ ମାଧମିକ ଶିକ୍ଷକ ସଂଘ ସମ୍ପାଦକ ବିକ୍ରମ କୁମାର ଦାସ, ବ୍ଲକ ଶାଖା ଉପସଭାପତି ବିଜୟ କୁମାର ଶତପଥୀ, ଅଶୋକ କୁମାର ସ୍ୱାଇଁ, ନୃସିଂହ ଚରଣ ମିଶ୍ର ପ୍ରମୁଖ ଯୋଗଦେଇ ପ୍ରଧାନ ଶିକ୍ଷକ ବାରିକ ଜଣେ କର୍ତ୍ତବ୍ୟ ନିଷ୍ଠ, ଛାତ୍ରବତ୍ସଳ, ଓ ଦୃଢ ସଂଗଠକ ଥିଲେ ବୋଲି କହିଥିଲେ। ଶେଷରେ ଶିକ୍ଷକ ନିତ୍ୟାନନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ଶିବିର

ଧର୍ମଶାଳା, ୬।୨(ଡି.ଏନ୍.ଏ.)- ଧର୍ମଶାଳା ମହିଳା ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ଶିବିର ବୁଧବାର ଅଧକ୍ଷା ଇନ୍ଦୁପ୍ରଭା ସାମଲଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଅଧାପକ ରାଜକିଶୋର ଜେନା, ସଚ୍ଚିଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇ ଆତ୍ମସୁରକ୍ଷାର ଉପାଦେୟତା ସମ୍ପର୍କରେ ଶିବିରାର୍ଥୀଙ୍କୁ ବୁଝାଇଥିଲେ। ଯାଜପୁର ଏନ୍‌ସି କଲେଜର ପ୍ରଶିକ୍ଷିକା କୁମାରୀ ସରସ୍ୱତୀ ପତି ଓ କୁମାରୀ ସୁନିତା ଦାସ ଶିବିରରେ ୧୨ ଦିନ ବ୍ୟାପି ଛାତ୍ରୀଙ୍କୁ ଆତ୍ମସୁରକ୍ଷା କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିବେ। ତେବେ ଉଦ୍‌ଯାପନୀ ଉତ୍ସବରେ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ଓ ଜାତୀୟ ସେବା ଯୋଜନାର ସଂଯୋଜକ ଯୋଗଦେବାର କାର୍ଯ୍ରକମ ରହିଥିବା ଅଧକ୍ଷା ଇନ୍ଦୁପ୍ରଭା ପ୍ରକାଶ କରିଛନ୍ତି। ଶରତ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ ଓ ସୁନିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ମଧାହ୍ନଭୋଜନ ନାମରେ ଅନିୟମିତତା

# ଉପସ୍ଥାନ ଦର୍ଶାଇ ଅର୍ଥ ହଡ଼ପ ଅଭିଯୋଗ

**ବାଉଁଶକୋଣ ପ୍ରାଥମିକ ବିଦ୍ୟାଳୟ**

- **ବିଦ୍ୟାଳୟରେ ୪୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି**
- **ବିଡ଼ିଓଙ୍କ ହସ୍ତକ୍ଷେପ ଲୋଡିଲେ ଅଞ୍ଚଳବାସୀ**

ସୁକିନ୍ଦା, ୬।୨(ଡି.ଏନ୍.ଏ.)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଦୁଧୁଯୋରୀ ପଞ୍ଚାୟତର ବାଉଁଶକୋଣ ପ୍ରାଥମିକ ବିଦ୍ୟାଳୟରେ ମଧାହ୍ନଭୋଜନ ନାମରେ ଅର୍ଥ ହଡ଼ପ କରାଯାଉଛି। ବିଦ୍ୟାଳୟକୁ ନିୟମିତଭାବେ ବହୁ ଛାତ୍ରୀଛାତ୍ର ଆସୁ ନାହାନ୍ତି। ଏହାର ସୁଯୋଗ ନେଇ କର୍ତ୍ତୃପକ୍ଷ ସେମାନଙ୍କ ଉପସ୍ଥାନ ଦର୍ଶାଇ ମଧାହ୍ନଭୋଜନ ବାବଦରେ ଅର୍ଥ ହଡ଼ପ କରିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ପ୍ରତିବର୍ଷ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିବାକୁ ଲାଗିଥିବା ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଚିନ୍ତାପ୍ରକଟ କରିଛନ୍ତି। ଆଦିବାସୀ ଅଧ୍ୟୁଷିତ ବାଉଁଶକଣା ପ୍ରାଥମିକ ବିଦ୍ୟାଳୟରେ ୪୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ସରକାରୀଭାବେ ଜଣେ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ଏବଂ ବେସରକାରୀଭାବେ ଜଣେ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ବିଦ୍ୟାଳୟରେ ପ୍ରତିବର୍ଷ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିବାରେ ଲାଗିଥିବାବେଳେ ଏବେ ମଧାହ୍ନଭୋଜନରେ ଅନିୟମିତା ହୋଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ତୃତୀୟ ଶ୍ରେଣୀର ଛାତ୍ର ସୁନେଇ ସାମାଡ, ୪ର୍ଥ ଶ୍ରେଣୀର ଛାତ୍ରୀ ବର୍ଷା ସାମାଡ ଓ ପଞ୍ଚମ ଶ୍ରେଣୀର ଛାତ୍ରୀ ସୁଭଦ୍ରା ସାମାଡ଼ ଗତ ୧ ବର୍ଷତଳୁ ବିଦ୍ୟାଳୟରେ ଅନୁପସ୍ଥିତ ଅଛନ୍ତି। କିନ୍ତୁ ବିଦ୍ୟାଳୟର ଦୈନିକ ଉପସ୍ଥାନ ଖାତାରେ ସେମାନଙ୍କ ଉପସ୍ଥାନ ଦର୍ଶାଯାଇଥିବା ଅଭିଭାବକମାନେ କହିଛନ୍ତି। ଅପରପକ୍ଷେ ପ୍ରତି ବିଦ୍ୟାଳୟକୁ ମାସକୁ ଅନ୍ୟୂନ୍ୟ ଥରେ ଜିଲା ଶିକ୍ଷାଧିକାରୀ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ରହିଥିଲେ ମଧ ଏଠାରେ ବ୍ୟତିକ୍ରମ ଦେଖାଦେଉଛି। ଏହାର ସୁଯୋଗ ନେଇ ବିଦ୍ୟାଳୟରେ ଅନିୟମିତତା ବଢିବାରେ ଲାଗିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ମିଶ୍ରଙ୍କୁ ପଚାରିବାରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଉକ୍ତ ପିଲାମାନଙ୍କୁ ମଧାହ୍ନ ଭୋଜନ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କ ଅନୁପସ୍ଥିତି ଯୋଗୁ ଏହାକୁ ବନ୍ଦ କରିଦିଆଯାଇଛି। ତେବେ ଯଦି ଅନିୟମିତତା ହୋଇଛି। ତେବେ ସେ ଅବଶ୍ୟକସ୍ଥଳେ ରିକଭରି ଦେବେ ବୋଲି କହିଛନ୍ତି। ଏ ନେଇ ବ୍ଲକ ଶିକ୍ଷାଧିକାରୀଙ୍କ ମତାମତ ମିଳିପାରି ନାହିଁ। ସୁକିନ୍ଦା ବିଡ଼ିଓ ଘଟଣାର ତଦନ୍ତ କରିବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

# ପାଲାଗାୟକ ସମ୍ମିଳନୀ ଉଦ୍‌ଯାପିତ

ଯାଜପୁରରୋଡ/କୋରେଇ, ୬।୨(ନି.ପ୍ର./ସ୍ୱ.ପ୍ର.)

କୋରେଇ ବ୍ଲକ ମା' କାମୁଡ଼େଇ ମଣ୍ଡଳ ପାଲାଗାୟକ ସଂଘ ପକ୍ଷରୁ ୨ ଦିନ ଧରି ଚାଲିଥିବା ଷଷ୍ଠ ବାର୍ଷିକ ପାଲାଗାୟକ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ମା' କାମୁଡେଇ ସାହିତ୍ୟ ସଂସ୍କୃତି ମଞ୍ଚ ପକ୍ଷରୁ ଆଲୋଚନାଚକ୍ର, ପୁସ୍ତକ ଉନ୍ମୋଚନ, ସମ୍ବର୍ଦ୍ଧନା ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଯାଜପୁର ଜିଲା ପାଲାଗାୟକ ସଂଘର ପୂର୍ବତନ ସଭାପତି ହରିବଲ୍ଲଭ ଦାଶ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଲେଖକ ତଥା ଶ୍ରମିକ ନେତା ମାୟାଧର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମଣିଷର କଥା ଓ ଭାଷା ହେଉଛି ସାହିତ୍ୟ। ଆଦିବାସୀ ସାହିତ୍ୟ ହେଉଛି ପ୍ରକୃତ ପକ୍ଷେ ଆଧୁନିକ ସାହିତ୍ୟ ବୋଲି ମତବ୍ୟକ୍ତ କରିଥିଲେ। ପତିତପାବନ ମହାବିଦ୍ୟାଳୟ ଅଧାପକ ରାଜେନ୍ଦ୍ର କୁମାର ରାଉତ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ରାଜ୍ୟ କଳାକାର ସଂଘ ସଭାପତି ସତ୍ୟବ୍ରତ ପୁହାଣ, ଜିଲା ପାଲାଗାୟକ ସଂଘ ସଭାପତି ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ, ସମ୍ପାଦକ ଗୟାଧର ମହାପାତ୍ର, ଶିକ୍ଷକ ମୀନକେତନ ଦାଶ, ଅଧାପକ ସୁକାନ୍ତ ରାଉତ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ସାମଲ, ଭୁବନମୋହନ ମହାନ୍ତି ଓ ଖବରଦାତା ପବିତ୍ର ମୋହନ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ରତ୍ନାକର ପାଢୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୧୦ରୁ ଊର୍ଦ୍ଧ୍ୱ ପାଲା କଳାକାରଙ୍କ ସମେତ ସ୍ୱତନ୍ତ୍ର ଭାବେ ପରିବେଶପ୍ରେମୀ ଜଳଧର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ ସମ୍ପାଦକ ଚନ୍ଦ୍ରମଣି ସାହୁ ପରିଚାଳନା କରିଥିବା ବେଳେ ସଭାପତି ନରେଶ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ପାଲା କଳାକାର, ପାଲାପ୍ରେମୀ ତଥା ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ

ଡୁବୁରୀ,୬।୨(ଡି.ଏନ୍.ଏ.)

ଡୁବୁରୀ ପଞ୍ଚାୟତ ଅଞ୍ଚଳର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ଏକ ସମ୍ମିଳନୀ ଓ ଡୁବୁରୀ ପ୍ରତିଭା ସମ୍ମାନ ବୁଧବାର ସ୍ଥାନୀୟ ଇନ୍ଦିରା ପଡ଼ିଆରେ ଆୟୋଜିତ ହୋଇଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଆର୍ଥିକ ଓ ସାମାଜିକସ୍ତରରେ ସ୍ୱାବଲମ୍ବି କରିବା ସହ ସମାଜପ୍ରତି ସେମାନଙ୍କ ଭୂମିକାକୁ ନେଇ ସଚେତନତା କରିବା ଲକ୍ଷ୍ୟରେ ସମ୍ମିଳନୀ ଆୟୋଜିତ ହୋଇଥିଲା। ସୁକିନ୍ଦା ନିର୍ବାଚନମଣ୍ଡଳୀ ମହିଳା ସଭାନେତ୍ରୀ ତଥା ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ରାଉତଙ୍କ ଆହ୍ୱାନ କ୍ରମେ କାର୍ଯ୍ୟକ୍ରମରେ ଡୁବୁରୀ ପଞ୍ଚାୟତର ୬୦ଟି ସ୍ୱୟଂ ସହାୟକ ଗୋଷ୍ଠୀର ୭ଶହରୁ ଊର୍ଦ୍ଧ୍ୱ ମହିଳା ଯୋଗ ନିଜ ଗୋଷ୍ଠୀ କାର୍ଯ୍ୟାବଳି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶଙ୍ଖ ଫୁଙ୍କା, ହୁଳହୁଳି, ଗୀତ, କୁଇଜ, ବାସ୍କେଟବଲ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସୁକିନ୍ଦା ବିଧାୟକ ପ୍ରିତୀରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତାଙ୍କୁ ପୁରସ୍କାର ସହ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ସୁକିନ୍ଦା ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ପୂର୍ବତନ ବ୍ଲକ ଅଧକ୍ଷା ଭଗବତୀ ମହାନ୍ତ, ଜିଲା ପରିଷଦ ସଭ୍ୟା ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ପ୍ରଭାତି ମିଶ୍ର ପ୍ରମୁଖ ମହିଳା ନେତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ସ୍ୱୟଂ ସହାୟିକା ଗୋଷ୍ଠୀର କୃତୀ କର୍ମକର୍ତ୍ତାଙ୍କୁ ବିଧାୟକ ପୁରସ୍କୃତ କରୁଛନ୍ତି।

# ପୌର ପରିଷଦ ପକ୍ଷରୁ ଛାତ୍ରୀଙ୍କୁ ସାଇକେଲ ପ୍ରଦାନ

ଯାଜପୁରରୋଡ,୬।୨(ନି.ପ୍ର.)

ବ୍ୟାସନଗର ପୌରପରିଷଦ ତରଫରୁ ବୁଧବାର ଏନ୍‌ସି ହାଇସ୍କୁଲର ୯ମ ଶ୍ରେଣୀର ଛାତ୍ରୀ ସିନି ହୋଙ୍କୁ ସାଇକେଲ ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଗତ ୨୪ ତାରିଖରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପରେଡ୍ ଅଭ୍ୟାସ କରାଯାଉଥିଲା। ପରେଡ ଅଭ୍ୟାସରେ ଯୋଗଦେବାକୁ ଯାଇଥିବା ସିନିଙ୍କର ଷ୍ଟାଡିୟମଠାରେ ସାଇକେଲ ଚୋରି ହୋଇଯାଇଥିଲା। ପୂର୍ବରୁ ରାଜ୍ୟ ସରକାରଙ୍କ ସାଇକେଲ ଯୋଜନାରେ ତାଙ୍କୁ ସାଇକେଲ ମିଳିଥିଲା। ସେ ଗରିବ ଶ୍ରେଣୀର ହୋଇଥିବାରୁ ସାଇକେଲ କିଣିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା। ତେଣୁ ସିନି ପୌରପରିଷଦ କାର୍ଯ୍ୟାଳୟକୁ ଆସି ପ୍ରଶାସକ ତଥା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଏବଂ ନିର୍ବାହୀ ଅଧିକାରୀ ସପନ କୁମାର ନନ୍ଦଙ୍କୁ ଏ ବିଷୟରେ ଅବଗତ କରିବା ସହ ନୂଆ ସାଇକେଲ ପ୍ରଦାନ ପାଇଁ କହିଥିଲେ। ପ୍ରଶାସନ ଓ ନିର୍ବାହୀ ଅଧିକାରୀ କର୍ମଚାରୀଙ୍କ ସହ ଆଲୋଚନା କରି ସିନିଙ୍କୁ ଏକ ନୂତନ ସାଇକେଲ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ବରିଷ୍ଠ ନାଗରିକଙ୍କ ସୁରକ୍ଷା ସମ୍ପର୍କରେ ସଚେତନତା

କାଳିଆପାଣି, ୬।୨(ଡି.ଏନ୍.ଏ.)

କାଳିଆପାଣି ପୋଲିସ ପକ୍ଷରୁ ସୋମାବାର ଖଣି ଅଞ୍ଚଳର ୭ଟି ପଞ୍ଚାୟତର ବରିଷ୍ଠ ନାଗରିକଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଟାଟାଷ୍ଟିଲ ସହାୟତାରେ କାଟେପୁର୍ତ୍ତି ଅଡ଼ିଟୋରିୟମରେ 'ଦିଶା' ନାମରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ କଳିଙ୍ଗନଗର ଉପ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଡ଼ୋରା ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜରେ ବରିଷ୍ଠ ନାଗରିକଙ୍କୁ ସମ୍ମାନ ଓ ସେବା ଯୋଗାଇବା ସାଧାରଣ ନାଗରିକର କର୍ତ୍ତବ୍ୟ ବୋଲି କହିବା ସହ ଆଇନଗତ ସହଯୋଗ ଉପରେ କହିଥିଲେ। ବିଜୁ ପଟ୍ଟନାୟକ ପୋଲିସ ଏକଡ଼େମୀର ପ୍ରାଧାପକ ଗିରିଶ ସ୍ୱାଇଁ ମୁଖ୍ୟ ବକ୍ତାଭାବେ ଯୋଗଦେଇ ପରିଷ୍ଠ ନାଗରିକ ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିବା ସହ ପୋଲିସ ପକ୍ଷରୁ ଅୟୋଜିତ କାର୍ଯ୍ୟକ୍ରମର ସଦୁପୋଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ୩୩ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଟାଟା ଖଣି କର୍ମଚାରୀ ସଂଘ ପୂର୍ବତନ ସମ୍ପାଦକ ଗୌରାଙ୍ଗ ଚରଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସୁକିନ୍ଦା ବ୍ଲକ ନୋଡ଼ାଲ ଅଫିସର ସନ୍ତୋଷ କୁମାର ପତି, ପୂର୍ବତନ ଅଧକ୍ଷା ଭଗବତୀ ମହାନ୍ତ, ଯଖପୁରା ଥାନା ଅଧିକାରୀ ରମାକାନ୍ତ ମୁଦୁଲି, ଥାନା ଅଧିକାରୀ ପାରା ଟୁଡୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁ, ସ୍ମିତା ମାଝୀ, ସରପଞ୍ଚ ବିଶ୍ୱଜିତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାଳିଆପାଣି ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଟାଟାଷ୍ଟିଲ ପକ୍ଷରୁ ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ସହପରିଚାଳକ ଜଶପ୍ରତି ସିଂ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଟିଏସ୍ଆରଡ଼ିଏସ ଅଧିକାରୀ ନୃପରାଜ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ସୁରକ୍ଷା ସପ୍ତାହରେ ରଚନା ପ୍ରତିଯୋଗିତା

ଧର୍ମଶାଳା,୬।୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜାରକାଠାରେ ମଙ୍ଗଳବାର ଜିଲାସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧରେ ରଚନା ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଏକାଡେମୀ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଡ଼କ ସୁରକ୍ଷା ଭିତ୍ତିକ ରଚନା ଲିଖନ ପ୍ରତିଯୋଗିତାରେ ୬ଟି ସ୍କୁଲର ୨୪ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧରୁ ବରିଷ୍ଠ ବିଭାଗରେ ସାଇ ସମ୍ପୂର୍ଣ୍ଣା ପାଣି ପ୍ରଥମ, ଅମ୍ରିତା ସାହୁ ଦ୍ୱିତୀୟ, ଯୋଗେଶ ଖମାରୀ ତୃତୀୟ ସ୍ଥାନ ଅଧିକାରୀ କରିଥିଲେ। ସେହିପରି କନିଷ୍ଠ ବିଭାଗରେ ଫରିନା ସଫାକ ପ୍ରଥମ, ଜିଜ୍ଞାସା ଜେନା ଦ୍ୱିତୀୟ ଓ ସ୍ୱେତାପଦ୍ମା ହରପ୍ରିୟା ପରିଡା ଏବଂ ସମୀକ୍ଷା ଓଝା ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବରେ ଶିକ୍ଷାବିତ ଯୁଧିଷ୍ଠିର ସ୍ୱାଇଁ ଓ ଅର୍ଜୁନ ଚରଣ ପୃଷ୍ଟି ଯୋଗଦେଇଥିଲେ। ଜିଲା ସଂଯୋଜକ ଲକ୍ଷ୍ମୀ ଖମାରୀଙ୍କ ତତ୍ତ୍ୱାବଧାନରେ କରୁଣାକର ବରାଳ, ବିଜୟ କୁମାର ସାମଲ, କବିତାରାଣୀ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନାମ ଘୋଷଣା ବଢ଼ାଉଛି ଅସନ୍ତୋଷ

**ବରୀ ନିର୍ବାଚନମଣ୍ଡଳୀ**

ବାଞ୍ଛାନିଧି ସାହୁ
ବରୀ,୬।୨(ସ୍ୱ.ପ୍ର.)

ଆସନ୍ତା ଏପ୍ରିଲ ମାସରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିଲାବେଳେ ବରୀ ରାଜନୀତିରେ ଏବେ ଚଳଚଞ୍ଚଳ ଦେଖାଦେଇଛି। ଏ ନେଇ ରାଜନୈତିକ ଦଳଗୁଡିକ ମଧରେ ଉତ୍କଣ୍ଠା ପ୍ରକାଶ ପାଇଥିଲାବେଳେ ଭୋଟରଙ୍କ ଭିତରେ ମଧ ଉତ୍ସାହ ବଢିଥିବା ଦେଖିବାକୁ ମିଳିଛି। ୪୭ ପଞ୍ଚାୟତକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୧୮ ହଜାର ଭୋଟର ରହିଥିବା ଜଣାପଡିଛି। ରାଜ୍ୟ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ନେଇ ଶାସକ ବିଜେଡି ଲୋକଙ୍କ ନିକଟତର ହେବାରେ ଲାଗିଥିବାବେଳେ ଭାଜପାରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେବାରେ ଲାଗିଛି। ଗତ ସପ୍ତାହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରୀ ବ୍ଲକ ଅଧୀନ ଧାରପୁର ହୋରି ପଡିଆକୁ ଭାଜପାର ପରିବର୍ତ୍ତନ ସଭାରେ ଯୋଗଦେବାକୁ ଆସି ଯୁବନେତା ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଭାଜପା ପ୍ରାର୍ଥୀଭାବେ ଘୋଷଣା କରିବା ପରଠାରୁ ରାଜନୀତି ସରଗରମ ହୋଇଉଠିଛି। ଏଥିରେ ଅନ୍ୟତମ ଭାଜପା ନେତା ବରୀର ପୁରୁଣା ସଂଗଠକ ତଥା ପୂର୍ବତନ ଜିଲା ସଭାପତି ଓ ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ଆଶୁତୋଷ ପରିଡା ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି କ୍ରମରେ ଗତ ୩ ତାରିଖରେ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଡାକି ଏକ ବନ୍ଧୁମିଳନ ଆୟୋଜନ କରିଥିଲେ। ଏହି ବନ୍ଧୁମିଳନ ଉତ୍ସବରେ ବରୀ ଅଞ୍ଚଳର ୧୭୦ଜଣ କଳାକାରଙ୍କୁ ସାର୍ଟିଫିକେଟ ପ୍ରଦାନ କରିବା ସହ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଉପରେ ବର୍ଷିଥିଲେ। ଭାଜପା ପ୍ରଧାନଙ୍କ ପୈତୃକ ସମ୍ପତ୍ତି ନୁହେଁ। ପ୍ରାର୍ଥୀ ଘୋଷଣା କରିବାରେ ପ୍ରଧାନଙ୍କର ଅଧିକାର ନାହିଁ ବୋଲି ପରିଡା କହିଛନ୍ତି। ଅନ୍ୟପକ୍ଷରେ ପିସିସିର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରୁ ୩ ଜଣ ଆଶାୟୀ ପ୍ରାର୍ଥୀଙ୍କ ନାମ ଏଆଇସିସିକୁ ଯାଇଥିବା ସୂଚନା ମିଳିଛି। ଏଥିରେ ବରୀରେ ସଙ୍ଗଠନ କରୁଥିବା ଯୁବନେତା ଉମେଶ ଜେନାଙ୍କ ନାମ ନ ଥିବା ସୂଚନା ମିଳିଛି। ଏନେଇ କଂଗ୍ରେସର ଅନ୍ତର୍ଦ୍ୱନ୍ଦ୍ୱ ବଢିବାରେ ଲାଗିଛି। ପିସିସି ପକ୍ଷରୁ ଯାଇଥିବା ୩ ଜଣଙ୍କ ନାଁ ଭିତରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେଉରା, ପିସିସି ମୁଖପାତ୍ର ମନୋଜ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ସନତ କୁମାର ଜେନାଙ୍କ ନାମ ଥିବା ବିଶେଷ ସୂତ୍ରରୁ ଜଣାପଡିଛି। ସେପଟେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ବରୀ ଗସ୍ତରେ ଆସି ଏକ ସଭାରେ ବୁଲେଇ ବଙ୍କେଇ ଯୁବ ନେତା ଉମେଶ ଜେନାଙ୍କ ନାମ ଘୋଷଣା କରିଥିଲେ। ସେବେଠୁ ଉମେଶଙ୍କ ପଲ୍ଲା ଭାରି ରହିଥିଲାବେଳେ କଂଗ୍ରେସରେ ଅନ୍ତର୍ଦ୍ୱନ୍ଦ୍ୱ ପାଇଁ ପିସିସିର ୩ ଜଣିଆ ତାଲିକାରେ ଉମେଶଙ୍କ ନାମ ନ ଥିବା ଜଣାପଡିଛି। ଏଭଳି ସ୍ଥିତିରେ କଂଗ୍ରେସ ଆଶାୟୀଙ୍କ ମଧରେ ପ୍ରାର୍ଥିତ୍ୱକୁ ନେଇ ଛକାପଞ୍ଝା ଲାଗିରହିଛି। ଅପରପକ୍ଷରେ ଏ ସବୁର ଫାଇଦା ବିଜେଡିକୁ ସୁହାଉଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ରାଜନୀତିରେ ଘଡିକେ ଘୋଡା ଛୁଟୁଛି। ରାଜନୈତିକ ପର୍ଯ୍ୟବେକ୍ଷକମାନେ ସମୟକୁ ଅପେକ୍ଷା କରିବାକୁ କହିଛନ୍ତି।

**COLLEGE OF FORESTRY**
**Orissa University of Agriculture and Technology**
**Bhubaneswar - 751003**

**Letter No. 261 / C.For** **Dt. 04.02.2019**

**WALK IN INTERVIEW**

College of Forestry, OUAT, Bhubaneswar will hold a walk in interview for engagement of guest faculty for the course NRM- 329, Geomatics (1+2) and NRM-521, Remote sensing and GIS Application (1+1). For details of qualification remuneration, place and time of interview refer to OUAT website **www.ouat.nic.in.**

**Sd./- DEAN**

**ଆନ୍ଧ୍ର ବ୍ୟାଙ୍କ** (ଭାରତ ସରକାରଙ୍କ ଏକ ଉପକ୍ରମ)
**କଟକ ମୁଖ୍ୟ ଶାଖା, କଟକ,** ଜିଲ୍ଲା: କଟକ, ଫୋନ୍: ୦୬୭୧-୨୪୧୩୫୯୩(ଶାଖା)/ ୦୬୭୪-୨୩୫୪୦୩୪ (ଆଞ୍ଚଳିକ କାର୍ଯ୍ୟାଳୟ)

**ଦଖଲ ନୋଟିସ୍**

**{ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ନିୟମ-୮(୧)}**
**(ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ଆନ୍ଧ୍ର ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି **ଋଣଗ୍ରହୀତା(ମାନ): ୧. ମେସର୍ସ ସାଇ ଡିଭାଇନ ଆଣ୍ଡ କୋଃ.**, ଏହାକୁ ପ୍ରତିନିଧିତ୍ୱ କରୁଥିବା ଅଂଶୀଦାରମାନେ: **କ) ଶ୍ରୀ ନୀଲରତନ କର୍ମାକର**, ପିତା: ଶଶାଙ୍କ କର୍ମାକର, **ଖ) ଶ୍ରୀମତୀ ତନୁଶ୍ରୀ କର୍ମାକର**, ସ୍ୱାମୀ: ନୀଲରତନ କର୍ମାକର, **୨. ଶ୍ରୀ ନୀଲରତନ କର୍ମାକର**, ପିତା: ଶଶାଙ୍କ କର୍ମାକର, **୩. ଶ୍ରୀମତୀ ତନୁଶ୍ରୀ କର୍ମାକର**, ସ୍ୱାମୀ: ନୀଲରତନ କର୍ମାକର, **ଜାମିନଦାର(ମାନ): ୪. ଶ୍ରୀ ସନାତନ କର୍ମାକର**, ପିତା: ଶଶାଙ୍କ କର୍ମାକର, **୫. ଶ୍ରୀ ଚନ୍ଦନ କର୍ମାକର**, ପିତା: ଶଶାଙ୍କ କର୍ମାକର, ସମସ୍ତଙ୍କ ଠିକଣା- ସା: କାଳୀଗଳି, ହାଇକୋର୍ଟ ଛକ ନିକଟ, ଚାନ୍ଦିନୀ ଚୌକ, କଟକ-୨, ଓଡ଼ିଶା, ଭାରତଙ୍କୁ **ତା.୦୨.୧୧.୨୦୧୮**ରିଖରେ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ସମସ୍ତ ଅର୍ଥ **ତା୩୧.୧୦.୨୦୧୮ରିଖ ସୁଦ୍ଧା ଟ.୭୩,୯୯,୨୩୫.୦୦ (ତେସ୍ତରୀ ଲକ୍ଷ ଅନେଶତ ହଜାର ଦୁଇ ଶହ ପଇଁତିରିଶ ଟଙ୍କା ମାତ୍ର)** କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦** ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତାମାନେ ବକେୟା ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ **ତା.୦୪.୦୨.୨୦୧୯**ରିଖରେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ଦଖଲ** ନେଇଛନ୍ତି।

ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩(୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ତା୦୪.୦୨.୨୦୧୯ରିଖ ସୁଦ୍ଧା ଟ.୭୧,୪୫,୦୮୨.୦୦ (ଏକସ୍ତରୀ ଲକ୍ଷ ପଇଁଚାଳିଶ ହଜାର ବୟାଅଶୀ ଟଙ୍କା ମାତ୍ର)** ଏବଂ ସେବାବଦ ପରବର୍ତ୍ତୀ ସୁଧ ନିମନ୍ତେ **ଆନ୍ଧ୍ର ବ୍ୟାଙ୍କ, କଟକ ମୁଖ୍ୟ ଶାଖା,** କଟକ ନିକଟରେ ଉତ୍ତରଦାୟୀ ରହିବେ।

**ସ୍ଥାବର ସମ୍ପତ୍ତିର ବିବରଣୀ**

**ଶ୍ରୀ ନୀଲରତନ କର୍ମାକର, ଶ୍ରୀ ସନାତନ କର୍ମାକର ଏବଂ ଶ୍ରୀ ଚନ୍ଦନ କର୍ମାକର**ଙ୍କ ନାମରେ ଥିବା ବାସୋପଯୋଗୀ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର **ସମୁଦାୟ କ୍ଷେତ୍ର: ଏକର୦.୪୫ଡିସିମିଲି,** ଖାତା ନଂ.: ୬୦୧/୧୫୫, ପ୍ଲଟ୍ ନଂ.: ୧୮୫୯, କ୍ଷେତ୍ର: ଏକର୦.୦୩୯ ଡିସିମିଲି ଏବଂ ଖାତା ନଂ.: ୬୦୧/୧୫୮, ପ୍ଲଟ୍ ନଂ.: ୧୮୫୮, କ୍ଷେତ୍ର: ଏକର୦.୦୬ଡିସିମିଲି, ସା: କାଳୀଗଳି, ଗଣେଶ ମନ୍ଦିର ନିକଟ, ଚାନ୍ଦିନୀ ଚୌକ (ହାଇ କୋର୍ଟ ଛକ), ଏସଆରଓ/ଥାନା: କଟକ ଟାଉନ, ଜିଲ୍ଲା: କଟକ, ଓଡ଼ିଶା, ଭାରତ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଧ୍ରୁବମଣି ମହାପାତ୍ର, ପଶ୍ଚିମ: କୁଞ୍ଜ ବିହାରୀ ଦାସ, ଦକ୍ଷିଣ: ଭାରତୀ ମଠ, ଉତ୍ତର: ମ୍ୟୁନିସିପାଲିଟି ରୋଡ୍

**ତାରିଖ: ୦୬.୦୨.୨୦୧୯** ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ ଓ ମୁଖ୍ୟ ପ୍ରବନ୍ଧକ
**ସ୍ଥାନ: କଟକ** ଆନ୍ଧ୍ର ବ୍ୟାଙ୍କ (କଟକ ମୁଖ୍ୟ ଶାଖା ତରଫରୁ)

**କମାଣ୍ଡାଣ୍ଟ ଟିଏଚ୍‌କ୍ୟୁ, ୧୧୨ ବିଏନ୍ ବିଏସ୍‌ଏଫ୍, ଏମ୍‌ଭି-୭୯, ମାଲକାନଗିରି (ଓଡ଼ିଶା)ଙ୍କ କାର୍ଯ୍ୟାଳୟ**

ନଂ.୩୪ ପିଆର୍‌ଓଭି/ଅକ୍ସନ/୧୧୨ ବିଏନ୍/୨୦୧୯/୪୬୨-୮୮ ତାରିଖ: ୧୦ ଜାନୁୟାରୀ, ୨୦୧୯

**ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ଅଣ-ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକୁ ତା୦୯।୦୨।୨୦୧୯ରିଖ ଟିଏଚ୍‌କ୍ୟୁ ୧୧୨ ବିଏନ୍ ବିଏସ୍‌ଏଫ୍ (ଏମ୍ ଭି-୭୯ ମାଲକାନଗିରି) ଓଡ଼ିଶାଠାରେ ସର୍ବସାଧାରଣ ନିଲାମ ମାଧ୍ୟମରେ ବିକ୍ରୟ କରାଯିବ।

| | |
|---|---|
| **୧. ରାଶନ ସାମଗ୍ରୀ** | **୭. ସିପିସି ସାମଗ୍ରୀ** |
| **୨. ପ୍ରତିରକ୍ଷା ସାମଗ୍ରୀ** | **୮. ଏମ୍‌ଟି ସାମଗ୍ରୀ** |
| **୩. ସେକ୍ଟର ସାମଗ୍ରୀ** | **୯. ଅଗ୍ନି ନିର୍ବାପନ ସାମଗ୍ରୀ** |
| **୪. କଲ୍ୟାଣ ସାମଗ୍ରୀ** | **୧୦. ସଞ୍ଚାର ସାମଗ୍ରୀ** |
| **୫. ଆର/ରୁମ୍ ସାମଗ୍ରୀ** | **୧୧. ନିର୍ମାଣ ସାମଗ୍ରୀ** |
| **୬. ମୃତ ଷ୍ଟକ୍** | **୧୨. ଟେଣ୍ଟେଜ୍ ସାମଗ୍ରୀ** |

୨. ନିଲାମରେ ଅଂଶଗ୍ରହଣ କରୁଥିବା ସମସ୍ତ ବିଡରଙ୍କୁ ଅଣ-ବ୍ୟବହାର୍ଯ୍ୟ ସାମଗ୍ରୀ ୧୧୨ ବିଏନ୍ ବିଏସ୍‌ଏଫ୍ ବାବଦରେ ନଗଦ ଆକାରରେ ଟ.୧୦,୦୦୦/- (ଦଶ ହଜାର ଟଙ୍କା) ମାତ୍ରର ଫେରସ୍ତଯୋଗ୍ୟ ରାଶିକୁ ବିଡ୍ ଅମାନତ ଭାବେ ଜମା କରିବାକୁ ହେବ। ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ନଗଦ ବିଡ୍ ଅମାନତ ରାଶିକୁ ଫେରସ୍ତ/ସମଯୋଜିତ କରାଯିବ।
୩. ଅଣ-ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକୁ ଯେଉଁ ସର୍ବୋଚ୍ଚ ବିଡର୍ ଉଠାଇବେ, ତାଙ୍କୁ ବିଏସ୍‌ଏଫ୍ ପରିସରରୁ ସେଗୁଡ଼ିକୁ ନେବା ପାଇଁ ନିଜସ୍ୱ ବ୍ୟବସ୍ଥା କରିବାକୁ ହେବ। ନିଲାମ କରାଯାଇଥିବା ଅଣ-ବ୍ୟବହାର୍ଯ୍ୟ ସାମଗ୍ରୀର ସ୍ଥାନାନ୍ତରଣ/ଉଠାଇବା ପାଇଁ କୌଣସି ପରିବହନ ବ୍ୟବସ୍ଥା ପ୍ରଦାନ କରାଯିବ ନାହିଁ।
୪. ନିଲାମ ବିଭାଗୀୟ ନିୟମ ଓ ବନ୍ଦୋବସ୍ତ ଅନୁଯାୟୀ ସଞ୍ଚାଳିତ ହେବ। ନିଲାମ ସଞ୍ଚାଳନ କରୁଥିବା ଅଧିକାରୀ ପରିଷଦଙ୍କ ନିକଟରେ କୌଣସି କାରଣ ନ ଦର୍ଶାଇ ବିଡ୍‌କୁ ନାକଚ କରିବାର ପୂର୍ଣ୍ଣ ଅଧିକାର ରହିବ।
୫. କୌଣସି ଟିକସ ଦେୟ ଲାଗୁ ହେବା ପାଇଁ ବିଏସ୍‌ଏଫ୍ ଦାୟୀ ରହିବ ନାହିଁ।
୬. ଅଣ-ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ।
୭. ନିଲାମ ଆରମ୍ଭ ହେବା ପୂର୍ବରୁ ଅଧିକାରୀ ପରିଷଦ ଦ୍ୱାରା ନିଲାମର ନିୟମ ଓ ସର୍ତ୍ତାବଳୀ ଘୋଷଣା କରାଯିବ।
୮. ଯଦି କୌଣସି କ୍ଷେତ୍ରରେ, ବିଡର୍ ୧୦ ଦିନର ନିର୍ଦ୍ଧାରିତ ସମୟ ମଧ୍ୟରେ ବକେୟା ଅର୍ଥରାଶି ଜମା କରିବା କିମ୍ବା ନିଲାମ ସ୍ଥାନରୁ ଅଣ-ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକୁ ଉଠାଇବାରେ ବିଫଳ ହୁଅନ୍ତି, ତେବେ ସେ ପ୍ରଚଳିତ ଦରରେ ଜମିର ଭଡ଼ା ପୈଠ କରିବା ଏବଂ ତାଙ୍କ ଅମାନତ ଜମାର ବାଜ୍ୟାପ୍ତୀକରଣ ପାଇଁ ଦାୟୀ ରହିବେ।

ସ୍ୱା./- (ବିଜୟ କୁମାର) ଡିସି/କ୍ୟୁଏମ୍
DAVP 19110/11/0112/1819 କମାଣ୍ଡାଣ୍ଟ ୧୧୨ ବିଏନ୍ ବିଏସ୍‌ଏଫ୍‌ଙ୍କ ପାଇଁ

**ଉତ୍ତର ରେଳପଥ**

**୧ମ ଶୁଦ୍ଧିପତ୍ର ବିଜ୍ଞପ୍ତି**

**ଖୋଲା ଇ-ଟେଣ୍ଡର ନଂ. ୮୦୨-ଏମ୍/୬/ପ୍ରୋଜେକ୍ଟ ଉତ୍କୃଷ୍ଟ/ଏମ୍‌ସି-।/୨୦୧୮-୧୯**

ଚିଫ୍ ରୋଲିଂ ଷ୍ଟକ୍ ଇଞ୍ଜିନିୟର/କୋଚିଂ, ଉତ୍ତର ରେଳପଥ, ବରୋଦା ହାଉସ୍ ଅଭିଜ୍ଞ ଏବଂ ସକ୍ଷମ ଟେଣ୍ଡରଦାତାଙ୍କ ଦ୍ୱାରା ସମ୍ପାଦିତ ହେବାକୁ ଥିବା ଇ-ଟେଣ୍ଡର ନଂ.୮୦୨-ଏମ୍/୬/ପ୍ରୋଜେକ୍ଟ ଉତ୍କୃଷ୍ଟ/ଏମ୍‌ସି-।/୨୦୧୮-୧୯ ସଂକ୍ରାନ୍ତରେ ପ୍ରଥମ ଶୁଦ୍ଧିପତ୍ର ଅପଲୋଡ୍ କରିଛନ୍ତି।

| | | |
|---|---|---|
| ୧. | କାର୍ଯ୍ୟର ନାମ | ପ୍ରୋଜେକ୍ଟ ଉତ୍କୃଷ୍ଟ ଅଧୀନରେ ଟ୍ରେନ୍‌ଗୁଡ଼ିକର ଉନ୍ନତୀକରଣ |
| ୨. | କାର୍ଯ୍ୟ ସ୍ଥାନ | ଉତ୍ତର ରେଳପଥ, ଉତ୍ତର ପୂର୍ବ ରେଳପଥ ଏବଂ ପଶ୍ଚିମ ମଧ୍ୟ ରେଳପଥରେ |
| ୩. | କାର୍ଯ୍ୟର ଅବଧି | ୮ ମାସ |
| ୪. | କାର୍ଯ୍ୟର ଆନୁମାନିକ ମୂଲ୍ୟ | ଟ.୬୫,୩୫,୫୦,୭୭୫/- (ଜିଏସ୍‌ଟିର ବ୍ୟବସ୍ଥା ସହିତ) |
| ୫. | ଟେଣ୍ଡର ଏବଂ ଶୁଦ୍ଧିପତ୍ର କାଗଜପତ୍ରର ଉପଲବ୍ଧତା | ୱେବ୍‌ସାଇଟ୍ www.ireps.gov.inରେ |
| ୬. | ପ୍ରଥମ ଶୁଦ୍ଧିପତ୍ର ଜାରି ହେବା ତାରିଖ | ତା୦୪।୦୨।୨୦୧୯ରିଖ |
| ୭. | ଟେଣ୍ଡର କାଗଜପତ୍ର ଉପଲବ୍ଧତାର ତାରିଖ ଓ ସମୟ | ତା୨୪।୦୧।୧୯ରୁ ୨୦।୦୨।୧୯ରିଖ, ୧୫.୦୦ ଘଟିକା ପର୍ଯ୍ୟନ୍ତ (କେବଳ କାର୍ଯ୍ୟଦିବସରେ) |
| ୮. | ଟେଣ୍ଡର ସମାପ୍ତିର ତାରିଖ ଓ ସମୟ | ତା୨୦।୦୨।୧୯ରିଖ ୧୫.୦୦ ଘ. |
| ୯. | ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ (ବୈଷୟିକ ବିଡ୍) | ତା୨୦।୦୨।୧୯ରିଖ ୧୫.୩୦ ଘ. |
| ୧୦. | ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ (ଆର୍ଥିକ ବିଡ୍) | ବୈଷୟିକ ମୂଲ୍ୟାୟନ ପରେ। |
| ୧୧. | ଟେଣ୍ଡର ଖୋଲାଯିବା ସ୍ଥାନ | ଉତ୍ତର ରେଳପଥ ମୁଖ୍ୟ କାର୍ଯ୍ୟାଳୟ, ବରୋଦା ହାଉସ୍, ନୂଆଦିଲ୍ଲୀ। |

**୧ମ ଶୁଦ୍ଧିପତ୍ର**

**'ପ୍ରୋଜେକ୍ଟ ଉତ୍କୃଷ୍ଟ'** ଅଧୀନରେ ଟ୍ରେନ୍‌ଗୁଡ଼ିକର ଉନ୍ନତୀକରଣ ପାଇଁ ଏକ ଖୋଲା ଇ-ଟେଣ୍ଡର (ଇ-ଟେଣ୍ଡର ନଂ.୮୦୨-ଏମ୍/୬/ପ୍ରୋଜେକ୍ଟ ଉତ୍କୃଷ୍ଟ/ଏମ୍‌ସି-୧/୨୦୧୮-୧୯), ମୂଲ୍ୟ ଟ.୬୫,୩୫,୫୦,୭୭୫/-, ତା୨୫।୦୧।୨୦୧୯ରିଖ ଦିନ ଆଇଆରଇପିଏସ୍‌ରେ ଅପଲୋଡ୍ କରାଯାଇଛି। କଥିତ ଟେଣ୍ଡର ପାଇଁ ନିମ୍ନଲିଖିତ ଶୁଦ୍ଧିପତ୍ର ଜାରି କରାଯାଇଛି।

**୧. ଆନେକ୍ସର-୧, ପାରା ୯(ଏ) କାର୍ଯ୍ୟର ପରିସର** (ଟେଣ୍ଡର କାଗଜପତ୍ରର ପୃଷ୍ଠା ନଂ. ୩୧ରୁ ୩୬)
କଥିତ ଟେଣ୍ଡର ଅଧୀନରେ ସମ୍ପାଦିତ ହେବାକୁ ଥିବା କାର୍ଯ୍ୟରେ, ନିମ୍ନଲିଖିତ ସାମଗ୍ରୀଗୁଡ଼ିକୁ କେବଳ ଆର୍‌ଆଇଟିଇଏସ୍‌ର ନିରୀକ୍ଷଣ ପରେ ଫିଟ୍ କରାଯିବ ଏବଂ ଆର୍‌ଆଇଟିଇଏସ୍ ନିରୀକ୍ଷଣ ପ୍ରମାଣପତ୍ରକୁ ସାମଗ୍ରୀର ଡେଲିଭରୀ ସମୟରେ ଦାଖଲ କରାଯିବ। ଅଧିକନ୍ତୁ, ଏହିସବୁ ସାମଗ୍ରୀଗୁଡ଼ିକୁ ଓଇଏମ୍ କିମ୍ବା ଓଇଏମ୍‌ଙ୍କ ପ୍ରାଧିକୃତ ଡିଲର/ଏଜେଣ୍ଟଙ୍କଠାରୁ ସଂଗ୍ରହ କରାଯିବା ଆବଶ୍ୟକ। ସାମଗ୍ରୀର ବିଶୁଦ୍ଧତାକୁ ସୁନିଶ୍ଚିତ କରିବା ପାଇଁ, ସାମଗ୍ରୀକୁ ଅସଲି ଓଇଏମ୍ ପ୍ୟାକିଂରେ ଯୋଗାଣ କରାଯିବ କିମ୍ବା ମୂଳ ଡେଲିଭରୀ ଚାଲାଣ/ଇନ୍‌ଭଏସ କପି ସମେତ ସାମଗ୍ରୀଟି ମୂଳତଃ ସେମାନଙ୍କର ଏ ବାବଦୀୟ ଓଇଏମ୍‌ଙ୍କ ପ୍ରମାଣପତ୍ର ସହ ଯୋଗାଣ କରାଯିବ।

| ସାମଗ୍ରୀ ନଂ. | କାର୍ଯ୍ୟର ବର୍ଣ୍ଣନା |
|---|---|
| ୩ | ଫ୍ଲୋରିଂ - ଦୁଇ ଭାଗ ସଲ୍‌ଭେଣ୍ଟ ମୁକ୍ତ ଇପକ୍ସି ରେଜିନ୍ କୋଟିଂ ଆରସିଏଫ୍ ବିଶେଷତା- ଏମ୍‌ଡିଟିଏସ୍୪୪୨୮୯ ଅନୁଯାୟୀ। |
| ୪ | ପଶ୍ଚିମ ରେଳପଥର ଡ୍ରଇଂ ସି/ଏସ୍‌କେ-୫୧୫/ଏଚ୍ ଅନୁଯାୟୀ ଗୋଲାକାର ୱାଶ୍ ବେସିନ୍ ବୋଲ୍ ସହିତ ଏମ୍‌ସିଏଫ୍ ବିଶେଷତା ଏମ୍‌ଏମ୍ ଡିଟିଏସ୍-୧୮୦୦୮ ସଂଶୋଧନ ଶୂନ୍ୟ ଅନୁଯାୟୀ ନିର୍ମିତ ଇଣ୍ଟେଗ୍ରେଟେଡ୍ ଡଷ୍ଟବିନ୍‌ଯୁକ୍ତ କାଉଣ୍ଟରଟପ୍‌ର ବ୍ୟବସ୍ଥା, ୧୨ ମିମି ଘନତ୍ୱ, ଆକାର ୱାଶ୍ ବେସିନ୍ ପାଇଁ ଶୌଚାଳୟରେ ଉପଲବ୍ଧ ଜାଗା ଅନୁଯାୟୀ। |
| ୧୧ | ବିଶେଷତା ଆର୍‌ଡିଏସ୍‌ଓ/୨୦୦୮/ସିଜି-୧୧ ଅନୁଯାୟୀ ଅଟୋମ୍ୟାଟିକ୍ ହାଇଜିନ୍ ଏବଂ କଣ୍ଟ୍ରୋଲ୍ ସିଷ୍ଟମ୍‌ର ଯୋଗାଣ ଓ ସ୍ଥାପନ ତଥା ଆରେଞ୍ଜମେଣ୍ଟ କିଟ୍‌ର ସ୍ଥାପନ। ବ୍ରାଣ୍ଡ: କେବଳ ଏସିଏମ୍‌ଇ, ସୁସା, ଇକୋ, ମାଇ ଷ୍ଟେୟାର୍। |


**୨. ଆନେକ୍ସର-୧, ପାରା ୯(ଏ) କାର୍ଯ୍ୟର ପରିସର** (ଟେଣ୍ଡର କାଗଜପତ୍ରର ପୃଷ୍ଠା ନଂ. ୩୧ରୁ ୩୬)
କାର୍ଯ୍ୟର ପରିସରରେ ସୂଚିତ କୋଚ୍‌ରେ ବ୍ୟବହୃତ ହେବା ପାଇଁ ବିନିର୍ଦ୍ଦିଷ୍ଟ ବ୍ରାଣ୍ଡେଡ୍ ସାମଗ୍ରୀଗୁଡ଼ିକୁ ଓଇଏମ୍ କିମ୍ବା ଓଇଏମ୍‌ଙ୍କ ପ୍ରାଧିକୃତ ଡିଲର/ଏଜେଣ୍ଟଙ୍କଠାରୁ ସଂଗ୍ରହ କରାଯିବା ଆବଶ୍ୟକ। ସାମଗ୍ରୀର ବିଶୁଦ୍ଧତାକୁ ସୁନିଶ୍ଚିତ କରିବା ପାଇଁ, ସାମଗ୍ରୀକୁ ଅସଲି ଓଇଏମ୍ ପ୍ୟାକିଂରେ ଯୋଗାଣ କରାଯିବ କିମ୍ବା ମୂଳ ଡେଲିଭରୀ ଚାଲାଣ/ଇନ୍‌ଭଏସ କପି ସମେତ ସାମଗ୍ରୀଟି ମୂଳତଃ ସେମାନଙ୍କର ଏ ବାବଦୀୟ ଓଇଏମ୍‌ଙ୍କ ପ୍ରମାଣପତ୍ର ସହ ଯୋଗାଣ କରାଯିବ।

୩.

| ଆନେକ୍ସର-୧ ପାରା ୯ (ଏ) କାର୍ଯ୍ୟର ପରିସର। ସାମଗ୍ରୀ ନଂ. ୧୭ (ଟେଣ୍ଡର କାଗଜପତ୍ରର ପୃଷ୍ଠା ସଂ. ୩୪) | ବିଦ୍ୟମାନ ବର୍ଣ୍ଣନା | ସଂଶୋଧିତ ବର୍ଣ୍ଣନା |
|---|---|---|
| | ହଟ୍ ସ୍ପଟ୍ ୱାଇ-ଫାଇ ସିଷ୍ଟମ୍‌ର ବ୍ୟବସ୍ଥା (୧) କଣ୍ଟେଣ୍ଟ ଅନ୍ ଡିମାଣ୍ଡ ୱାଇ-ଫାଇ ଭିତ୍ତିକ ମ୍ୟାଜିକ ବକ୍ସ, ପାୱାର ଆଡପ୍ଟର ଓ କେବୁଲ ସହିତ। (୨) ୫୦୦ ଘଣ୍ଟାର ଲାଇସେନ୍ସ କଣ୍ଟେଣ୍ଟ ସହିତ ବକ୍ସ ପିଛା ବର୍ଷ ପିଛା କଣ୍ଟେଣ୍ଟ ଲାଇସେନ୍ସ ମୂଲ୍ୟ | ହଟ୍ ସ୍ପଟ୍ ୱାଇ-ଫାଇ ସିଷ୍ଟମ୍‌ର ବ୍ୟବସ୍ଥା (୧) କଣ୍ଟେଣ୍ଟ ଅନ୍ ଡିମାଣ୍ଡ ୱାଇ-ଫାଇ ଭିତ୍ତିକ ମ୍ୟାଜିକ ବକ୍ସ, ପାୱାର ଆଡପ୍ଟର ଓ କେବୁଲ ସହିତ। (୨) ୫୦୦ ଘଣ୍ଟାର ଲାଇସେନ୍ସ କଣ୍ଟେଣ୍ଟ ସହିତ ବକ୍ସ ପିଛା ବର୍ଷ ପିଛା କଣ୍ଟେଣ୍ଟ ଲାଇସେନ୍ସ ମୂଲ୍ୟ, ଆରସିଏଫ୍ ବିଶେଷତା ନଂ. ଇଡିଟିଏସ୍୩୯୬ ଅନୁଯାୟୀ। |
| ଆନେକ୍ସର-୧, ପାରା ୯ (ବି) ପ୍ରୋଜେକ୍ଟ ଉତ୍କୃଷ୍ଟ ଅଧୀନରେ ନୂଆ ପେଣ୍ଟିଂ ସ୍କିମ୍ ଅଧୀନରେ କୋଚ୍‌ଗୁଡ଼ିକର ବାହ୍ୟ ପିୟୁ ପେଣ୍ଟିଂ। ଠିକାର ବିଶେଷ ସର୍ତ୍ତାବଳୀ (ଟେଣ୍ଡର କାଗଜପତ୍ରର ପୃଷ୍ଠା ନଂ.୩୮) | ବିଶେଷତା ଆର୍‌ଡିଏସ୍‌ଓ/ଏମ୍‌ସିଏନ୍/୧୦୦/୨୦୧୮ ର ଆବଶ୍ୟକତା ଅତିରିକ୍ତ ଯାତ୍ରୀ ସୁରକ୍ଷାକୁ ଉନ୍ନତ କରିବା ପାଇଁ ଉନ୍ନତ ଅଗ୍ନି ଓ ବିଷାକ୍ତତା ଅନୁପାଳନ ନିମନ୍ତେ ପେଣ୍ଟ ସିଷ୍ଟମ୍‌କୁ ସର୍ବନିମ୍ନ **ଆର୍୧ଏଚ୍‌ଏଲ୍୩ ସ୍ତରରେ ଉତ୍ତୀର୍ଣ୍ଣ ହେବା ପାଇଁ ଇଏନ୍ ୪୫୫୪୫ର** ଆବଶ୍ୟକତା ଅନୁଯାୟୀ ପରୀକ୍ଷଣ କରାଯିବା ଆବଶ୍ୟକ। ଟେଣ୍ଡରଦାତା ବିଡ୍ ସହିତ ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ "ପ୍ରମାଣନ କାର୍ଯ୍ୟ"ଙ୍କ ଦ୍ୱାରା ପ୍ରମାଣିତ ନିରପେକ୍ଷ ପରୀକ୍ଷାଗାରରୁ ପ୍ରାମାଣିତ ତଥ୍ୟ ଦାଖଲ କରିବେ। | ଠିକାର ବିଶେଷ ସର୍ତ୍ତାବଳୀର ଏହି ଉପଧାରାକୁ ବାଦ୍ ଦିଆଯାଇଛି। |
| ପି୧୪। ଠିକା ପ୍ରଦାନ/ବିଡ୍‌ର ମୂଲ୍ୟାୟନ: (ଟେଣ୍ଡର କାଗଜପତ୍ରର ପୃଷ୍ଠା ନଂ. ୮) | | ଦ୍ରଷ୍ଟବ୍ୟ ୩ ଯୋଗ କରାଯାଇଛି: ୩. ପ୍ରଦତ୍ତ ପଦ୍ଧତି ଅନୁଯାୟୀ ଯଦି ଆବଣ୍ଟନ ପରେ କିଛି ରେକ୍ ବାକି ରହିଯାଏ, ସେ କ୍ଷେତ୍ରରେ ଯୋଗ୍ୟ ଟେଣ୍ଡରଦାତାଙ୍କୁ ଏଲ୍-୧ ଦରରେ ସେହି ରେକ୍‌ଗୁଡ଼ିକୁ ଆବଣ୍ଟିତ କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ। |

ନଂ. ୮୦୨-ଏମ୍/୬/ପ୍ରୋଜେକ୍ଟ ଉତ୍କୃଷ୍ଟ/ଏମ୍‌ସି-୧/୨୦୧୮-୧୯, ତାରିଖ: ୦୫।୦୨।୨୦୧୯ 342/19

**ହର୍ଷର ସହିତ ଗ୍ରାହକଙ୍କ ସେବାରେ**



ଯେଉଁ ବ୍ୟକ୍ତି ବାରମ୍ବାର ମତ ପରିବର୍ତ୍ତନ କରେ,
ତା’ କଥା କେବେ ଗ୍ରହଣଯୋଗ୍ୟ ନୁହେଁ।
- ଚାଣକ୍ୟ



# ଅଧା ରାସ୍ତାରେ ଗର୍ଜିଲେ ଚାଷୀ

ଯାଜପୁର ଅଫିସ/ଧର୍ମଶାଳା/ଚଣ୍ଡିଖୋଲ(ଡି.ଏନ.ଏ.),୬।୨



ନେଉଳପୁର ନିକଟରେ ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।



ଚଣ୍ଡିଖୋଲଠାରେ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଆଲୋଚନା କରୁଛନ୍ତି।

- ୫ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ
- ସମ୍ଭାଳି ପାରିଲାନି ପୋଲିସ, ପରିସ୍ଥିତି ଅଣାୟତ୍ତ
- ଚଣ୍ଡିଖୋଲ ଛକରୁ ଗୋକର୍ଣ୍ଣେଶ୍ୱର ପୋଲ ଯାଏ ଜାମ୍
- ପ୍ରଶାସନିକ ଅଧିକାରୀଙ୍କ ମିଳିଲାନି ସାକ୍ଷାତ୍

ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍ସନ ଦାବିରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଭୁବନେଶ୍ୱରରେ ବୁଧବାର ଆନ୍ଦୋଳନ ଡାକରା ଦିଆଯାଇଥିଲା। ତେବେ କୃଷକ ଆନ୍ଦୋଳନରେ ଯୋଗ ଦେବାକୁ ବିଭିନ୍ନ ଜିଲାରୁ ଯାଉଥିବା ଚାଷୀଙ୍କୁ ସକାଳୁ ପୋଲିସ ବିଭିନ୍ନ ସ୍ଥାନରେ ଅଟକ ରଖିଥିଲା। ଚାଷୀମାନେ ଏଥିରେ ଉଦ୍‌ବେଗ ପ୍ରକାଶ କରି କଟକ-ପାଣିକୋଇଲି ୧୬ନମ୍ବର ଜାତୀୟ ରାଜପଥର ଜାରକା ନିକଟରେ ରାସ୍ତା ଉପରେ ବସି ରହିଥିଲେ। ଫଳରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ ସମସ୍ତ ଗାଡ଼ି ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ୫ଘଣ୍ଟା ଧରି ରାସ୍ତାରେ ଯାତ୍ରୀ ନାହିଁ ନ ଥିବାର ସମସ୍ୟାର ସମ୍ମୁଖୀନ ହୋଇଥିଲେ। କେତେକ କଳେବଳେ କୌଶଳେ ନିଜ ଘରକୁ ଫେରି ଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଯେଉଁମାନେ ଗାଡ଼ିରେ ଫଶି ରହିଥିଲେ ସେମାନେ ପାଣି ଟିକକ ପାଇଁ ତହଳବିକଳ ହୋଇଯାଇଥିଲେ। ପରିବାର ସହ ଯାଉଥିବା ଛୋଟଛୋଟ ପିଲାମାନେ ପାଣି ଓ ଖାଇବାକୁ ନ ପାଇ କାନ୍ଦିବାର ଦୃଶ୍ୟ ଉପସ୍ଥିତ ଲୋକଙ୍କୁ ମର୍ମାହତ କରିଥିଲା । ଏପରିକି ଏଭଳି ଅଣାୟତ୍ତ ପରିସ୍ଥିତି ପାଇଁ ସରକାରଙ୍କୁ ବିଷୋଦ୍‌ଗାର କରିବାକୁ ଲୋକେ ପଛାଉ ନ ଥିଲେ। ଏପରିକି କେତେକ ସ୍ଥାନରେ ଆମ୍ବୁଲାନ୍ସ ମଧ ଫଶି ରହିଥିବା ଦେଖିବାକୁ ମିଳିଥିଲା।

ବୁଧବାର ସକାଳୁ ଭୁବନେଶ୍ୱରଠାରେ ହେବାକୁ ଥିବା ସମାବେଶରେ ଯୋଗଦେବା ପାଇଁ ଯାଜପୁର ଜିଲା ସମେତ ଅନ୍ୟାନ୍ୟ ଜିଲାର ଶତାଧିକ ଚାଷୀ ବିଭିନ୍ନ ଗାଡ଼ିରେ ଯାଉଥିଲେ। ତେବେ ଜିଲା ପୋଲିସ ଜାରକା, ଚଣ୍ଡିଖୋଲ, ଛତିଆ, ମଙ୍ଗୁଳି ଟୋଲ୍‌ଗେଟ ଆଦି ସ୍ଥାନରେ ଯାଞ୍ଚ କରି ଚାଷୀଙ୍କୁ ଅଟକ ରଖିଥିଲା। ଧର୍ମଶାଳା ଥାନା ପୋଲିସ ଚାଷୀମାନଙ୍କୁ ରଥିଆଛକ ନିକଟରେ ଅଟକାଇଥିଲା। ଏହାପରେ ଚାଷୀମାନେ ଯିବାପାଇଁ ଜିଦ୍ ଧରିଥିଲେ। ପୋଲିସ ଓ ଚାଷୀମାନଙ୍କ ମଧ୍ୟରେ ଏକ ପ୍ରକାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଚାଷୀମାନେ ଉତ୍ତ୍ୟକ୍ତ ହୋଇ ୧୬ନମ୍ବର ଜାତୀୟ ରାଜପଥର ଉଭୟ ଲାଇନକୁ ଅବରୋଧ କରିଥିଲେ। ଚାଷୀନେତା ଅଧିର କୁମାର ଜେନା, ଗୟାଧର ରାଉତ, ସନ୍ତୋଷ ବାରିକ, ନକୁଳ ଚନ୍ଦ୍ର ରାଉତ, ଗଙ୍ଗାଧର ସାମଲ, ଦୁର୍ଯ୍ୟୋଧନ ସାମଲ, ପ୍ରଫୁଲ୍ଲ ମଳିକ, ପିତାମ୍ବର ପୃଷ୍ଟି ପ୍ରମୁଖ ଚାଷୀନେତା ଏହାର ନେତୃତ୍ୱ ନେଇଥିଲେ। ଏହି ରାସ୍ତା ଅବରୋଧ ଯୋଗୁ ଆମ୍ବୁଲାନ୍ସ ସେବାକୁ ଛାଡ଼ିଦେଲେ ଅନ୍ୟସମସ୍ତ ଗାଡ଼ି ଅଟକ ରହିଥିଲା। କିନ୍ତୁ ଗାଡିର ଉଭୟ ପାର୍ଶ୍ୱରେ ଫସି ରହିଥିବା ଆମ୍ବୁଲାନ୍ସ ଗନ୍ତବ୍ୟସ୍ଥଳକୁ ଯିବାରେ ସମସ୍ୟା ହୋଇଥିଲା। ଚଣ୍ଡିଖୋଲ ଛକଠାରୁ ଗୋକର୍ଣ୍ଣେଶ୍ୱର ପୋଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ଥିଲା। ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଚଣ୍ଡିଖୋଲରେ ପହଞ୍ଚିବା ଖବର ପାଇ ଚାଷୀମାନେ ଆହୁରି ଉତ୍ସାହିତ ହେବା ସହିତ ରାଜରାସ୍ତାରୁ ନ ଉଠିବା ପାଇଁ ଜିଦ୍ ଧରି ବସିଥିଲେ। ଚାଷୀନେତାମାନେ ପ୍ରାଇସ, ପ୍ରେଷ୍ଟିଜ ଓ ପେନ୍‌ସନ ଦାବିରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହିତ ପୋଲିସ ଲଗାଇ ସେମାନଙ୍କ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେବାକୁ କରାଯାଉଥିବା ହୀନ ପ୍ରୟାସକୁ ବିରୋଧ କରିଥିଲେ। ଭୁବନେଶ୍ୱରରେ ନ ପହଞ୍ଚିଲେ ମଧ ରାଜରାସ୍ତାରେ ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ। ଏହି ବନ୍ଦ ସମୟରେ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଧାରଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ସମର୍ଥନ ଜଣାଇଥିଲେ। ତେବେ ଚଣ୍ଡିଖୋଲରେ ଚାଷୀ ନେତା ଅକ୍ଷୟଙ୍କୁ ପୋଲିସ ଗିରଫ କରି ନେବା ପରେ ଅପରାହ୍ନ ସାଢେ ୩ଟାରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟଙ୍କ ସମେତ ରାଜ୍ୟ ସହସଂଯୋଜକ ନିମାଇଁ ରାୟ, ଜିଲା ସଂଯୋଜକ ଦୁର୍ଗାପ୍ରସାଦ ଦାଶ ସମେତ ଶତାଧିକ ଚାଷୀଙ୍କୁ ଗିରଫ କରିଥିଲା। ଦୀର୍ଘ ସମୟ ଧରି ଚାଷୀମାନେ ରାସ୍ତା ଅବରୋଧ କରିଥିଲେ ସୁଦ୍ଧା ଘଟଣାସ୍ଥଳରେ ପୋଲିସକୁ ଛାଡ଼ିଦେଲେ ଜିଲାପ୍ରଶାସନର କୌଣସି ଅଧିକାରୀଙ୍କୁ ଦେଖିବାକୁ ମିଳି ନ ଥିଲା। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଏପରି କି ଘଟଣାସ୍ଥଳରୁ ଜିଲାପାଳଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇପାରି ନ ଥିଲା। ପରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇ ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ନ ଥିଲେ।

## ସଂକ୍ଷେପରେ

### ରାବଣା ଛକରେ ସଡ଼କ ସୁରକ୍ଷା ସପ୍ତାହ

**ଯାଜପୁର ଅଫିସ,୬।୨:** ଇମାମି ସିମେଣ୍ଟ କାରଖାନା ପକ୍ଷରୁ ୩୦ତମ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଛି। କାରଖାନାର ମୁଖ୍ୟ ପ୍ରଭେନ୍ଦ୍ର କୁମାର ସିଂ ଏହାର ଉଦ୍‌ଘାଟନ କରିଥିବାବେଳେ ସୁରକ୍ଷା ବିଭାଗର ମୁଖ୍ୟ ବିମଳ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏକ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଇଥିଲା। ଏଥିସହିତ କାରଖାନାର ମୁଖ୍ୟ ଦ୍ୱାର ନିକଟରେ ସୁରକ୍ଷା କର୍ମୀମାନେ କାରଖାନାକୁ ଯିବା ଆସିବା କରୁଥିବା ସମସ୍ତ ଗାଡି ଚାଳକଙ୍କୁ ହେଲମେଟ ଓ ବେଲ୍ଟ ପିନ୍ଧିବାକୁ ପରାମର୍ଶ ଦେଇଥିଲେ। କାରଖାନାର ମାନବ ସମ୍ବଳ ମୁଖ୍ୟ ଅନୀଲ କୁମାର ଦାସ, ସିକ୍ୟୁରିଟି ବିଭାଗର ମୁଖ୍ୟ ସନ୍ତୋଷ କୁମାର ଚୌଧୁରୀ, ସିଏସ୍ଆର ବିଭାଗର ପ୍ରଭାତ କୁମାର ସିଂ, ମାନବସମ୍ବଳ ଅଧିକାରୀ ଚିନ୍ମୟ ଧଳ, ରାଜେଶ ପାଲ, ବିଜୟ କୁମାର ମିଶ୍ର ପ୍ରମୁଖ ରାବଣାଛକରେ ଦୁଇ ଚକିଆ ଓ ଚାରି ଚକିଆ ଚାଳକଙ୍କୁ ସୁରକ୍ଷା ନିୟମାବଳୀର ପ୍ରଚାର ପତ୍ର ବଣ୍ଟନ କରିଥିଲେ।

### ବାଲେଶ୍ୱର ଆଲୟଜ ଖଣିରେ ଆୟକର ବିଭାଗ ଚଢ଼ାଉ

**କାଳିଆପାଣି, ୬।୨(ଡି.ଏନ୍.ଏ.):** ବାଲେଶ୍ୱର ଆଲୟଜ ଖଣିରେ ବୁଧବାର ଆୟକର ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ସକାଳ ପାଖାପାଖି ୮ଟା ସମୟରେ ଆୟକର ବିଭାଗର ୩ ଜଣିଆ ଦଳ କାଳିଆପାଣିସ୍ଥିତ ଖଣି କାର୍ଯ୍ୟାଳୟରେ ପହଞ୍ଚି ପ୍ରଥମେ ଖଣି ମୁଖ୍ୟ ଫାଟକ ବନ୍ଦ କରିଦେବା ସହ କାର୍ଯ୍ୟାଳୟକୁ ବନ୍ଦ କରିଦେଇଥିଲେ। ପରେ ମ୍ୟାନେଜର ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସମେତ କାର୍ଯ୍ୟାଳୟରେ ଥିବା ସମସ୍ତ କାଗଜପତ୍ର ଓ କମ୍ପ୍ୟୁଟର ଯାଞ୍ଚ କରିଥିଲେ। ଦିନ ୧୨ଟା ପର୍ଯ୍ୟନ୍ତ ଏହି ତଦନ୍ତ ପ୍ରକ୍ରିୟା ଚାଲିଥିଲା। ଆୟକର ବିଭାଗ ପକ୍ଷରୁ ଏପରି ଅଚାନକ ଚଢାଉ ବିଷୟରେ କୌଣସି ତଥ୍ୟ ପ୍ରଦାନ କରାଯାଇ ନ ଥିବାବେଳେ କମ୍ପାନୀରେ କିଛି ମାସରେ ଥରେ ଆୟକର ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଥାଏ ବୋଲି ବରିଷ୍ଠ ପରିଚାଳକ ତାରିଣୀ ମହାନ୍ତି କହିଛନ୍ତି। ଏହିପରି କାଳିଆପାଣି ଓ ସୁକିନ୍ଦା ସମେତ ଅନ୍ୟାନ୍ୟ ସ୍ଥାନରେ ଚଢାଉ କରାଯାଉଥିବା ଜଣାପଡିଛି।

### ସାଇଶ୍ରୀ ଇଂଲିଶ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କଳିଙ୍ଗନଗର, ୬।୨(ଡି.ଏନ୍.ଏ):** ଦାନଗଦୀ ତ୍ରିଜଙ୍ଗା କଲୋନୀଠାରେ ବୁଧବାର ସାଇଶ୍ରୀ ଇଂଲିଶ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡାଇ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକିନ୍ଦା ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ଏମ୍‌ପିଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ରାୟ, ସରପଞ୍ଚ କାହ୍ନୁ ଚରଣ ଦାସ, ସେକ୍ ନୁରୁଦ୍ଦିନ୍, ବିଦ୍ୟାଳୟ ପ୍ରତିଷ୍ଠାତା ପ୍ରତାପ ଚନ୍ଦ୍ର ଦାସ, ବିଦ୍ୟାଳୟ ପ୍ରିନ୍ସପାଲ ମନୋରମା ଦାସ, ପବିତ୍ର ଜେନାମଣୀ ପ୍ରମୁଖ ଯୋଗଦେଇ ଥିଲେ।

### ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ୩୮୧୦ ଜଣଙ୍କୁ ମିଳିଛି ନିଯୁକ୍ତି

**ଯାଜପୁର ଅଫିସ,୬।୨:** ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଆନୁକୂଲ୍ୟରେ ବୁଧବାର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲାପାଳ ରଞ୍ଜନ କୁମାର ଦାସ ଏଥିରେ ଯୋଗଦେଇ ଦକ୍ଷତାର ବିକାଶ ହିଁ ଜଣେ ବ୍ୟକ୍ତିକୁ ଏକ ସର୍ବାଙ୍ଗ ବିକଶିତ ସମ୍ବଳରେ ରୂପାନ୍ତରିତ କରି ପାରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଓର୍‌ମାସ୍‌ର ସହକାରୀ ନିର୍ଦ୍ଦେଶକ ତଥା ଦୀନ୍ ଦୟାଲ୍ ଉପାଧ୍ୟାୟ ଯୋଜନାର ନୋଡାଲ ଅଧିକାରୀ କ୍ଷୀତିଶ ଚନ୍ଦ୍ର ବିଶ୍ୱାଳ ଏଥିରେ ଅଧକ୍ଷତା କରିବା ସହ ଚଳିତ ବର୍ଷ ୧୯୧୧ଜଣଙ୍କୁ ତାଲିମ ପ୍ରଦାନର ବ୍ୟବସ୍ଥା ଥିବାବେଳେ ଜାନୁୟାରୀ ସୁଦ୍ଧା ୧୮୨୭ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲେ। ତନ୍ମଧ୍ୟରୁ ୧୩୩୮ଜଣଙ୍କୁ ନିଯୁକ୍ତିର ଲକ୍ଷ୍ୟ ଥିବାବେଳେ ୯୬୩ ଜଣଙ୍କୁ କର୍ମ ନିୟୋଜନ ଦିଆଯାଇଛି। ୨୦୧୪-୧୫ ଠାରୁ ଏହି ଯୋଜନା ଆରମ୍ଭ ହୋଇଥିଲା। ଇତି ମଧ୍ୟରେ ୯୬୮୨ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଥିବାବେଳେ ତନ୍ମଧ୍ୟରୁ ୩୮୧୦ ଜଣଙ୍କୁ ବିଭିନ୍ନ ସଂସ୍ଥାରେ ନିୟୋଜିତ କରାଯାଇଛି। ଅନ୍ୟମାନେ ନିଜେ ମଧ୍ୟ ସ୍ୱରୋଜଗାରକ୍ଷମ ନିଜ ଦକ୍ଷତା ବଳରେ ହୋଇପାରିଛନ୍ତି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏପିଡି ମଧୁମିତା ନାୟକ, ଓଡିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ପରିଚାଳକ ପ୍ରଶାନ୍ତ କୁମାର ପାଢୀ ପ୍ରମୁଖ ଯୋଗଦେଇ ଦକ୍ଷତା ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଦକ୍ଷତା ବିକାଶ ତାଲିମ ପରେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପ୍ରାପ୍ତ ୫୦ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ ଶିକ୍ଷୟିତ୍ରୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଘଟଣା

## ଗିରଫ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିଲମ୍ବିତ

ଧର୍ମଶାଳା,୬।୨(ଡି.ଏନ.ଏ.)

ଜଣେ କ୍ରୀଡ଼ା ଶିକ୍ଷୟିତ୍ରୀଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ନିରାଶ କରିବା ପରେ ଗିରଫ ହୋଇଥିବା ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବୁଧବାର କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି। ଧର୍ମଶାଳା ବିଇଓ ପ୍ରଫୁଲ୍ଲ କୁମାର ବେହେରା ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିବା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଧର୍ମଶାଳା ବ୍ଲକ ଅଧୀନ ଏକ ହାଇସ୍କୁଲର କ୍ରୀଡ଼ା ଶିକ୍ଷୟିତ୍ରୀଙ୍କୁ ସେହି ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ସେଠୀ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ପରବର୍ତ୍ତୀ ସମୟରେ ବିବାହ କରିବାକୁ ମନା କରି ଦେଇଥିଲେ। ଶିକ୍ଷୟିତ୍ରୀ ଜଣକ ବିବାହ ପାଇଁ ଜିଦ୍ କରିବାରୁ ବିନୋଦ ଗତ ଶନିବାର ସ୍କୁଲରେ ତାଙ୍କୁ ମାରପିଟ୍ କରିଥିଲେ। ଏହା ଜଣାପଡ଼ିବା ପରେ ସ୍କୁଲର ଅନ୍ୟ ଶିକ୍ଷକମାନେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ନେଇ ଶିକ୍ଷୟିତ୍ରୀ ଜଣକ ସେହିଦିନ ସନ୍ଧ୍ୟାରେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା (୪୫/୧୯) ରୁଜୁ କରି ରବିବାର ବିନୋଦଙ୍କୁ ଗିରଫ କରିଥିଲା।

## ୩୦ତମ ସଡ଼କ ସୁରକ୍ଷା ସପ୍ତାହ

କଳିଙ୍ଗନଗର,୬।୨(ଡି.ଏନ୍.ଏ.)

ଯଖପୁରା ଥାନା ପକ୍ଷରୁ ମଙ୍ଗଳବାର ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ମାନ୍ତିରା କଲେଜର ଛାତ୍ରୀଛାତ୍ର, ଆମ ପୋଲିସର ସଭ୍ୟ ଓ ଯଖପୁରା ପୋଲିସ ସାମିଲ ହୋଇ ରାବାଣା ଛକଠାରେ ସଚେତନତା କରିଥିଲେ। ଯଖପୁରା ଥାନାଧିକାରୀ ରମାକାନ୍ତ ମୁଦୁଲି ଗୋଲାପଫୁଲ ଦେଇ ସଡ଼କ ସୁରକ୍ଷା ଜୀବନ ରକ୍ଷା ବିଷୟରେ ବୁଝାଇଥିଲେ ଏବଂ ହେଲମେଟ ପିନ୍ଧିଥିବା ଯାତ୍ରୀଙ୍କୁ ଚକଲେଟଦେଇ ଧନ୍ୟବାଦ ଦେଇଥିଲେ। ୧୦ନଂ ଜୋନ୍‌ର ଜିଲାପରିଷଦ ସଭ୍ୟ ସୁଷମା ସାମଲ, ମାନ୍ତିରା ପଞ୍ଚାୟତ ସରପଞ୍ଚ ଅକ୍ଷୟ ସିଂ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଏସ୍‌ୟୁସିଆଇ(ସି) ପକ୍ଷରୁ ବିଞ୍ଝାରପୁର ବ୍ଲକ୍ ସମ୍ମୁଖରେ ବିକ୍ଷୋଭ

ବିଞ୍ଝାରପୁର,୬।୨(ଡି.ଏନ.ଏ.)

ଗତ ସେପ୍ଟେମ୍ବର ମାସରେ ଲଗାଣ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀ ଓ ଭାଗଚାଷୀଙ୍କୁ କ୍ଷତିପୂରଣ, କୃଷିଋଣ ଛାଡ଼, ଚାଷଜମି ନିକଟରେ ଆଶ୍ରୟ ଗୃହ ନିର୍ମାଣ, ଅଭାବୀ ବିକ୍ରି ବନ୍ଦ କରିବା, ଉଦ୍‌ବୃତ୍ତ ଜଳ ନିଷ୍କାସନ, ସମସ୍ତ ଶିକ୍ଷାନୁଷ୍ଠାନରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ, ଜରୀ, ପ୍ରୀତିପୁର ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି କରିବା, ଯୋଗ୍ୟ ହିତାଧିକାରୀଙ୍କୁ ରାସନ୍ କାର୍ଡ଼ ଯୋଗାଇବା ଆଦି ଦାବିରେ ଏସ୍‌ୟୁସିଆଇ(ସି) ପକ୍ଷରୁ ବିଞ୍ଝାରପୁରରେ ବୁଧବାର ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ପାର୍ଟିର ଶତାଧିକ କର୍ମୀ, ସମର୍ଥକ ଓ ଚାଷୀମୂଲିଆ, ଛାତ୍ର, ଯୁବକ, ମହିଳାମାନେ ପ୍ରୀତିପୁର ଆଞ୍ଚଳିକ ସମ୍ପାଦକ ଓ ଜିଲା କମିଟି ସଭ୍ୟ ରାଧାବଲ୍ଲଭ ମଳିକ, ସଂଯୁକ୍ତା ନାଏକ, ତରଙ୍ଗିଣୀ ଦାସ, ବ୍ରହ୍ମାନନ୍ଦ ମଳିକ ପ୍ରମୁଖଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ମାଁସଡ଼ା ରସିକ ଛକ ନିକଟରୁ ବାହାରି ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ରାଧାବଲ୍ଲଭ ମଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସଭାରେ ଜିଲା ସମ୍ପାଦକ ତଥା ରାଜ୍ୟ କମିଟି ସଭ୍ୟ ସୁରେନ୍ଦ୍ର ମଳିକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଜନମାରଣ ନୀତିକୁ ସମାଲୋଚନା କରିଥିଲେ। ଏଥିସହ ରାଜୀବଗାନ୍ଧୀ ନେତୃତ୍ୱାଧୀନ କଂଗ୍ରେସ ସରକାରଙ୍କ ବୋଫର୍ସ ଦୁର୍ନୀତି ବର୍ତ୍ତମାନ ନରେନ୍ଦ୍ର ମୋଦୀ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ରାଫେଲ ଦୁର୍ନୀତି, ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡ଼ି ସରକାରଙ୍କ ଚିଟ୍ ଫଣ୍ଡ ଦୁର୍ନୀତି ସମ୍ପର୍କରେ କଡ଼ା ସମାଲୋଚନା କରିଥିଲେ। ବିକ୍ଷୋଭକାରୀଙ୍କ ପକ୍ଷରୁ ଏସ୍‌ୟୁସିଆଇ(ସି) ରାଜ୍ୟ କମିଟି ସଭ୍ୟ ଅଚ୍ୟୁତ ପ୍ରଧାନଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ମଣ୍ଡଳୀ ୮ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ବିଡ଼ିଓ ଦାମୋଦର ଖୁଣ୍ଟିଆଙ୍କୁ ପ୍ରଦାନ କରିଥିଲେ। ଅବିଳମ୍ବେ ଦାବିଗୁଡ଼ିକ ପୂରଣ ନ ହେଲେ ଦୁର୍ବାର ଗଣଆନ୍ଦୋଳନ ଗଢ଼ି ତୋଳିବାକୁ ଅଚ୍ୟୁତ ପ୍ରଧାନ ଆହ୍ୱାନ ଦେଇଥିଲେ।

## ନିର୍ବାଚନ ପରିଚାଳନାରେ ଅଧିକ ସମ୍ବେଦନଶୀଳ ଆବଶ୍ୟକ

ଯାଜପୁର ଅଫିସ,୬।୨

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ବୁଧବାର ଆଗାମୀ ନିର୍ବାଚନକୁ ସୁଚାରୁରୂପେ ନିର୍ବାହ ଓ ପରିଚାଳନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ ରଞ୍ଜନ କୁମାର ଦାସ ଏଥିରେ ଅଧକ୍ଷତା କରି ନିର୍ବାଚନ ଘୋଷଣା ସହ ଆଚରଣ ବିଧି ତତ୍‌କ୍ଷଣାତ ଲାଗୁ ହେଉଥିବାରୁ ଏଥିପ୍ରତି ଅଧିକ ସମ୍ବେଦନଶୀଳ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହାସହ ଏହି ନିର୍ବାଚନର ସୁପରିଚାଳନା ପାଇଁ ନିର୍ବାଚନ ଆୟୁକ୍ତ ୮ଗୋଟି ଟିମ୍ ଗଠନ କରି ବିବିଧ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଉଛନ୍ତି। ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ, ଆକାଉଣ୍ଟିଂ ଟିମ୍, ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍, ଭିଡିଓ ଭିଉଜ୍ ଟିମ୍, ଭିଡିଓ ସର୍ଭିଲାନ୍ସ ଟିମ୍, ଫ୍ଲାଇଂ ସ୍କ୍ୱାର୍ଡ, ଆଚରଣ ବିଧି ଉଲ୍ଲଂଘନ ତଦାରଖ ଟିମ୍ ଓ ମିଡିଆ ସାର୍ଟିଫିକେଶନ ମନିଟରିଂ ଟିମ୍ ଭାବେ ଗଠିତ ହୋଇଥିଲେ ମଧ ଏହା ଅଧୀନରେ ଏକାଧିକ ସବ୍ କମିଟି କାର୍ଯ୍ୟ କରୁଛନ୍ତି। ତେବେ ଦାୟିତ୍ୱରେ ଥିବା ଅଧିକାରୀ ବା କର୍ମଚାରୀ ସମ୍ପୂର୍ଣ୍ଣ ନିରପେକ୍ଷ ଭାବେ ନିର୍ବାଚନକୁ ପରିଚାଳନା କରିବା ଆବଶ୍ୟକ ବୋଲି ଜିଲାପାଳ ଦାସ କହିଥିଲେ। ନିର୍ବାଚନରେ ଗଠିତ ସମସ୍ତ କମିଟି ଗୁଡିକର କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଜାତୀୟ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ, ଅଣ ସ୍ୱୀକୃତିପ୍ରାପ୍ତ ଓ ରାଜ୍ୟସ୍ତରୀୟ ରାଜନୈତିକ ଦଳଗୁଡ଼ିକ ପାଇଁ ରହିଥିବା ବିଭିନ୍ନ ଆଚରଣ ବିଧି, ଷ୍ଟାର୍ କ୍ୟାମ୍ପେନରଙ୍କ ଉପସ୍ଥିତି, ଖର୍ଚ୍ଚର ଠିକ ହିସାବ, ସମସ୍ତ କାର୍ଯ୍ୟର ଭିଡିଓଗ୍ରାଫି, ବେଆଇନ ଅର୍ଥ ଚାଲାଣର ପ୍ରତିରୋଧ ଓ ପ୍ରତିବନ୍ଧକ ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ନିର୍ବାଚନ ସୁପରିଚାଳନା ପାଇଁ ବିବିଧ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଚିତ୍ତରଞ୍ଜନ ଦାଶ, ଡେପୁଟି କଲେକ୍ଟର କାଜଲ ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

■ ଚେତନା ଅଧିବେଶନ ସ୍ଥଳରେ ଦୁର୍ଗାମୂର୍ତ୍ତି

## ଦୁର୍ଗାଙ୍କ ଶକ୍ତି ବିନା ଚେତନା ଅଧିବେଶନ ଅସମ୍ଭବ

ବିରଜାକ୍ଷେତ୍ର,୬।୨(ଡି.ଏନ୍.ଏ.)

ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ଚାଲିଥିବା ୩୭ତମ ଜଗନ୍ନାଥ ଚେତନା ମହାଧିବେଶନରେ ମହାବିଷ୍ଣୁ ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏଥିରେ ଦୁର୍ଗାଙ୍କ ମୂର୍ତ୍ତି ଶୋଭାପାଉଛି। ଦୁର୍ଗାଙ୍କ ବିନା ପରମ ବିଷ୍ଣୁ ଜଗନ୍ନାଥ କୌଣସି କାର୍ଯ୍ୟ କରିପାରିବେ ନାହିଁ । ତଦନୁଯାୟୀ ଅଧିବେଶନସ୍ଥଳରେ ଦୁର୍ଗାଙ୍କ ମୂର୍ତ୍ତି ଶୋଭାପାଉଛି। ହିନ୍ଦୁଧର୍ମ ଅନୁସାରେ ପ୍ରତ୍ୟେକ ଉପାସନରେ ପରମବ୍ରହ୍ମ ବିଷ୍ଣୁ ମୂଳ ଦେବତା ଅଟନ୍ତି। ତାଙ୍କର ଶକ୍ତିକୁ ବ୍ରହ୍ମ ଶକ୍ତି କୁହାଯାଏ। ବ୍ରହ୍ମଶକ୍ତିରେ ରୂପାନ୍ତରିତ ହୋଇଛନ୍ତି ଦୁର୍ଗା। ଯାହାଙ୍କ ମାଧ୍ୟମରେ ପରମ ବିଷ୍ଣୁଙ୍କର ସମସ୍ତ ଶକ୍ତି କାର୍ଯ୍ୟ କରିଥାଏ। ବୈଷ୍ଣବ ଶକ୍ତି ମା’ ଦୁର୍ଗାଙ୍କ ମାଧ୍ୟମରେ ପରମବ୍ରହ୍ମ ସମସ୍ତ ଖେଳ କରିଥାନ୍ତି। ଦୁର୍ଗାଙ୍କ ଉପାସନା ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ଅଟେ। ଦୁର୍ଗାଙ୍କ ସହିତ ଭୈରବ ରୂପରେ ଶିବ ଉପାସିତ ହୋଇଥାନ୍ତି । କିନ୍ତୁ ଉତ୍କଳୀୟ ସଂସ୍କୃତିର ପରମ୍ପରା ଅନୁସାରେ ଦୁର୍ଗାଙ୍କ ସହିତ ବିଷ୍ଣୁଙ୍କ ଉପାସନା ଭାରତୀୟ ସଂସ୍କୃତିର ଅବଦାନ। ତେଣୁ ଦୁର୍ଗାଙ୍କ ସହିତ ମାଧବ ପୂଜା ହୋଇଥାଏ ଯାହାକୁ ଦୁର୍ଗା ମାଧବ ପୂଜା କୁହାଯାଏ। ସେହି ପରମ୍ପରାକୁ ଆଧାର କରି କାଳକାଳ ଧରି ଭାରତୀୟ ସଂସ୍କୃତିରେ ବିରଜାଙ୍କ ସହିତ ବରାହ, ବିମଳାଙ୍କ ସହିତ ପରମବ୍ରହ୍ମ ଜଗନ୍ନାଥଙ୍କ ଉପାସନା ପରମ୍ପରା ଚାଲିଆସୁଛି ବୋଲି ଅଧିବେଶନର ମୁଖ୍ୟଆଚାର୍ଯ୍ୟ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ସୂଚନା ଦେଇଛନ୍ତି।

## ୧୫ରେ ଜିଲାସ୍ତରୀୟ ଜୁନିୟର୍ ରେଡକ୍ରସ୍ ପ୍ରଶିକ୍ଷଣ ଶିବିର

ଧର୍ମଶାଳା, ୬।୨(ଡି.ଏନ୍.ଏ.)

ଜାରକା ଉଚ୍ଚ ବିଦ୍ୟାଳୟ ପରିସରରେ ଆସନ୍ତା ୧୫ରୁ ୧୭ତାରିଖ ପର୍ଯ୍ୟନ୍ତ ଜିଲାସ୍ତରୀୟ ଜୁନିୟର୍ ରେଡ୍‌କ୍ରସ୍ ପ୍ରଶିକ୍ଷଣ ସିବିର ଅନୁଷ୍ଠିତ ହେବ। ଏଥିରେ ପ୍ରତ୍ୟେକ ବିଦ୍ୟାଳୟରୁ ବାଳିକାବାଳକ ବିଭାଗରେ ୫ଜଣ ଲେଖାଏଁ ଭାଗନେଇ ପ୍ରଶିକ୍ଷଣ ନେବେ। ଏହି ପ୍ରିଯୋଗିତାରେ ପ୍ରଶିକ୍ଷଣ ସହ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରବନ୍ଧ ଲିଖନ, ବକ୍ତୃତା ପ୍ରତିଯୋଗିତା, ଏକକ କଣ୍ଠସଙ୍ଗୀତ ଯଥା ଦେଶାତ୍ମ ବୋଧକ, ଲୋକ ସଙ୍ଗୀତ ଓ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଡାକଟିକଟ, ପ୍ରାଚୀନ ଗୃହ ଉପକରଣ ପ୍ରଦର୍ଶନୀ କରାଯିବ। ଏ ନେଇ ପଞ୍ଜୀକରଣ ସମ୍ପର୍କରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଜଣାଯାଇଥିବା ବିଇଓ ପ୍ରଫୁଲ୍ଲ କୁମାର ବେହେରା ସୂଚନା ଦେଇଛନ୍ତି।

## ଷଷ୍ଠ ଦିନରେ ଜଗନ୍ନାଥଙ୍କ ଚେତନା ଅଧିବେଶନ

ବିରଜାକ୍ଷେତ୍ର,୬।୨(ଡି.ଏନ୍.ଏ.)



ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ଗତ ତାରିଖଠାରୁ ଆରମ୍ଭ ହୋଇଥିବା ୩୭ତମ ଜଗନ୍ନାଥ ଚେତନା ମହାଧିବେଶନ ବୁଧବାର ଷଷ୍ଠ ଦିନରେ ପହଞ୍ଚିଛି। ଏହି ଦିବସରେ ପ୍ରଭୁ ଜଗନ୍ନାଥଙ୍କ ପଦ୍ମବେଶ ମହାଧିବେଶନସ୍ଥଳରେ ଶୋଭା ପାଉଛି। ମହାଧିବେଶନ ଶେଷ ହେବାକୁ ଯେତେ ପାଖେଇ ଆସୁଛି ଭକ୍ତମାନଙ୍କ ପ୍ରବଳ ଭିଡ଼ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ମହାଧିବେଶନସ୍ଥଳରେ ହେଉଥିବା ମହାବିଷ୍ଣୁ ମହାଯଜ୍ଞ ଦେଖିବାପାଇଁ ଭକ୍ତଙ୍କ ଭିଡ଼ ଲାଗିରହିବା ସହ ମାନସିକ ପୂରଣ ପାଇଁ ଭକ୍ତମାନେ ଯଜ୍ଞ ସ୍ଥଳରେ ରୁଣ୍ଡ ହେଉଥିବା ଦେଖିବାକୁ ମିଳିଛି। ଏପରିକି ଜଗନ୍ନାଥଙ୍କ ୩୨ବେଶ ଓ ମନ୍ତ୍ର ତତ୍ତ୍ୱକୁ ଦେଖିବାପାଇଁ ଭକ୍ତମାନେ ଦୀର୍ଘସମୟ ଧରି ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ବିଶେଷକରି ସନ୍ଧ୍ୟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ମହାଧିବେଶନସ୍ଥଳରେ ଭକ୍ତମାନଙ୍କ ପ୍ରବଳ ଭିଡ଼ ଲାଗି ରହୁଛି। ସନ୍ଧ୍ୟା ସମୟରେ ଜଗନ୍ନାଥ ଚେତନା ଅଧିବେଶନ ପକ୍ଷରୁ ପ୍ରବଚନ ଓ ସାଂସ୍କୃତିକ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ଭକ୍ତମାନଙ୍କର ଭିଡ଼ ଦେଖିବାକୁ ମିଳୁଛି। ଦିନ ଓ ରାତି ସମୟରେ ଜଗନ୍ନାଥଙ୍କ ଖଜା ଭୋଗ ଭକ୍ତମାନଙ୍କୁ ପ୍ରଦାନ କରାଯାଉଛି। ବୁଧବାର ଜଗନ୍ନାଥଙ୍କ ପଦ୍ମବେଶ ଦେଖିବାପାଇଁ ଯାଜପୁର ଜିଲା ସମେତ ବିଭିନ୍ନ ଜିଲାରୁ ହଜାର ହଜାର ସଂଖ୍ୟକ ଭକ୍ତ ମହାଧିବେଶନସ୍ଥଳକୁ ଛୁଟି ଆସିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବାପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

## ଘରେ ପଶି ଲୁଟିଲେ, ମା’ ଝିଅଙ୍କୁ ହାଣିଲେ

ବିଞ୍ଝାରପୁର,୬।୨(ଡି.ଏନ୍.ଏ)

ବିଞ୍ଝାରପୁର ଥାନା ଆଉଁରୀ ପଞ୍ଚାୟତ କୁଆଁରପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଡକାୟତି ହୋଇଛି। ଡକାୟତମାନେ ଲକ୍ଷାଧିକ ଟଙ୍କା ଲୁଟିବା ସହ ମା’ ଓ ଝିଅଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଛନ୍ତି। ଗୁରୁତର ଅବସ୍ଥାରେ ଉଭୟ ମା’ ଓ ଝିଅଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ କୁଆଁରପୁର ଗ୍ରାମରେ କିଛିଦିନ ହେବ କେତକ ଘୁଷୁରି ଚରାଳି ଅସ୍ଥାୟୀ ଭାବେ କ୍ୟାମ୍ପ ପକାଇ ରହୁଛନ୍ତି। ଏହି ଘୁଷୁରିଆମାନେ ଦିନବେଳା ଗ୍ରାମର ରମାକାନ୍ତ ମହଲାଙ୍କ ଘରୁ ପାଣି ନେବା ଓ ମୋବାଇଲ ଚାର୍ଜ କରିବା ବାହାନାରେ ଡକାୟତ କରିବାକୁ ଯୋଜନା କରିଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଡକାୟତମାନେ ମହଲାଙ୍କ ଘରେ ପଶି



ଡକାୟତମାନେ ଲୁଟ୍ କରିଥିବା କିଛି ସାମଗ୍ରୀକୁ ଖୋଲା ସ୍ଥାନରେ ପକାଇ ଚାଲିଯାଇଛନ୍ତି।

**ଡକାୟତଙ୍କ ଉନ୍ମତ୍ତ କାଣ୍ଡ**

ନଗଦ ୩୦ ହଜାର ଟଙ୍କା ,୪୦ ଗ୍ରାମ ସୁନା ଗହଣା, ୩୦ ଗ୍ରାମ ରୁପା ଗହଣ ଓ ଝିଅ ବାହାଘର ପାଇଁ ରଖିଥିବା ଲକ୍ଷାଧିକ ଟଙ୍କାର ଆସବାବ ପତ୍ର ଲୁଟି ନେଇଥିଲେ। ତେବେ ଲୁଟିବା ସମୟରେ ରମାକାନ୍ତଙ୍କ ସ୍ତ୍ରୀ ସୁବାସିନୀ (୪୮) ଓ ତାଙ୍କ ଝିଅ ପ୍ରତିମା (୨୧) ଡକାୟତଙ୍କୁ ପ୍ରତିରୋଧ କରିବାରୁ ଡକାୟତମାନେ ଉଭୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପ୍ରତିମାଙ୍କ ଛାତିରେ ଶାବଳ ଭୁଷିବାରୁ ସେ ଗୁରୁତର ଆହତ ହୋଇଥିଲେ। ସେହିପରି ଡକାୟତମାନେ ସୁବାସିନୀଙ୍କ ମୁହଁ , ହାତ ଓ ପିଠିକୁ ଧାରୁଆ ଅସ୍ତ୍ରରେ ହାଣି ଦେବାରୁ ସେ ମଧ ଗୁରୁତର ଆହତ ହୋଇଥିଲେ। ତେବେ ରମାକାନ୍ତ ଡକାୟତଙ୍କ କବଳରୁ ରକ୍ଷା ପାଇବା ପାଇଁ ପ୍ରାଣ ବିକଳରେ ଖଟ ତଳେ ଲୁଚି ଯାଇଥିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଡକାୟତମାନେ ତୁରନ୍ତ ସେହି ସ୍ଥାନରୁ ପଳାଇବା ପରେ ରମାକାନ୍ତ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଗ୍ରାମବାସୀ ତୁରନ୍ତ ସୁବାସିନୀ ଓ ପ୍ରତିମାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବରପାଇ ବିଞ୍ଝାରପୁର ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ଚିକିତ୍ସାଳୟରେ ସୁବାସିନୀ ଓ ପ୍ରତିମାଙ୍କୁ ଭେଟି ସେମାନଙ୍କ ଠାରୁ ଘଟଣା ସମ୍ପର୍କରେ ବୁଝି ଥିଲେ। ଏହି ଘଟଣାରେ ୬ଜଣ ଡକାୟତ ସାମିଲ ଥିବାବେଳେ ଏମାନେ ଯାଜପୁର ଥାନା ଅକରପଡା ଅଞ୍ଚଳର ବୋଲି ପୋଲିସ ସନ୍ଦେହ କରୁଛି। ଡକାୟତଙ୍କ ଏଭଳି ନାରକୀୟ କାଣ୍ଡ ସମ୍ପୃକ୍ତ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ପୋଲିସ ଆଇପିସି ୩୯୫, ୩୮୦/୩୪ ଦଫାରେ ଏକ ମାମଲା(ନଂ ୨୪/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଡକାୟତମାନେ ଗ୍ରାମର ଏକ ଖୋଲାସ୍ଥାନରେ ଲୁଟ୍ ହୋଇଥିବା ଆଟାଚ୍‌କୁ ପକାଇ ସେଥିରେ ଥିବା ଜିନିଷକୁ ଲୁଟି ନେଇଛନ୍ତି। ଅପରପକ୍ଷରେ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ଦାସ କହିଛନ୍ତି।

# ଚଳିତବର୍ଷ ୨୪,୫୭୦ ନୂଆ ଭୋଟର

■ ୯୩୬ ବୁଥ୍‌ରେ ଭୋଟ ଦେବେ ୭,୯୧,୩୫୬ ଜଣ
■ ୧୪୨ ବୁଥ୍ ଉତ୍ତେଜନାପ୍ରବଣ
■ ୩୭୩୯ ଦିବ୍ୟାଙ୍ଗ ଭୋଟର
■ ଏନ୍‌ଏସି ହାଇସ୍କୁଲରେ ହେବ ସଖୀ ବୁଥ୍

ନୟାଗଡ଼ ଅଫିସ,୬।୨

ଚଳିତ ସାଧାରଣ ନିର୍ବାଚନରେ ଜିଲାର ୪ ନିର୍ବାଚନମଣ୍ଡଳୀର ୯୩୬ ବୁଥ୍‌ରେ ଭୋଟ ଦେବେ ୭,୯୧,୩୫୬ ଭୋଟର (ମତଦାତା)। ସେମାନଙ୍କ ମଧ୍ୟରୁ ୪,୧୭,୪୪୦ ପୁରୁଷ, ୩,୭୩,୮୫୪ ମହିଳା ଓ ୬୨ ଜଣ ଅନ୍ୟାନ୍ୟ ବର୍ଗର। ଚଳିତବର୍ଷ ନୂତନ ଭାବେ ୨୪,୫୭୦ ଭୋଟର ସାମିଲ ହୋଇଛନ୍ତି। ନୂତନ ଭୋଟରଙ୍କ ମତଦାନ ନିର୍ଣ୍ଣାୟକ ଭୂମିକା ନେଇପାରେ ବୋଲି ଚର୍ଚ୍ଚା ହେଉଛି। ମୃତ୍ୟୁ ଘଟିବା, ସ୍ଥାନ ପରିବର୍ତ୍ତନ ଆଦି ବିଭିନ୍ନ କାରଣରୁ ୧୩,୪୭୭ ଭୋଟର ତାଲିକାରୁ ବାଦ୍ ପଡ଼ିଛନ୍ତି। ନିର୍ବାଚନମଣ୍ଡଳୀ ଅନୁଯାୟୀ ଦେଖିଲେ ରଣପୁରରେ ମୋଟ ୨,୦୬,୨୪୫ ଭୋଟରଙ୍କ ମଧ୍ୟରୁ ୧,୦୮,୨୯୦ ପୁରୁଷ, ୯୭,୯୩୪ ମହିଳା ଓ ୨୧ ଜଣ ଅନ୍ୟାନ୍ୟ ବର୍ଗର। ଖଣ୍ଡପଡ଼ାରେ ମୋଟ ୧,୭୯,୯୪୨ ଭୋଟରଙ୍କ ମଧ୍ୟରୁ ୯୫,୭୬୮ ପୁରୁଷ, ୮୪,୧୫୫ ମହିଳା ଓ ୧୯ଜଣ ଅନ୍ୟାନ୍ୟ ବର୍ଗର। ଦଶପଲ୍ଲାରେ ୧,୮୬,୩୫୭ ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରୁ ୯୭,୩୭୬ ପୁରୁଷ, ୮୮,୯୬୮ ମହିଳା ଓ ୧୩ ଜଣ ଅନ୍ୟାନ୍ୟ ବର୍ଗର। ନୟାଗଡ଼ ନିର୍ବାଚନମଣ୍ଡଳୀରେ ୨,୧୮,୮୧୨ ଭୋଟରଙ୍କ ମଧ୍ୟରୁ ୧,୧୬,୦୦୬ ପୁରୁଷ, ୧,୦୨,୭୯୭ ମହିଳା ଓ ୯ଜଣ ଅନ୍ୟାନ୍ୟ ବର୍ଗର। ଜିଲାରେ ମୋଟ ୩୭୩୯ ଦିବ୍ୟାଙ୍ଗ ଭୋଟର ଅଛନ୍ତି। ସେଥିମଧ୍ୟରୁ ରଣପୁର ନିର୍ବାଚନମଣ୍ଡଳୀରେ ୫୯୭, ଖଣ୍ଡପଡ଼ାରେ ୧୫୩୬, ଦଶପଲ୍ଲାରେ ୬୩୧, ନୟାଗଡ଼ରେ ୯୭୫ ଜଣ। ସେହିଭଳି ଭିଆଇପି ଭୋଟର ରଣପୁରରେ ୩, ଖଣ୍ଡପଡ଼ାରେ ୩, ଦଶପଲ୍ଲାରେ ୨ ଓ ନୟାଗଡ଼ରେ ୧ ଏପରି ମୋଟ ୯ଜଣ। ଜିଲାରେ ମତଦାନ ପାଇଁ ମୋଟ ୯୩୬ ବୁଥ୍ କରାଯାଇଛି। ଏଥିମଧ୍ୟରୁ ୧୪୨ଟିକୁ ପୋଲିସ ଅଧିକାରୀ ଓ ସେକ୍ଟର ଅଧିକାରୀମାନେ ଉତ୍ତେଜନା ପ୍ରବଣ ବୁଥ୍ ଭାବେ ଚିହ୍ନଟ କରିଛନ୍ତି। ଉତ୍ତେଜନାପ୍ରବଣ ବୁଥ୍‌ଗୁଡ଼ିକରେ ମାଇକ୍ରୋ ଅବଜରଭର, ୱେବ୍ କାଷ୍ଟିଂ, ଭିଡ଼ିଓଗ୍ରାଫି ଆଦି କରାଯିବ ବୋଲି ଜିଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ରଣପୁର ନିର୍ବାଚନମଣ୍ଡଳୀରେ ୨୪୦, ଖଣ୍ଡପଡ଼ାରେ ୨୧୭, ଦଶପଲ୍ଲାରେ ୨୩୪ ଓ ନୟାଗଡ଼ରେ ୨୪୫ଟି ବୁଥ୍ ହେବ। ଜିଲାର ୮ ବ୍ଲକରେ ମହିଳା ବୁଥ୍ (ସଖୀ) କରିବା ପାଇଁ ଯୋଜନା ଚାଲିଛି। ହେଲେ ନୟାଗଡ଼ ଏନ୍‌ଏସି ହାଇସ୍କୁଲରେ ସଖୀ ବୁଥ୍ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ବୁଥ୍‌ରେ ପୋଲିଂ ଅଫିସରଠାରୁ ଆରମ୍ଭ କରି ପ୍ରିଜାଇଡ଼ିଂ ଅଫିସର ଭାବେ ମହିଳା କର୍ମଚାରୀମାନେ ନିୟୋଜିତ ହେବେ। ସେହିଭଳି ଉକ୍ତ ବିଦ୍ୟାଳୟରେ ସ୍ୱତନ୍ତ୍ର ଭାବେ ଦିବ୍ୟାଙ୍ଗମାନଙ୍କ ପାଇଁ ବୁଥ୍ କରାଯିବ। ଏହି ବୁଥ୍‌ରେ ପୋଲିଂ ଅଫିସରଙ୍କଠାରୁ ଆରମ୍ଭ କରି ସମସ୍ତ ଦିବ୍ୟାଙ୍ଗ କର୍ମଚାରୀ ନିୟୋଜିତ ହେବେ। ଜିଲାରେ ୯୩୬ ବୁଥ୍ ରହିଥିବାବେଳେ ଏହାର ୩୦ ପ୍ରତିଶତ ଅଧିକ ଅର୍ଥାତ୍ ୧୨୩୦ ଜଣ ପୋଲିଂ ଅଫିସରଙ୍କୁ ଟ୍ରେନିଂ ଦିଆଯିବ। ପୋଲିଂ ଅଫିସର, ୫ ଜଣ ପ୍ରିଜାଇଡ଼ିଂ ଅଫିସର ଏହିଭଳି ଗୋଟିଏ ବୁଥ୍‌ରେ ମୋଟ ୬ ଜଣ କର୍ମଚାରୀ ନିୟୋଜିତ ରହିବେ। ସମସ୍ତ ବୁଥ୍ ପାଇଁ ୭୭୮୦ କର୍ମଚାରୀଙ୍କୁ ଟ୍ରେନିଂ ଦିଆଯିବ। ଜିଲାରେ ଏତେ ସଂଖ୍ୟକ କର୍ମଚାରୀ ନ ଥିବାରୁ ଖୋର୍ଦ୍ଧା ଜିଲାରୁ ୧୬୦୦ ପୋଲିଂ କର୍ମଚାରୀ ଅଣାଯିବା ପାଇଁ ଯୋଜନା ଚାଲୁଥିବା ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ୧୮ବର୍ଷ କିମ୍ବା ଅଧିକ ବୟସର ଯୁବତୀଯୁବକ ଯଦି କୌଣସି କାରଣରୁ ଭୋଟର ତାଲିକାରେ ସାମିଲ ହୋଇପାରିନାହାନ୍ତି ସେମାନେ ଆବେଦନ ଫର୍ମ – ୬ରେ ବିଏଲ୍‌ଓ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ନଚେତ ଅନଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ ବୋଲି ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଚୈତନ୍ୟଦେବଙ୍କ ମନ୍ଦିର ପ୍ରତିଷ୍ଠା

କୃଷ୍ଣପ୍ରସାଦ,୬।୨(ଡି.ଏନ.ଏ.)–କୃଷ୍ଣପ୍ରସାଦ ବ୍ଲକ ମାଲୁଦ ପାଇକସାହିରେ ଶ୍ରୀ ଚୈତନ୍ୟଦେବଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହା ଗୁରୁବାର ପର୍ଯ୍ୟନ୍ତ ଚାଲିବ। କଳସ ଯାତ୍ରା, ସୂର୍ଯ୍ୟପୂଜା, ଅଙ୍କୁରାରୋପଣ ପରେ ପ୍ରତ୍ୟହ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ଆଦି ଅନୁଷ୍ଠିତ ହେଉଛି। ପ୍ରତିଷ୍ଠା ପରେ ଶ୍ରୀ ଚୈତନ୍ୟଙ୍କୁ ମନ୍ଦିରସ୍ଥ ସିଂହାସନରେ ଅବସ୍ଥାପିତ କରାଯିବା ସହିତ ପାର୍ଶ୍ୱଦେବତାମାନଙ୍କୁ ମଧ୍ୟ ନିଜ ଆସ୍ଥାନରେ ରଖାଯିବ ।


#IAmAndIWill
ଲକ୍ଷଣକୁ ଅଣଦେଖା କଲେ କ୍ୟାନସର୍ ମୃତ୍ୟୁକୁ ଡ଼ାକିଆଣେ
ବିଳମ୍ବ ହେବା ଆଗରୁ କର୍କଟ ରୋଗର ପ୍ରାଥମିକ ଲକ୍ଷଣ କିପରି ଚିହ୍ନଟ କରିବେ ଜାଣନ୍ତୁ

ଏ.ଏମ୍.ଆର.ଆଇ ଏସିଆନ କ୍ୟାନସର୍ ଇନ୍‌ଷ୍ଟିଚ୍ୟୁଟ୍ ବିଶ୍ୱମାନର କର୍କଟ ରୋଗ ଚିକିତ୍ସା ପ୍ରଦାନ କରିଆସୁଛି
ଏ.ଏମ୍.ଆର.ଆଇ- ଏସିଆନ୍ କ୍ୟାନସର୍ ଇନ୍‌ଷ୍ଟିଚ୍ୟୁଟ୍‌ର ବିଶେଷତ୍ୱ
- କର୍କଟ ରୋଗର ଅତ୍ୟାଧୁନିକ ଚିକିତ୍ସା, ଆପଣଙ୍କ ନିକଟରେ
- ୪୦ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ଥିବା ଅଙ୍କୋଲୋଜିଷ୍ଟ (କର୍କଟ ରୋଗ ବିଶେଷଜ୍ଞ)
- ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସୁପର-ସ୍ପେସିଆଲିଷ୍ଟ
- କର୍କଟ ରୋଗର ଜଟିଳ ଏବଂ ବିରଳ ଅସ୍ତ୍ରୋପଚାର କରାଯାଏ ଯଥା: ହ୍ୱିପିଲ୍‌ସ, ୩-ଫିଲ୍ଡ ଓସୋଫାଗଲ୍, ଥୋରାସିକ୍
- ଅତ୍ୟାଧୁନିକ ରୋବୋଟିକ୍ ସର୍ଜରୀ ଉପଲବ୍ଧ (ଡା ଭିନ୍‌ସି)
- କର୍କଟ ରୋଗର ଅତ୍ୟାଧୁନିକ ଡାକ୍ତରୀ ପରିଚାଳନା - ଟାରଗେଟେଡ୍, ବାୟୋଲୋଜିକାଲ ଏବଂ ହରମୋନ ଥେରାପି
- ଲ୍ୟୁକେମିଆ (ରକ୍ତ କର୍କଟ)ର ବିଶେଷ ଚିକିତ୍ସା ସେବା
- ସୁବିଧା ମୂଲ୍ୟରେ ପରିପୂର୍ଣ୍ଣ କର୍କଟରୋଗ ଚିକିତ୍ସା ସେବା

ଆରମ୍ଭ ହେଉଛି... ଓଡ଼ିଶାରେ ପ୍ରଥମ ଥର ପାଇଁ
URJA ଆମ୍ରି କ୍ୟାନସର୍ ସପୋର୍ଟ
କର୍କଟ ରୋଗ ଯାଞ୍ଚ ପ୍ୟାକେଜ୍
ଟ. ୧୯୯୦/- (ପୁରୁଷ)
ଟ. ୨୪୯୦/- (ମହିଳା)
ସ୍ପେସିଆଲିଟି କ୍ୟାନସର୍ କ୍ଲିନିକ୍ ସମୂହ
ଲିମ୍ଫୋମା ଏବଂ ଲ୍ୟୁକେମିଆ କ୍ଲିନିକ୍ । ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟିନାଲ୍ କ୍ୟାନସର୍ କ୍ଲିନିକ୍
ହେଡ ଆଣ୍ଡ ନେକ୍ କ୍ୟାନସର୍ କ୍ଲିନିକ୍ । ବ୍ରେଷ୍ଟ କ୍ୟାନସର୍ କ୍ଲିନିକ୍
ଗାଇନାକୋଲୋଜିକାଲ କ୍ୟାନସର୍ କ୍ଲିନିକ୍ । ଲଙ୍ଗସ୍ ଆଣ୍ଡ ଚେଷ୍ଟ କ୍ୟାନସ୍ର କ୍ଲିନିକ୍। ପ୍ରୋଷ୍ଟେଟ୍ କ୍ୟାନସ୍ର କ୍ଲିନିକ୍
ଡାକ୍ତରୀ ପରୀକ୍ଷା ଉପରେ ୨୦% ସଞ୍ଚୟ କରନ୍ତୁ, ମାଗଣା ପଞ୍ଜିକରଣ, ୧୫ ଦିନ ମଧ୍ୟରେ ପରବର୍ତ୍ତୀ ପରାମର୍ଶ ମାଗଣା
*T&C Apply
ଏହି ପ୍ୟାକେଜ୍ ୧-୨୮ ଫେବୃୟାରୀ ୨୦୧୯ ପର୍ଯ୍ୟନ୍ତ ବୈଧ
ପରାମର୍ଶ ସମୟ ଧାର୍ଯ୍ୟ ପାଇଁ କଲ କରନ୍ତୁ: ୯୯୩୭୪୪୮୮୮୪ । ୦୬୭୪-୬୬୬ ୬୬୦୦
Asian Cancer Institute Reviving Hopes...
AMRI HOSPITALS BHUBANESWAR
ଏ.ଏମ୍.ଆର.ଆଇ ହସ୍ପିଟାଲସ୍, ଖଣ୍ଡଗିରି, ଭୁବନେଶ୍ୱର - ୭୫୧୦୩୦ www.amrihospitals.in
ଭୁବନେଶ୍ୱର । ଧାକୁରିଆ । ମୁକୁନ୍ଦପୁର । ସଲ୍ଟଲେକ । ସଦର୍ଣ୍ଣ ଆଭେନ୍ୟୁ


■ ମୁଗ ବଣ୍ଟନରେ ଅନିୟମିତତା ଅଭିଯୋଗ

# କୃଷି ପରାମର୍ଶ କେନ୍ଦ୍ର ସମ୍ମୁଖରେ ଚାଷୀ ଉତ୍ତେଜନା


କୃଷି ପରାମର୍ଶ କେନ୍ଦ୍ର ସମ୍ମୁଖରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳାପୁରୁଷ ।

ଦଶପଲ୍ଲା,୬।୨(ଡି.ଏନ୍.ଏ.)

ଦଶପଲ୍ଲା ବ୍ଲକ ଅଞ୍ଚଳରେ ରବି ଫସଲ ପାଇଁ ମୁଗ ବଣ୍ଟନରେ ଅନିୟମିତତା କରାଯାଇଥିବା ଅଭିଯୋଗ କରି ବୁଧବାର ବ୍ଲକ ପରିସରସ୍ଥ କୃଷି ପରାମର୍ଶ କେନ୍ଦ୍ର ସମ୍ମୁଖରେ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଚାଷୀଙ୍କ କହିବା ଅନୁଯାୟୀ ବୁଧବାର ସେମାନଙ୍କୁ ମୁଗ ବଣ୍ଟନ କରାଯିବା ପାଇଁ ସମ୍ପୃକ୍ତ ଭିଏଡବ୍ଲ୍ୟୁ ସୂଚନା ଦେଇଥିଲେ। ତଦନୁଯାୟୀ ପଞ୍ଜୀକୃତ ଚାଷୀଙ୍କ ସମେତ ନାମ ପଞ୍ଜୀକରଣ କରି ନ ଥିବା ଚାଷୀ ଓ କିଛି ଅଣଚାଷୀ ଆସି ପହଞ୍ଚିଥିଲେ। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଏହି କିଟ୍ ବାଣ୍ଟିଥିଲେ। ଏପରି କି ଗୋଟିଏ ଗୋଟିଏ ପରିବାରକୁ ୩ରୁ ୪ଟି କିଟ୍ ପ୍ରଦାନ କରାଯାଇଥିବା ସେମାନେ ଅଭିଯୋଗ କରିଥିଲେ। ଚାଷୀମାନେ ଏହାକୁ ବିରୋଧ କରିବା ସହ ଉପଯୁକ୍ତ ଚାଷୀଙ୍କୁ ମୁଗ କିଟ୍ ବଣ୍ଟନ ପାଇଁ ଦାବି କରିଥିଲେ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ହୋହଲ୍ଲା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରତି କିଟ୍‌ରେ ୪କିଗ୍ରା ମୁଗ ରହିଥିବା ବେଳେ ପ୍ରତି ଚାଷୀଙ୍କୁ ଗୋଟିଏ ଲେଖାଏ କିଟ୍ ପ୍ରଦାନ କରାଯିବାର ନିୟମ ରହିଛି। ହେଲେ ପରିବାର ପ୍ରତି ୩/୪ଟି ଲେଖାଏ କିଟ୍ ଏପରି କି ଅଣଚାଷୀଙ୍କୁ କିଟ୍ ପ୍ରଦାନ କରାଯାଇଥିବାରୁ ଏହାର ତଦନ୍ତ ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ଭିଏଡବ୍ଲ୍ୟୁ ବିଶ୍ୱଜିତ୍ ଖୁଣ୍ଟିଆଙ୍କୁ ପଚାରିବାରୁ ସେ କହିଥିଲେ, ଆମେ ଖମାରସାହି ପଞ୍ଚାୟତର ପ୍ରତି ୱାର୍ଡମେମ୍ବର ଓ ସରପଞ୍ଚଙ୍କୁ ସୂଚନା ଦେଇଥିଲୁ। ସେମାନେ ଯେଉଁ ଚାଷୀଙ୍କୁ ୧୦ଟା ସମୟରେ ପଠାଇଥିଲେ ସେମାନଙ୍କୁ ମୁଗକିଟ୍ ପ୍ରଦାନ କରାଯାଇଛି।

## ଜାମୁସାହିରେ ହାତୀପଲ

**ଖୋର୍ଦ୍ଧା ଅଫିସ,୬।୨:** ବେଗୁନିଆ ବ୍ଲକ ଜାମୁସାହିରେ ବୁଧବାର ଭୋରୁ ଦନ୍ତାହାତୀ ଦଳି ଦେବାରୁ ୩ ଦିନର ଏକ ମାଇ ବାଛୁରୀ ଛୁଆର ମୃତ୍ୟୁ ଘଟିଛି। ଅନ୍ୟପକ୍ଷେ ଗାଁ ଦାଣ୍ଡରେ ୨ଟି ହାତୀ ଦେଖି ଗାଁ ଲୋକ ଭୟଭୀତ ହୋଇ ପଡିଥିଲେ। ଖୋର୍ଦ୍ଧା ବନବିଭାଗର ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତର ଜାମୁସାହି, ଦଲକ, ଗୋଡା ଗାଁ ଦାଣ୍ଡରେ ରାତି ଓ ଭୋର ସମୟରେ ହାତୀ ପଲକୁ ଦେଖିବାକୁ ମିଳୁଛି। ଦଲକ ଜଙ୍ଗଲରେ ରହୁଥିବା ୫ ଜଣିଆ ହାତୀପଲ ମଧ୍ୟରୁ ୨ଟି ହାତୀ ଗାଁ ଦାଣ୍ଡକୁ ଆସୁଛନ୍ତି। ଏଥିରେ ଗୋଟିଏ ଦନ୍ତା ହାତୀ ରହିଛି। ମଙ୍ଗଳବାର ରାତି ଓ ବୁଧବାର ଭୋରୁ ଜାମୁସାହିରେ ଦନ୍ତାହାତୀ ସହ ଆଉ ଏକ ହାତୀ ବୁଲୁଥିଲା। ଏହି ସମୟରେ ପ୍ରଫୁଲ୍ଲ ପରିଡାଙ୍କ ମାଇ ବାଛୁରି ଗୁହାଳରୁ ଦାଣ୍ଡକୁ ବାହାରି ପଡିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ, ବାଛୁରୀକୁ ଦନ୍ତା ଗୋଡରେ ଠେଲି ପାଦରେ ଚାପି ଦେଇଥିଲା।

■ ବନମାଳୀପୁର ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

# ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ପଙ୍ଗୁ ଲଙ୍ଘିପାରେ ଗିରି

ଖଣ୍ଡପଡ଼ା,୬।୨(ସ୍ୱ.ପ୍ର.)

ଦୃଢ଼ ଇଚ୍ଛାଶକ୍ତି,ମନୋବଳ ଓ ଆତ୍ମବିଶ୍ୱାସ ଦ୍ୱାରା ପଙ୍ଗୁ ମଣିଷ ବି ସର୍ବୋଚ୍ଚ ଶିଖର ଏଭରେଷ୍ଟ ଶୃଙ୍ଗ ଆରୋହଣ କରିପାରେ। ଏହା କହିଛନ୍ତି ଖଣ୍ଡପଡା ବ୍ଲକ ଅନ୍ତର୍ଗତ ବନମାଳୀପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ। ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବେ ସେବତୀ ପରିଡା ଓ ମୁଖ୍ୟଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ରାଉତରାୟ ଯୋଗଦେଇଥିଲେ। ପ୍ରସନ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ଶୈଳବାଳା ରଥ, ମଦନ ମୋହନ ଜେନା, କୈଳାସ ଚନ୍ଦ୍ର ତ୍ରିପାଠୀ ଓ ଭୀମସେନ ପଣ୍ଡା ଯୋଗଦେଇ ଗୁରୁଜନମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା ସହ ଭଲ ପାଠ ପଢି ଭବିଷ୍ୟତରେ ଜଣେ ଉତ୍ତମ ନାଗରିକ ହେବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ନିତ୍ୟାନନ୍ଦ ଦଳେଇଙ୍କୁ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ବିଜ୍ଞାନରେ ପାରଦର୍ଶିତା ହାସଲ କରିଥିବା ଶିକ୍ଷକ ବସନ୍ତ କୁମାର ସାହୁ ଏବଂ ରାଜ୍ୟ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗନେଇଥିବା ତିନି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ବିଭିନ୍ନ ଶାରୀରିକ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ । ବିଦ୍ୟାଳୟର ୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ୧୫୯ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା ।



ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଅତିଥିମାନେ।


# ୩୦ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୧୯
(ତା.୦୪/୦୨/୨୦୧୯ ଠାରୁ ତା.୧୦/୦୨/୨୦୧୯)
"ସଡ଼କ ସୁରକ୍ଷା - ଜୀବନ ରକ୍ଷା"

**ବାରମ୍ବାର ମୋଟରଯାନ ଆଇନ ଉଲଂଘନକାରୀଙ୍କ ଠାରୁ ଦୁଇ/ତିନିଗୁଣ ଜରିମାନା ଆଦାୟ ବ୍ୟବସ୍ଥା**

ମୋଟର ଯାନ ଆଇନ ଉଲଘଂନକାରୀ ଯାନ ତଥା ଚାଳକ ମାନଙ୍କୁ ଦଣ୍ଡିତ କରିବାରେ ସହାୟକ ହେବା ନିମନ୍ତେ ତଥା ଜନସାଧାରଣଙ୍କ ସୁବିଧା ନିମନ୍ତେ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ଡ଼ିସେମ୍ବର ୨୦୧୮ ରୁ ଇ-ଚାଲାଣ ବ୍ୟବସ୍ଥା ପ୍ରଚଳନ କରାଯାଇଛି। ଏହି ବ୍ୟବସ୍ଥାର ମୁଖ୍ୟ ବୈଶିଷ୍ଟ୍ୟ ଗୁଡିକୁ ନିମ୍ନରେ ପ୍ରଦାନ କରାଗଲା :
★ ମୋଟରଯାନ ଆଇନ ଉଲଘଂନକାରୀ ମାନଙ୍କ ଦ୍ୱାରା ଘଟୁଥିବା ଅପରାଧର ଅନ୍‌ଲାଇନ୍ ରେକର୍ଡ ରଖାଯିବାର ବ୍ୟବସ୍ଥା।
★ ବାରମ୍ବାର ମୋଟରଯାନ ଆଇନ୍ ଉଲଘଂନ କରୁଥିବା ବ୍ୟକ୍ତିଙ୍କ ଠାରୁ ଆଇନତଃ ଦୁଇରୁ ତିନି ଗୁଣା ଜରିମାନା ଆଦାୟ ବ୍ୟବସ୍ଥା ।
★ ଚାଲାଣ କଟାଯାଉଥିବା ସ୍ଥାନର ତଥ୍ୟ, ଆଇନ୍ ଉଲଘଂନ କରିଥିବା ଯାନ ତଥା ଡ୍ରାଇଭରଙ୍କ ଫଟୋଗ୍ରାଫ ଉଠାଇବା ବ୍ୟବସ୍ଥା।
★ ଚାଲାଣ କଟାଯିବା ସଙ୍ଗେ ସଙ୍ଗେ ମୋଟରଯାନ ମାଲିକ ତଥା ଚାଳକଙ୍କ ପଞ୍ଜିକୃତ ମୋବାଇଲ ନମ୍ବରକୁ **SMS** ମାଧ୍ୟମରେ ସୂଚନା ପ୍ରଦାନର ବ୍ୟବସ୍ଥା।
★ ଜନସାଧାରଣଙ୍କ ଦ୍ୱାରା ପରିବହନ ବିଭାଗ ସମ୍ବନ୍ଧୀୟ ସମସ୍ତ ଟିକସ, ଫି ଓ ଜରିମନା ଡିଜିଟାଲ୍ ମୋଡ୍ ରେ ପୈଠ କରିବାର ବ୍ୟବସ୍ଥା।
★ ଇ-ଚାଲାଣ ଯନ୍ତ୍ର ଦ୍ୱାରା ଘଟଣା ସ୍ଥଳରେ ମୋଟରଯାନ ଯାଞ୍ଚ ରିପୋର୍ଟ (**VCR**) ପ୍ରଦାନ କରାଯିବାର ବ୍ୟବସ୍ଥା।
★ କ୍ରେଡ଼ିଟ୍ / ଡ଼େବିଟ୍ କାର୍ଡ଼ ମାଧ୍ୟମରେ ଘଟଣା ସ୍ଥଳରେ ଜରିମନା ପୈଠ ବ୍ୟବସ୍ଥା।
★ ସମସ୍ତ ପ୍ରକାର ମାନୁଆଲ୍ ଚାଲାଣ ପ୍ରଦାନ ସମ୍ପୂର୍ଣ୍ଣ ରୂପେ ବନ୍ଦ।
★ ଇ-ଚାଲାଣ ବ୍ୟବସ୍ଥା ପ୍ରଚଳନ ପୂର୍ବରୁ ମାସକୁ ହାରାହାରି ୧୫୦୦୦ ମୋଟରଯାନ ଯାଞ୍ଚ ରିପୋର୍ଟ (**VCR**) ହେଉଥିବା ବେଳେ ଏବେ ମାସକୁ ହାରାହାରି ୩୦୦୦୦ ରୁ ଊର୍ଦ୍ଧ୍ୱ ମୋଟରଯାନ ଆଇନ ଉଲଂଘନକାରୀଙ୍କୁ ଧରାଯାଇ ପାରୁଛି।
★ ପରିବହନ ବିଭାଗର ସମସ୍ତ ବଳବଉକରଣ ଅଧିକାରୀଙ୍କୁ ଇ-ଚାଲାଣ ଯନ୍ତ୍ର ଯୋଗାଇ ଦିଆଯାଇଛି।
★ ୩୨ ଗୋଟି ପୁଲିସ ଜିଲ୍ଲାର ଥାନା ଗୁଡ଼ିକୁ ପ୍ରଥମ ଦଫାରେ ୧୦୨ ଗୋଟି ଇ-ଚାଲାଣ ଯନ୍ତ୍ର ଯୋଗାଇ ଦିଆଯାଇଛି।

ଇ-ଚାଲାଣ ଯନ୍ତଟି **Vahan** ଓ **Sarathi** ଆପ୍ଲିକେସନର ସର୍ବଭାରତୀୟ ଡାଟାବେସ୍ ସହ ସଂଯୁକ୍ତ ହୋଇଥିବାରୁ ଦେଶର ଯେକୌଣସି ମୋଟରଯାନ ତଥା ଚାଳକ ସମ୍ବନ୍ଧୀୟ ତଥ୍ୟ ତତ୍‌କ୍ଷଣାତ୍ ଜଣାପଡିପାରୁଛି। ଏହା ଦ୍ୱାରା ମୋଟରଯାନ ମାଲିକ ତଥା ଚାଳକ ସତର୍କ ହେବେ ଯଦ୍ୱାରା ସଡ଼କ ଦୁର୍ଘଟଣା ହ୍ରାସ ପାଇ ପାରିବ।

ପରିବହନ କମିଶନର, ଓଡ଼ିଶା

## ସଡ଼କ ସୁରକ୍ଷା ଶପଥ

**ମୁଁ ଜଣେ ସଚେତନ ନାଗରିକ;**
- ମୁଁ ଦୁଇ ଚକିଆ ଯାନ ଚଳାଇବା ବେଳେ ସଠିକ୍ ହେଲ୍‌ମେଟ୍ ପିନ୍ଧେ ଓ ଚାରି ଚକିଆ ଯାନ ଚଳାଇବା ବେଳେ ସିଟ୍ ବେଲ୍ଟ ବ୍ୟବହାର କରେ। (ହଁ / ନାହିଁ)
- ମୁଁ ନିଶା ସେବନ କରି ଗାଡ଼ି ଚଳାଏ ନାହିଁ। (ହଁ / ନାହିଁ)
- ମୁଁ ଧାର୍ଯ୍ୟ ବେଗ ଠାରୁ ଅଧିକ ବେଗରେ ଗାଡ଼ି ଚଳାଏ ନାହିଁ। (ହଁ / ନାହିଁ)
- ମୁଁ ଗାଡି ଚଳାଇବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର କରେ ନାହିଁ। (ହଁ / ନାହିଁ)
- ରାସ୍ତାରେ ଯାତାୟତ କରୁଥିବା ସମସ୍ତଙ୍କ ଅଧିକାରକୁ ମୁଁ ସମ୍ମାନ ଦିଏ। (ହଁ / ନାହିଁ)

**ଯଦି ଆପଣଙ୍କର ପାଞ୍ଚଟି ଯାକ ଉତ୍ତର ହଁ ହୁଏ ତେବେ ଆପଣ ଜଣେ ସଚେତନ ନାଗରିକ।**

୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ କୁଇଜ୍ ପ୍ରତିଯୋଗିତା, ଚିନ୍ତାଧାରା ପ୍ରତିଯୋଗିତା ଓ ଡ଼ିଜିଟାଲ୍ ହାକାଥନ୍ ପ୍ରତିଯୋଗିତା ପାଇଁ ପଦକ୍ଷେପ ନିଆଯାଇଛି। କୁଇଜ୍ ପ୍ରତିଯୋଗିତାଟି ତା.୦୮.୦୨.୨୦୧୯ରିଖ ପର୍ଯ୍ୟନ୍ତ ସମସ୍ତ ଦିନ ୨୪ ଘଣ୍ଟା ଚାଲୁ ରହିଛି। କୁଇଜ୍ ପ୍ରତିଯୋଗିତା ପାଇଁ ଘୋଷିତ ପୁରସ୍କାର ବ୍ୟତୀତ ପ୍ରତିଦିନ ତିନିଜଣ ପ୍ରତିଯୋଗୀଙ୍କୁ ୧୦୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ଏ ସମ୍ବନ୍ଧରେ ସର୍ବଶେଷ ବିବରଣୀ ପାଇଁ www.odisharoadsafety.org / www.odishatransport.gov.in ୱେବସାଇଟ୍‌କୁ ଦେଖନ୍ତୁ।

ସୌଜନ୍ୟ :- ଓଡ଼ିଶା ରୋଡ୍ ସେଫ୍ଟି ସୋସାଇଟି

**ସଂକ୍ଷେପରେ**

## ମା' ମଙ୍ଗଳା ଭଲିବଲ୍ ଫାଇନାଲ୍ ଟୁର୍ଣ୍ଣାମେଣ୍ଟ: ସିପିଆ ଦଳ ବିଜୟୀ



**କୃଷ୍ଣପ୍ରସାଦ,୬।୨(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଖୋଲଗଞ୍ଜ ଗୋପବନ୍ଧୁ ମିନି ଷ୍ଟାଡିୟମ୍‌ରେ ବୁଧବାର ୩ୟ ବାର୍ଷିକ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୨୬ରୁ ଆରମ୍ଭ ହୋଇଥିବା ବ୍ଲକସ୍ତରୀୟ ଏହି ପ୍ରତିଯୋଗିତାରେ ୧୬ ଟିମ୍ ଭାଗ ନେଇଥିଲେ । ଫାଇନାଲ୍ ମ୍ୟାଚ୍ କୃଷ୍ଣପ୍ରସାଦଗଡ଼ ଭଲି କ୍ଲବ୍ ଓ ସିପିଆ ଟିମ୍ ମଧ୍ୟରେ ହୋଇଥିଲା । ସିପିଆ ୪-୧ ସିରିଜ ମ୍ୟାଚ୍‌ରେ ବିଜୟୀ ହୋଇଛି । ବିଜୟୀ ଦଳକୁ ଅତିଥି ଶିଲ୍, ପ୍ରମାଣପତ୍ର ପ୍ରଦାନ କରିଥିଲେ। ଆୟୋଜିତ ସଭାରେ ବୁଦ୍ଧିବର ସରପଞ୍ଚ ପ୍ରଶାନ୍ତ କୁମାର ମାନସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟତମ ଅତିଥିଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ପ୍ରଭାତି ପ୍ରଧାନ, ଶିକ୍ଷାବିତ୍ ପ୍ରଦୀପ କୁମାର ଦାସ, କ୍ରୀଡ଼ା ଶିକ୍ଷକ ପଦ୍ମ ଚରଣ ଜେନା ଓ ସନାତନ ଜେନା, ସୁରେନ୍ଦ୍ର ସେଠୀ, ବିଭୁଦେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ମା' ମଙ୍ଗଳା ୟୁଥ୍ କ୍ଲବ୍ ସଭାପତି ଅମିୟ କୁମାର ପଲେଇ, ସମ୍ପାଦକ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ସଭ୍ୟମାନେ ଖେଳ ପରିଚାଳନା କରିଥିଲେ ।

## ପୁରୀ ହିଂସା, ପୁଣି ୨ ଗିରଫ

**ପୁରୀ ଅଫିସ,୬।୨:** ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସା ଘଟଣାରେ ବୁଧବାର ସିଂହଦ୍ୱାର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି। ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଭଙ୍ଗାରୁଜା କରିବା ଅଭିଯୋଗରେ ଥାନାରେ ରୁଜୁ କେସ୍ ନଂ.୮୩/୧୮ରେ ମୁଦୁଲି ଜାଗାର ମିଲୁ ମହାପାତ୍ର ଏବଂ ଜଗନ୍ନାଥ ବସ୍ତିର କାହ୍ନା ପ୍ରଧାନଙ୍କୁ ଗିରଫ କରାଯାଇଥିବା ସିଂହଦ୍ୱାର ଥାନା ଆଇଆଇସି ଶ୍ରବଣ ମହାରଣା କହିଛନ୍ତି।

## କୃଷି କର୍ମଚାରୀଙ୍କ ଆନ୍ଦୋଳନ

**ହିଞ୍ଜିଳିକାଟୁ,୬।୨(ଡି.ଏନ୍.ଏ.):** ଓଡ଼ିଶା ରାଜ୍ୟ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ଆହ୍ୱାନ କ୍ରମେ ମଙ୍ଗଳବାର ହିଞ୍ଜିଳିକାଟୁ ବ୍ଲକର ଏହି ବର୍ଗର କୃଷି କର୍ମଚାରୀମାନେ ୪ଦଫା ଦାବି ନେଇ କଳାବ୍ୟାଜ ପରିଧାନ କରି ଆନ୍ଦୋଳନ ଚଳାଇଛନ୍ତି। ପଦବୀର ନାମ ପରିବର୍ତ୍ତନ, ଗ୍ରାମ୍ୟ କୃଷି କର୍ମଚାରୀଙ୍କ ନୂତନ କ୍ୟାଡର କରିବା ଇତ୍ୟାଦି ପ୍ରମୁଖ ଦାବି ରହିଛି। କର୍ମଚାରୀମାନେ କଳାବ୍ୟାଜ ପରିଧାନ କରି ଏକ ସପ୍ତାହ ସରକାରୀ କାର୍ଯ୍ୟ ତୁଲାଇବେ। ଏହା ମଧ୍ୟରେ ସରକାର ଦାବି ପୂରଣ ନ କଲେ ଆସନ୍ତା ୧୨ରୁ ସମୂହ ଛୁଟିରେ ଯିବା ସହ କାର୍ଯ୍ୟରେ ଅସହଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ହିଞ୍ଜିଳିକାଟୁ ବ୍ଲକର କୃଷି କର୍ମଚାରୀ ଶଙ୍କର ପ୍ରସାଦ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ମହାନ୍ତି, ପଞ୍ଚୁକୁମାର ସାହୁ, ପ୍ରକାଶ ନାୟକ, ଅର୍ଚ୍ଚନା ନାୟକ, ରାଧାରାଣୀ ସୁବୁଦ୍ଧି, ମମତା ସାହୁ, ସବିତା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟ ଶକ୍ତି ମନ୍ତ୍ରୀଙ୍କ କଟାକ୍ଷ


# ପୁରୀରୁ ଲଢ଼ିଲେ ଅମାନତ ହରାଇବେ

**ପୁରୀ ଅଫିସ, ୬।୨**

ଆସନ୍ତା ସାଧାରଣ ନିର୍ବାଚନକୁ ନେଇ ସବୁ ରାଜନୈତିକ ଦଳ ପାଗ ଭିଡ଼ିବା ଆରମ୍ଭ କରିଦେଲେଣି। ବିଭିନ୍ନ ସ୍ଥାନରେ ସଭା, ସମାବେଶ ଆୟୋଜନ କରାଯାଉଛି। କେନ୍ଦ୍ରୀୟ ନେତାଙ୍କୁ ଆଣି ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିପଡିଲେଣି ଜାତୀୟ ଦଳ ଭାଜପା ଏବଂ କଂଗ୍ରେସ। ଏ କ୍ଷେତ୍ରରେ କେନ୍ଦ୍ରରେ ନେତୃତ୍ୱାଧୀନ ଭାଜପା ଆଗରେ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଘନ ଘନ ଓଡ଼ିଶା ଗସ୍ତରେ ଆସୁଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବି ପଛରେ ନାହାନ୍ତି। ତାଙ୍କ ଫୋକସରେ ଓଡ଼ିଶା ରହିଛି। ବୁଧବାର ରାଜ୍ୟ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂହ ଏକ ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି, ମୋଦିପୁରୀରୁଲଢିଲେଅମାନତହରାଇବେ।

ପୁରୀ ସଦର ବ୍ଲକ ଅନ୍ତର୍ଗତ ବାସୁଦେଇପୁରସ୍ଥିତ ୩୩/୧୧ କେ.ଭି. ଗ୍ରୀଡ୍ ସବ୍‌ଷ୍ଟେଶନ ଲୋକାର୍ପଣ କରି ମନ୍ତ୍ରୀ ସିଂହ କହିଥିଲେ, ପ୍ରଧାନମନ୍ତ୍ରୀ ମୋଦି ପ୍ରତ୍ୟେକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୫ ଲକ୍ଷ ଟଙ୍କା ଦେବେ ବୋଲି ଘୋଷଣା କରିଥିଲେ। ଯଦି ସେ ଏହି ଟଙ୍କା ଦେଇଦିଅନ୍ତି ତେବେ ମୋ ଅଞ୍ଚଳବାସୀ ସ୍ୱଚ୍ଛଳ ହୋଇଯିବେ। ମୁଁ ଆଉ ରାଜନୀତି କରିବି ନାହିଁ, ଛାଡିଦେବି। କେବଳ ଜନସାଧାରଣଙ୍କୁ ଭଣ୍ଡେଇ, ଭୁତେଇ ସେମାନେ ଭୋଟ ହାତଉଛନ୍ତି। ହେଲେ ଲୋକଙ୍କ ବିକାଶ ପାଇଁ କୌଣସି ଯୋଜନା କରୁନାହାନ୍ତି। ଭାଜପା କ୍ଷମତାକୁ ଆସିବା ସମୟରେ ଗ୍ୟାସ୍ ସିଲିଣ୍ଡର ୩୫୦ ଟଙ୍କା ଥିଲା। ତାକୁ ବୃଦ୍ଧି କରି ୧୦୦୦ ଟଙ୍କାରେ ପହଞ୍ଚାଇଛନ୍ତି। ପ୍ରତ୍ୟେକଙ୍କ ଘରେ ଗ୍ୟାସ୍ ପହଞ୍ଚାଇଛୁ ବୋଲି କହୁଛନ୍ତି। କିନ୍ତୁ ଏହାଦ୍ୱାରା ସେମାନେ ପ୍ରତ୍ୟେକଙ୍କ ଘରୁ ୭୦୦ ଟଙ୍କା ଲୁଟ୍ କରୁଛନ୍ତି ବୋଲି ମନ୍ତ୍ରୀ ସିଂହ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ, ମୋଦି ବାରଣାସୀରୁ ପ୍ରାର୍ଥୀ ହେବା ସମୟରେ କହିଥିଲେ ମା' ଗଙ୍ଗା ମୋତେ ଡାକିଛନ୍ତି। ସେଠାକାର ଲୋକେ ତାଙ୍କୁ ବହୁସଂଖ୍ୟାରେ ଭୋଟ ଦେଇ ଜିତାଇଦେଲେ। ହେଲେ ଏବେ ସେଠାରେ ଭାଜପାର ସ୍ଥିତି ଭଲ ନାହିଁ। ହାରିବା ଆଶଙ୍କାରେ ଓଡ଼ିଶାକୁ ଟାର୍ଗେଟ କରିଛନ୍ତି। ରାଜ୍ୟ ଭାଜପା ନେତୃବୃନ୍ଦ ବାହାଦୂରି ଦେଖାଇ ମୋଦି ପୁରୀରୁ ଠିଆ ହେବେ ବୋଲି କହୁଛନ୍ତି। ଏଠି ଯିଏ ଯେମିତି ବାହାଦୂରି ମାରି ପାରିଲା। କଳାପାହାଡ଼ ଭଳି ଅନେକ ଲୋକ ଓଡ଼ିଶାକୁ ଆସିଛନ୍ତି। ଇତିହାସରୁ ଜଣାପଡେ ସମ୍ରାଟ ଅଶୋକ ଏଠାକୁ ଆସି ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ। ମୁଁ ବିନମ୍ରତାର ସହ କହୁଛି ମୋଦି ସେ ଭୁଲ୍ କରନ୍ତୁ ନାହିଁ ବୋଲି ଶକ୍ତି ମନ୍ତ୍ରୀ ସିଂହ କହିଥିଲେ। ମନ୍ତ୍ରୀ ସିଂହଙ୍କ ଏଭଳି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା କହିଛନ୍ତି, କିଏ କ'ଣ କହୁଛନ୍ତି ସେଥିରେ ଭାଜପା ବିଚଳିତ ନୁହେଁ। ଦଳର ସଙ୍ଗଠନ ଉପରେ ବିଶ୍ୱାସ ରହିଛି। ଦିବ୍ୟଭବ୍ୟ ରାଷ୍ଟ୍ର ପ୍ରତିଷ୍ଠା ଭାବନାରେ ଦଳ ପରିଚାଳିତ ହୋଇଥାଏ। ଟଙ୍କା ପାଇଁ ନୁହେଁ କି ଧନ ପାଇଁ ନୁହେଁ, ଦଳର ପ୍ରତ୍ୟେକଙ୍କ ଜୀବନ ରାଷ୍ଟ୍ର ପାଇଁ ସମର୍ପିତ। ଶକ୍ତିମନ୍ତ୍ରୀ ନିଜେ ଭଲ ଭାବେ ଜାଣନ୍ତି ସେ ଏବଂ ତାଙ୍କ ସରକାର କ'ଣ କରୁଛନ୍ତି।

### ପଦ୍ମବେଶରେ ଦର୍ଶନ ଦେଲେ ମହାପ୍ରଭୁ



ପଦ୍ମ ବେଶରେ ଶ୍ରୀଜୀଉ।

**ପୁରୀ ଅଫିସ,୬।୨**

ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ଅତୀବ ରମଣୀୟ ପଦ୍ମବେଶ ଅନୁଷ୍ଠିତ ହୋଇଛି। ବଡ଼ସିଂହାର ବେଶରେ ଠାକୁରଙ୍କ ଏହି ବେଶ କରାଯାଇଛି। ଏହି ବେଶରେ ଠାକୁର ସୋଲରେ ନିର୍ମିତ ଶ୍ରୀମୁଖ ପଦ୍ମ, କରପଲ୍ଲବ କଡି, ହଂସ, ଚୂଳ, ମଗରକୁଣ୍ଡଳ, ପଦ୍ମଫୁଲ, କଦମ୍ବଫୁଲ ଆଦି ଧାରଣ କରିଛନ୍ତି। ସୋଲ, ଜରି, କଦଳୀପଟ, କନା, କଇଥ ଅଠା, ରଙ୍ଗ ସାହାଯ୍ୟରେ ଏ ସବୁକୁ ପାରମ୍ପରିକ କାରିଗରଙ୍କ ଦ୍ୱାରା ତିଆରି କରାଯାଇଛି। ଆବହମାନ କାଳରୁ ବଡଛତା ମଠ ଏହି ବେଶ ପ୍ରସ୍ତୁତି କରି ଯୋଗାଇଆସୁଛି। ବୁଧବାର ରାତିରେ ବଡ଼ସିଂହାର ବେଶରେ ଠାକୁରଙ୍କୁ ଏହା ଲାଗି ହୋଇଥିଲା। ଏହି ବେଶ ପରେ ଖିରି ଓ ଅମାଲୁ ଭୋଗ କରାଯାଇଥିଲା। ପଦ୍ମବେଶ ଥାଇ ଠାକୁର ପହୁଡ ହୋଇଥିଲେ। ଏହି ବେଶ ଥାଇ ଗୁରୁବାର ମଙ୍ଗଳ ଆଳତି ହେବ। ମଙ୍ଗଳ ଆଳତିରେ ଭକ୍ତମାନେ ମହାପ୍ରଭୁଙ୍କୁ ପଦ୍ମବେଶରେ ଦର୍ଶନ କରିବେ। ଏହାପରେ ଅବକାଶ ହୋଇ ବେଶ ଓଲାଗି କରାଯିବ। ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କର ଏହି ବେଶକୁ ଦର୍ଶନ କରିବା ନିମନ୍ତେ ବହୁ ସମୟ ଧରି ଅପେକ୍ଷା କରି ରହିଛନ୍ତି। ମାଘ ମାସ ଅମାବାସ୍ୟାଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ପଡିଲେ ଏହି ବେଶ ହୋଇଥାଏ ବୋଲି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି।

### ୧୬ରେ ଚଳଚ୍ଚିତ୍ର ଓ ଦୂରଦର୍ଶନ ପୁରସ୍କାର

# ଅପରାଜିତା ପାଇବେ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ

**ପୁରୀ ଅଫିସ,୬।୨**

ୱିନିଙ୍ଗ ସ୍ପୋର୍ଟିଂ ଆନୁକୂଲ୍ୟରେ ଆସନ୍ତା ୧୬ ତାରିଖରେ ପୁରୀ ପୌରସଦନରେ ୧୪ତମ ଓଡ଼ିଆ ଚଳଚ୍ଚିତ୍ର ଓ ଦୂରଦର୍ଶନ ଆୱାର୍ଡ-୨୦୧୯ ଆୟୋଜିତ ହେବ। ଏହି ଶୋ ଟାଇମ୍ କାର୍ଯ୍ୟକ୍ରମରେ ଓଡ଼ିଆ ଚଳଚ୍ଚିତ୍ର, ଧାରାବାହିକ ଓ ଆଲବମ୍ ଜଗତରେ ସୁନାମଧନ୍ୟ ୫୦ କଳାକାରଙ୍କୁ ସମ୍ମାନିତ କରାଯିବ। ଚଳିତବର୍ଷ କଳା ଜଗତରେ ଜୀବନବ୍ୟାପୀ ସାଧନା ଲାଗି ଅଭିନେତ୍ରୀ ଅପରାଜିତା ମହାନ୍ତିଙ୍କୁ ଲାଇଫ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯିବ ବୋଲି ବୁଧବାର ହୋଟେଲ ନାୟକ ବିଚ୍ ରସର୍ଟଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସମ୍ପାଦକ ନବ କିଶୋର ପ୍ରଧାନ ସୂଚନା ଦେଇଛନ୍ତି। ଏହାଛଡ଼ା ମଞ୍ଚ ଓ ସିନେ ଜଗତର ମହାରଥୀ ତଥା ଭୀଷ୍ମ ପିତାମହ ଭାବେ ପରିଚିତ ବର୍ଷୀୟାନ ଅଭିନେତା ସ୍ୱର୍ଗତ ରାମଚନ୍ଦ୍ର ପ୍ରତିହାରୀଙ୍କ ସ୍ମୃତିରେ ୪ ବରିଷ୍ଠ ମଞ୍ଚ କଳାକାରଙ୍କୁ ସ୍ମୃତି ସମ୍ମାନ ପ୍ରଦାନ କରାଯିବା ଲାଗି ସ୍ଥିର ହୋଇଛି। ଏହି ଅବସରରେ ଓଡ଼ିଶୀ, ମଡର୍ନ ଡ୍ୟାନ୍ସ, ଫ୍ୟାଶନ ଶୋ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଖବରଦାତା ସମ୍ମିଳନୀରେ ଶିଳ୍ପପତି ତଥା ସାମାଜିକ କର୍ମୀ ଗିରୀଶ ଚନ୍ଦ୍ର ନାୟକ, ଯୁବ ସଙ୍ଗଠକ ରାଜେଶ ମହାନ୍ତି, ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦିକା ନିତୁ ପ୍ରିୟଦର୍ଶିନୀ, ସାମାଜିକ କର୍ମୀ ଦାମୋଦର ଶତପଥୀ ଓ ରଜନୀକାନ୍ତ ମିଶ୍ର ମଞ୍ଚାସୀନ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

### ମାନସ ହତ୍ୟାକାଣ୍ଡର ପର୍ଦ୍ଦାଫାଶ୍

# ବଡଭାଇ ପାଲଟିଲା ହତ୍ୟାକାରୀ

### ସାନଭାଇର ଖର୍ଚ୍ଚକୁ ନେଇ ଲାଗିରହୁଥିଲା ଅସନ୍ତୋଷ

**ନିରାକାରପୁର,୬।୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ସ୍ଥାନୀୟ କଲେଜ ଛକ ନିକଟ ପୁରୁଣା ଶ୍ମଶାନ ପଛପଟ ଜନବସତି ଅଞ୍ଚଳରୁ ଗତ ଜାନୁୟାରୀ ୨୭ରେ ପୋଲିସ ଏକ ରକ୍ତାକ୍ତ ମୃତଦେହ ଉଦ୍ଧାର କରିଥିଲା। ମୃତକ ଥିଲେ ଏହି ଥାନା ଅଧୀନ ଡିଆ ପଞ୍ଚାୟତ ଭଟ୍ଟସାହି ଗ୍ରାମର ମାନସ ରଞ୍ଜନ ଭଟ୍ଟମିଶ୍ର। ବୁଧବାର ମଧ୍ୟାହ୍ନ ୧୨ଟାରେ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ଉକ୍ତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କରିଛି। ସାନଭାଇ ଅଧିକ ଖର୍ଚ୍ଚ କରୁଥିବାରୁ ଅସନ୍ତୋଷ ପ୍ରକାଶ କରି ମାନସଙ୍କୁ ହତ୍ୟା କରିଥିବା ନେଇ ଅଭିଯୁକ୍ତ ବଡ଼ଭାଇ ପାର୍ଥ ମିଶ୍ର ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ସୂଚନାଯୋଗ୍ୟ, ମୃତ ଯୁବକଙ୍କ ବାପା ଭାଗୀରଥି ଭଟ୍ଟମିଶ୍ରଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୦୬/୨୦୧୯ରେ ତଦନ୍ତ ଜାରି ରଖିଥିଲା। ପୋଲିସ ପକ୍ଷରୁ ହତ୍ୟା ମାମଲା ରୁଜୁ କରାଯାଇ ସନ୍ଧାନୀ କୁକୁର ଓ ତଦନ୍ତକାରୀ ଦଳର ଦୀର୍ଘ ୧୧ ଦିନଧରି ତନାଘନା ଜାରି ରହିଥିଲା। ଶେଷରେ ମୃତକଙ୍କ ବଡଭାଇ ପାର୍ଥ ଓରଫ୍ କପିଳ(୨୬)ଙ୍କୁ ଡାକି ପୋଲିସ ପଚରାଉଚରା କରିବାରେ ସେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୋଲିସ ନିକଟରେ ପାର୍ଥ ପ୍ରକାଶ କରିଥିବା ସୂଚନା ଅନୁସାରେ, ମାନସଙ୍କ ଅଯଥା ଖର୍ଚ୍ଚ ନେଇ ସେ ଦୀର୍ଘଦିନ ଧରି ଅସନ୍ତୋଷ ମଧ୍ୟରେ ରହିଥିଲେ। ଏହାକୁ ନେଇ ସର୍ବଦା ଝଗଡ଼ା ଲାଗି ରହୁଥିଲା। ମୃତ୍ୟୁର ୨ ଦିନ ପୂର୍ବରୁ ପାର୍ଥ ରଖିଥିବା ୨ହଜାର ଟଙ୍କା ନେଇ ମାନସ ଘରୁ ଚାଲିଯାଇଥିଲେ । ପାର୍ଥ ବହୁ ଖୋଜାଖୋଜି କରିବା ପରେ ଜାନୁୟାରୀ ୨୬ରେ ସ୍ଥାନୀୟ କ୍ଷେତ୍ରବାସୀ ମହାବିଦ୍ୟାଳୟ ପଥରଖଣି ଅଞ୍ଚଳରେ ମାନସଙ୍କୁ ଦେଖିବାକୁ ପାଇଥିଲେ। ମାନସଙ୍କୁ ଡାକିବାରୁ ସେ ଶୁଣି ନ ଥିଲେ। ତେଣୁ ପାର୍ଥ ଦୌଡ଼ିଯାଇ ମାନସଙ୍କୁ ଅଣ୍ଟାକୁ ଗୋଇଠା ମାରିବାରୁ ସେ ମଧ୍ୟ ଗୋଇଠା ମାରିଥିଲେ। ଏହାପରେ ରାଗରେ ପରିବା ଟ୍ରେରେ ନେଇଥିବା ଭୁଜାଲିରେ ମାନସଙ୍କ ବେକକୁ ହାଣି ହତ୍ୟା କରିଥିବା ପାର୍ଥ ପୋଲିସ ଆଗରେ ସ୍ୱୀକାର କରିଥିଲେ। ପୂର୍ବରୁ ସେ ଥରେ ୭୦ହଜାର ଓ ୩୮ହଜାର ଟଙ୍କା ନେଇ ଚାଲି ଯାଇଥିବା ଏବଂ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ନେଇ ପାର୍ଥ ଅଭିଯୋଗ କରିଛନ୍ତି । ଖବରଦାତା ସମ୍ମିଳନୀରେ ଖୋର୍ଦ୍ଧା ଜିଲା ଅତିରିକ୍ତ ଆରକ୍ଷୀ ଅଧିକାରୀ କୃତ୍ତିବାସ ଜେନା ଉପରୋକ୍ତ ସୂଚନା ପ୍ରଦାନ କରିଛନ୍ତି। ବାଲୁଗାଁ ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା, ନିରାକାରପୁର ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ସମ୍ମିଳନୀରେ ଉପସ୍ଥିତ ରହିଥିଲେ । ହତ୍ୟାକାଣ୍ଡର ଅଧିକ ତଥ୍ୟ ହାସଲ ନିମନ୍ତେ ପୋଲିସ ତଦନ୍ତ ଜାରି ରଖିଛି।

# ଗ୍ରୀଡ୍ ସବ୍‌ଷ୍ଟେଶନ ଲୋକାର୍ପିତ

**ପୁରୀ ଅଫିସ, ୬।୨**

ପୁରୀ ସଦର ବ୍ଲକ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାସୁଦେଇପୁରସ୍ଥିତ ୩୩/୧୧ କେ.ଭି. ଗ୍ରୀଡ୍ ସବ୍‌ଷ୍ଟେଶନ ଲୋକାର୍ପିତ ହୋଇଛି। ୩.୩୫ କୋଟି ଟଙ୍କାରେ ନିର୍ମିତ ଏହି ଗ୍ରୀଡ୍ ସବ୍‌ଷ୍ଟେଶନକୁ ବୁଧବାର ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ସିଂ କହିଥିଲେ, ଗତ ୬ ମାସ ମଧ୍ୟରେ ୨୫ ଲକ୍ଷ ଘରକୁ ବିଦ୍ୟୁତ୍ ପହଞ୍ଚାଯାଇଛି। ରାଜ୍ୟ ସରକାର ପ୍ରତି ଘରେ ଘରେ କିପରି ବିଜୁଳି ପହଞ୍ଚିପାରିବ ତାହା ଉପରେ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶାର ପ୍ରତି ପରିବାରକୁ ୪ଟି ଏଲଇଡି ବଲ୍‌ବ ଦେବାର ବ୍ୟବସ୍ଥା ମଧ୍ୟ ହୋଇଛି। ଅନେକ ପରିବାରକୁ ଏହା ମିଳିସାରିଲାଣି। ମାସକ ମଧ୍ୟରେ ସବୁ ପଞ୍ଚାୟତରେ ଏହା ପହଞ୍ଚିବ ବୋଲି ମନ୍ତ୍ରୀ କହିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା ଯୋଗଦେଇ କହିଥିଲେ, ଏହି ଗ୍ରୀଡ୍ ସବ୍‌ଷ୍ଟେଶନରୁ ୯ଟି ପଞ୍ଚାୟତ ବାସୁଦେଇପୁର, କେରାଣ୍ଡିପୁର, କପିଳେଶ୍ୱରପୁର, ଶାସନ ଦାମୋଦରପୁର, ବୀରବଳଭଦ୍ରପୁର, ପ୍ରତାପ ପୁରୁଷୋତ୍ତମପୁର, ବାଲିକେରା, ପଛିପାଳ ଓ ଘଟକୁଡିବାସୀ ବିଦ୍ୟୁତ୍ ପାଇବେ। ବିଗତ ଦିନରେ ବ୍ରହ୍ମଗିରିର କେରାଣ୍ଡିଆରୁ ଏହି ପଞ୍ଚାୟତବାସୀ ବିଦ୍ୟୁତ୍ ପାଉଥିଲେ। ଏବେ ସିଧାସଳଖ ଭାବେ ସେମାନଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଗଲା। ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଏଠାରେ ଦୁଇଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଥିବା ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ ଅଧ୍ୟକ୍ଷା ସରୋଜିନୀ ବେହେରା, ଉପାଧ୍ୟକ୍ଷା ଗୁଞ୍ଜରି ପ୍ରଧାନ, ଜିଲା ପରିଷଦ ସଭ୍ୟ ପୁଷ୍ପାରାଣୀ ମଲ୍ଲିକ, ବାସୁଦେଇପୁର ସରପଞ୍ଚ ହରିହର ଉପାଧ୍ୟାୟ, ସମିତି ସଭ୍ୟ ବିଦ୍ୟାଧର ପ୍ରଧାନ, ସେସୁର ସୁପରିଣ୍ଟେଣ୍ଡିଙ୍ଗ ଇଞ୍ଜିନିୟର ପି.କେ. ସାହୁ, ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଶିବପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଲୋକାର୍ପଣ ଉତ୍ସବ ପୂର୍ବରୁ ମନ୍ତ୍ରୀ ସିଂ ଏବଂ ବିଧାୟକ ଦାସବର୍ମା ବାସୁଦେଇପୁର ଏଏନ୍‌ଏମ୍ ସେଣ୍ଟର, ପ୍ରତାପପୁରୁଷୋତ୍ତମପୁରର ଆର୍‌ଆଇ ଅଫିସ ଏବଂ ଏଏନ୍‌ଏମ୍ ସବ୍ ସେଣ୍ଟର ଉଦ୍‌ଘାଟନ କରିଥିଲେ।



ଲୋକାର୍ପିତ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଉପକୃତ ହେବେ ୯ ପଞ୍ଚାୟତବାସୀ**

**ଆନ୍ଧ୍ର ବ୍ୟାଙ୍କ** (ଭାରତ ସରକାରଙ୍କ ଏକ ଉପକ୍ରମ)
**କଟକ ମୁଖ୍ୟ ଶାଖା, କଟକ,**
ଜିଲ୍ଲା: କଟକ, ଫୋନ୍: ୦୬୭୧-୨୪୧୩୫୯୩(ଶାଖା)/ ୦୬୭୪-୨୩୫୪୦୩୪ (ଆଞ୍ଚଳିକ କାର୍ଯ୍ୟାଳୟ)

**ଦଖଲ ନୋଟିସ୍**
{ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ ୨୦୦୨ର ନିୟମ-୮(୧)}
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଆନ୍ଧ୍ର ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି **ଋଣଗ୍ରହୀତା(ମାନ): ୧. ମେସର୍ସ ସାଇ ଡିଭାଇନ ଆଣ୍ଡ କୋଃ.,** ଏହାକୁ ପ୍ରତିନିଧିତ୍ୱ କରୁଥିବା ଅଂଶୀଦାରମାନେ: **କ) ଶ୍ରୀ ନୀଳରତନ କର୍ମାକର,** ପିତା: ଶଶାଙ୍କ କର୍ମାକର, **ଖ) ଶ୍ରୀମତୀ ତନୁଶ୍ରୀ କର୍ମାକର,** ସ୍ୱାମୀ: ନୀଳରତନ କର୍ମାକର, **୨. ଶ୍ରୀ ନୀଳରତନ କର୍ମାକର,** ପିତା: ଶଶାଙ୍କ କର୍ମାକର, **୩. ଶ୍ରୀମତୀ ତନୁଶ୍ରୀ କର୍ମାକର,** ସ୍ୱାମୀ: ନୀଳରତନ କର୍ମାକର, **ଜାମିନ୍‌ଦାର(ମାନ): ୪. ଶ୍ରୀ ସନାତନ କର୍ମାକର,** ପିତା: ଶଶାଙ୍କ କର୍ମାକର, **୫. ଶ୍ରୀ ଚନ୍ଦନ କର୍ମାକର,** ପିତା: ଶଶାଙ୍କ କର୍ମାକର, ସମସ୍ତଙ୍କ ଠିକଣା- ସା: କାଳୀଗଳି, ହାଇକୋର୍ଟ ଛକ ନିକଟ, ଚାନ୍ଦିନୀ ଚୌକ, କଟକ-୨, ଓଡ଼ିଶା, ଭାରତଙ୍କୁ **ତା.୦୨.୧୧.୨୦୧୮ରିଖରେ** ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ସମସ୍ତ ଅର୍ଥ **ତା୩୧.୧୦.୨୦୧୮ରିଖ ସୁଦ୍ଧା ଟ.୭୩,୯୯,୨୩୫.୦୦ (ତେସ୍ତରୀ ଲକ୍ଷ ଅନେଶତ ହଜାର ଦୁଇ ଶହ ପଇଁତିରିଶ ଟଙ୍କା ମାତ୍ର)** କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତାମାନେ ବକେୟା ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ **ତା.୦୪.୦୨.୨୦୧୯ରିଖରେ** ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ **ଦଖଲ** ନେଇଛନ୍ତି।

ଏତଦ୍ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩(୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

ଏତଦ୍ଦ୍ୱାରା ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ତା୦୪.୦୨.୨୦୧୯ରିଖ ସୁଦ୍ଧା ଟ.୭୧,୪୫,୦୮୨.୦୦ (ଏକସ୍ତରୀ ଲକ୍ଷ ପଇଁଚାଳିଶ ହଜାର ବୟାଅଶୀ ଟଙ୍କା ମାତ୍ର)** ଏବଂ ସେବାବଦ ପରବର୍ତ୍ତୀ ସୁଧ ନିମନ୍ତେ **ଆନ୍ଧ୍ର ବ୍ୟାଙ୍କ, କଟକ ମୁଖ୍ୟ ଶାଖା, କଟକ** ନିକଟରେ ଉତ୍ତରଦାୟୀ ରହିବେ।

**ସ୍ଥାବର ସମ୍ପତ୍ତିର ବିବରଣୀ**

**ଶ୍ରୀ ନୀଳରତନ କର୍ମାକର, ଶ୍ରୀ ସନାତନ କର୍ମାକର ଏବଂ ଶ୍ରୀ ଚନ୍ଦନ କର୍ମାକର**ଙ୍କ ନାମରେ ଥିବା ବାସୋପଯୋଗୀ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର **ସମୁଦାୟ କ୍ଷେତ୍ର: ଏକର୦.୪୫ଡିସିମିଲି,** ଖାତା ନଂ.: ୬୦୧/୧୫୫, ପ୍ଲଟ୍ ନଂ.: ୧୮୫୯, କ୍ଷେତ୍ର: ଏକର୦.୦୩୯ ଡିସିମିଲି **ଏବଂ** ଖାତା ନଂ.: ୬୦୧/୧୫୮, ପ୍ଲଟ୍ ନଂ.: ୧୮୫୮, କ୍ଷେତ୍ର: ଏକର୦.୦୬ଡିସିମିଲି, ସା: କାଳୀଗଳି, ଗଣେଶ ମନ୍ଦିର ନିକଟ, ଚାନ୍ଦିନୀ ଚୌକ (ହାଇ କୋର୍ଟ ଛକ), ଏସ୍‌ଆରଓ/ଥାନା: କଟକ ଟାଉନ୍, ଜିଲ୍ଲା: କଟକ, ଓଡ଼ିଶା, ଭାରତ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଧ୍ୱଜମଣି ମହାପାତ୍ର, ପଶ୍ଚିମ: କୁଞ୍ଜ ବିହାରୀ ଦାସ, ଦକ୍ଷିଣ: ଭାରତୀ ମଠ, ଉତ୍ତର: ମ୍ୟୁନିସିପାଲିଟି ରୋଡ଼

ତାରିଖ: ୦୬.୦୨.୨୦୧୯
ସ୍ଥାନ: କଟକ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ ଓ ମୁଖ୍ୟ ପ୍ରବନ୍ଧକ
ଆନ୍ଧ୍ର ବ୍ୟାଙ୍କ (କଟକ ମୁଖ୍ୟ ଶାଖା ତରଫରୁ)

**କମାଣ୍ଡାଣ୍ଟ ଟିଏଚ୍‌କ୍ୟୁ, ୧୧୨ ବିଏନ୍ ବିଏସ୍‌ଏଫ୍, ଏମ୍‌ଭି-୭୯, ମାଲକାନଗିରି (ଓଡ଼ିଶା)ଙ୍କ କାର୍ଯ୍ୟାଳୟ**

ନଂ.୩୪ ପିଆର୍‌ଓଭି/ଅକ୍ସନ୍/୧୧୨ ବିଏନ୍/୨୦୧୯/୪୬୨-୮୮ ତାରିଖ: ୧୦ ଜାନୁୟାରୀ, ୨୦୧୯

**ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ଅଣ-ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକୁ ତା୦୯।୦୨।୨୦୧୯ରିଖ ଟିଏଚ୍‌କ୍ୟୁ ୧୧୨ ବିଏନ୍ ବିଏସ୍‌ଏଫ୍ (ଏମ୍ ଭି-୭୯ ମାଲକାନଗିରି) ଓଡ଼ିଶାଠାରେ ସର୍ବସାଧାରଣ ନିଲାମ ମାଧ୍ୟମରେ ବିକ୍ରୟ କରାଯିବ।

| | |
|---|---|
| ୧. ରାଶନ ସାମଗ୍ରୀ | ୭. ସିପିସି ସାମଗ୍ରୀ |
| ୨. ପ୍ରତିରକ୍ଷା ସାମଗ୍ରୀ | ୮. ଏମ୍‌ଟି ସାମଗ୍ରୀ |
| ୩. ସେକ୍ଟର ସାମଗ୍ରୀ | ୯. ଅଗ୍ନି ନିର୍ବାପନ ସାମଗ୍ରୀ |
| ୪. କଲ୍ୟାଣ ସାମଗ୍ରୀ | ୧୦. ସଞ୍ଚାର ସାମଗ୍ରୀ |
| ୫. ଆର୍/ରୁମ୍ ସାମଗ୍ରୀ | ୧୧. ନିର୍ମାଣ ସାମଗ୍ରୀ |
| ୬. ମୃତ ଷ୍ଟକ୍ | ୧୨. ଟେଣ୍ଟେଜ୍ ସାମଗ୍ରୀ |

୨. ନିଲାମରେ ଅଂଶଗ୍ରହଣ କରୁଥିବା ସମସ୍ତ ବିଡରଙ୍କୁ ଅଣ-ବ୍ୟବହାର୍ଯ୍ୟ ସାମଗ୍ରୀ ୧୧୨ ବିଏନ୍ ବିଏସ୍‌ଏଫ୍ ବାବଦରେ ନଗଦ ଆକାରରେ ଟ.୧୦,୦୦୦/- (ଦଶ ହଜାର ଟଙ୍କା) ମାତ୍ରର ଫେରସ୍ତଯୋଗ୍ୟ ରାଶିକୁ ବିଡ୍ ଅମାନତ ଭାବେ ଜମା କରିବାକୁ ହେବ। ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ନଗଦ ବିଡ୍ ଅମାନତ ରାଶିକୁ ଫେରସ୍ତ/ସମଯୋଜିତ କରାଯିବ।
୩. ଅଣ-ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକୁ ଯେଉଁ ସର୍ବୋଚ୍ଚ ବିଡର୍ ଉଠାଇବେ, ତାଙ୍କୁ ବିଏସ୍‌ଏଫ୍ ପରିସରରୁ ସେଗୁଡ଼ିକୁ ନେବା ପାଇଁ ନିଜସ୍ୱ ବ୍ୟବସ୍ଥା କରିବାକୁ ହେବ। ନିଲାମ କରାଯାଇଥିବା ଅଣ-ବ୍ୟବହାର୍ଯ୍ୟ ସାମଗ୍ରୀର ସ୍ଥାନାନ୍ତରଣ/ଉଠାଇବା ପାଇଁ କୌଣସି ପରିବହନ ବ୍ୟବସ୍ଥା ପ୍ରଦାନ କରାଯିବ ନାହିଁ ।
୪. ନିଲାମ ବିଭାଗୀୟ ନିୟମ ଓ ବନ୍ଦୋବସ୍ତ ଅନୁଯାୟୀ ସଞ୍ଚାଳିତ ହେବ। ନିଲାମ ସଞ୍ଚାଳନ କରୁଥିବା ଅଧିକାରୀ ପରିଷଦଙ୍କ ନିକଟରେ କୌଣସି କାରଣ ନ ଦର୍ଶାଇ ବିଡ୍‌କୁ ନାକଚ କରିବାର ପୂର୍ଣ୍ଣ ଅଧିକାର ରହିବ।
୫. କୌଣସି ଟିକସ ଦେୟ ଲାଗୁ ହେବା ପାଇଁ ବିଏସ୍‌ଏଫ୍ ଦାୟୀ ରହିବ ନାହିଁ ।
୬. ଅଣ-ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ।
୭. ନିଲାମ ଆରମ୍ଭ ହେବା ପୂର୍ବରୁ ଅଧିକାରୀ ପରିଷଦ ଦ୍ୱାରା ନିଲାମର ନିୟମ ଓ ସର୍ତ୍ତାବଳୀ ଘୋଷଣା କରାଯିବ।
୮. ଯଦି କୌଣସି କ୍ଷେତ୍ରରେ, ବିଡର୍ ୧୦ ଦିନର ନିର୍ଦ୍ଧାରିତ ସମୟ ମଧ୍ୟରେ ବକେୟା ଅର୍ଥରାଶି ଜମା କରିବା କିମ୍ବା ନିଲାମ ସ୍ଥାନରୁ ଅଣ-ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକୁ ଉଠାଇବାରେ ବିଫଳ ହୁଅନ୍ତି, ତେବେ ସେ ପ୍ରଚଳିତ ଦରରେ ଜମିର ଭଡ଼ା ପୈଠ କରିବା ଏବଂ ତାଙ୍କ ଅମାନତ ଜମାର ବାଜ୍ୟାପ୍ତୀକରଣ ପାଇଁ ଦାୟୀ ରହିବେ।

ସ୍ୱା./- (ବିଜୟ କୁମାର) ଡିସି/କ୍ୟୁଏମ୍
କମାଣ୍ଡାଣ୍ଟ ୧୧୨ ବିଏନ୍ ବିଏସ୍‌ଏଫ୍‌ଙ୍କ ପାଇଁ
DAVP 19110/11/0112/1819

**COLLEGE OF FORESTRY**
**Orissa University of Agriculture and Technology**
**Bhubaneswar - 751003**

**Letter No. 261 / C.For** **Dt. 04.02.2019**

**WALK IN INTERVIEW**

College of Forestry, OUAT, Bhubaneswar will hold a walk in interview for engagement of guest faculty for the course NRM- 329, Geomatics (1+2) and NRM-521, Remote sensing and GIS Application (1+1). For details of qualification remuneration, place and time of interview refer to OUAT website **www.ouat.nic.in.**

**Sd./- DEAN**

**ଉତ୍ତର ରେଳପଥ**

**୧ମ ଶୁଦ୍ଧିପତ୍ର ବିଜ୍ଞପ୍ତି**

**ଖୋଲା ଇ-ଟେଣ୍ଡର ନଂ. ୮୦୨-ଏମ୍/୬/ପ୍ରୋଜେକ୍ଟ ଉତ୍କୃଷ୍ଟ/ଏମ୍‌ସି-I/୨୦୧୮-୧୯**

ଚିଫ୍ ରୋଲିଂ ଷ୍ଟକ୍ ଇଞ୍ଜିନିୟର/କୋଚିଂ, ଉତ୍ତର ରେଳପଥ, ବରୋଦା ହାଉସ୍ ଅଭିଜ୍ଞ ଏବଂ ସକ୍ଷମ ଟେଣ୍ଡରଦାତାଙ୍କ ଦ୍ୱାରା ସମ୍ପାଦିତ ହେବାକୁ ଥିବା ଇ-ଟେଣ୍ଡର ନଂ.୮୦୨-ଏମ୍/୬/ପ୍ରୋଜେକ୍ଟ ଉତ୍କୃଷ୍ଟ/ଏମ୍‌ସି-I/୨୦୧୮-୧୯ ସଂକ୍ରାନ୍ତରେ ପ୍ରଥମ ଶୁଦ୍ଧିପତ୍ର ଅପ୍‌ଲୋଡ୍ କରିଛନ୍ତି।

| | | |
|---|---|---|
| ୧. | କାର୍ଯ୍ୟର ନାମ | ପ୍ରୋଜେକ୍ଟ ଉତ୍କୃଷ୍ଟ ଅଧୀନରେ ଟ୍ରେନ୍‌ଗୁଡ଼ିକର ଉନ୍ନତୀକରଣ |
| ୨. | କାର୍ଯ୍ୟ ସ୍ଥାନ | ଉତ୍ତର ରେଳପଥ, ଉତ୍ତର ପୂର୍ବ ରେଳପଥ ଏବଂ ପଶ୍ଚିମ ମଧ୍ୟ ରେଳପଥରେ |
| ୩. | କାର୍ଯ୍ୟର ଅବଧି | ୮ ମାସ |
| ୪. | କାର୍ଯ୍ୟର ଆନୁମାନିକ ମୂଲ୍ୟ | ଟ.୬୫,୩୫,୫୦,୭୭୫/- (ଜିଏସ୍‌ଟିର ବ୍ୟବସ୍ଥା ସହିତ) |
| ୫. | ଟେଣ୍ଡର ଏବଂ ଶୁଦ୍ଧିପତ୍ର କାଗଜପତ୍ରର ଉପଲବ୍ଧତା | ୱେବ୍‌ସାଇଟ୍ www.ireps.gov.inରେ |
| ୬. | ପ୍ରଥମ ଶୁଦ୍ଧିପତ୍ର ଜାରି ହେବା ତାରିଖ | ତା୦୪।୦୨।୨୦୧୯ରିଖ |
| ୭. | ଟେଣ୍ଡର କାଗଜପତ୍ର ଉପଲବ୍ଧତାର ତାରିଖ ଓ ସମୟ | ତା୨୪।୦୧।୧୯ରୁ ୨୦।୦୨।୧୯ରିଖ, ୧୫.୦୦ ଘଟିକା ପର୍ଯ୍ୟନ୍ତ (କେବଳ କାର୍ଯ୍ୟଦିବସରେ) |
| ୮. | ଟେଣ୍ଡର ସମାପ୍ତିର ତାରିଖ ଓ ସମୟ | ତା୨୦।୦୨।୧୯ରିଖ ୧୫.୦୦ ଘ. |
| ୯. | ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ (ବୈଷୟିକ ବିଡ୍) | ତା୨୦।୦୨।୧୯ରିଖ ୧୫.୩୦ ଘ. |
| ୧୦. | ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ (ଆର୍ଥିକ ବିଡ୍) | ବୈଷୟିକ ମୂଲ୍ୟାୟନ ପରେ। |
| ୧୧. | ଟେଣ୍ଡର ଖୋଲାଯିବା ସ୍ଥାନ | ଉତ୍ତର ରେଳପଥ ମୁଖ୍ୟ କାର୍ଯ୍ୟାଳୟ, ବରୋଦା ହାଉସ୍, ନୂଆଦିଲ୍ଲୀ। |

**୧ମ ଶୁଦ୍ଧିପତ୍ର**

**'ପ୍ରୋଜେକ୍ଟ ଉତ୍କୃଷ୍ଟ'** ଅଧୀନରେ ଟ୍ରେନ୍‌ଗୁଡ଼ିକର ଉନ୍ନତୀକରଣ ପାଇଁ ଏକ ଖୋଲା ଇ-ଟେଣ୍ଡର (ଇ-ଟେଣ୍ଡର ନଂ.୮୦୨-ଏମ୍/୬/ପ୍ରୋଜେକ୍ଟ ଉତ୍କୃଷ୍ଟ/ଏମ୍‌ସି-୧/୨୦୧୮-୧୯), ମୂଲ୍ୟ ଟ.୬୫,୩୫,୫୦,୭୭୫/-, ତା୨୫।୦୧।୨୦୧୯ରିଖ ଦିନ ଆଇଆରଇପିଏସ୍‌ରେ ଅପ୍‌ଲୋଡ୍ କରାଯାଇଛି। କଥିତ ଟେଣ୍ଡର ପାଇଁ ନିମ୍ନଲିଖିତ ଶୁଦ୍ଧିପତ୍ର ଜାରି କରାଯାଇଛି।

**୧. ଆନେକ୍ସର-୧, ପାରା ୯(ଏ) କାର୍ଯ୍ୟର ପରିସର** (ଟେଣ୍ଡର କାଗଜପତ୍ରର ପୃଷ୍ଠା ନଂ. ୩୧ରୁ ୩୬)
କଥିତ ଟେଣ୍ଡର ଅଧୀନରେ ସମ୍ପାଦିତ ହେବାକୁ ଥିବା କାର୍ଯ୍ୟରେ, ନିମ୍ନଲିଖିତ ସାମଗ୍ରୀଗୁଡ଼ିକୁ କେବଳ ଆର୍‌ଆଇଟିଇଏସ୍‌ର ନିରୀକ୍ଷଣ ପରେ ଫିଟ୍ କରାଯିବ ଏବଂ ଆର୍‌ଆଇଟିଇଏସ୍ ନିରୀକ୍ଷଣ ପ୍ରମାଣପତ୍ରକୁ ସାମଗ୍ରୀର ଡେଲିଭରୀ ସମୟରେ ଦାଖଲ କରାଯିବ। ଅଧିକନ୍ତୁ, ଏହିସବୁ ସାମଗ୍ରୀଗୁଡ଼ିକୁ ଓଇଏମ୍ କିମ୍ବା ଓଇଏମ୍‌ଙ୍କ ପ୍ରାଧିକୃତ ଡିଲର/ଏଜେଣ୍ଟଙ୍କଠାରୁ ସଂଗ୍ରହ କରାଯିବା ଆବଶ୍ୟକ। ସାମଗ୍ରୀର ବିଶୁଦ୍ଧତାକୁ ସୁନିଶ୍ଚିତ କରିବା ପାଇଁ, ସାମଗ୍ରୀକୁ ଅସଲି ଓଇଏମ୍ ପ୍ୟାକିଂରେ ଯୋଗାଣ କରାଯିବ କିମ୍ବା ମୂଳ ଡେଲିଭରୀ ଚାଲାଣ/ଇନ୍‌ଭଏସ କପି ସମେତ ସାମଗ୍ରୀଟି ମୂଳତଃ ସେମାନଙ୍କର ଏ ବାବଦୀୟ ଓଇଏମ୍‌ଙ୍କ ପ୍ରମାଣପତ୍ର ସହ ଯୋଗାଣ କରାଯିବ।

| ସାମଗ୍ରୀ ନଂ. | କାର୍ଯ୍ୟର ବର୍ଣ୍ଣନା |
|---|---|
| ୩ | ଫ୍ଲୋରିଂ - ଦୁଇ ଭାଗ ସଲ୍‌ଭେଣ୍ଟ ମୁକ୍ତ ଇପକ୍ସି ରେଜିନ୍ କୋଟିଂ ଆର୍‌ସିଏଫ୍ ବିଶେଷତା- ଏମ୍‌ଡିଟିଏସ୍୪୪୨୮୯ ଅନୁଯାୟୀ। |
| ୪ | ପଶ୍ଚିମ ରେଳପଥର ଡ୍ରଇଂ ସି/ଏସ୍‌କେ-୫୧୫/ଏଚ୍ ଅନୁଯାୟୀ ଗୋଲାକାର ୱାଶ୍ ବେସିନ୍ ବୋଲ୍ ସହିତ ଏମ୍‌ସିଏଫ୍ ବିଶେଷତା ଏମ୍‌ଏମ୍ ଡିଟିଏସ୍-୧୮୦୦୮ ସଂଶୋଧନ ଶୂନ୍ୟ ଅନୁଯାୟୀ ନିର୍ମିତ ଇଣ୍ଟେଗ୍ରେଟେଡ୍ ଡଷ୍ଟବିନ୍‌ଯୁକ୍ତ କାଉଣ୍ଟରଟପ୍‌ର ବ୍ୟବସ୍ଥା, ୧୨ ମିମି ଘନତ୍ୱ, ଆକାର ୱାଶ୍ ବେସିନ୍ ପାଇଁ ଶୌଚାଳୟରେ ଉପଲବ୍ଧ ଜାଗା ଅନୁଯାୟୀ। |
| ୧୧ | ବିଶେଷତା ଆର୍‌ଡିଏସ୍‌ଓ/୨୦୦୮/ସିଜି-୧୧ ଅନୁଯାୟୀ ଅଟୋମ୍ୟାଟିକ୍ ହାଇକିନ୍ ଏବଂ କଣ୍ଟ୍ରୋଲ୍ ସିଷ୍ଟମ୍‌ର ଯୋଗାଣ ଓ ସ୍ଥାପନ ତଥା ଆରେଞ୍ଜମେଣ୍ଟ କିଟ୍‌ର ସ୍ଥାପନ। ବ୍ରାଣ୍ଡ: କେବଳ ଏସିଏମ୍‌ଇ, ସୁସା, ଇକୋ, ମାଇ ଷ୍ଟେୟାର୍ । |

**୨. ଆନେକ୍ସର-୧, ପାରା ୯(ଏ) କାର୍ଯ୍ୟର ପରିସର** (ଟେଣ୍ଡର କାଗଜପତ୍ରର ପୃଷ୍ଠା ନଂ. ୩୧ରୁ ୩୬)
କାର୍ଯ୍ୟର ପରିସରରେ ସୂଚିତ କୋଚ୍‌ରେ ବ୍ୟବହୃତ ହେବା ପାଇଁ ବିନିର୍ଦ୍ଦିଷ୍ଟ ବ୍ରାଣ୍ଡେଡ୍ ସାମଗ୍ରୀଗୁଡ଼ିକୁ ଓଇଏମ୍ କିମ୍ବା ଓଇଏମ୍‌ଙ୍କ ପ୍ରାଧିକୃତ ଡିଲର/ଏଜେଣ୍ଟଙ୍କଠାରୁ ସଂଗ୍ରହ କରାଯିବା ଆବଶ୍ୟକ। ସାମଗ୍ରୀର ବିଶୁଦ୍ଧତାକୁ ସୁନିଶ୍ଚିତ କରିବା ପାଇଁ, ସାମଗ୍ରୀକୁ ଅସଲି ଓଇଏମ୍ ପ୍ୟାକିଂରେ ଯୋଗାଣ କରାଯିବ କିମ୍ବା ମୂଳ ଡେଲିଭରୀ ଚାଲାଣ/ଇନ୍‌ଭଏସ କପି ସମେତ ସାମଗ୍ରୀଟି ମୂଳତଃ ସେମାନଙ୍କର ଏ ବାବଦୀୟ ଓଇଏମ୍‌ଙ୍କ ପ୍ରମାଣପତ୍ର ସହ ଯୋଗାଣ କରାଯିବ।


୩.

| ଆନେକ୍ସର-୧ ପାରା ୯ (ଏ) କାର୍ଯ୍ୟର ପରିସର। ସାମଗ୍ରୀ ନଂ. ୧୭ (ଟେଣ୍ଡର କାଗଜପତ୍ରର ପୃଷ୍ଠା ସଂ. ୩୪) | ବିଦ୍ୟମାନ ବର୍ଣ୍ଣନା | ସଂଶୋଧିତ ବର୍ଣ୍ଣନା |
|---|---|---|
| | ହଟ୍ ସ୍ପଟ୍ ୱାଇ-ଫାଇ ସିଷ୍ଟମ୍‌ର ବ୍ୟବସ୍ଥା (୧) କଣ୍ଟେଣ୍ଟ ଅନ୍ ଡିମାଣ୍ଡ ୱାଇ-ଫାଇ ଭିତ୍ତିକ ମ୍ୟାଜିକ ବକ୍ସ, ପାୱାର ଆଡପ୍ଟର ଓ କେବୁଲ ସହିତ। (୨) ୫୦୦ ଘଣ୍ଟାର ଲାଇସେନ୍ସ କଣ୍ଟେଣ୍ଟ ସହିତ ବକ୍ସ ପିଛା ବର୍ଷ ପିଛା କଣ୍ଟେଣ୍ଟ ଲାଇସେନ୍ସ ମୂଲ୍ୟ | ହଟ୍ ସ୍ପଟ୍ ୱାଇ-ଫାଇ ସିଷ୍ଟମ୍‌ର ବ୍ୟବସ୍ଥା (୧) କଣ୍ଟେଣ୍ଟ ଅନ୍ ଡିମାଣ୍ଡ ୱାଇ-ଫାଇ ଭିତ୍ତିକ ମ୍ୟାଜିକ ବକ୍ସ, ପାୱାର ଆଡପ୍ଟର ଓ କେବୁଲ ସହିତ। (୨) ୫୦୦ ଘଣ୍ଟାର ଲାଇସେନ୍ସ କଣ୍ଟେଣ୍ଟ ସହିତ ବକ୍ସ ପିଛା ବର୍ଷ ପିଛା କଣ୍ଟେଣ୍ଟ ଲାଇସେନ୍ସ ମୂଲ୍ୟ, ଆର୍‌ସିଏଫ୍ ବିଶେଷତା ନଂ. ଇଡିଟିଏସ୍୩୯୬ ଅନୁଯାୟୀ। |
| ଆନେକ୍ସର-୧, ପାରା ୯ (ବି) ପ୍ରୋଜେକ୍ଟ ଉତ୍କୃଷ୍ଟ ଅଧୀନରେ ନୂଆ ପେଣ୍ଟିଂ ସ୍କିମ୍ ଅଧୀନରେ କୋଚ୍‌ଗୁଡ଼ିକର ବାହ୍ୟ ପିୟୁ ପେଣ୍ଟିଂ। ଠିକାର ବିଶେଷ ସର୍ତ୍ତାବଳୀ (ଟେଣ୍ଡର କାଗଜପତ୍ରର ପୃଷ୍ଠା ନଂ.୩୮) | ବିଶେଷତା ଆର୍‌ଡିଏସ୍‌ଓ/ଏମ୍‌ସିଏନ୍/୧୦୦/୨୦୧୮ ର ଆବଶ୍ୟକତା ଅତିରିକ୍ତ ଯାତ୍ରୀ ସୁରକ୍ଷାକୁ ଉନ୍ନତ କରିବା ପାଇଁ ଉନ୍ନତ ଅଗ୍ନି ଓ ବିଷାକ୍ତତା ଅନୁପାଳନ ନିମନ୍ତେ ପେଣ୍ଟ ସିଷ୍ଟମ୍‌କୁ ସର୍ବନିମ୍ନ ଆର୍୧ଏଚ୍‌ଏଲ୍୩ ସ୍ତରରେ ଉତ୍ତୀର୍ଣ୍ଣ ହେବା ପାଇଁ ଇଏନ୍ ୪୫୫୪୫ର ଆବଶ୍ୟକତା ଅନୁଯାୟୀ ପରୀକ୍ଷଣ କରାଯିବା ଆବଶ୍ୟକ। ଟେଣ୍ଡରଦାତା ବିଡ୍ ସହିତ ବିଶ୍ୱସ୍ତରରେ ସ୍ୱୀକୃତିପ୍ରାପ୍ତ "ପ୍ରମାଣନକାର 1"ଙ୍କ ଦ୍ୱାରା ପ୍ରମାଣିତ ନିରପେକ୍ଷ ପରୀକ୍ଷାଗାରରୁ ପ୍ରମାଣିତ ତଥ୍ୟ ଦାଖଲ କରିବେ। | ଠିକାର ବିଶେଷ ସର୍ତ୍ତାବଳୀର ଏହି ଉପଧାରାକୁ ବାଦ୍ ଦିଆଯାଇଛି। |
| ପି୧୪। ଠିକା ପ୍ରଦାନ/ବିଡ୍‌ର ମୂଲ୍ୟାୟନ: (ଟେଣ୍ଡର କାଗଜପତ୍ରର ପୃଷ୍ଠା ନଂ. ୮) | | ଦ୍ରଷ୍ଟବ୍ୟ ୩ ଯୋଗ କରାଯାଇଛି: ୩. ପ୍ରଦତ୍ତ ପଦ୍ଧତି ଅନୁଯାୟୀ ଯଦି ଆବଣ୍ଟନ ପରେ କିଛି ରେକ୍ ବାକି ରହିଯାଏ, ସେ କ୍ଷେତ୍ରରେ ଯୋଗ୍ୟ ଟେଣ୍ଡରଦାତାଙ୍କୁ ଏଲ୍-୧ ଦରରେ ସେହି ରେକ୍‌ଗୁଡ଼ିକୁ ଆବଣ୍ଟିତ କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ। |

ନଂ. ୮୦୨-ଏମ୍/୬/ପ୍ରୋଜେକ୍ଟ ଉତ୍କୃଷ୍ଟ/ଏମ୍‌ସି-୧/୨୦୧୮-୧୯, ତାରିଖ: ୦୫।୦୨।୨୦୧୯ 342/19

ହର୍ଷର ସହିତ ଗ୍ରାହକଙ୍କ ସେବାରେ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୭ ଫେବୃୟାରୀ, ୨୦୧୯



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ ସେନାପତି

## ସଂକ୍ଷେପରେ

### କଂଗ୍ରେସର ଜୋନ୍‌ସ୍ତରୀୟ ବୈଠକ



**ରଣପୁର, ୬।୨(ସ୍ୱ.ପ୍ର.):** ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ବିଭିନ୍ନ ଦଳ ମଧ୍ୟରେ ରଣନୀତି ପାଇଁ ପ୍ରସ୍ତୁତି ସେତିକି ବଢ଼ିବାରେ ଲାଗିଛି। ପ୍ରତ୍ୟେକ ଦଳ କର୍ମୀ,ନେତାମାନଙ୍କୁ ନେଇ ଘନ ଘନ ବୈଠକ କରୁଛନ୍ତି। ଏ ନେଇ ନୟାଗଡ଼ ଜିଲା ରଣପୁର ନିର୍ବାଚନ ମଣ୍ଡଳୀର ରଘୁନାଥପୁର ଗ୍ରାମ ଶିମିଳି ପୀଠରେ ଗୋପାଳପୁର କଂଗ୍ରେସ ଜୋନ୍ ସ୍ତରୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ଗୋପାଳପୁର ଜୋନ୍ ସଭାପତି ନିହାର ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଖପାଖ ଅଞ୍ଚଳର ୩ଶହରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ନୟାଗଡ ଜିଲା କଂଗ୍ରେସ କମିଟି ସଭାପତି ରଞ୍ଜିତ୍ ଦାସ, କାର୍ଯ୍ୟକାରୀ ସଭାପତି ହୁସେନ୍ ଖାଁ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ସତ୍ୟବ୍ରତ ନାୟକ, ମହିଳା କଂଗ୍ରେସ ଉପସଭାପତି ଶୁଭଶ୍ରୀ ପଣ୍ଡା, ଜେଏନ୍‌ୟୁ ଦିଲ୍ଲୀର ଛାତ୍ର କଂଗ୍ରେସ ଉପସଭାପତି ନାରାୟଣ ମହାପାତ୍ର, ଚାନ୍ଦପୁର ଜୋନ୍ ସଭାପତି ବିପିନ ବିହାରୀ ନାୟକ, କଂଗ୍ରେସ ନେତା ସନ୍ତୋଷ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ରଣପୁର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳର ସଙ୍ଗଠନକୁ ପଞ୍ଚାୟତସ୍ତରରେ ମଜଭୁତ୍ କରିବା ସହିତ କେନ୍ଦ୍ରରେ ଭାଜପା ଓ ରାଜ୍ୟରେ ବିଜେଡି ସରକାରଙ୍କ ବିଭିନ୍ନ ମାରଣ ନୀତି ସହ କୃଷକ ବିରୋଧୀ କାର୍ଯ୍ୟକୁ ନେତାମାନେ ସମାଲୋଚନା କରିଥିଲେ।

### ସଂସ୍କୃତ ପଣ୍ଡିତଙ୍କ ପରଲୋକ

ଖଣ୍ଡପଡା,୬।୨(ସ୍ୱ.ପ୍ର.)-ଖଣ୍ଡପଡା ସହରାଞ୍ଚଳ ସ୍ଥିତ ୮ନଂ ୱାର୍ଡ ପାଢ଼ୀସାହି ନିବାସୀ ସଂସ୍କୃତ ପଣ୍ଡିତ ଗୌତମ ମିଶ୍ର(୫୯)ଙ୍କ ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ମିଶ୍ର ଭୁବନେଶ୍ୱରସ୍ଥିତ ଏକ ସରକାରୀ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିଲେ। ଭୁବନେଶ୍ୱର ସ୍ଥିତ ତାଙ୍କ ବାସଭବନରେ ଥିବାବେଳେ ମଙ୍ଗଳବାର ସନ୍ଧ୍ୟା ୬ଟାରେ ମିଶ୍ର ହଠାତ୍ ହୃଦଘାତର ଶିକାର ହୋଇ ପ୍ରାଣ ହରାଇଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ସୂଚନା ଯୋଗ୍ୟ , ପଣ୍ଡିତ ମିଶ୍ର ଜଣେ ଉତ୍ତମ ସଂସ୍କୃତ ଶିକ୍ଷକ ଥିଲେ। ସଂସ୍କୃତ ବିଷୟରେ ତାଙ୍କର ପ୍ରଗାଢ଼ ଜ୍ଞାନ ଥିଲା। ସ୍ଥାନୀୟ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ସେ ଦୀର୍ଘ ବର୍ଷ ଧରି ଶିକ୍ଷକତା କରି ସୁନାମ ଅର୍ଜନ କରିଥିଲେ। ଉକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ପୁରାତନ ଛାତ୍ରୀଛାତ୍ର ଓ କର୍ମଚାରୀ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ସମୂହ ବ୍ରତୋପନୟନ

**ପୁରୀ ଅଫିସ,୬।୨:** ପୁରୀ ଉପକଣ୍ଠ ଲୋକନାଥ ରୋଡ ହାତୀଶାଳ ଠାରେ ବୁଧବାର ସ୍ଥାନୀୟ ବଦାନ୍ୟ ବ୍ୟକ୍ତି ବିଶେଷଙ୍କ ସହାୟତାରେ ସମୂହ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଭାସ୍କର ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଏକାଧିକ ବ୍ରାହ୍ମଣ କୁମାରଙ୍କ ବ୍ରତପୋନୟନ ହୋଇଥିଲା। ଦୀର୍ଘ ୧୨ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ଉତ୍ସବରେ ପ୍ରାୟ ଶହେ ଜଣ ବ୍ରାହ୍ମଣ କୁମାରଙ୍କ ବ୍ରତପୋନୟନ କରାଯାଇଥିବା ପଣ୍ଡିତ ଦାଶ କହିଛନ୍ତି।

## ନୟାଗଡ଼ ରାଜନୀତି ଭଞ୍ଜନଗରରେ

# ଜାତୀୟ ରାଜନୀତିରେ ଅସହିଷ୍ଣୁତା ବଢ଼ୁଛି

ଭଞ୍ଜନଗର,୬।୨(ଡି.ଏନ୍.ଏ.)

ଗଞ୍ଜାମର ପଡ଼ୋଶୀ ଜିଲା ନୟାଗଡ଼ ବିଧାନସଭା ନିର୍ବାଚନଣ୍ଡଳୀ ବିଜେଡ଼ିର ଏକ ସଭା ଭଞ୍ଜନଗରରେ ବୁଧବାର ଅନୁଷ୍ଠିତ ହୋଇଥିଲା। ନୂଆବର୍ଷ ବଣଭୋଜି ନାମରେ ଏହି ସମ୍ମିଳନୀ ହୋଇଥିଲା। ମଞ୍ଚରେ କୌଣସି କାର୍ଯ୍ୟକ୍ରମ ଲେଖା ହୋଇ ନ ଥିଲା, କି ଦଳୀୟ ପତାକା ମଧ୍ୟ ଲାଗି ନ ଥିଲା। ବନ୍ଧୁମିଳନ ନାମରେ ଖାଲି ସଭା ହୋଇଥିଲା। ସଭାରେ ନୟାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ ଯୋଗଦେଇ ଦଳୀୟ କର୍ମୀମାନଙ୍କୁ ଏକଜୁଟ୍ ହୋଇ ନିର୍ବାଚନର ସମ୍ମୁଖୀନ ହେବାକୁ ଆହ୍ୱାନ କରିଥିଲେ। ଦିନଥିଲା ଜାତୀୟ ଓ ରାଜ୍ୟ ରାଜନୀତିରେ ସହିଷ୍ଣୁତା ଥିଲା। ବର୍ତ୍ତମାନ ଜାତୀୟ ରାଜନୀତିରେ ଅସହିଷ୍ଣୁତା ବହୁ ପରିମାଣର ବଢ଼ିଯାଇଛି। ଭାଜପା ସଭାପତି ଅମିତ୍ ଶାହ କିଛିଦିନ ପୂର୍ବେ ଓଡ଼ିଶା ଗସ୍ତରେ ଆସିଥିବା ସମୟରେ ରାଜ୍ୟ ସରକାରଙ୍କୁ ଉପାଡ଼ି ଫୋପାଡ଼ି ଦିଅ, ପୋଡ଼ା ଟ୍ରାନ୍ସଫର୍ମର ଭଳି ମନ୍ତବ୍ୟ ଦେଇଥିଲେ। ବିଗତ ଦିନରେ ହୋଇଥିବା କେତୋଟି ରାଜ୍ୟର ଫଳାଫଳ ଉପାଡ଼ି ଫୋପାଡ଼ି ଦେବା ଭଳି ଉଦ୍ଧତ ଭାଷଣର ପରିଣାମ ଭୋଗିଛି ଭାଜପା। ଏଥିରୁ ଅନୁମାନ, ଜାତୀୟ ରାଜନେତାମାନଙ୍କ ଓଡ଼ିଶାର ଶାସକଦଳ ପ୍ରତି କେତେ ଅସହିଷ୍ଣୁତା ଭାବ। ରାକ୍ଷସମାନେ ହିଁ ଏଭଳି ଶବ୍ଦ ବ୍ୟବହାର କରିଥାନ୍ତି। ଆଗକୁ ସାଧାରଣ ନିର୍ବାଚନ, ତେଣୁ ନିଜ ସପକ୍ଷରେ ବିଭିନ୍ନ ରାଜ୍ୟରେ ହାୱା ସୃଷ୍ଟି କରିବା ପାଇଁ ସିବିଆଇକୁ ମାଧ୍ୟମ କରୁଛି ଭାଜପା। ଓଡ଼ିଶାରେ ମଧ୍ୟ ଶାସକଦଳର ନେତାଙ୍କୁ ସିବିଆଇ ଭୟ ଦେଖାଉଛନ୍ତି। ସିବିଆଇ ମୋତେ ଡାକିଲେ ଯିବି। ସାଢେ ୪ ବର୍ଷରୁ ଊର୍ଦ୍ଧ୍ୱ କେନ୍ଦ୍ର ସରକାର କ୍ଷମତାରେ ରହିଲେଣି, ସେତେବେଳେ ତଦନ୍ତ ପାଇଁ ଡାକି ପାରିଲେନାହିଁ। ଭୋଟ ପାଖେଇଲେ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଏହା ଏକ ଚାଲ। ଲୋକେ ସବୁ ବୁଝିଗଲେଣି। ଏହାଦ୍ୱାରା କେବଳ ଭାଜପା ବିରୋଧରେ ହିଁ ଜନମତ ସୃଷ୍ଟି ହେଉଛି ବୋଲି ବିଧାୟକ ସାହୁ ଧରିତ୍ରୀ ସହ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କହିଥିଲେ। ସଭାକୁ ଆସିଥିବା ବରିଷ୍ଠ ବିଜେଡି ନେତା ଲକ୍ଷ୍ମଣ ମଲ୍ଲ କହିଛନ୍ତି ଯେ, ପ୍ରତି ନୂଆବର୍ଷରେ ଦଳୀୟ କର୍ମୀଙ୍କୁ ନେଇ ଭୋଜି ହୁଏ। ଚଳିତବର୍ଷ ଓଡିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭଞ୍ଜନଗର ବୁଲିବା ପାଇଁ ଆଗ୍ରହ ହେଲା ତେଣୁ ଭଞ୍ଜନଗର ବନବିହାର, ବେଲେଶ୍ୱରପୀଠ, ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ବୁଲିବାକୁ ଆସିଥିଲୁ। ପରସ୍ପର ସହ ଭାବର ଆଦାନପ୍ରଦାନ ପାଇଁ କିଛି ସମୟ ଏକ ସଭାରେ ଏକାଠି ହୋଇଥିଲୁ। ସିବିଆଇ ଯେଉଁ ଧମକ ଦେଉଛି ତାହାର ପାଲଟା ଜବାବ ଦେବାପାଇଁ ଆମ ପାଖରେ ବହୁତ ପ୍ରମାଣ ଅଛି।

### ସିବିଆଇ ଡାକିଲେ ଯିବି-ଅରୁଣ



ନୟାଗଡ଼ରୁ ଆସିଥିବା ଶାସକ ଦଳର କର୍ମୀ ଓ ନେତା।

## ଭାଗବତାମୃତ ସପ୍ତାହ ପାରାୟଣ



କଳସ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ।

ଖଣ୍ଡପଡ଼ା,୬।୨(ସ୍ୱ.ପ୍ର.)

କଣ୍ଟିଲୋ ହରିସୁବୁଦ୍ଧି ପାଟଣାସ୍ଥିତ ଶ୍ରୀଶ୍ରୀ କପିଳେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ବୁଧବାରଠାରୁ ଆରମ୍ଭ ହୋଇଛି ୧୭ତମ ବାର୍ଷିକ ଶ୍ରୀମଦ୍ ଭାଗବତାମୃତ ସପ୍ତାହ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ। ଏହି ପରିପ୍ରେକ୍ଷୀରେ ଏକ କଳସ ଶୋଭାଯାତ୍ରାରେ ଶ୍ରଦ୍ଧାଳୁ ମହିଳା ପୁରୁଷମାନେ ଅପରାହ୍ନରେ ମହାନଦୀ ଘାଟରୁ ଜଳଭାର ନେଇ ଗ୍ରାମ ପରିକ୍ରମା କରିଥିଲେ। ପୂର୍ବାହ୍ନରେ ଠାକୁର ବିଜେ, ସୂର୍ଯ୍ୟପୂଜା ପରେ ମନ୍ଦିର ପରିସର ଯଜ୍ଞସ୍ଥଳରେ କଳସ ସ୍ଥାପନା କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା। ଗୁରୁବାରଠାରୁ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହେବ। ପଣ୍ଡିତ ଡଃ. ପ୍ରଫୁଲ୍ଲ କୁମାର ମିଶ୍ର, କୈଳାସ ଚନ୍ଦ୍ର ପଣ୍ଡା, ନାରାୟଣ ଦାଶ ଓ ପଣ୍ଡିତ ନାରାୟଣ ପଣ୍ଡା ପ୍ରମୁଖଙ୍କ ଦ୍ୱାରା ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ହରିସୁବୁଦ୍ଧି ପାଟଣା ପାରାୟଣ ସମିତି ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ଆସନ୍ତା ୧୭ ତାରିଖରେ ନାଟକ 'ତୁ ଥା ମୁଁ ଯାଉଛି ରୁଷି'ପରିବେଷିତ ହେବାର କାର୍ଯ୍ୟକ୍ରମ ରହିଛି ।

## ସଡ଼କ ସୁରକ୍ଷା ସଚେତନତା ନିମନ୍ତେ ପ୍ରତିଯୋଗିତା



ସଚେତନତା ଶିବିରରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ନୟାଗଡ଼ ଅଫିସ,୬।୨

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନର ବୁଧବାର ତୃତୀୟ ଦିନରେ ବ୍ରଜେନ୍ଦ୍ର ହାଇସ୍କୁଲଠାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚିତ୍ରାଙ୍କନ, ସ୍ଲୋଗାନ୍, ବକ୍ତୃତା ଓ କୁଇଜ୍ ଆଦି ପ୍ରତିଯୋଗିତାରେ ଜିଲାର ବିଭିନ୍ନ ପ୍ରାନ୍ତରରୁ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପିଲାମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏଭଳି ପ୍ରତିଯୋଗିତା କରାଯାଇଥିବା ନୟାଗଡ଼ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରତାପ ପ୍ରୀତିମୟ ପ୍ରକାଶ କରିଛନ୍ତି। ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଶିକ୍ଷକ ବଟକିଶୋର ମହାପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ପୋଲିସ ପକ୍ଷରୁ ନିର୍ବାଚନୀ ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀ।

ଦଶପଲ୍ଲା,୬।୨(ଡି.ଏନ୍.ଏ.)

**ଯୋଗଦେଲେ ଦଶପଲ୍ଲା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଥାନା ଓ ଫାଣ୍ଡିର ୧୨୫ କର୍ମଚାରୀ**

ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ବୁଧବାର ପୋଲିସ ପ୍ରଶାସନ ପକ୍ଷରୁ ଦଶପଲ୍ଲା ବ୍ଲକ ସଭାଗୃହଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦଶପଲ୍ଲା, ବାଣିଗୋଛା, ଗଣିଆ, ନୂଆଗାଁ ଥାନା ସମେତ ମହୀପୁର ଓ ମଧ୍ୟଖଣ୍ଡ ଫାଣ୍ଡିରେ କାର୍ଯ୍ୟରତ ୧୨୫ କର୍ମଚାରୀଙ୍କୁ ନେଇ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ନୟାଗଡ ଜିଲା ଆରକ୍ଷୀ ଅଧୀକ୍ଷକ ଶଶିଭୂଷଣ ଶତପଥୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଡିଏସ୍‌ପି ବାସୁଦେବ ସ୍ୱାଇଁ, ଏସ୍‌ଡିପିଓ ସୁଧାକର ସାହୁଙ୍କ ସମେତ ପ୍ରତ୍ୟେକ ଥାନା ଓ ଫାଣ୍ଡିର ଇନ୍ସପେକ୍ଟର, ସବ୍‌ଇନ୍ସପେକ୍ଟର, ହାବିଲଦାର୍, କନଷ୍ଟେବଳ, ଗ୍ରାମରକ୍ଷୀମାନେ ଯୋଗଦେଇଥିଲେ। ମୁଖ୍ୟତଃ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ସାଧାରଣ ନିର୍ବାଚନକୁ କିଭଳି ଶାନ୍ତିଶୃଙ୍ଖଳା ଓ ନିରପେକ୍ଷ ଭାବେ ଶେଷ କରାଯିବ ସେ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ ନିୟମ ସମ୍ପର୍କରେ ଆରକ୍ଷୀ ଅଧୀକ୍ଷକ ଶତପଥୀ କର୍ମଚାରୀମାନଙ୍କୁ ସୂଚନା ଦେଇଥିଲେ। ବିଶେଷକରି ଉତ୍ତେଜନା ପ୍ରବଣ ଓ ଅତିଉତ୍ତେଜନା ପ୍ରବଣ ବୁଥ୍‌ଗୁଡିକ ଉପରେ ନଜର ରଖିବା ସହ ଅପରାଧୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ପୋଲିସ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ଅଧିକ ପୋଲିସ ମୁତୟନ କରାଯିବା ଓ ନିର୍ବାଚନ ସମ୍ପର୍କରେ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବିଡିଓ ଦେବୀ ପ୍ରସାଦ ମହାନ୍ତି ଓ ଜିପିଓ ଧର୍ମରାଜ ପରିଡା ବିସ୍ତୃତ ଆଲୋଚନା କରିଥିଲେ।

## ମୂଲ୍ୟବୋଧଭିତ୍ତିକ ଶିକ୍ଷା ଆଲୋଚନାଚକ୍ର

ଜଟଣୀ,୬।୨(ଡି.ଏନ୍.ଏ.)

ଜଟଣୀ ପ୍ରାଣନାଥ ହାଇସ୍କୁଲ ପରିସରରେ ଖୋର୍ଦ୍ଧାରୁ ପ୍ରକାଶ ପାଉଥିବା ମାସିକ ପତ୍ରିକା 'ଆମରି ସତ୍ୟ' ପକ୍ଷରୁ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପତ୍ରିକାର ଉପଦେଷ୍ଟା ତଥା ପୁରୀ ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ଶରତ ଚନ୍ଦ୍ର ମହାପାତ୍ର, ଡା. ପ୍ରମୋଦ ଚନ୍ଦ୍ର ଦାଶ, ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରମାନେ ଦେଶଭକ୍ତ, ମାତାପିତା ତଥା ଗୁରୁଜନଙ୍କୁ ଭକ୍ତି କରିବା, ଆଚରଣ ଓ ଉଚ୍ଚାରଣରେ ଶାଳିନତା ରଖିବା ଦରକାର। ଏଥିସହ କଠୋର ଅଧ୍ୟୟନଶୀଳ ହେବାକୁ ପୁରାଣ ଓ ବେଦ ଉପନିଷଦର ଉଦାହରଣ ଦେଇ ଅତିଥିମାନେ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନା କୁମାରୀ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ପ୍ରତିମାରାଣୀ ସ୍ୱାଇଁ କାର୍ଯ୍ୟକ୍ରମର ପ୍ରାକ୍ ସୂଚନା, ଅତିଥି ପରିଚୟ ଓ ସଂଯୋଜନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରମାନଙ୍କ ସହ ଅତିଥିଙ୍କ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ ଶିକ୍ଷୟିତ୍ରୀ ସରୋଜିନୀ ଦାସ ଧନ୍ୟବାଦ ଦେଇଥିଲେ।

## ଧାନକୁଟିସାହିରୁ ଉଦ୍ଧାର ବୃଦ୍ଧା ଘରକୁ ଫେରିଲେ

ପୁରୀ ଅଫିସ, ୬।୨

ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ରାଣୀପାଟଣାର ଗୌରମଣି ସାହୁ(୭୫) ଘରୁ ରାଗି କଲିକତା ଚାଲି ଯାଇଥିଲେ। ସେଠାରେ କେତେଜଣ ସ୍ଥାନୀୟ ଲୋକ ତାଙ୍କୁ ବୁଝାଶୁଝା କରି ଟ୍ରେନରେ ଛାଡି ଦେଇଥିଲେ। ମଙ୍ଗଳବାର ଗୌରମଣି ନିଜ ଘରକୁ ଫେରିବା ପରିବର୍ତ୍ତେ ପୁରୀ ଚାଲି ଆସିଥିଲେ। ଷ୍ଟେଶନରୁ ଓହ୍ଲାଇ ଚାଲି ଚାଲି ଧାନକୁଟି ସାହିରେ ପହଞ୍ଚିଥିଲେ। ସେଠାରେ ଅସହାୟ ଅବସ୍ଥାରେ ଏକାକୀ ବସିଥିବା ଦେଖି ସ୍ଥାନୀୟ ଯୁବକମାନେ ତାଙ୍କୁ ଉଦ୍ଧାର କରି ଟାଉନ ଥାନାକୁ ଜଣାଇଥିଲେ। ପୋଲିସ ଗୌରମଣିଙ୍କୁ ନବକଳେବର ରୋଡ ସ୍ଥିତ ବରିଷ୍ଠ ନାଗରିକ ନିବାସରେ ଛାଡିଥିଲା। ବୁଧବାର ସନ୍ଧ୍ୟାରେ ଏହି ବୃଦ୍ଧା ଜଣକ ଦୁଇ ପୁଅ କୃତ୍ତିବାସ, ଲକ୍ଷ୍ମୀଧର ଓ ଜ୍ୱାଇଁ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସହ ଘରକୁ ଫେରିଛନ୍ତି। ବରିଷ୍ଠ ନାଗରିକ କେନ୍ଦ୍ରର ତତ୍ତ୍ୱାବଧାରକ ଦୁଷ୍ମନ୍ତ ଛୋଟରାୟ ଏବଂ ସହଯୋଗୀ ରାଜକମଲ ମହାନ୍ତି କୁହନ୍ତି, ବୁଧବାର ସକାଳେ ମହିଳାଙ୍କୁ ବହୁବାର ପଚାରିବା ପରେ ସେ ନିଜ ଘର ଠିକଣା ଏବଂ ଫୋନ୍ ନମ୍ବର ଦେଇଥିଲେ। ଫୋନ୍ ଯୋଗେ ତାଙ୍କ ବଡ଼ପୁଅ କୃତ୍ତିବାସଙ୍କ ସହିତ ଆଲୋଚନା କରିଥିଲୁ। ଖବରପାଇ ସେମାନେ ଅପରାହ୍ନରେ ପହଞ୍ଚିଥିଲେ।

## ରାମଚଣ୍ଡୀ ଠାକୁରାଣୀଙ୍କ ପ୍ରତିଷ୍ଠା ଦିବସ

**ପୁରୀ ଅଫିସ,୬।୨:** ପୁରୀ ଜେନାରୀଗଛ ସ୍ଥିତ ମା' ରାମଚଣ୍ଡୀ ଠାକୁରାଣୀଙ୍କ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୁଧବାର ସକାଳେ ମା'ଙ୍କ ଦ୍ୱାରଫିଟା ନୀତି, ମଙ୍ଗଳ ଆଳତି, ଅବକାଶ ଓ ବେଶ କରାଯାଇଥିଲା। ବିଧି ଅନୁଯାୟୀ ହୋମଯଜ୍ଞ ଓ ଚଣ୍ଡୀପାଠ ଅନୁଷ୍ଠିତ ହୋଇଥିଲା। ପୁରୋହିତ ବିଭୁପ୍ରସାଦ ଦାଶ ହୋମ ଯଜ୍ଞ କରିଥିଲେ। ସନ୍ଧ୍ୟାରେ ମା'ଙ୍କୁ ଆକର୍ଷଣୀୟ ବେଶରେ ସଜ୍ଜିତ କରାଯାଇଥିଲା। ମନ୍ଦିର ସମ୍ମୁଖରେ ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା। ରାମଚଣ୍ଡୀ ଠାକୁରାଣୀ କମିଟି ସମ୍ପାଦକ ମାଗୁଣି ପୃଷ୍ଟି, ରାଜେନ୍ଦ୍ର ପାତ୍ର, ରବୀନ୍ଦ୍ର ପ୍ରତିହାରୀ, ଚନ୍ଦନ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ

# ସଫଳ ମଣିଷ ହେବା ପାଇଁ ପରାମର୍ଶ

ଖଣ୍ଡପଡ଼ା,୬।୨(ସ୍ୱ.ପ୍ର.)

ଶିକ୍ଷା ହିଁ ଜୀବନର ଶ୍ରେଷ୍ଠ ସମ୍ପଦ । ଏଣୁ ପିଲାମାନଙ୍କୁ ମାନସିକ ଓ ଶାରୀରିକ ସ୍ତରରେ ଚାପ ପ୍ରୟୋଗ ନ କରି ସେମାନଙ୍କର ଚିନ୍ତା ଓ ଭାବନାକୁ ବୁଝି ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ନେଲେ ପିଲାମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେବ । ଜୀବନରେ ଜଣେ ଭଲ ମଣିଷ ହେବା ଯେତିକ ଜରୁରୀ ସେହିପରି ଜଣେ ସଫଳ ମଣିଷ ହେବା ତା'ଠାରୁ ଅଧିକ ଆବଶ୍ୟକତା ରହିଛି ବୋଲି ଖଣ୍ଡପଡା ସହରର ମଧୁବନ ମିନି ଷ୍ଟାଡିୟମ ପରିସରରେ ଓମ୍ ସାଇ ଇଣ୍ଟର ନ୍ୟାଶନାଲ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନର ପ୍ରତିଷ୍ଠାତା ପଞ୍ଚାନନ ମିଶ୍ର ମତବ୍ୟକ୍ତ କରିଥିଲେ। ମିଶ୍ର କ୍ରୀଡ଼ା ପତାକା ଉତ୍ତୋଳନ କରି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ରୋଜାଲିନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବିଭିନ୍ନ ଖେଳକୁଦ ଓ କ୍ରୀଡ଼ା ପ୍ରତିଯୋଗିତାରେ ୧୭୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାଇକରାୟ ଓ ଜ୍ୟୋତିର୍ମୟୀ ପୃଷ୍ଟି ବିଭିନ୍ନ ବିଭାଗର କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ଅନୁଷ୍ଠାନର ଚେୟାରମ୍ୟାନ ପ୍ରଦୀପ୍ତ କିଶୋର ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରତିଯୋଗିତାର ସମସ୍ତ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଜଣାପଡିଛି ।




ଉତ୍ସବରେ ଅତିଥି, ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରଛାତ୍ରୀ ।

## ଦିନାଡିଆ ଗ୍ରାମ ପରିବାରର ୪ଜଣଙ୍କୁ ହତ୍ୟା ମାମଲା

# ୩ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ନିମାପଡ଼ା,୬।୨(ଡି.ଏନ୍.ଏ)

### ୮ତାରିଖରେ ଚୂଡ଼ାନ୍ତ ରାୟ



ଦୁଇ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ପାଇଁ ନିଆଯାଉଛି।

ପୁରୀ ଜିଲା ଅସ୍ତରଙ୍ଗ ଥାନା ନଗର ପଞ୍ଚାୟତ ଅନ୍ତର୍ଗତ ଦିନାଡିଆ ଗ୍ରାମର ଗୋଟିଏ ପରିବାରର ୪ଜଣଙ୍କୁ ବୀଭତ୍ସଭାବେ ହତ୍ୟା କରାଯାଇଥିଲା। ଏହି ହତ୍ୟା ମାମଲାର ବୁଧବାର ରାୟ ପ୍ରକାଶ ପାଇଛି। ନିମାପଡ଼ା ଏଡିଜେ କୋର୍ଟର ଅତିରିକ୍ତ ଜିଲା ଦୌରାଜଜ୍ ଚିନ୍ତାମଣି ପଣ୍ଡା ୩ ଅଭିଯୁକ୍ତ ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ହିମାଦ୍ରି ଶେଖର ଦାସ ଓରଫ୍ ରହିମ ଖାନ, ସ୍ତ୍ରୀ ଆଏଶା ବେଗମ ଓ ହତ୍ୟା ଷଡ଼ଯନ୍ତ୍ରକାରୀ ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳର ଫକିର ମଲ୍ଲିକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆସନ୍ତା ୮ତାରିଖରେ ଏହି ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇବା ସହ ୩ ଅଭିଯୁକ୍ତଙ୍କ ଉପରେ ଦଣ୍ଡଘୋଷଣା କରାଯିବ ବୋଲି ମାମଲା ପରିଚାଳନା କରୁଥିବା କ୍ରାଇମବ୍ରାଞ୍ଚ ପବ୍ଲିକ ପ୍ରସିକ୍ୟୁଟର ଚିତ୍ତରଞ୍ଜନ କାନୁନ୍‌ଗୋ କହିଛନ୍ତି। ସୂଚନାଥାଉକି, ୨୦୧୫ ସେପ୍ଟେମ୍ବର ୨୧ ତାରିଖ ରାତିରେ ପୁରୀ ଜିଲା ଅସ୍ତରଙ୍ଗ ଥାନା ନଗର ପଞ୍ଚାୟତର ଦିନାଡିଆ ଗ୍ରାମର ଦୀନବନ୍ଧୁ ମଲ୍ଲିକ(୬୮), ସ୍ତ୍ରୀ ନିର୍ମଳା ମଲ୍ଲିକ(୪୫), ଦୁଇ ଝିଅ ପ୍ରଣତୀ ଓ ଶାଶ୍ୱତୀ ମଲ୍ଲିକଙ୍କୁ ତଣ୍ଟି କାଟି ବୀଭତ୍ସଭାବେ ହତ୍ୟା କରାଯାଇଥିଲା। ଏ ନେଇ ଅସ୍ତରଙ୍ଗ ଥାନା ପୋଲିସ ଏକ ମାମଲା(ନଂ.୯୫/୧୫)ରୁଜୁ କରି ତଦନ୍ତ ଚଳାଇଥିଲା। ମାତ୍ର ସ୍ଥାନୀୟ ଜନସାଧାରଣଙ୍କ ଦାବି ପରେ ମୁଖ୍ୟମନ୍ତ୍ରୀ ଏହି ମାମଲାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ଏକ ମାମଲା (ନଂ.୩୦/୧୫)ରୁଜୁ ହୋଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ମୋବାଇଲ ଟ୍ରାକିଂ କରାଯାଇ ୯ ଅକ୍ଟୋବର ୨୦୧୫ରେ ଆସାମର ହଇଲାଖଣ୍ଡି ଜିଲା ରୋଙ୍ଗପୁର ଗ୍ରାମରୁ ଉଭୟ ହତ୍ୟାକାରୀ ଦମ୍ପତି ରହିମ ଓ ଆଏଶାଙ୍କୁ ଗିରଫ କରିଥିଲେ। ୧୦ ଅକ୍ଟୋବର ୨୦୧୫ରେ ହତ୍ୟାକାରୀ ଉଭୟ ଦମ୍ପତିଙ୍କୁ ନିମାପଡ଼ା ଜେଏମଏଫସି କୋର୍ଟରେ ହାଜର କରାଯାଇଥିଲା। ଗିରଫ ପରେ ଦମ୍ପତିଙ୍କଠାରୁ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ସୁନାଗହଣା, ହତ୍ୟାରେ ବ୍ୟବହୃତ ହୋଇଥିବା ମାରଣାସ୍ତ୍ର, ଏକ ବାଇକ୍ ଓ ମୋବାଇଲ ଫୋନ ସହ ଟଙ୍କା ଜବତ କରାଯାଇଥିବା କ୍ରାଇମବ୍ରାଞ୍ଚ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ ଓ ପବ୍ଲିକ ପ୍ରସିକ୍ୟୁଟର କାନୁନଗୋ କହିଛନ୍ତି। ୨୦୧୫ ଅକ୍ଟୋବରରେ ମୃତ ଦୀନବନ୍ଧୁଙ୍କ ସଢୁ ଫକିରଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରି ନିମାପଡ଼ା କୋର୍ଟରେ ହାଜର କରିଥିଲା। ପରେ ଫକିର ଜାମିନରେ ଆସିଥିଲେ। କୋର୍ଟ ପକ୍ଷରୁ ଏସ୍.ଟି କେସ ନଂ.୯୫/୬୪/୨୦୧୬ରେ ରୁଜୁ ହୋଇଥିଲା। ୩ ଅଭିଯୁକ୍ତଙ୍କ ବିରୋଧରେ କଠୋର ଦଣ୍ଡବିଧାନ ପାଇଁ କ୍ରାଇମବ୍ରାଞ୍ଚ ପାଖରେ ବଳିଷ୍ଠ ପ୍ରମାଣ ରହିଥିବା ଏସ୍‌ପି ପାଣିଗ୍ରାହୀ ଓ ମାମଲାର ତଦନ୍ତକାରୀ ଅଧିକାରୀ ଏଏସ୍‌ପି ଆର. କେ. ସୁଆର କହିଛନ୍ତି। ଏହି ହତ୍ୟାକାଣ୍ଡ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ପକ୍ଷରୁ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ, ଏଏସ୍‌ପି ଆର. କେ. ସୁଆରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା। ଏହି ଚର୍ଚ୍ଚିତ ହତ୍ୟା ମାମଲାର ଚୂଡାନ୍ତ ରାୟ ଶୁଣିବାକୁ ଅସ୍ତରଙ୍ଗ ବ୍ଲକର ସମସ୍ତ ଜନସାଧାରଣ ଚାତକ ଭଳି ଚାହିଁ ରହିଥିବା ଜଣାପଡିଛି।